
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୨୯/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 29/2024 | Page 16 | ₹ 7.00

୫୦ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 215 | ମୂଲ୍ୟ₹୭/-

## ଆଜି ଫାଇନାଲ
ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଶନିବାର ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

୧୫

୧୨

## ହୀନା ଖାନ୍‌ଙ୍କୁ ସ୍ତନ କର୍କଟ
ଲୋକପ୍ରିୟ ଟେଲିଭଜନ ଅଭିନେତ୍ରୀ ହୀନା ଖାନ୍ ଷ୍ଟେଜ୍-୩ ସ୍ତନକର୍କଟରେ ଆକ୍ରାନ୍ତ ଥିବା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଜଣାଇଛନ୍ତି।





ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ସକାଳେ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ-୧ରେ ଥିବା ଏକ ଶେଡ୍‌ର ଛାତ ଭୁଶୁଡ଼ିପଡ଼ିଛି।

# ଶ୍ରେଣୀକକ୍ଷରେ ଛୁରାମାଡ଼

**ଦୁଇ ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡରୁ ହାଇସ୍କୁଲ ଶ୍ରେଣୀକକ୍ଷ ରକ୍ତରଞ୍ଜିତ ହେବା ଭଳି ଚାଞ୍ଚଲ୍ୟକର ଘଟଣା ଶୁକ୍ରବାର ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ଘଟିଛି। ରଘୁନାଥ ହାଇସ୍କୁଲର ଜଣେ ୯ମ ଶ୍ରେଣୀ ଛାତ୍ର ଶ୍ରେଣୀକକ୍ଷରେ ତାଙ୍କର ଜଣେ ସହପାଠୀଙ୍କୁ ଛୁରି ଭୁସି ଦେଇଛନ୍ତି। ଫଳରେ ସେଠାରେ ଥିବା ଅନ୍ୟ ଛାତ୍ରମାନେ ଭୟଭୀତ ହୋଇପଡ଼ିଥିବାବେଳେ ଆହତ ଛାତ୍ର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ ଶତ୍ରୁତା ଓ ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଘଟିଥିବା କୁହାଯାଉଛି। ପାଟପୁର ଥାନା ପୋଲିସ ଛୁରି ଭୁସି ଥିବା ଛାତ୍ରଙ୍କୁ ଧରି ପଚରାଉଚରା କରୁଛି।**

### ସହପାଠୀଙ୍କ ଆକ୍ରମଣରେ ୯ମ ଶ୍ରେଣୀ ଛାତ୍ର ଗୁରୁତର

ଦିଗପହଣ୍ଡି/ ପାଟପୁର, ୨୮।୬ (ଅଶେଷ ନାଥ ମିଶ୍ର/ ସୀମାଞ୍ଚଳ ସାହୁ)

ରାମଚନ୍ଦ୍ରପୁରର ଏକ ଘରୋଇ ଟ୍ୟୁଶନରେ ଗୁରୁବାର ସନ୍ଧ୍ୟାରେ ହଂସ ପ୍ରଧାନଙ୍କ ପୁଅ ଓମ୍ ଓ ତାଙ୍କର ସହପାଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସହପାଠୀ ଜଣକ ଧମକ ଦେଇଥିଲେ। ଶୁକ୍ରବାର ସ୍କୁଲ ଖୋଲିବା ପରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ସମ୍ପୃକ୍ତ ସହପାଠୀ ବସୁଥିବା ସ୍ଥାନରେ ଓମ୍ ବସିଥିଲେ। ପ୍ରତିବାଦ କରିବାରୁ ଓମ୍ ତାଙ୍କୁ ଠେଲି ଦେଇଥିଲେ। ପୂର୍ବରୁ ରାଗ ଥିବାରୁ ସେ ବ୍ୟାଗରେ ଲୁଚାଇ ରଖିଥିବା ଛୁରି କାଢ଼ି ତାଙ୍କୁ ଆକ୍ରମଣ କରିଥିଲେ। ଶିକ୍ଷକମାନେ ଗୁରୁତର ଅବସ୍ଥାରେ ଓମ୍‌ଙ୍କୁ ଉଦ୍ଧାର କରି ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ଥାନା ଆଇଆଇସି ଅଜୟ କୁମାର ସ୍ୱାଇଁ ହାଇସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକ ଏବଂ ଅନ୍ୟ ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ଆହତ ଛାତ୍ରଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଛନ୍ତି।

ଅନ୍ୟପକ୍ଷରେ ପାରିବାରିକ ଶତ୍ରୁତାରୁ ଓମ୍‌ଙ୍କୁ ଛୁରାମାଡ଼ କରାଯାଇଥିବା ତାଙ୍କ ମା' ଓ ଭାଇ ପୋଲିସକୁ କହିଛନ୍ତି। ଓମ୍‌ଙ୍କ ଘର ସମ୍ମୁଖରେ ରହୁଥିବା ତାଙ୍କ ସମ୍ପର୍କୀୟ ପିଉସାଙ୍କ ପରିବାର ସହ ପୂର୍ବରୁ ବିବାଦ ରହିଥିଲା। ☞ପୃଷ୍ଠା-୪

# ବର୍ଷାରେ ଦିଲ୍ଲୀ ଏୟାରପୋର୍ଟ ଛାତ ଭୁଶୁଡ଼ିଲା

### ୮୮ ବର୍ଷର ରେକର୍ଡ ଭାଙ୍ଗିଲା: ଜଣେ ମୃତ, ୬ ଆହତ

ନୂଆଦିଲ୍ଲୀ,୨୮।୬ (ପି.ଟି.)

ଦିଲ୍ଲୀରେ ଗତ ୨୪ ଘଣ୍ଟାରେ ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଛି। ଗୋଟିଏ ଦିନରେ ୨୨୮.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫଳରେ ଜାତୀୟ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ସ୍ଥିତି ବେହାଲ ହୋଇଯାଇଛି। ବିଭିନ୍ନ ରାସ୍ତାରେ ଆଣ୍ଠୁଏରୁ ଅଧିକ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗୁରୁବାର ରାତି ୨ଟା ୩୦ରୁ ଶୁକ୍ରବାର ଭୋର ୫ଟା ୩୦ ପର୍ଯ୍ୟନ୍ତ ୩ ଘଣ୍ଟା ମଧ୍ୟରେ ୧୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି।

ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ-୧ରେ ଥିବା ଏକ ଶେଡ୍‌ର ଛାତ ଭୁଶୁଡ଼ି ଜଣେ କ୍ୟାବ୍ ଡ୍ରାଇଭର ପ୍ରାଣ ହରାଇଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଫଳରେ ବିମାନ ଉଡ଼ାଣ ବାତିଲ ହୋଇଛି। ଆହତମାନଙ୍କୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ବୈଦେଶିକ ସେବାରେ ମହିଳା


# ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ


### 'ଓଡ଼ିଶା ଫେରିବା ନେଇ ବହୁତ ଖୁସି'

ଭୁବନେଶ୍ୱର,୨୮।୬ (ଅନିଲ ଦାସ)

ଓଡ଼ିଶା କ୍ୟାଡର ବରିଷ୍ଠ ଆଇଏଏସ୍ ଅଫିସର ମନୋଜ ଆହୁଜା ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ(ଜିଏ) ଓ ସାଧାରଣ ଅଭିଯୋଗ(ପିଜି) ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୦ ବ୍ୟାଚ୍‌ର ଏହି ବରିଷ୍ଠ ଆଇଏଏସ୍ ଅଫିସର ନିକଟରେ କେନ୍ଦ୍ରୀୟ



ଡେପୁଟେଶନରୁ ଫେରିଛନ୍ତି। ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିବେ। ☞ପୃଷ୍ଠା-୪




# ମନୋରଞ୍ଜନର ନୂଆ ପ୍ରୟାସ














ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟରେ ଶୁକ୍ରବାର ଲୋକାର୍ପିତ ହୋଇଛି ଧରିତ୍ରୀର ନୂଆ ଡିଜିଟାଲ୍ ମନୋରଞ୍ଜନ ଚ୍ୟାନେଲ୍ 'ବାରମଜା'। ଏଥିରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାର ସଦସ୍ୟ ଉପସ୍ଥିତ ଅଛନ୍ତି।

## ରାଜ୍ୟ ଖବର

# ରଥଯାତ୍ରା ପାଇଁ ଗଡ଼ିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍

### ଯାତ୍ରୀଙ୍କ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ

ଭୁବନେଶ୍ୱର,୨୮।୬
(ଅନୁରାଧା ମହାରଣା)



ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରୀ ରେଳଷ୍ଟେଶନରେ ରଥଯାତ୍ରା ପାଇଁ ହୋଇଥିବା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି।

ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଜୁଲାଇ ୬ରୁ ୧୯ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ପାଇଁ ଏହି ଯୋଜନା କରାଯାଇଛି। ଚଳିତବର୍ଷ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବ ରଥଯାତ୍ରା ଅଭିଜ୍ଞତାକୁ ନଜରକୁ ନେଇ ପୂର୍ବତଟ ରେଳପଥ ଓଡିଶାର ବିଭିନ୍ନ ସ୍ଥାନ ସହିତ ପଡୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ଯୋଜନା କରିଛି। ଜୁନାଗଡ଼ ରୋଡ, ସମ୍ବଲପୁର, କେନ୍ଦୁଝରଗଡ, ପାରାଦୀପ, ଭଦ୍ରକ, ଅନୁଗୋଳ, ଗୁଣପୁର, ବାଙ୍ଗିରିପୋଷି ବ୍ୟତୀତ ନୂତନ ଭାବେ ସଂଯୋଗ ହୋଇଥିବା ବାଦାମପାହାଡ, ରାଉରକେଲା, ବାଲେଶ୍ୱର, ସୋନପୁର ଏବଂ ଦଶପଲ୍ଲାଠାରୁ ସ୍ୱତନ୍ତ୍ର ଟ୍ରେନ ପୁରୀକୁ ଚଳାଚଳ କରିବ। ଏହା ବ୍ୟତୀତ ସନ୍ଧ୍ୟା ଦର୍ଶନ, ବାହୁଡାଯାତ୍ରା ଏବଂ ସୁନାବେଶ ଓ ଅଧରପଣା ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଛି। ସେହିପରି ଦୂରଦୂରାନ୍ତରରୁ ଯାତ୍ରା କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନରେ ସଂରକ୍ଷିତ କ୍ଲାସ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରଥଯାତ୍ରା ସମୟରେ ଯାତ୍ରୀଙ୍କ ଯାତାୟାତ ସୁବିଧା ବ୍ୟତୀତ ଯାତ୍ରୀ ପରିସେବା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇଦେବାକୁ ପୂର୍ବତଟ ରେଳପଥକୁ ପରାମର୍ଶ ଦେଇଛନ୍ତି। ଯାତ୍ରୀ ଭିଡ଼ ପରିଚାଳନା, ଟ୍ରେନ ସୂଚନା ପ୍ରଣାଳୀ, ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ ପ୍ରଦର୍ଶନ, ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର ଏବଂ ମୋବାଇଲ ଟିକେଟ କାଉଣ୍ଟର, ୧୫ ହଜାର ତୀର୍ଥଯାତ୍ରୀ ବିଶ୍ରାମ ନେବା ଭଳି ଅପେକ୍ଷାସ୍ଥଳ, ଶେଡ୍ ପାଇଁ ମଧ୍ୟ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି। ଏହା ବ୍ୟତୀତ ସୁରକ୍ଷା ବ୍ୟବସ୍ଥା, କ୍ୟାଟରିଂ ସେବା, ମେଡିକାଲ ସୁବିଧା ଏବଂ ଆମ୍ବୁଲାନ୍ସ ଏବଂ ଯାତ୍ରୀ ବିଶେଷକରି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ବିଦ୍ୟୁତ୍‌ଯୋଗାଣ, ଜଳଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ନିରାପତ୍ତା, ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ଶୌଚାଳୟ ଯୋଗାଇବା ପାଇଁ ମଧ୍ୟ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବତଟ ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ପୁରୀ ରେଳଷ୍ଟେଶନରେ ରଥଯାତ୍ରା ବ୍ୟବସ୍ଥା ଯାଞ୍ଚ କରି ତୀର୍ଥଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକ ସମ୍ବନ୍ଧରେ ଅବଗତ ହେବା ସହିତ ରଥଯାତ୍ରା କାର୍ଯ୍ୟସୂଚୀର ବହୁ ପୂର୍ବରୁ ଯାତ୍ରୀ ସୁବିଧା ଉପଲବ୍ଧ କରାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଡିପ୍‌ଥେରିଆ ଅନୁଧ୍ୟାନ ପାଇଁ ରାୟଗଡ଼ାରେ ୫ ଜଣିଆ ଟିମ୍



ରାୟଗଡା ଗସ୍ତରେ ଆସିଥିବା ଟିମ୍ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡା,୨୮।୬(ଆଶିଷ ରଞ୍ଜନ ପଣ୍ଡା)

ଜାତୀୟ ସ୍ୱାସ୍ଥ୍ୟ ବିଭାଗର ଡେପୁଟି କମିଶନର ଡାକ୍ତର ଆଶିଷ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ ଡାକ୍ତର ରମେଶ ଚନ୍ଦ୍ରା ଏବଂ ଏପିଡୋମାଲୋଜିଷ୍ଟ ଡାକ୍ତର ଆରତି ନରେଡାଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଶୁକ୍ରବାର ରାୟଗଡ଼ା ଜିଲା ଗସ୍ତରେ ଆସିଛନ୍ତି। ଏହି ଟିମ୍ ଡିପ୍‌ଥେରିଆ ରୋଗ ସଂକ୍ରମିତ ଅଞ୍ଚଳ ପରିଦର୍ଶନରେ ଯିବେ। ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହିତ ଦିଆଯାଇଥିବା ଇଞ୍ଜେକ୍ସନର ପ୍ରଭାବ କିଭଳି ରହିଛି ଏବଂ ରୋଗ ବ୍ୟାପିବାର କାରଣ ଉପରେ ଅନୁଧ୍ୟାନ କରିବେ। ଏହାକୁ ଭିତ୍ତିକରି ଜାତୀୟ ସ୍ତରରେ ଏହି ରୋଗ ନିୟନ୍ତ୍ରଣ ପାଇଁ ଯୋଜନା କରାଯିବ ବୋଲି ଜଣାପଡିଛି। ଏହି ଟିମ୍ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସିଡିଏମ୍‌ଓ ଲାଲ ମୋହନ ରାଉତରାୟଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ନେଇ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିବା ରାୟଗଡା ଡ଼ିଭିଜନାଲ ଶ୍ରମ କମିଶନର ପ୍ରସନ୍ନ କୁମାର ପାଣିଗ୍ରାହୀ କହିଛନ୍ତି। ତେବେ ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁଙ୍କୁ ପଚାରିବାରୁ ସେ କହିଲେ,ଏନେଇ ତାଙ୍କ ପାଖକୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ କୌଣସି ଚିଠି ଆସିନନାହିଁ।

# ଜିଲା ଶ୍ରମ ବିଭାଗ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ



ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ଆଲୋଚନା କରୁଛନ୍ତି।

ରାୟଗଡା,୨୮।୬(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଶ୍ରମ ବିଭାଗରେ ହୋଇଥିବା ବିଭିନ୍ନ ଦୁର୍ନୀତିର ଏବେ ଖୋଳତାଡ ଆରମ୍ଭ ହୋଇଛି। ଏନେଇ ଗତ ୧୬ ତାରିଖରେ ଅତିରିକ୍ତ ଶ୍ରମ କମିଶନର ଘାସିରାମ ଟୁଡୁ ଓ ଅନ୍ୟ ଅଧିକାରୀମାନେ ରାୟଗଡା ଆସି ତଦନ୍ତ କରି ଫେରିଥିଲେ। ବିଶେଷକରି ସାଇକେଲ ବଣ୍ଟନରେ ଅନିୟମିତତା ଓ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ବୀମା ରାଶିରେ ହେରଫେର କରାଯାଇଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏବେ ଏହି ଦୁର୍ନୀତିର ଭିଜିଲାନ୍ସ ଖୋଳତାଡ ଆରମ୍ଭ ହୋଇଛି। ଶୁକ୍ରବାର ରାୟଗଡା

### ୪ ଜଣିଆ ଟିମ୍ କରୁଛନ୍ତି ଖୋଳତାଡ଼

ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଆସି ଜିଲା ଶ୍ରମ କାର୍ଯ୍ୟାଳୟରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିଲା। ଏନେଇ ଇନ୍ସପେକ୍ଟର ତରୁଲତାଙ୍କୁ ପଚାରିବାରୁ ଶ୍ରମ ବିଭାଗରେ ହୋଇଥିବା ଦୁର୍ନୀତି ନେଇ ହୋଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# 'ତ୍ୱରିତ ନ୍ୟାୟ ପ୍ରଦାନକୁ ଗୁରୁତ୍ୱ ଦିଅନ୍ତୁ ବିଚାରପତି'

### ଜିଲାଜଜ୍ ସମ୍ମିଳନୀ ଉଦ୍‌ଘାଟିତ

କଟକ,୨୮।୬ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ପକ୍ଷରୁ ତିନିଦିନିଆ ଜିଲା ଜଜ୍ ସମ୍ମିଳନୀ ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ପରିସରସ୍ଥ ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ ଜିଲାଜଜ୍ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ତ୍ୱରିତ ନ୍ୟାୟ ପ୍ରଦାନକୁ ବିଚାରପତିମାନେ ଗୁରୁତ୍ୱ ଦେବାକୁ ମୁଖ୍ୟ ବିଚାରପତି ଜିଲାଜଜ୍‌ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି ଅବସରରେ ୨୦୨୩ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଓଡ଼ିଶା ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର, ବିଚାରପତି ବିଭୁ ପ୍ରସାଦ ରାଉତରାୟ, ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ଚିତ୍ତରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା କୋର୍ଟରେ କରାଯାଉଥିବା ଶୁଣାଣି, ନ୍ୟାୟିକ ପ୍ରକ୍ରିୟା ଓ ତ୍ୱରିତ ନ୍ୟାୟ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି, ରେଜିଷ୍ଟ୍ରାର୍ ଜେନେରାଲ ପ୍ରତାପ କୁମାର ପାତ୍ର, ରାଜ୍ୟର ବିଭିନ୍ନ ଜିଲାର ସେସନ୍ସ ଜଜ୍, ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍, ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।




ସମ୍ମିଳନୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ସମେତ ଅନ୍ୟ ବିଚାରପତି ୨୦୨୩ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଡିଲ୍ ବେଳେ ବନବିଭାଗର ଚଢ଼ାଉ, ୩ ଗିରଫ

### ଗୋଟିଏ ହାତୀଦାନ୍ତ, ଶମ୍ବର ଶିଙ୍ଗ, ବଜ୍ରକାପ୍ତା କାତି ଜବତ



ଜବତ ହାତୀଦାନ୍ତ, ବଜ୍ରକାପ୍ତା କାତି, ଶମ୍ବର ଶିଙ୍ଗ ଓ ଗିରଫ ୩ ଅଭିଯୁକ୍ତ।

ନୀଳଗିରି, ୨୮।୬
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥ ଖନ୍ତାପଡା ଥାନା ଦହିସଡା ନିକଟରେ ଶୁକ୍ରବାର ଗୋଟିଏ ଭଙ୍ଗା ହାତୀଦାନ୍ତ, ବଜ୍ରକାପ୍ତା କାତି ଓ ୩ଟି ଶମ୍ବର ଶିଙ୍ଗ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ କୁଲଡିହା ବନବିଭାଗ ଓ ଜଳେଶ୍ୱର ବନବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ୩ଜଣ ବେପାରୀଙ୍କ ପାଖରୁ ଗୋଟିଏ ଭଙ୍ଗା ହାତୀଦାନ୍ତ, ବଜ୍ରକାପ୍ତା କାତି ଓ ୩ଟି ସମ୍ବର ଶିଙ୍ଗ ଜବତ କରାଯାଇଛି। ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଚାଲିଥିବାରୁ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶ କରାଯିବ ବୋଲି ବିଭାଗ ସୂଚନା ଦିଆଯାଇଛି।



Reliance
ସବୁ ଦିନ, ସବୁ ଜିନିଷ ସବୁଠାରୁ କମ୍ ଦାମ୍‌ରେ ଚାହୁଁଛନ୍ତି?
ସ୍ମାର୍ଟ ବଜାର ଚାଲନ୍ତୁ
SMART BAZAAR
ଅତିକମ୍‌ରେ 5% ଏମ୍ଆରପିରୁ କମ୍ ପ୍ରତିଦିନ
ଚିନି 1 kg ₹9 ପ୍ରତିଦିନ *₹1999 ଏବଂ ତଦୁର୍ଦ୍ଧ୍ୱ ଶପିଙ୍ଗ ଉପରେ
ଭୁବନେଶ୍ୱର: ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନୀ ମଲ୍, ରୁଦ୍ରପୁର • ଡିବନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ, ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ • ଫୋରମ୍ ମାର୍ଟ, ୟୁନିଟ-3, ରାମ ମନ୍ଦିର ନିକଟ, ସତ୍ୟ ନଗର, ଭୁବନେଶ୍ୱର । • ସମ୍ ଭେଟେନାରୀ ହସ୍ପିଟାଲ ନିକଟ, ଶାମପୁର କଟକ: ଏନ୍ଏସ୍‌ସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଉପିକଲ ସର୍କଲ ନିକଟ, ଜଗତପୁର
SMART BAZAAR
SMART SUPERSTORE
DAAWAT The FINEST Presents
ପ୍ରତି ଘରେ ଅନ୍ନପୂର୍ଣ୍ଣା
Co-Powered by AASHIRVAAD
ଫର୍ଚ୍ଚୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 3 L + କୋହିନୂର ଚାର୍ମିନାର ସିଲେକ୍ଟ ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹699 କମ୍ବାଇଣ୍ଡ MRP ₹1124 ସଞ୍ଚୟ ₹425
ଖୋଲା ଚିନି M 1 kg ସ୍ମାର୍ଟ ପ୍ରାଇସ୍ ₹44 ବଜାର ମୂଲ୍ୟ ₹50
ଖୋଲା ହରଡ଼ ଡାଲି ମୂଲ୍ୟ 1 kg ସ୍ମାର୍ଟ ପ୍ରାଇସ୍ ₹179 ବଜାର ମୂଲ୍ୟ ₹184
ଖୋଲା ଜୀରା ରାଇସ୍ 1 kg ସ୍ମାର୍ଟ ପ୍ରାଇସ୍ ₹49 ବଜାର ମୂଲ୍ୟ ₹56
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg ସ୍ମାର୍ଟ ପ୍ରାଇସ୍ ₹221 MRP ₹256 ସଞ୍ଚୟ ₹35
ନଟରାଜ ଅଷ୍ଟ୍ରେଲିଆନ୍ / ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ 500 g ସ୍ମାର୍ଟ ପ୍ରାଇସ୍ ₹299/ ₹349 MRP ₹699 / ₹549 ସଞ୍ଚୟ ₹400 / ₹200
ଭାରତ / ଟାଟା ସମ୍ପନ / କେୱାଲ୍ ମସଲା (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY 1 GET ANY 1 FREE* *MRP ଉପରେ
ଫ୍ରୀଡମ୍ ରିଫାଇନ୍ଡ ସନଫ୍ଲାୱର / ଗୁଡ୍ ଲାଇଫ୍ କଚିଘାନୀ ସୋରିଷ ତେଲ 1 L ସ୍ମାର୍ଟ ପ୍ରାଇସ୍ ₹113/ ₹129 MRP ₹142 / ₹170 ସଞ୍ଚୟ ₹29 / ₹41
ଓମ୍‌ଫେଡ୍ ଘିଅ 1 L ସ୍ମାର୍ଟ ପ୍ରାଇସ୍ ₹685 MRP ₹720 ସଞ୍ଚୟ ₹35
ମ୍ୟାକେନ୍ 250 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ) BUY 2 GET 1 FREE MRP ₹135 ଡେଣିକି / ୟୁନିଟ୍
ଚିଜ୍ 200 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) ପର୍ଯ୍ୟନ୍ତ 50% ଛାଡ଼ MRP ₹115 ଡେଣିକି
ବିସ୍କୁଟ୍- ଲାର୍ଜ୍ ପ୍ୟାକ୍ 300 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) BUY 2 GET 1 FREE MRP ₹120 ଡେଣିକି / ୟୁନିଟ୍
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 500 g ସଞ୍ଚୟ ₹30 MRP ₹190 ଡେଣିକି ସ୍ମାର୍ଟ ପ୍ରାଇସ୍ ₹160 ଡେଣିକି
ମ୍ୟାଗି 2 ମିନିଟ୍ ମସାଲା ନୁଡୁଲ୍ସ 560 g ସଞ୍ଚୟ ₹16 MRP ₹112 ଡେଣିକି ସ୍ମାର୍ଟ ପ୍ରାଇସ୍ ₹96 ଡେଣିକି
ହର୍ଲିକ୍ସ କ୍ଲାସିକ ମଲ୍ଟ ହେଲ୍‌ଥ ଡ୍ରିଙ୍କ 1 kg ସଞ୍ଚୟ ₹140 MRP ₹600 ଡେଣିକି ସ୍ମାର୍ଟ ପ୍ରାଇସ୍ ₹460 ଡେଣିକି
କୋଲଗେଟ୍ ଷ୍ଟ୍ରଙ୍ଗ ଟିଥ୍ 500 g / କ୍ଲୋଜ୍ ଅପ୍ ରେଡ୍ ଟୁଥପେଷ୍ଟ 300 g (ନିର୍ଦ୍ଦିଷ୍ଟ ପ୍ରକାରର) ସଞ୍ଚୟ ₹70 MRP ₹240 ଡେଣିକି ସ୍ମାର୍ଟ ପ୍ରାଇସ୍ ₹170 ଡେଣିକି
ଡଭ୍ / ପେଅର୍ସ / ଫିଆମା ସୋପ୍ 125 g x 4 +1 (ନିର୍ଦ୍ଦିଷ୍ଟ ପ୍ରକାରର) ଫ୍ଲାଟ୍ 33% ଛାଡ଼ MRP ₹372 ଡେଣିକି ସ୍ମାର୍ଟ ପ୍ରାଇସ୍ ₹249 ଡେଣିକି
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଇନ୍ଦୁଲେଖା / ସନ ସିଲ୍କ / ପ୍ୟାକ୍ଟିନ ଶାମ୍ପୁ 580 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) ଫ୍ଲାଟ୍ 50% ଛାଡ଼ MRP ₹765 ଡେଣିକି ସ୍ମାର୍ଟ ପ୍ରାଇସ୍ ₹383 ଡେଣିକି
ସର୍ଫ ଏକ୍ସେଲ ଇଜୀ ୱାଶ୍ ଡିଟରଜେଣ୍ଟ ପାଉଡର 5 kg ଫ୍ଲାଟ୍ 25% ଛାଡ଼ MRP ₹770 ଡେଣିକି ସ୍ମାର୍ଟ ପ୍ରାଇସ୍ ₹578 ଡେଣିକି
Prestige 2 ବର୍ନର୍ ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍ + ହାର୍ଡ ଆନୋଡାଇଜ୍ଡ ପ୍ରେସର କୁକର 3 L + ନନ୍‌ଷ୍ଟିକ୍ 2 ପିସ୍ ସେଟ୍ (କଢ଼େଇ ଓ ଫ୍ରାଇପ୍ୟାନ୍) ସ୍ମାର୍ଟ ପ୍ରାଇସ୍ ₹4999 କମ୍ବାଇଣ୍ଡ MRP ₹8760
Prestige ନକ୍ଷତ୍ର ଷ୍ଟେନଲେସ୍ ଷ୍ଟିଲ୍ ପ୍ରେସର କୁକର 3 L (ଇନର୍ ଲିଡ୍) ଫ୍ଲାଟ୍ 30% ଛାଡ଼ MRP ₹3110 ଡେଣିକି ସ୍ମାର୍ଟ ପ୍ରାଇସ୍ ₹2177 ଡେଣିକି
BERGNER 3 ପିସ୍ ଟ୍ରିପ୍ଲାୟ ଷ୍ଟେନଲେସ୍ ଷ୍ଟିଲ୍ କୁକୱେର୍ ସେଟ୍ ସ୍ମାର୍ଟ ପ୍ରାଇସ୍ ₹1599 MRP ₹5100
କିଚେନ୍ କ୍ଲିନିଂ ରେଞ୍ଜ ସ୍ମାର୍ଟ ପ୍ରାଇସ୍ ₹59 ଡେଣିକି MRP ₹119 ଡେଣିକି
Prestige 3 ପିସ୍ ଡେକୋର ବ୍ଲାକ୍ ନନ୍‌ଷ୍ଟିକ୍ ଇଣ୍ଡକ୍ସନ୍ ବଟମ୍ କୁକୱେର୍ ସେଟ୍ ଫ୍ଲାଟ୍ 55% ଛାଡ଼ MRP ₹3740 ସ୍ମାର୍ଟ ପ୍ରାଇସ୍ ₹1683
cello ଓପାଲୱେର୍ / ଲୁକ୍ ଷ୍ଟିଲ୍ ଡିନରୱେର୍ (ନିର୍ଦ୍ଦିଷ୍ଟ ରେଞ୍ଜ) BUY 1 GET 1 FREE MRP ₹49 ଡେଣିକି
POLYSET LARAH ଷ୍ଟୋରେଜ୍ କଣ୍ଟେନର (ପ୍ଲାଷ୍ଟିକ୍ / ଗ୍ଲାସ୍) ସ୍ମାର୍ଟ ପ୍ରାଇସ୍ ₹99 ଡେଣିକି MRP ₹198 ଡେଣିକି
Prestige ମୋଣ୍ଟା ମିକ୍ସର ଗ୍ରାଇଣ୍ଡର 3 ଜାର୍ସ 750 W ସ୍ମାର୍ଟ ପ୍ରାଇସ୍ ₹2999 MRP ₹5995
LIVESMART
SMART ଷ୍ଟାଇଲ ସେଲ
ଫେଶନ୍ ₹499* ମଧ୍ୟରେ
2000+ ଷ୍ଟାଇଲସ୍ ଉପରେ
ଟି-ଶାର୍ଟସ୍ ଥିଲା ₹499 ଏବେ ₹299
ଜିନ୍ସ ଥିଲା ₹599 ଏବେ ₹499
ଟି-ଶାର୍ଟସ୍ ଥିଲା ₹249 ଏବେ ₹199
ଜିନ୍ସ ଥିଲା ₹699 ଏବେ ₹399
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART SUPERSTORE
JioMart
Reliance RETAIL
SBI card
10% INSTANT DISCOUNT*
RuPay CREDIT
WITH RELIANCE SBI CREDIT CARDS
Valid Once Per Card Per Month, Till 10 July '24. *T&C Apply
Scan to apply
sodexo Accepted here
ଆପଣଙ୍କ ନିକଟତମ ଷ୍ଟୋର ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ଣ ୨ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ଣ ୪ଟା ୩୦।
- ଶିଳାଶ୍ରୀ ୧୭ତମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାକକ୍ଷ, ସମୟ: ସନ୍ଧ୍ୟା ୬ଟା।
- ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ମୋହିତ ଗୁପ୍ତାଙ୍କ ମୋଟିଭେସନାଲ ଟକ୍, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ କଲେଜ, ସମୟ: ଅପରାହ୍ଣ ୩ଟା ୩୦।
- ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମବାର୍ଷିକ ସମାରୋହ, ସ୍ଥାନ: ସଚ୍ଚିଦାନନ୍ଦ ମଠ ପରିସର, ବାଉଁଶଗଳି, ଓଡ଼ିଆବଜାର, ସମୟ: ଅପରାହ୍ଣ ୪ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ମିଳିତ ଆନୁକୂଲ୍ୟରେ ମଞ୍ଚସ୍ଥ ହେବ ନାଟକ ମାଟିର ମଣିଷ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ୍ ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୭ଟା ୧୫।

## ପୁରୀ
- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ଗ୍ଲୋବାଲ ୟୁନିଭର୍ସ ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ପତିତପାବନ ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ଜଗନ୍ନାଥ ବଲ୍ଲଭ ପରିସର, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ନବପ୍ରତିଭା ପକ୍ଷରୁ ଉତ୍କଳଶ୍ରୀ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ପୁରୀ ଶ୍ରୀସଦାଶିବ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜନସମ୍ପର୍କ ଧନ୍ୟବାଦ ଯାତ୍ରା, ସ୍ଥାନ: ଜାଗୁଳିପାଟଣାସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ବାଲେଶ୍ୱର
- ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ବିଦ୍ୟାଳୟ ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ସକାଳ ୬ଟା ୩୦।
- ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ, ବାରାପାଳ, ରୂପସା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍ ସିଜନ୍-୪ର ଦ୍ୱିତୀୟ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ମୋନା ବାଲେଶ୍ୱରର ଅଷ୍ଟମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଆତିଥ୍ୟ ସଭାଗୃହ, ପାଣିଚାଙ୍କି, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଏ-୧ ମେଟ୍ରିକ ମେଧା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ବାଡ଼ସରିଷା, ଚନ୍ଦନେଶ୍ୱର, ଭୋଗରାଇ, ସମୟ: ପୂର୍ବାହ୍ଣ ୧୦ଟା।
- ମା' ବଡ଼ାମ ବୁଢ଼ୀ ଗ୍ରାମ ଦେବତୀଙ୍କ ପୂଜା, ସ୍ଥାନ: ଖୁଆଡ଼, ଜଳେଶ୍ୱର, ସମୟ: ଅପରାହ୍ଣ ୩ଟା।
- ଜୀବନ ସଂଗ୍ରାମ ଓ ଅ ଆ କ ଖ ପୁସ୍ତକର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବେଳମଳା ପ୍ରାଥମିକ ବିଦ୍ୟାଳୟ, ଦୋବଲ, ଧାମନଗର, ସମୟ: ପୂର୍ବାହ୍ଣ ୧୧ଟା।
- ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦିବ୍ୟମ୍ ହଲ୍, ଜାନୁଗଞ୍ଜ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା।
- ଭାରତ ବିକାଶ ପରିଷଦ ଭଦ୍ରକ ଶାଖାର ବୈଠକ, ସ୍ଥାନ: ସିଟି ରେସିଡେନ୍ସି ସମ୍ମିଳନୀ କକ୍ଷ, ବନ୍ତ ଛକ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଯୁବ କଳା ଉତ୍ସବ, ସ୍ଥାନ: ଧୁଷୁରୀ, ଧାମନଗର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ବିଦ୍ୟାଳୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : ଫକୀରପୁର ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ଶନିଙ୍କ ମନ୍ଦିରରେ ମେଳା ଏବଂ ଯଜ୍ଞ, ସ୍ଥାନ: ମୋଟରାଗଡିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଗ୍ରହରାଜ ଶନିଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୯ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୦ ଟା ଏବଂ ଅପରାହ୍ଣ ୪ ଟା।

## ମୟୂରଭଞ୍ଜ
- ଏକ ପେଡ୍ ମା' କେ ଲିୟେ କାର୍ଯ୍ୟକ୍ରମ, ସ୍ଥାନ: ପର୍ଯ୍ୟଟନ କାର୍ଯ୍ୟାଳୟ, ବାରିପଦା, ସମୟ: ଅପରାହ୍ଣ ୪ଟା।
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା ବ୍ଲକ ଅଧୀନ ପାଟପୁର ବଡ଼ାମ ଭଜନ ସଭାଗୃହ, ସମୟ: ଅପରାହ୍ଣ ୪ଟା।

## ବ୍ରହ୍ମପୁର
- ନାଟକ ପରିବେଷଣ, ସ୍ଥାନ: ପ୍ରକାଶମ୍ ହଲ, ଗିରିମାର୍କେଟ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ବକ୍ତୃତାମାଳା,ସ୍ଥାନ:ଉତ୍କଳ ଆଶ୍ରମ ସଭାକକ୍ଷ,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପ୍ରାତଃ ୫ଟା ।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗନ୍ନାଥ ପ୍ରସାଦ ବ୍ଲକ ବିଡ଼ିପୁର କଲେଜ, ସମୟ: ପୂର୍ବାହ୍ଣ ୧୧ଟା।
- ମା' ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରାର ଅନ୍ତିମ ଘଟ ପରିକ୍ରମା, ସ୍ଥାନ: ଆସିକା ଲାଲାଗୋର୍ଜି ଛକରୁ ଆରମ୍ଭ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ବଣିକ ସଂଘର ମାସିକ ବୈଠକ, ସ୍ଥାନ: ନୂଆଗାଁ ଜଗନ୍ନାଥ ,ମନ୍ଦିର,ସମୟ: ପୂର୍ବାହ୍ଣ ୧୦ଟା।
- ମେଗା ଚାରାରୋପଣ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସର, ସମୟ-ପୂର୍ବାହ୍ଣ ୧୧ଟା ୩୦।

## ରାୟଗଡ଼ା
- କିନ୍ନରଙ୍କ ଦ୍ୱାରା ରେନ୍‌ବୋ ପ୍ରାଇଡ୍ ୱାକ, ସ୍ଥାନ: କୋରାପୁଟ ଛକରୁ କପିଳାସ ଛକ, ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର
- ମୁଖ୍ୟମନ୍ତ୍ରୀ ମକା ମିଶନ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## କୋରାପୁଟ
- ଜିଲାପାଳଙ୍କ ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ରାଇସିଂ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ ଟା ୩୦।
- ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ ଟା।

## ମାଲକାନଗିରି
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍, ସ୍ଥାନ:ଇନ୍‌ଡୋର ଷ୍ଟାଡିୟମ, ବାଲିମେଳା, ସମୟ: ସକାଳ ୯ଟା ।

## ସମ୍ବଲପୁର
- କଲମ ପରିବାର ପକ୍ଷରୁ ସମ୍ବଲପୁରୀ ବହିହାଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗିତା କେନ୍ଦ୍ର, ସମୟ : ପୂର୍ବାହ୍ଣ ୧୦ଟା।
- ସମ୍ବଲପୁରୀ ସାହିତ୍ୟଥି ଲେଖକ-ପାଠକ- ପ୍ରକାଶକ ଭିତରେ ସମନ୍ୱୟ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର, ସ୍ଥାନ : ଜିଏମୟୁ ଉପଯୋଗିତା କେନ୍ଦ୍ର, ସମୟ : ପୂର୍ବାହ୍ଣ ୧୧ଟା ୩୦ ।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସମ୍ବଲପୁରୀ ସାଧାରଣ ଜ୍ଞାନ ପରୀକ୍ଷା, ସ୍ଥାନ : ଜିଏମୟୁ ଉପଯୋଗିତା କେନ୍ଦ୍ର, ସମୟ : ଅପରାହ୍ଣ ୩ଟା ।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୫ଟା ୩୦ ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ସନ୍ତରଣ ପ୍ରତିଯୋଗୀଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଗୁରୁ ଭଗବାନ ସାହୁ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଲୋଇସିଂହା ସୁରଙ୍ଗମ, ସମୟ: ଅପରାହ୍ଣ ୪ଟା।

## ସୁବର୍ଣ୍ଣପୁର
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା।

## ବରଗଡ଼
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ ଭଟଲି, ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟ ଭେଡ଼େନ, ଜମଲା ଉଚ୍ଚ ବିଦ୍ୟାଳୟ ପଦ୍ମପୁର, ଜର୍ଜ ହାଇସ୍କୁଲ ବରଗଡ଼, ସରକାରୀ ଉଚ୍ଚ ବିଦ୍ୟାଳୟ ବିଜେପୁର, ସୁକୁଡ଼ା ଉଚ୍ଚ ବିଦ୍ୟାଳୟ ଭଟଲି, ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ ବରଗଡ଼, ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ ସୋହେଲା, ସମୟ: ପୂର୍ବାହ୍ଣ ୧୦ଟା।
- ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ) ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ପଦ୍ମପୁର, ସମୟ: ପୂର୍ବାହ୍ଣ ୧୦ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭାଜପାର ସମ୍ବର୍ଦ୍ଧନା, ସ୍ଥାନ: ଭି.ଡି ପେଲେସ୍, ବରଗଡ଼, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ଣ ୪ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ରଥଯାତ୍ରା ପାଇଁ ରଥ କାମ ଆରମ୍ଭ, ସ୍ଥାନ: ସହରସ୍ଥିତ ଝଣ୍ଡା ଛକ, ସମୟ: ସକାଳ ୮ ଟା।

## ରାଉରକେଲା
- ଉଷୁ ଆସୋସିଏଶନ ସୁନ୍ଦରଗଡର ଖବରଦାତା ସମ୍ମିଳନୀ,ସ୍ଥାନ: ଏସଟିଆଇ ରୋଡ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା୩୦।

## ଦେବଗଡ଼
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୂଆଁଗାଁ ଉ.ପ୍ରା. ସ୍କୁଲ, ସମୟ: ପୂର୍ବାହ୍ଣ ୧୧ଟା।
- ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ଅପରାହ୍ଣ ୨ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଅଷ୍ଟପ୍ରହର ନାମାରମ୍ଭ, ସ୍ଥାନ: ସ୍ଥାନ: କେସିଙ୍ଗା ସହରର ବୋରିଙ୍ଗପଦର, ବନଛୋରପଡା, ସମୟ: ସକାଳ ୮ଟା।
- ଗଣତନ୍ତ୍ର ଓ ଧର୍ମ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ବାବା ବଳିଆଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା, ଜିହାର, ସମୟ: ପୂର୍ବାହ୍ଣ ୧୦ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।

## ବୌଦ୍ଧ
- ୪୦ତମ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣାଗାର, ବୌଦ୍ଧ, ସମୟ: ସକାଳ ୭ଟା।
- କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳିର ଖୁଣ୍ଟିଗୋରାଠାରେ ମତଦାତା ସମ୍ପର୍କ ଅଭିଯାନ, ସ୍ଥାନ: ଖୁଣ୍ଟିଗୋରା, କଣ୍ଟାମାଳ, ସମୟ: ପୂର୍ବାହ୍ଣ ୧୧ଟା।

## ଢେଙ୍କାନାଳ
- ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ୍ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ପୌରପରିଷଦ କାଉନ୍‌ସିଲ ବୈଠକ, ସ୍ଥାନ: ପୌର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ:ପୂର୍ବାହ୍ଣ ୧୦ଟା।
- ପୌରପରିଷଦର ବାର୍ଷିକ ବଜେଟ ଉପରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପୌର ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖାଲଗାଁ, ବାଲିକୁଦା, ଜଗତ୍‌ସିଂହପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବିଧାୟକଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶିକ୍ଷକ ଭବନ, ବାଲିକୁଦା ବ୍ଲକ ଛକ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ଣ ୫ଟା।

## ନୟାଗଡ଼
- ବିଜେଡିର କୃତଜ୍ଞତା ସଭା, ସ୍ଥାନ: ଖୁଣ୍ଟୁବନ୍ଧ, ନୟାଗଡ଼, ସମୟ ମଧ୍ୟାହ୍ନ ୧୨ଟା।

# ପ୍ରଥମ ପୃଷ୍ଠାରୁ...

## ଶ୍ରେଣୀକକ୍ଷରେ ଛୁରାମାଡ଼...
ଉଭୟ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଗତ ୨୬ ତାରିଖରେ ଉକ୍ତ ଗଣ୍ଡଗୋଳ ମାମଲା କୋର୍ଟରେ ବିଚାର ଚାଲିଥିବାବେଳେ ଓମ୍‌ଙ୍କ ମା' ଓ ଅନ୍ୟମାନେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେହିଦିନଠାରୁ ପିଉସାଙ୍କ ପରିବାର ସଦସ୍ୟ ଓମ୍‌ଙ୍କ ବାପା ହଂସ ପ୍ରଧାନ ଓ ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇ ଆସୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ରଘୁନାଥ ମହାରଣା କହିଛନ୍ତି, ସେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ଆହତ ଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ଅନ୍ୟପକ୍ଷରେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ହୋଇଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ଉଭୟ ଦିଗରୁ ତଦନ୍ତ ଚଳାଇଛି। ତେବେ ଏତଲା ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି କହିଛନ୍ତି।

## ବର୍ଷାରେ ଦିଲ୍ଲୀ ...
ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଛାତ ଭୁଶୁଡ଼ିବା ସହ ଏହାର ସହାୟକ ବିମ୍ ଭୁଶୁଡ଼ି ଟର୍ମିନାଲର ପିକ୍-ଅପ୍ ଏବଂ ଡ୍ରପ୍ ଅଞ୍ଚଳରେ ଥିବା କେତେକ କାର୍ ଭାଙ୍ଗିରୁଜି ଯାଇଛି। ଡିଜିପି ଉଷା ରଙ୍ଗନାନୀଙ୍କ ସୂଚନା ଅନୁଯାୟୀ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ୧ ନମ୍ବର ଟର୍ମିନାଲ ବାହାରେ ପ୍ରସ୍ଥାନ ଗେଟ୍ ନଂ. ୧ରୁ ଗେଟ୍ ନଂ. ୨ ପର୍ଯ୍ୟନ୍ତ ରହିଥିବା ଶେଡ୍‌ର ଛାତ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ୪ଟି ଗାଡ଼ି ଭାଙ୍ଗିଯାଇଛି। ମୃତକ ରମେଶ କୁମାର(୪୫) ଜଣେ ଟ୍ୟାକ୍ସି ଡ୍ରାଇଭର ବୋଲି ଡିସିପି କହିଛନ୍ତି। ଦୀର୍ଘ ସମୟର ବର୍ଷା ଯୋଗୁ ଦିଲ୍ଲୀରେ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଥିବାବେଳେ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏକ ଜରୁରୀ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏକ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ଜଳାର୍ଣ୍ଣବ ହୋଇଥିବା ଅଞ୍ଚଳରୁ ପାଣି ନିଷ୍କାସନ ପାଇଁ ବଡ଼ ବଡ଼ ପମ୍ପ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇ ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ୨ ମାସ ପର୍ଯ୍ୟନ୍ତ ଛୁଟି ମଞ୍ଜୁର ନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୧୯୩୬ ଜୁନ୍‌ରେ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୨୩୫.୫ ମିଲିମିଟର ବର୍ଷା ହୋଇଥିବାବେଳେ ଗତ ୮୮ ବର୍ଷ ମଧ୍ୟରେ ଏଭଳି ବର୍ଷା ଦେଖାଯାଇ ନ ଥିଲା। ଶୁକ୍ରବାର ୨୨୮.୧ ମିଲିମିଟର ବର୍ଷା ହୋଇଥିବାବେଳେ ଆଗାମୀ ୭ ଦିନ ଯାଏ ମଧ୍ୟମରୁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ସୋମନାଥ ଭାରତୀଙ୍କ ମତରେ ଗତ ୮୮ ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ସର୍ବାଧିକ ବର୍ଷା। ଭାରତୀୟ ପାଣିପାଗ ବିଭାଗ କହିବା ଅନୁଯାୟୀ ୧୯୬୬ ପରେ ପ୍ରଥମ ଥର ପାଇଁ ୨୪ ଘଣ୍ଟାରେ ୨୨୮ ମିଲିମିଟର ବର୍ଷା ହୋଇଛି। ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ଦିଲ୍ଲୀରେ ୮୦୦ ମିଲିମିଟର ବର୍ଷା ହୋଇଥାଏ, ଯାହାର ୨୫ ପ୍ରତିଶତରୁ ଅଧିକ ୨୪ ଘଣ୍ଟା ମଧ୍ୟରେ ହୋଇଯାଇଛି।

## ମନୋଜ ଆହୁଜା ...
ତାଙ୍କ ଅବସର ପରେ ଜୁଲାଇ ୧ ତାରିଖରୁ ମନୋଜ ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବ ସହିତ ସେ ସାଧାରଣ ପ୍ରଶାସନ(ଜିଏ) ଓ ସାଧାରଣ ଅଭିଯୋଗ (ପିଜି)ର ସଚିବ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ରୀୟ ଡେପୁଟେଶନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟର ପ୍ରଥମ ଭାଜପା ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ୨୦୨୪ ଜୁନ୍ ୨୫ ତାରିଖରେ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତୀୟ କମିଟି ତାଙ୍କୁ ଓଡ଼ିଶା ଫେରିବା ପାଇଁ ଅନୁମତି ଦେଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ମନୋଜ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହୋଇପାରନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

ମନୋଜ ଆହୁଜା ପଟିଆଲାଠାରେ ଥିବା ଥାପର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ଏଥିସହିତ ସେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ୟୁନିଭରସିଟିରୁ ଏମ୍‌ବିଏ ଏବଂ ୟୁଏସ୍‌ଏସ୍ଥିତ ହାର୍ଭାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ(ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ)ରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଅଧୀନରେ କୃଷି ସଚିବ ଭାବେ କାର୍ଯ୍ୟ କରିବା ପୂର୍ବରୁ ପର୍ସୋନେଲ ଟ୍ରେନିଂ/ପର୍ସୋନେଲ ଆଣ୍ଡ ଜେନେରାଲ ଆଡ୍‌ମିନିଷ୍ଟ୍ରେଶନର ଯୁଗ୍ମ ନିର୍ଦ୍ଦେଶକ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଚେୟାରମ୍ୟାନ ଥିଲେ। ଏଥିସହିତ ସେ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସମେତ ଅନେକ ବିଭାଗର ଦାୟିତ୍ୱ ତୁଲାଇଛନ୍ତି। ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ମୁଖ୍ୟ ଶାସନ ସଚିବ ନିଯୁକ୍ତି ହେବା ପରେ ମନୋଜ ଓଡ଼ିଶା ଫେରିବାକୁ ନେଇ ବହୁତ ଖୁସିଥିବା କହିଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ସେ ଓଡ଼ିଶା ଫେରିବେ ବୋଲି ସୂଚନା ଦେଇଛନ୍ତି। ସେ ଆସନ୍ତା ଡିସେମ୍ବର ୩୧ରେ ଅବସର ନେବେ। ୨୦୧୭ରୁ ସେ କେନ୍ଦ୍ରୀୟ ଡେପୁଟେଶନରେ ଥିଲେ। ତାଙ୍କ ସ୍ତ୍ରୀ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ଆରତୀ ଆହୁଜା କେନ୍ଦ୍ରୀୟ ଡେପୁଟେଶନରେ ଥିଲାବେଳେ ୨୦୨୪ ଫେବୃଆରୀରେ ଅବସର ନେଇ ସାରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ୧୯୮୩ ଏପ୍ରିଲରୁ ୧୯୮୫ ଡିସେମ୍ବର ପର୍ଯ୍ୟନ୍ତ ଅଣଓଡ଼ିଆ ଅଫିସର ଜ୍ଞାନ ଚାନ୍ଦ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇଥିଲେ। ୩୯ ବର୍ଷ ପରେ ଦ୍ୱିତୀୟ ଆଇଏଏସ୍ ଅଫିସର ଭାବେ ମନୋଜ ଆହୁଜାଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି।

# ଜୁନ୍ ୩ରୁ କାର୍ଯ୍ୟରେ ଯୋଗଦେଇଛନ୍ତି ଆଶିଷ ସିଂ
## ଗୃହ ବିଭାଗର ଚିଠି ପରେ ସ୍ପଷ୍ଟ କଲେ ପୋଲିସ ଡିଜି

ଭୁବନେଶ୍ୱର,୨୮।୬ (ସୂର୍ଯ୍ୟକାନ୍ତ ବେହେରା)

ଆଇପିଏସ୍ ଅଫିସର ଆଶିଷ ସିଂଙ୍କ କାର୍ଯ୍ୟ ଓ ଉପସ୍ଥିତିକୁ ନେଇ ହେଉଥିବା ଚର୍ଚ୍ଚା ଉପରୁ ପରଦା ହଟାଇଛନ୍ତି ପୋଲିସ ଡିଜି ଅରୁଣ ଷଡଙ୍ଗୀ। ଗୃହ ବିଭାଗ ଚିଠି କରିବାର ଦିନକ ପରେ ଅର୍ଥାତ୍ ଶୁକ୍ରବାର ସ୍ପଷ୍ଟୀକରଣ ରଖି ଡିଜିପି କହିଛନ୍ତି, ସରକାର ଆଶିଷଙ୍କୁ ମେ ୪ରୁ ଜୁନ୍ ୨ ପର୍ଯ୍ୟନ୍ତ ଛୁଟି ମଞ୍ଜୁର କରିଥିଲେ। ଛୁଟି ସରିଲା ପରେ ଜୁନ୍ ୩ରେ ସେ କାର୍ଯ୍ୟରେ ଯୋଗଦେଇଛନ୍ତି। ଆଇଜିପି ଅଫ୍ ସିଏମ୍ ସିକ୍ୟୁରିଟି ଦାୟିତ୍ୱ ତୁଲାଉଛନ୍ତି। ଜଏନିଂ ଲେଟର ସେଠାରୁ ଆମ ଅଫିସକୁ ଆସିଥିବ। ଏହା ରୁଟିନ କରେସ୍‌ପଣ୍ଡେଣ୍ଟ। ତେଣୁ ଆମ ଅଫିସରୁ ସିଧା ଗୃହ ବିଭାଗକୁ ପଠାଯାଏ। ତେଣୁ ମୋ ନଜରରେ ଆସେନି। ତେବେ ଗୃହ ବିଭାଗ ପାଖରେ କେମିତି ଏହା ପହଞ୍ଚି ପାରିଲାନି, କେଉଁଠି ତ୍ରୁଟି ରହିଲା ତାହା ଉପରେ ତର୍ଜମା କରାଯିବ। ଏହାସହ ଏବେ ଗୃହ ବିଭାଗକୁ ଏନେଇ ଅବଗତ କରାଇ ଦିଆଯାଇଥିବା ଷଡଙ୍ଗୀ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି କେତେକ ବୈଠକରେ ମଧ୍ୟ ଆଇଜି ସିଂ ଯୋଗଦେଇଛନ୍ତି। ଗତ ୧୭ରେ ଡିଜିପି କ୍ୟାମ୍ପ ଅଫିସରେ ଚାଲିଥିବା ଏକ ବୈଠକରେ ମଧ୍ୟ ସେ ଉପସ୍ଥିତ ରହିଥିଲେ। ଆଶିଷ ତାଙ୍କ କାର୍ଯ୍ୟରେ ଯୋଗଦାନ ରିପୋର୍ଟ ଏସ୍‌ଆଇଡବ୍ଲୁରେ ଦେଇଛନ୍ତି ବୋଲି ଡିଜିପି ସ୍ପଷ୍ଟ କରିଛି। ଗୁରୁବାର ଆଇପିଏସ୍ ଅଧିକାରୀ ଆଶିଷ ସିଂ ଏବେ କେଉଁଠି ବୋଲି ଡିଜିପି ଷଡ଼ଙ୍ଗୀଙ୍କୁ ଗୃହ ବିଭାଗ ପଚାରିଥିଲା। ଏନେଇ ଗୃହ ବିଭାଗ ଅତିରିକ୍ତ ସଚିବ ମୁରଲୀଧର ମଲିକ ଏକ ଚିଠି କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମେ' ୪ରୁ ମାସେ ଛୁଟି ନେଇଥିଲେ ବିବାଦୀୟ ଆଇପିଏସ୍ ଅଫିସର ଆଶିଷ। ଏବେ ଆଶିଷ ଚାକିରିରେ ଯୋଗ ଦେଲେଣି କି ନାହିଁ ବୋଲି ଚିଠିରେ ପଚାରିଥିଲା ବିଭାଗ। ସୂଚନାଯୋଗ୍ୟ, ନିର୍ବାଚନ ସମୟରେ ଅସୁସ୍ଥତା କାରଣ ଦର୍ଶାଇ ଛୁଟିରେ ଯାଇଥିଲେ ଆଶିଷ। ଛୁଟିରେ ଯାଇ ସେ ନିର୍ବାଚନରେ ବିଜେଡି ପାଇଁ କାମ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଭଳି ଅଭିଯୋଗ ପରେ ନିର୍ବାଚନ କମିଶନ ମେଡିକାଲ ବୋର୍ଡ ଗଠନ କରି ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଏମ୍‌ସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶାରିରୀକ ଓ ମାନସିକ ସ୍ତରରେ ଆଶିଷ ସମ୍ପୂର୍ଣ୍ଣ ସୁସ୍ଥ ଥିବା ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା।

# ତଦନ୍ତ ହେଉ, ସତ ଆପେ ଜଣାପଡ଼ିବ: ସମ୍ପଦ ସ୍ୱାଇଁ
## କିସ୍ ଜମି ପ୍ରସଙ୍ଗ

ଭୁବନେଶ୍ୱର, ୨୮।୬(ସୁଜିତ୍ ମିଶ୍ର)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ଜଙ୍ଗଲ ଜମି କିସମ ପରିବର୍ତ୍ତନ ନେଇ କିଛି କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବା ପରେ ସେ କହିଛନ୍ତି, ପ୍ରଥମେ ତଦନ୍ତ ହେଉ। ତଦନ୍ତ ହେଲେ ସବୁ ଆପେ ଆପେ ସତ ପଦାକୁ ଆସିଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚନ୍ଦକା ବନ୍ୟଜନ୍ତୁ ଡିଭିଜନ ଅଧୀନରେ ଥିବା ୪.୦୩୨ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ହସ୍ତାନ୍ତର କିମ୍ବା କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରଣାଳୟ ଗତ ଜୁନ୍ ୨୧ରେ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ଜମିର କିସମ ପରିବର୍ତ୍ତନକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ହୋଇଥିବା ଅଭିଯୋଗ ଆଧାରରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ନିଜ ପରିସରରେ ସାହାଯ୍ୟ ମାଗୁଥିବା ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ସନ୍ତାନ, ଉଚ୍ଚଶିକ୍ଷା, ଆଲୋଚନା, ସଭାସମିତି ପ୍ରଭୃତି ଚିନ୍ତାଜନକ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ।

**ବୃଷ** – ବନ୍ଧୁଙ୍କ ନିକଟରୁ ଆର୍ଥିକ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ଅପରାହ୍ଣେ ପ୍ରିୟଜନଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ ହେବ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ।

**ମିଥୁନ** – ସହକର୍ମୀଙ୍କ ସାହାଯ୍ୟ ନେଇ ଆରମ୍ଭ କରିଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢ଼ିପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** – ଭୁଲ୍ ବୁଝାମଣା କାରଣରୁ ବୃଥା ସନ୍ଦେହ ଜନିତ ସାଧାରଣ କଥାରେ କଳହ ଘଟିବାର ଆଶଙ୍କା ରହିଛି। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀଭୂମିକା ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ସିଂହ** – ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅର୍ଥସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପାଇବା କଷ୍ଟକର ହେବନାହିଁ। ଆଲୋଚନା ପରିସରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** – ସମୟୋଚିତ ପଦକ୍ଷେପ ଗ୍ରହଣ କରି ପରିବାରର ଅସଜଡା ପରିସ୍ଥିତି ସୁଧାରିବାକୁ ଚେଷ୍ଟା କରିପାରନ୍ତି। ଶିଳ୍ପ, ସଙ୍ଗୀତ ସମାରୋହ, ସାମ୍ବାଦିକତା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ଜମିଜମା ବିବାଦ କିମ୍ବା ଋଣଗ୍ରସ୍ତ ସାଙ୍ଗଙ୍କୁ କରଜଦାତାଙ୍କ ଚାପ ଚିନ୍ତା ବଢ଼ାଇବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ।

**ତୁଳା** – ବନ୍ଧୁଙ୍କ ନିକଟରୁ କୌଣସି ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। କ୍ରନିକ୍ ରୋଗପୀଡ଼ା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା କଷ୍ଟକର ହେବ। ତଥାପି ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ।

**ବିଛା** – ପୂର୍ବସ୍ଥିରୀକୃତ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ପ୍ରିୟଜନଙ୍କ ପରାମର୍ଶ ନେବା ଭଲ ହେବ। ଅର୍ଥ ସମ୍ପର୍କୀୟ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ବୃଥାଶଙ୍କା ଓ ଅସ୍ଥିରତା ଜନିତ କର୍ମକ୍ଷେତ୍ରର ଘଟଣାଗୁଡ଼ିକ ଅସାଧାରଣ ମନେ ହେବ। ପାରିବାରିକ ସ୍ତରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି।

**ଧନୁ** – ଦେବଗୁରୁଙ୍କ ପୃଷ୍ଠଦେଶରେ ପାପଯୁକ୍ତ ଅଷ୍ଟମାଧିପ ହେତୁ ସମ୍ପର୍କୀୟ ଚାହିଁଲେ ମଧ୍ୟ ଅନିଷ୍ଟ କରିପାରିବେ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ମହିଳା କାମ ହାସଲରେ ସମର୍ଥ ହେବେ।

**ମକର** – କର୍ମକ୍ଷେତ୍ରରେ ଅଟକି ରହିଥିବା ସକାଶେ ଫାଇଲ୍ କାମ ସମ୍ପନ୍ନ କରିବାରେ ସମର୍ଥ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବିବାଦର ଆଶଙ୍କା କରୁଥିବା ଘଟଣାରେ ସେମିତି କିଛି ହେବ ନାହିଁ।

**କୁମ୍ଭ** – ଯେତେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡ଼ିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ** – ପ୍ରତ୍ୟେକ ଦିଗରେ ଶୁଭଫଳ ପ୍ରଦାନ ସକାଶେ ଆଜିର ଅନୁକୂଳ ଗ୍ରହସ୍ଥିତି ରହିଛି। କିନ୍ତୁ ଦୂରଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସଭାସମିତି କ୍ଷେତ୍ରରେ ଉପକୃତ ହେବେ। ଜମିଜମା ସମ୍ବନ୍ଧୀୟ କେତେକ କାଗଜପତ୍ରକୁ କେନ୍ଦ୍ରକରି ଯୁକ୍ତିତର୍କର ସୂଚନା ରହିଛି।

ଆଜି ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ, ଆଷାଢ଼ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଦିବା ଘ.୦୮।୪୯ ଗତେ ରେବତୀ ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ନବମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୧ ଗତେ ଘ.୧୨।୧୬ ମି. ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୮।୩୨ ଗତେ ଘ.୧୦।୧୧ ମଧ୍ୟେ ରାହୁକାଳ ॥

**ରାଜ୍ୟ ସଭାରେ ଏନ୍‌ଇଇଟି ପ୍ରସଙ୍ଗ ଉଠାଇଲା ବିଜେଡି**

ଭୁବନେଶ୍ୱର,(ଅନିଲ ଦାସ): ରାଜ୍ୟ ସଭାରେ ପ୍ରଶ୍ନପତ୍ର ଲିକ୍ ବିରୋଧରେ ବିଜେଡି ସଦସ୍ୟମାନେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏନ୍‌ଇଇଟି ଜାଲିଆତି ଓ ପ୍ରଶ୍ନପତ୍ର ଲିକ୍ ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହା ଗୃହରେ ଆଲୋଚନା କରିବାକୁ ବିଜେଡି ଦାବି କରିଛି। ପ୍ରଥମେ ନିଜ ଆସନ ନିକଟରେ ଛିଡ଼ାହୋଇ ବିଜେଡି ସଦସ୍ୟମାନେ ପ୍ରତିବାଦ କରିଥିଲେ। ଅଧ୍ୟକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଗୃହର ମଧ୍ୟଭାଗକୁ ଆସି ଏନ୍‌ଇଇଟି ସମ୍ପର୍କରେ ଆଲୋଚନା ପାଇଁ ସେମାନେ ଦାବି କରିଥିବା ନେଇ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି।





ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟୁଛନ୍ତି।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ ଏବଂ ପ୍ରଭାତୀ ପରିଡ଼ା ସାକ୍ଷାତ କରୁଛନ୍ତି।

# ନୂଆ ଓଡ଼ିଶା ଗଠନରେ କେନ୍ଦ୍ରର ସହାୟତା ନୂତନ ଅଧ୍ୟାୟ ସୃଷ୍ଟି କରିବ:ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଓ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି। ଏଥିସହ ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷର କେନ୍ଦ୍ର ରୂପେ ବିକଶିତ କରିବା ଦିଗରେ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଓଡ଼ିଶାର ଜନଜାତିଙ୍କ ଉନ୍ନତି ଓ ପ୍ରଗତି ପାଇଁ ସହଯୋଗ କାମନା କରିଛନ୍ତି। ଜନଜାତିଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ଓ ସେଗୁଡ଼ିକର ଆଶୁ ସମାଧାନ ଦିଗରେ ଓଡ଼ିଶା ସରକାର ବଦ୍ଧପରିକର। ସେମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କେନ୍ଦ୍ରର ସହଯୋଗଭିତ୍ତିରେ ଓଡ଼ିଶା ସରକାର ଜନହିତକର କାର୍ଯ୍ୟ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳପଥ ସମ୍ପ୍ରସାରଣ ଓ ଅଧିକ ଅପହଞ୍ଚ ସ୍ଥାନକୁ ରେଳ ସଂଯୋଗ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ରଥଯାତ୍ରା ଅବସରରେ ଓଡ଼ିଶାକୁ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ରେଳ ମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଏ ବର୍ଷ ରଥଯାତ୍ରାକୁ ୩୧୫ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଗତବର୍ଷଠାରୁ ବହୁ ଅଧିକ ଏବଂ ଏହା ଦେଶର ପ୍ରାୟ ସବୁ ଅଞ୍ଚଳକୁ ସଂଯୋଗ କରିବ। ଏଥିସହିତ ୧୫ ହଜାର ଲୋକଙ୍କ ପାଇଁ ରହିବାର ବ୍ୟବସ୍ଥା ମଧ୍ୟ କରାଯିବ। ଏହି ସ୍ୱତନ୍ତ୍ର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋଏଲ ଏବଂ କେନ୍ଦ୍ର ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ସିଂ ଯାଦବଙ୍କୁ ସାକ୍ଷାତ କରି ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପସ୍ଥାପନ କରିବା ସହ ସଶକ୍ତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ସହଯୋଗ କାମନା କରିଛନ୍ତି।

ସମସ୍ତ କେନ୍ଦ୍ର ମନ୍ତ୍ରୀ ଓଡ଼ିଶାକୁ ଅଧିକ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏକ ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ଦିଗରେ କେନ୍ଦ୍ରର ସହଯୋଗ ଖୁବ୍ ସହାୟକ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ମୋହନ ଚରଣ ମାଝୀ ହଜାର ହଜାର ଜନସାଧାରଣଙ୍କୁ ସିଧାସଳଖ ଭେଟିବା ଓ ସେମାନଙ୍କ ସମସ୍ୟାକୁ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ତାଙ୍କୁ ସାଧାରଣ ଲୋକଙ୍କ ନେତା ଭାବେ ପ୍ରସିଦ୍ଧି ଆଣିଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ଓଡ଼ିଶାର ତ୍ୱରିତ ବିକାଶ ଦିଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସହଭାଗିତା ବୃଦ୍ଧି ପାଇବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

# ବଲେ ବଲେ ଢାବା ବନ୍ଦ ପାଇଁ ନୋଟିସ

**ଧର୍ମଶାଳାର ପୂର୍ବତନ ବିଧାୟକଙ୍କୁ ଟାର୍ଗେଟ କଲେ ହିମାଂଶୁ**

ଧର୍ମଶାଳା/କାଏମା,୨୮।୬
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ପ୍ରଶାସନ ପକ୍ଷରୁ ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା 'ବଲେ ବଲେ ଢାବା' ଏବଂ ରେଷ୍ଟୁରାଣ୍ଟ ବନ୍ଦ ପାଇଁ ନୋଟିସ କରାଯାଇଛି। ଶୁକ୍ରବାର ଢାବା ବନ୍ଦ ଥିବାବେଳେ ସେଠାରେ କୌଣସି କର୍ମଚାରୀ ନ ଥିଲେ। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଢାବାରେ ଲଟକା ଜାରି କରାଯାଇଛି। ଏହି ଢାବାଟି ସେଠାରେ ବେଆଇନଭାବେ ଚାଲିଥିବା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଅଭିଯୋଗ ପାଇ ନୋଟିସ ଜାରି କରିଛନ୍ତି। ୩ ଦିନ ମଧ୍ୟରେ ଢାବା ଖାଲି କରିବାକୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଛି।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ୨୪ ତାରିଖରେ ଧର୍ମଶାଳା ବ୍ଲକରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିଡିଓଙ୍କୁ ପଚାରି ବୁଝିଥିଲେ। ହେଲେ ବିଡିଓ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଏହାକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଥିବା ସଭାଗୃହ, ଜାରକା ଟ୍ୟାକ୍ସି ଷ୍ଟାଣ୍ଡ ପାଖରେ ଥିବା ସିଭିକ ସେଣ୍ଟର ଓ ନେଉଳପୁରସ୍ଥିତ ଧର୍ମଶାଳା ଭବନ କାହାକୁ କେଉଁ ସର୍ତ୍ତରେ ଲିଜ ଦିଆଯାଇଛି ସେ ସମ୍ପର୍କରେ ପଚାରିଥିଲେ। ଏଥିସହ




ଧର୍ମଶାଳା ଭବନ ପରିସରରେ ଥିବା ଏକ ଢାବା ବେଆଇନ ଭାବେ କରାଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିବା ପରେ ଢାବା ବନ୍ଦ କରିବାକୁ ବିଡିଓ ନୋଟିସ ଜାରି କରିଛନ୍ତି।

ବ୍ଲକ ପଞ୍ଚାୟତ ଅଧିକାରୀ ମାନଗୋବିନ୍ଦ ଧଳ କର୍ମଚାରୀଙ୍କ ସହ ବଲେ ବଲେ ଢାବାରେ ପହଞ୍ଚିଥିଲେ। ଢାବା ବନ୍ଦ ଥିବାରୁ ପଞ୍ଚାୟତ ଅଧିକାରୀ ନେଇଥିବା ନୋଟିସକୁ ହୋଟେଲ କାନ୍ଥରେ ମାରିଥିଲେ। ତେବେ କେଉଁ ଉଦ୍ଦେଶ୍ୟରେ ସରକାରୀ ତହବିଲରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସେଠାରେ ଏକ ଢାବା କରାଯାଇଛି ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏହି ଢ଼ାବାକୁ ଜଣେ ବିଜେଡି ନେତ୍ରୀ ପରିଚାଳନା କରୁଥିଲେ ବୋଲି କୁହାଯାଉଛି। ଢାବାଟିକୁ ୩ ଦିନ ମଧ୍ୟରେ ବନ୍ଦ କରିବା ଲାଗି ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିବାବେଳେ କେବେ ଏହି ଢାବା ବନ୍ଦ ହେଉଛି ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ସମସ୍ତଙ୍କ ଅପେକ୍ଷା ରହିଛି।

ଏ ସମ୍ପର୍କରେ ବିଡିଓ ବଳ କହିଛନ୍ତି, ଧର୍ମଶାଳା ଭବନ ଅକ୍ଷୟ ନାୟକ ନାମକ ବ୍ୟକ୍ତିଙ୍କୁ ନିଲାମ ଦିଆଯାଇଥିଲା। କିନ୍ତୁ ସେଠାରେ ନିର୍ମିତ ଢାବା ଓ ଲଜ୍ ଉପରେ ଅଭିଯୋଗ ଆସିବା ପରେ ଏହା ଉପରେ ନୋଟିସ କରାଯାଇଛି। ଏଥିପାଇଁ ତିନି ଦିନ ସମୟ ଦିଆଯାଇଛି। ପରେ ଏହା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବିଧାୟକ ସାହୁ ଏନେଇ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଟାର୍ଗେଟ କରି ଉଭୟ ଧର୍ମଶାଳା ଓ ରସୁଲପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଅନିୟମିତତା ଉପରେ ବର୍ଷିଛନ୍ତି। ସାହୁ କହିଛନ୍ତି, ବଲେ ବଲେ ଢାବା ସହିତ ଧର୍ମଶାଳା ଭବନରେ ୪ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଓ ୨ ସାଧାରଣ ପ୍ରକୋଷ୍ଠ ରହିଛି। ଏହା ସରକାରୀ ଅନୁଦାନରେ ହୋଇଥିଲେ ହେଁ କୌଣସି କାଗଜପତ୍ର ନ କରି ଭୁବନେଶ୍ୱରର ଜଣେ ବିଜେଡି ନେତ୍ରୀଙ୍କ ସ୍ୱାମୀଙ୍କ ନାମରେ ଏହି ଢାବା ଲିଜ୍ ଦିଆଯାଇଛି। ଏଠାରେ ରଙ୍ଗଶାଳା କରି ଟଙ୍କା କାରବାର କରୁଥିବା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବିଧାୟକ ସାହୁ ପ୍ରକାଶ କରିଛନ୍ତି।

## ସଭାପତି ଇସ୍ତଫା ଦେବା ନେଇ ଆଲୋଚନା କରିଥିଲେ: ଅଜୟ କୁମାର

ଭୁବନେଶ୍ୱର, ୨୮।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ସରକାର କ୍ଷମତାକୁ ଆସିଥିବା ବେଳେ ୨୦୧୯ ତୁଳନାରେ କଂଗ୍ରେସର ବିଧାୟକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ହେଲେ ଏ ପର୍ଯ୍ୟନ୍ତ କଂଗ୍ରେସ ବିଧାୟକ ଦଳ ନେତା ଚୟନରେ ପଛରେ ପଡ଼ିଯାଇଛି। ବିଧାୟକ ଦଳ ନେତା ପଦବୀକୁ ନେଇ କଂଗ୍ରେସ ଭିତରେ ଦ୍ୱନ୍ଦ୍ୱ ଚାଲିଥିବା ଜଣାପଡ଼ିଛି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଇସ୍ତଫା ନେଇ ମଧ୍ୟ ଦଳ ଭିତରେ ଆଲୋଚନା ଜୋର୍ ଧରିଲାଣି। ଏଭଳି ସ୍ଥିତିରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର କହିଛନ୍ତି, ବିଧାୟକ ଦଳ ନେତା କିଏ ହେବେ ତାକୁ ନେଇ ପ୍ରସ୍ତୁତ ରିପୋର୍ଟ ଏଆଇସିସି ସଭାପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ। ଅନ୍ୟପଟେ ପିସିସି ସଭାପତିଙ୍କ ଇସ୍ତଫାକୁ ନେଇ ଚାଲିଥିବା ଆଲୋଚନା ଉପରେ ଅଜୟ କୁମାର କହିଛନ୍ତି, ଶରତ ପଟ୍ଟନାୟକ ନିର୍ବାଚନ ପରେ ତାଙ୍କ ଇସ୍ତଫା ଦେବା ନେଇ କହିଦେଇଥିଲେ। ହେଲେ ସମୟ ଅନୁସାରେ ସବୁ ହେବ। ସେହିପରି ରାଜ୍ୟରେ ନିର୍ବାଚନ ବିପର୍ଯ୍ୟୟ ବିଷୟ ନେଇ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ପ୍ରଶ୍ନ ଉଠାଇଛନ୍ତି। ଅଜୟ କୁମାର କହିଛନ୍ତି, ଏ ପ୍ରସଙ୍ଗରେ ୨ ବରିଷ୍ଠ ଏଆଇସିସି ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ପାର୍ଲାମେଣ୍ଟ ଅଧିବେଶନ ଶେଷ ହେବା ପରେ ଏହା ଉପରେ ଆଲୋଚନା ହେବ।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଲାଗି ମେଳି

ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ)

**ଭବାନୀପାଟଣା ପୌରପାଳିକା**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, କାଉନ୍‌ସିଲରଙ୍କୁ ଉପେକ୍ଷା ଓ ମନଇଚ୍ଛା କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆଣି ପୌରାଧ୍ୟକ୍ଷାଙ୍କ ବିରୋଧରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ମେଳି ବାନ୍ଧୁଛନ୍ତି। ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସମସ୍ତ ୨୦ କାଉନ୍‌ସିଲର ଏ ନେଇ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି।

ଖବର ଅନୁଯାୟୀ, ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ନେଇ ଦୀର୍ଘଦିନ ହେଲା କାଉନ୍‌ସିଲରମାନେ ଅସନ୍ତୋଷ ଜାହିର କରିଆସୁଥିଲେ। ସରକାରୀ ନିୟମ ମୁତାବକ ଅଢେଇ ବର୍ଷ ପରେ ଅନାସ୍ଥାପ୍ରସ୍ତାବ ଗୃହୀତ ହୋଇପାରିବ। ଏବେ ଠିକ୍ ସମୟ ପହଞ୍ଚିବାରୁ କାଉନ୍‌ସିଲରମାନେ ତାଙ୍କ ଅସନ୍ତୋଷକୁ ଏହି ପ୍ରକ୍ରିୟାରେ ଜାହିର କରିଛନ୍ତି। ଏହାକୁ ନେଇ ସମସ୍ତ କାଉନ୍‌ସିଲରଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଭବାନୀପାଟଣା ପୌରପାଳିକାରେ ସମୁଦାୟ ୨୦ ୱାର୍ଡ ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୧୮ ଜଣ ବିଜେଡି କାଉନ୍‌ସିଲର ରହିଛନ୍ତି। ସେହିପରି ଜଣେ ଲେଖାଏ ଭାଜପା ଓ କଂଗ୍ରେସ କାଉନ୍‌ସିଲର ଅଛନ୍ତି। ଏ ନେଇ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ପୌରପାଳିକାରେ ସମସ୍ତ ଉନ୍ନୟନ କାମ ଠିକ୍ ଚାଲିଛି। କୌଣସି କାଉନ୍‌ସିଲରଙ୍କୁ ଉପେକ୍ଷା କରାଯାଉନାହିଁ। ତେବେ ସେମାନେ କ'ଣ ପାଇଁ ଏମିତି ଅଭିଯୋଗ କରିଛନ୍ତି ମୁଁ ଜାଣେ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ପୌର ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କୁ ପଚାରିବାରୁ କାଉନ୍‌ସିଲରଙ୍କୁ ଉପେକ୍ଷା ଓ ପୌରାଧ୍ୟକ୍ଷାଙ୍କ ପୁଅ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାରୁ ଏପରି କରାଯାଇଥିବା ପ୍ରକାଶ କରିଛନ୍ତି।



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **-ଶ୍ରୀମା**



# ବୈଦେଶିକ ସେବାରେ ମହିଳା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ରେ ମହିଳାଙ୍କ ସଂଖ୍ୟା ୨୦୧୪ରୁ ୨୦୨୨ ମଧ୍ୟରେ ୬.୬% ବୃଦ୍ଧି ପାଇ ବର୍ତ୍ତମାନ ୩୭.୮% ରହିଛି। ଉଲ୍ଲେଖନୀୟ ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଆଇଏଫ୍‌ଏସ୍‌ରେ ମହିଳାଙ୍କ ନିଯୁକ୍ତି ୪୦%ରୁ ଅଧିକ ଥିଲା। ହେଲେ କୂଟନୈତିକ ବୃତ୍ତିରେ ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ଅନେକ କିଛି କରିବାକୁ ହେବ। ଆଇଏଫ୍‌ଏସ୍‌ରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଚ୍ୟାଲେଞ୍ଜିଂ ନିଯୁକ୍ତିରୁ ବାଦ ଦିଆଯିବା ଏବଂ ବିବାହ ପାଇଁ ସରକାରୀ ଅନୁମୋଦନ ଆବଶ୍ୟକ ଭଳି ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିଲେ। ଏଭଳି ଅସମାନତା ବିରୋଧରେ ୧୯୭୯ରେ ସି.ବି. ମୁଥାମ୍ମା ଲଢ଼ିଥିଲେ ଓ ୧୯୮୦ ଦଶକରେ ଏଥିରେ ଉନ୍ନତି ଆସିଥିଲା, ତଥାପି ଆଇଏଫ୍‌ଏସ୍ ଅପେକ୍ଷାକୃତ ଏକ କ୍ଷୁଦ୍ର ସେବା ହୋଇ ରହିଛି। ତେବେ ନିଯୁକ୍ତି ସଂଖ୍ୟା ବଢ଼ିବା ଦ୍ୱାରା ମହିଳାମାନେ ଅଧିକ ସଂଖ୍ୟାରେ ସେବାରେ ଯୋଗ ଦେଉଛନ୍ତି। ଏଭଳି ସ୍ଥିତି ୨୦୧୫ରେ ଦେଖାଯାଇଥିଲା, ଯେତେବେଳେ ୧୭ ଜଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସମ୍ପ୍ରତି ମହିଳାମାନେ କେବଳ ୮ଟି ଭାରତୀୟ କୂଟନୈତିକ ଦୂତାବାସର ମୁଖ୍ୟ ରହିଛନ୍ତି, କିନ୍ତୁ ପ୍ରମୁଖ ରାଜଧାନୀରେ କେହି ନାହାନ୍ତି। ୨୦୦୮ ତୁଳନାରେ ଏହା ଏକ ବଡ଼ ହ୍ରାସ, ଯେତେବେଳେ ମହିଳାମାନେ ପ୍ରମୁଖ ପଦବୀ ସମେତ ୨୫ ରୁ ଅଧିକ ଦୂତାବାସର ନେତୃତ୍ୱ ନେଇଥିଲେ। ଏବେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ୭ଟି ଉଚ୍ଚସ୍ତରୀୟ ପଦବୀ ମଧ୍ୟରୁ କେବଳ ଗୋଟିଏରେ ଜଣେ ମହିଳା ଅଛନ୍ତି। ଆଇଏଫ୍‌ଏସ୍‌ରେ ପ୍ରକୃତ ଲିଙ୍ଗଗତ ସମାନତା ହାସଲ କରିବାକୁ ହେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ମହିଳାଙ୍କ ଉନ୍ନତି ଏବଂ ନେତୃତ୍ୱ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବାକୁ ହେବ ଏବଂ ଏଥିପାଇଁ ଗଠନମୂଳକ ତଥା ସାଂସ୍କୃତିକ ପ୍ରତିବନ୍ଧକକୁ ଦୂର କରିବାକୁ ପଡ଼ିବ।

### ତ୍ୱରିତ ନିଯୁକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସମୟ ନଷ୍ଟ କରୁନାହାନ୍ତି। ନୂତନ କେନ୍ଦ୍ର ମନ୍ତ୍ରୀମାନେ ଦାୟିତ୍ୱ ନେବା ପରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟକ୍ତିଗତ ସଚିବମାନଙ୍କୁ ଶୀଘ୍ର ନିଯୁକ୍ତ କରାଯାଉଛି। ନିଯୁକ୍ତିର ପ୍ରଥମ ପର୍ଯ୍ୟାୟରେ ନୀତିନ ଗଡକରୀ, ମନୋହରଲାଲ ଖଟ୍ଟର, ଗିରିରାଜ ସିଂ ଏବଂ ହରଦୀପ୍ ସିଂ ପୁରୀଙ୍କ ଭଳି କେନ୍ଦ୍ର ମନ୍ତ୍ରୀଙ୍କ ପାଇଁ ବ୍ୟକ୍ତିଗତ ସଚିବଙ୍କ ନାମ ଘୋଷଣା କରାଯାଇଥିଲା। ଏମାନେ ହେଉଛନ୍ତି ୨୦୧୦, ୨୦୧୧ ଏବଂ ୨୦୧୨ ଆଇଏଏସ୍ ବ୍ୟାଚର ସିନ୍ଦେ ଦୀପକ ଅର୍ଜୁନ, ରସାଲ ଦ୍ୱିବେଦୀ, ରମଣ କୁମାର ଏବଂ ବି.ବିଜୟ ଦତ୍ତ। କୌତୂହଳର ବିଷୟ ହେଉଛି, ମନ୍ତ୍ରୀଙ୍କଠାରୁ ଅଧିକ ତଥ୍ୟ ବା ସୂଚନା ବିନା ଏହି ନିଯୁକ୍ତି କରାଯାଇଥିଲା, ବିଶେଷକରି ଗଡ଼କରୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଘଟିଥିଲା। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ୬ଜଣ ଅଧିକାରୀଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କର୍ନାଟକ କ୍ୟାଡରର ଅନିରୁଦ୍ଧ ଶ୍ରବଣ ପୁଲିପାକାଙ୍କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ଘୋଷଣା ହେବା ପୂର୍ବରୁ ଅମଲାତନ୍ତ୍ର ଏବଂ ନୀତି ଆୟୋଗ ଅଧିକାରୀଙ୍କ ଦ୍ୱାରା ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ପାଇଁ ୧୦୦ ଦିନିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିବା ଯୋଗୁ ଏହି ନିଯୁକ୍ତି ତତ୍ପରତା ପ୍ରକାଶ ପାଇଛି। ଯୋଜନାଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ବୈଧାନିକ ଅନୁମୋଦନ କିମ୍ବା ପାଣ୍ଠି ଆସନ୍ତା ମାସରେ ଉପସ୍ଥାପିତ ହେବାକୁ ଥିବା ବଜେଟରେ ଜଣାପଡ଼ିବ।

### ଇଏମ୍‌ଆଇରେ ଲାଞ୍ଚ

ଗୁଜରାଟର ଅଧିକାରୀମାନେ ବର୍ତ୍ତମାନ ପୀଡ଼ିତଙ୍କ ଉପରେ ବୋଝ କମାଇବା ପାଇଁ ଇଏମ୍‌ଆଇ(ଇକ୍ୱେଟେଡ୍ ମନ୍ଥଲି ଇନଷ୍ଟଲମେଣ୍ଟ) ଆଧାରରେ ଲାଞ୍ଚ ଗ୍ରହଣ କରୁଛନ୍ତି। ଏହି ବାବୁମାନେ ବୋଧହୁଏ ବ୍ୟାଙ୍କିଂ ସିଷ୍ଟମରୁ ଏକ ଲିଖିତ ନିର୍ଦ୍ଦେଶ ନେଇଛନ୍ତି, ଯାହା ନାଗରିକମାନଙ୍କୁ ସହଜ କିସ୍ତିରେ ଲାଞ୍ଚ ଦେବାକୁ ଅନୁମତି ଦେଇଛି । ଆପଣଙ୍କୁ ଲାଞ୍ଚ ଦେବାକୁ ଥିଲେ ତାହାକୁ ଏକାଥରକେ ନ ଦେଇ ବର୍ତ୍ତମାନ ଅନେକ ମାସ ମଧ୍ୟରେ ଏହା ଦେଇପାରିବେ। ଉଦାହରଣ ସ୍ୱରୂପ, ଚଳିତ ବର୍ଷ ପ୍ରାରମ୍ଭରେ ରାଜ୍ୟ ଜିଏସ୍‌ଟି ବୋଗସ ବିଲିଂ ସ୍କାମ୍‌ରେ ଜଡିତ ଜଣେ ବ୍ୟକ୍ତିଙ୍କ ଠାରୁ ୨୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରାଯାଇଥିଲା। ଖୁସିର କଥା, ୯ ମାସ ପାଇଁ ମାସକୁ ୨ ଲକ୍ଷ ଟଙ୍କା ଦେବାର ଏକ ଇଏମ୍‌ଆଇ ଯୋଜନା ମିଳିଗଲା । ସେହିଭଳି ଜଣେ ସାଇବର କ୍ରାଇମ୍ ୟୁନିଟ୍ ଅଧିକାରୀ ଜଣଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବିକରି ତାହା ୪ଟି କିସ୍ତିରେ ଗ୍ରହଣ କରିଥିବା ଜଣାପଡ଼ିଥିଲା। ସୁରଟରେ ଜଣେ ଡେପୁଟି ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଦସ୍ୟ ଜଣେ ଗ୍ରାମବାସୀଙ୍କ ଚାଷ ଜମିକୁ ସମାନ କରିବା ପାଇଁ ତାଙ୍କୁ ୮୫,୦୦୦ ଟଙ୍କା ମାଗିଥିଲେ। କିନ୍ତୁ ଗ୍ରାମବାସୀଙ୍କ ଆର୍ଥିକ ସ୍ଥିତିକୁ ଦେଖି ସେମାନେ ଏକ ଇଏମ୍‌ଆଇ ବିକଳ୍ପ ପ୍ରଦାନ କରିଥିଲେ, ଯେଉଁଥିରେ ପ୍ରଥମେ ୩୫,୦୦୦ ଟଙ୍କା ଦେଇଥିଲେ ଓ ବାକି ଟଙ୍କା ୩ଟି କିସ୍ତିରେ ଦେବାକୁ ସ୍ଥିର କରାଯାଇଥିଲା। ଏକ ନାଟକୀୟ ଘଟଣା କ୍ରମରେ ଦୁଇ ପୋଲିସ ଅଧିକାରୀ ସେମାନେ ସାବରକାନ୍ତ ଜିଲାର ଜଣେ ବାସିନ୍ଦାଙ୍କଠାରୁ ପ୍ରଥମ କିସ୍ତିରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ ଓ ତାଙ୍କ ଠାରୁ ୪ ଲକ୍ଷ ନେଇ ଅବଶିଷ୍ଟ ଟଙ୍କା ପାଇଁ ଅପେକ୍ଷା ନ କରି ପଳାଇଯାଇଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ, ଚଳିତ ବର୍ଷ ଅତି କମ୍‌ରେ ୧୦ଟି ଏମିତିକା ମାମଲା ରୁଜୁ ହୋଇଛି । ତେବେ ବର୍ତ୍ତମାନ ଦେଶର ଅବଶିଷ୍ଟ ରାଜ୍ୟଗୁଡ଼ିକ ଗୁଜରାଟ ମଡେଲର ଲୁକ୍କାୟିତ ଦିଗଗୁଡ଼ିକ ବିଷୟରେ ଜାଣିବାକୁ ପାଉଛନ୍ତି।

Email: dilipcherian@gmail.com

# ସଭ୍ୟତାର ପ୍ରତାରଣା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଆଦିମ ମାନବ ଅରଣ୍ୟରେ ରହୁଥିଲା ଓ ପଶୁପକ୍ଷୀ ଶିକାର କରି ସେମାନଙ୍କ ମାଂସ ଖାଇ ବଞ୍ଚୁଥିଲା। ସେ ପଶୁବତ୍ ଉଲଗ୍ନ ରହୁଥିଲା ଓ ପ୍ରବୃତ୍ତିଗତ ଜୀବନଯାପନ କରୁଥିଲା। କ୍ରମେ ସେ ପୋଷାକ ପିନ୍ଧି ନିଜକୁ ସୁନ୍ଦର ମଣିଲା। ଜୀବନକୁ ଉନ୍ନତ କରିବା ପାଇଁ ସେ ନୂଆ ନୂଆ କଥା ଚିନ୍ତା କଲା। ଫଳରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ସମ୍ଭବ ହେଲା। ସେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଆଇନ ତିଆରି କଲା ଓ ତାକୁ ମାନି ଚଳିଲା। ଏହି ପ୍ରକ୍ରିୟାରେ ବର୍ବର ମଣିଷ ସଭ୍ୟ ହେଲା। ଏଣୁ ପ୍ରଖ୍ୟାତ ଚିନ୍ତାନାୟକ ସି.ଇ.ଏମ୍. ଜୋଡ୍ କହିଲେ, ଯିଏ ସୁନ୍ଦର ପଦାର୍ଥ ସୃଷ୍ଟି କରିପାରେ, ମୁକ୍ତ ଭାବରେ ନୂଆ ନୂଆ କଥା ଚିନ୍ତା କରିପାରେ ଓ ଆଇନ ମାନି ଚଳେ ସେ ସଭ୍ୟ। ଏହି ପରିଭାଷା ଅନୁଯାୟୀ ଏକବିଂଶ ଶତାବ୍ଦୀର ମଣିଷକୁ ସଭ୍ୟ କୁହାଯାଇପାରେ। ମାତ୍ର ତା'ର ଏହି ସଭ୍ୟତା ଯେ ବର୍ବରତାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ ତାହା ପ୍ରମାଣ କରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କଥିତ ଏକ ମଜା କଥା। ଜଣେ ଧର୍ମପ୍ରଚାରକ ଏକ ଅନୁନ୍ନତ ଅଞ୍ଚଳରୁ ଫେରି କହୁଥାନ୍ତି ''ମୁଁ ସେ ଅଞ୍ଚଳର ସମସ୍ତ ଅସଭ୍ୟ ମଣିଷକୁ ସଭ୍ୟ କରିଦେଇଛି।'' ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଜଣେ ପରିବ୍ରାଜକ ସେହି ଅଞ୍ଚଳରୁ ଫେରି ସେହି ଧର୍ମପ୍ରଚାରକଙ୍କୁ କହିଲେ, ''ମହାଶୟ, ମୁଁ ଦେଖିଲି ସେ ଅଞ୍ଚଳରେ ଏବେ ବି ଲୋକ ନରମାଂସ ଖାଉଛନ୍ତି। ଆପଣ ସେମାନଙ୍କୁ ସଭ୍ୟ କରିଦେଲେ ବୋଲି କେମିତି କହୁଛନ୍ତି ?'' ଧର୍ମପ୍ରଚାରକ ଉତ୍ତର ଦେଲେ, ''ସେମାନେ ନରମାଂସ ଖାଉଥାଇପାରନ୍ତି, ମାତ୍ର ପୂର୍ବର ଅସଭ୍ୟ ଅଭ୍ୟାସ ଅନୁସାରେ ସେମାନେ ହାତରେ ଖାଉନାହାନ୍ତି, କଣ୍ଟା ଚାମଚରେ ଖାଉଛନ୍ତି।'' ଧର୍ମପ୍ରଚାରକଙ୍କ ପରିଭାଷାରେ ସେମାନେ ସଭ୍ୟ ହୋଇଥାଇପାରନ୍ତି, ମାତ୍ର ସେମାନେ ଏବେ ବି ସେହି ଆଦିମ ପ୍ରବୃତ୍ତି ଦ୍ୱାରା ପରିଚାଳିତ। ହିଂସାଚରଣ ବା ବର୍ବରତାର ଇତିହାସ ଦୀର୍ଘ। ପଶୁମାନଙ୍କ ହିଂସାଚରଣ ପ୍ରବୃତ୍ତିଗତ ମାତ୍ର ମଣିଷର ହିଂସାଚରଣ ଏକ ସଚେତଆବେଗ। ସେ କେତେବେଳେ କ୍ଷମତା ଲୋଭରେ ତ କେତେବେଳେ ଧନସମ୍ପଦ ଲୋଭରେ ଓ ଆଉ କେତେବେଳେ କାମନା ବାସନାର ପରିପୂର୍ତ୍ତି ପାଇଁ ହିଂସାଚରଣ କରେ। ଆଧୁନିକ ତଥାକଥିତ ସଭ୍ୟ ମଣିଷ ଅତୀତର ଅସଭ୍ୟ ମଣିଷଠାରୁ ବେଶି ହିଂସ୍ର। ସେ ଆଧୁନିକ ସ୍ୱୟଂଚାଳିତ ବନ୍ଧୁକ ବ୍ୟବହାର କରି, ଦୂର ନିର୍ଦ୍ଦେଶିତ ବିସ୍ଫୋରଣ କରି ଖୁବ କମ୍ ସମୟରେ ଅସଂଖ୍ୟ ଲୋକଙ୍କୁ ହତ୍ୟା କରୁଛି। ଏଣୁ ମଣିଷର ଚେତନା ନିହିତ ହିଂସାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ଦୃଷ୍ଟିରୁ ଆଧୁନିକ ମଣିଷ ସଭ୍ୟ ହେଲା କିପରି ତାହା ବିତର୍କର ବିଷୟ।

ଆଧୁନିକ ମଣିଷର କ୍ଷମତା ପିପାସା, ଶଠତା ଶୋଷଣ, ଲୁଣ୍ଠନ, ଦୁର୍ବଳ ଉପରେ ଅତ୍ୟାଚାର ଓ ହିଂସାଚରଣ ଦେଖିଲେ ତାକୁ ସଭ୍ୟ କୁହାଯିବା କେତେ ଯଥାର୍ଥ ତାହା ପୁନଃବିଚାର୍ଯ୍ୟ। ଦିନେ ବିଶିଷ୍ଟ



ଲେଖକ ସୁରେନ୍ଦ୍ର ମହାନ୍ତିଙ୍କୁ ଏ ସମ୍ପର୍କରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା ଦୁଇଟି ସାଧାରଣ ଘଟଣା। ଗାଁରେ ପଡ଼ିଶା ଘରେ ଗୋଟିଏ ଗାଈ ବାରମ୍ବାର ହମ୍ବାରଡ଼ି କରୁଥାଏ। ଲେଖକ ତାଙ୍କ କ୍ଷୀରବାଲା ଗୁଆଲାକୁ ହମ୍ବାରଡ଼ିର କାରଣ ପଚାରନ୍ତେ ସେ କହିଲା, ''ଗାଈଟା ବାଛୁରିକୁ ଖୋଜୁଛି କ୍ଷୀର ଦେବା ପାଇଁ। ଗାଈ ମାଲିକ ବାଛୁରିକୁ ତା' ମା ଠାରୁ ଦୂରେଇ କେଉଁଠି ବାନ୍ଧି ରଖିଛି। ଗାଈ ପହ୍ନାରେ କ୍ଷୀର ଭିଡ଼େଇବା ବେଳେ ଗାଈକୁ କଷ୍ଟ ହେଉଛି। ସେ ତା'ର ବାଛୁରିକୁ ଖୋଜୁଛି ପହ୍ନାରୁ କ୍ଷୀର ପିଆଇ ଦେଲେ, କଷ୍ଟ ରହନ୍ତା ନାହିଁ। ହେଲେ ବାଛୁରିକୁ ପାଉନାହିଁ।'' ଲେଖକ ବାଛୁରିକୁ ଦୂରେଇ ରଖିବାର କାରଣ ପଚାରନ୍ତେ ଗୁଆଲା କହିଲା, ''ବାଛୁରି ତ ସବୁ କ୍ଷୀର ପିଇଯିବ-ମାଲିକ ପାଇବ କ'ଣ ? ବିକିବ କ'ଣ ?'' ମୂକ ଅସହାୟ ଗାଈକୁ ଶୋଷଣ କରୁଥିବା ଆଧୁନିକ ମଣିଷର ବ୍ୟବହାର ଲେଖକଙ୍କୁ ମନେ ପକାଇଦେଲା ତାଙ୍କ ଫୁଲବାଣୀ ରହଣିର ଆଉ ଏକ ଅଭିଜ୍ଞତା। ସେ ବେଲଘର ଅଞ୍ଚଳର ରେଭିନ୍ୟୁ ସେଡ଼ରେ ରହିଥାନ୍ତି। ସକାଳେ ଚା' କପେ ପିଇବା ପାଇଁ ତାଙ୍କ ଇଚ୍ଛା ହେବାରୁ ସେ ଚୌକିଦାରକୁ କ୍ଷୀର ଆଣିବା ପାଇଁ କହିଲେ। ଚୌକିଦାର କହିଲା, ''ଏ ଅଞ୍ଚଳର ଲୋକେ କ୍ଷୀର ଖାଆନ୍ତି ନାହିଁ। ତେଣୁ ସେମାନେ ଗାଈ ରଖନ୍ତି ନାହିଁ।'' ଆଶ୍ଚର୍ଯ୍ୟ ହେଲେ ଲେଖକ। ସେ କହିଲେ, ''ସେମାନେ ନ ଖାଆନ୍ତୁ, ଅନ୍ତତଃ ତାକୁ ବିକ୍ରି କରି ଦି' ପଇସା ରୋଜଗାର କରିପାରନ୍ତେ।'' ତାଙ୍କୁ ଆହୁରି ଚକିତ କରିଥିଲା ଚୌକିଦାରର ପରବର୍ତ୍ତୀ କଥା। ସେ କହିଲା, ''ଏଠାକାର କନ୍ଧମାନେ କହନ୍ତି କ୍ଷୀର ଉପରେ ବାଛୁରିର ଅଧିକାର। ସେମାନେ ବାଛୁରି ମୁହଁରୁ ତା'ର ଆଧାର ଛଡ଼େଇବେ କାହିଁକି? ସେମାନେ କ୍ଷୀର ଦୁହନ୍ତି ନାହିଁ। ବାଛୁରି କ୍ଷୀର ପିଇଯାଏ।'' ଏହି ପ୍ରସଙ୍ଗରେ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କ ମନ୍ତବ୍ୟ ହେଉଛି- ''ସବୁ ସଭ୍ୟତାର ଭିତ୍ତି ହେଉଛି ଶୋଷଣ ଓ ଲୁଣ୍ଠନ। ଦୁର୍ବଳକୁ ଶୋଷଣ କରି ଗଡ଼ିଉଠେ ସବୁ ସଭ୍ୟତାର ମୀନାର। ମଣିଷ ହେଉଛି ମଣିଷର ସବୁଠାରୁ ବଳି ଶୋଷକ। ସିଏ ରାଷ୍ଟ୍ର ହେଉ, ସାହୁକାର ମହାଜନ ହେଉ, ସବୁ ପ୍ରକାର ଭେଦ ମାତ୍ର। ସେଇଦିନୁ ମୁଁ ଭାବି ଆସୁଛି ମଣିଷ ଯଦି କେଉଁଦିନ ଅଭିବ୍ୟକ୍ତିର କୌଣସି ଏକ ପର୍ଯ୍ୟାୟରେ ଆଦର୍ଶ ସଂସ୍କୃତି ସମ୍ପନ୍ନ ମଣିଷ ହୋଇପାରେ, ତା'ହେଲେ ସେ ହେବ ଜଣେ ଲେଙ୍ଗୁଟି ପିନ୍ଧା ଆଦିବାସୀ। ଅବଶ୍ୟ ତା'ଠାରେ ରହିବ ଶୁଚିବୋଧ, ଶିକ୍ଷା ଓ ସଂସ୍କୃତି। ସେଇଦିନ କେବଳ ଶୋଷଣମୁକ୍ତ ସମାଜ ସମ୍ଭବ ହୋଇପାରିବ। କିନ୍ତୁ ସେ ଶିକ୍ଷା ଓ ସଂସ୍କୃତି-ସମ୍ପନ୍ନ ହେବାପରେ ପୁଣି ଯେ ଏକ ଶୋଷକ ସାଜି, ଗାଈ ଦୁହିବା ପାଇଁ ବାଛୁରିକୁ ଅଲଗା କରି ନ ରଖିବ, ତା'ର କେଉଁ ସ୍ଥିରତା ଅଛି ? ସଭ୍ୟତା ପ୍ରକୃତରେ ଏକ ଅଭିଶାପ।''

ଆଉଦିନେ ଦୁଇଜଣ ଆଦିବାସୀ ମହୁ ସଂଗ୍ରହକାରୀଙ୍କ ପାଖରୁ ଲେଖକ ମାତ୍ର ପନ୍ଦର ଟଙ୍କାରେ କିଣିଥିଲେ ଗୋଟିଏ ଠେକି ଖାଣ୍ଟି ମହୁ। ଦିଆସିଲି କାଠି ମାରି ମହୁକୁ ଜାଳି ତା'ର ଖାଣ୍ଟିତ୍ୱ ପରୀକ୍ଷା କରିଥିଲେ। ସେମାନେ ଥିଲେ ନିରକ୍ଷର ଓ ବେଶଭୂଷାରେ ଅର୍ଦ୍ଧଅନାବୃତ୍ତ। ସେମାନେ ଲେଖକ ଦେଇଥିବା ଦଶଟଙ୍କିଆ ଓ ପାଞ୍ଚଟଙ୍କିଆ ନୋଟକୁ ଆଙ୍ଗୁଠିରେ ମାପି ଚିହ୍ନିଥିଲେ। ଗୋଟିଏ ବର୍ଷ ପରେ ସେମାନେ ଆସିଥିଲେ ଲେଖକଙ୍କ ସହରକୁ ମହୁ ବିକ୍ରୟ କରିବା ପାଇଁ। ପ୍ରଥମ ଥର ସେମାନେ ପିନ୍ଧିଥିଲେ ଖଣ୍ଡେ ଖଣ୍ଡେ କାଛିଆ। ମାତ୍ର ଏଥର ପିନ୍ଧିଥିଲେ ଧୋତି ଓ ରଙ୍ଗିନ ଗେଞ୍ଜି। ଏଥର ସେମାନେ ସେତକ ମହୁକୁ ଚାଳିଶ ଟଙ୍କା ନେଲେ ଓ ଆଙ୍ଗୁଠିରେ ନୋଟ୍ ନ ମାପି ତା'ର ଚେହେରାରୁ ନୋଟଗୁଡ଼ିକୁ ଚିହ୍ନି ପାରିଥିଲେ। ମାତ୍ର ଲେଖକ ଲକ୍ଷ୍ୟ କଲେ ଏଥରର ମହୁରେ ପୂର୍ବବର୍ଷର ମହୁର ସୁଗନ୍ଧ ନ ଥିଲା। ସେଥିରେ କିଛି ଗୁଡ଼ପାଣି ମିଶିଥିବା ଭଳି ମନେ ହେଉଥିଲା। ତୃତୀୟ ବର୍ଷ ସେମାନେ ପୁଣି ଆସିଲେ। ଦେଖାଯାଉଥିଲେ ପୂର୍ବାପେକ୍ଷା ଅଧିକ ଶିକ୍ଷିତ ଓ ମାର୍ଜିତ। ଲେଖକ ପୁଣି ସେମାନଙ୍କଠାରୁ ମହୁ କିଣିବା ବେଳେ ତା'ର ବିଶୁଦ୍ଧତା ପରୀକ୍ଷା କରିବା ପାଇଁ ଦିଆସିଲି କାଠି ମାରିଲେ। ମାତ୍ର ମହୁ ଜଳିଲା ନାହିଁ। ଲେଖକ ବିରକ୍ତ ହୋଇ କହିଲେ, ''ତୁମ ମହୁ ଭେଜାଲ''। ସେମାନଙ୍କ ମଧ୍ୟରୁ ଜଣେ କହିଲା, ''ବାବୁ, ଆଉ ଖାଣ୍ଟି ଜିନିଷ କାହିଁ ? ଆଜିକାଲି ସବୁକିଛି ଭେଜାଲ୍। ଏଣୁ ସେଦିନର ଖାଣ୍ଟି ମହୁ ଆଜି ମିଳିବ କିପରି ?'' ଏହି ଅଭିଜ୍ଞତା ଲେଖକଙ୍କୁ ସଭ୍ୟତାର ନୂତନ ସଂଜ୍ଞା ଖୋଜିବାକୁ ବାଧ୍ୟ କରିଥିଲା। ପ୍ରଥମ ସାକ୍ଷାତ ସମୟରେ ଯେଉଁ ଆଦିବାସୀମାନେ ଥିଲେ ନିରକ୍ଷର, ବନ୍ୟ ଓ ଅମାର୍ଜିତ ସମୟର ଗତିରେ ସେମାନେ ହେଲେ ଶିକ୍ଷିତ ଓ ମାର୍ଜିତ। ସଭ୍ୟ ହେବା ପଥରେ ସେମାନେ ଆଗେଇଲେ, ମାତ୍ର ତାଙ୍କ ଚରିତ୍ରର ଗୁଣାତ୍ମକ ଅଧୋଗତି ଓ ବିକୃତି ମଧ୍ୟରେ। ଏଣୁ ସୁରେନ୍ଦ୍ର ମହାନ୍ତି ତାଙ୍କ 'ଶେଷସ୍ତମ୍ଭ' ରେ ଲେଖିଲେ ସଭ୍ୟତାର ଅନ୍ୟନାମ ହେଉଛି ବିକୃତି ଓ ଶଠତା।

**ମୋ:୯୪୩୭୩୨୯୨୬୩**

# ପୋଲିସର ନିରଙ୍କୁଶ ଗିରଫ କ୍ଷମତା



ହରିଶଙ୍କର ମିଶ୍ର

କବିବର ରାଧାନାଥ ରାୟ ଦେଶ ସ୍ୱାଧୀନ ହେବାର ବହୁବର୍ଷ ଆଗରୁ ଦରବାର କାବ୍ୟରେ ଲେଖିଥିଲେ ଯେ ''କିଏ କହେ ମୁହିଁ ଅଟଇ ପୋଲିସ। ବିନା ମେଘେ ସୃଜି ପାରଇ କୁଳୀଶ।'' ଇଂରେଜମାନଙ୍କ ଶାସନ ସମୟରେ ନିଯୁକ୍ତ ପୋଲିସ ମୁଖ୍ୟତଃ ସାଧୀନତା ସଂଗ୍ରାମୀ ବା ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନକାରୀମାନଙ୍କୁ ଦମନ କରିବା ପାଇଁ ନିର୍ମମ ଅତ୍ୟାଚାର କରୁଥିଲେ। ଦେଶ ସ୍ୱାଧୀନ ହେବାପରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ଶାସନ କଲେ। କିନ୍ତୁ ବ୍ରିଟିଶ ଶାସନାଧୀନ ପୋଲିସଙ୍କର ଚରିତ୍ର ଯାହା ଥିଲା ସ୍ୱାଧୀନତାର ଅମୃତ ମହୋତ୍ସବ ଅବଧି ପାଳନ ସତ୍ତ୍ୱେ ସେମାନଙ୍କର ମାନସିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇପାରିନାହିଁ। ଏଥିପାଇଁ ମାନବାଧିକାର କମିଶନଙ୍କ ପାଖରେ ସର୍ବାଧିକ ଅଭିଯୋଗ ପୋଲିସ ବିରୁଦ୍ଧରେ ରହିଛି। କମିଶନଙ୍କ ଅନେକ ପ୍ରତିକୂଳ ମନ୍ତବ୍ୟ ସହ ବିଭିନ୍ନ ସଙ୍ଗଠନ ଦ୍ୱାରା ବିଭିନ୍ନ ଘଟଣାରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ବିରୋଧ ସତ୍ତ୍ୱେ ସେମାନେ ଖାକି ପୋଷାକ ପିନ୍ଧି ଦେଲେ ନିଜକୁ ସର୍ବେସର୍ବା ମନେ କରୁଛନ୍ତି। ଆମର ଲୋକମୁଖରେ କୁହାଯାଉଥିଲା 'ମାଛ ଖାଇବ ଇଲିଶି ଚାକିରି କରିବ ପୁଲିସ' କଥାଟି ସେଥିପାଇଁ ଏବେ ବି ଗୁରୁତ୍ୱ ବହନ କରୁଛି। ସରକାରୀ ସ୍ତରରେ ପୋଲିସ୍‌ର ମାନସିକତା ପରିବର୍ତ୍ତନ ଓ ଥାନାରେ ଅଭିଯୋଗକାରୀଙ୍କ ତିକ୍ତ ଅନୁଭୂତି ପ୍ରଶମନ ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ବି ତାହା ଉପରେ ପ୍ରାଥମିକ ଅବସ୍ଥାରେ ତତ୍ପରତା ଦେଖାଯାଏ ଏବଂ ସମୟକ୍ରମେ ଲୋକଦେଖାଣିଆ ଓ ପ୍ରହସନରେ ପରିଣତ ହୋଇଥାଏ। ଏବେ ଖାକି ପୋଷାକଧାରୀଙ୍କ ପାଖରେ ମାନବିକତା ହାର ମାନୁ ଥିବା ବେଳେ ଲୋକଙ୍କ ମନରେ ପୋଲିସ ପ୍ରତି ଘୃଣା ଭାବ ସମ୍ପୂର୍ଣ୍ଣ ଅପସାରିତ ହୋଇନାହିଁ। ସେମାନଙ୍କର ଚାକିରି ଆରମ୍ଭରୁ ଆଇନଶୃଙ୍ଖଳା ରକ୍ଷା ଓ ଦେଶର ସମ୍ବିଧାନକୁ ସମ୍ମାନ ଦେବାର ଅଙ୍ଗୀକାର ବଦ୍ଧତା କେବଳ ଔପଚାରିକ ହୋଇଯାଇଛି। ଲାଞ୍ଚ ନେଇ ଧରାପଡ଼ିବା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଥାନାରେ ବର୍ବରତା ପ୍ରଦର୍ଶନ ଯୋଗୁ ଅନେକ ପୋଲିସ ଅଧିକାରୀ ଦଣ୍ଡିତ ହୋଇଥିଲେ ମଧ୍ୟ ଏହା ବିଭାଗୀୟ ଅନ୍ୟ ଅଧିକାରୀ ବା କର୍ମଚାରୀଙ୍କୁ ପୂର୍ଣ୍ଣ ପ୍ରଭାବିତ କରିପାରୁ ନାହିଁ। ରାଜ୍ୟରେ ଗତ ସରକାର ସମୟରେ ମୋ ସରକାର ନାମରେ ଯେଉଁ କାର୍ଯ୍ୟ ଆରମ୍ଭ ହୋଇ ପୋଲିସକୁ ଲୋକଙ୍କ ନିକଟତର କରିବା ସହ ଥାନା ପ୍ରତି ରହିଥିବା ବିତୃଷ୍ଣାଭାବ ଦୂର ପାଇଁ ପ୍ରୟାସ କରାଯାଇ ଥିଲା ତାହା ପୋଲିସ ପ୍ରତି ଲୋକଙ୍କ ମନରେ ଆସ୍ଥା ନ ଥିବା ସ୍ପଷ୍ଟ କରୁଥିଲା ; ଯାହା କି କ୍ରମେ କ୍ରମେ ପୋଲିସର ସହଜାତ ପ୍ରକୃତି ଯୋଗୁ ପ୍ରହସନ ହୋଇଗଲାଣି ବୋଲି ଅନୁଭବୀମାନେ ଜାଣିଛନ୍ତି। ଏହାର ଏକମାତ୍ର କାରଣ ହେଉଛି ସେମାନେ ସାମାଜିକ କର୍ତ୍ତବ୍ୟ ଅପେକ୍ଷା ରାଜନୈତିକ ତୁଷ୍ଟିକରଣକୁ ଅଧିକ ଗୁରୁତ୍ୱ ଦିଅନ୍ତି ବା ଦେବାକୁ ସୁଯୋଗ ଭାବେ ଗ୍ରହଣ କରନ୍ତି। ସେଥିପାଇଁ ପୋଲିସ ରାଜନୈତିକ ବଶମ୍ୱଦରେ ରହୁଥିବା ପର୍ଯ୍ୟନ୍ତ ଏହାର ପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ।



ପ୍ରତିପକ୍ଷଙ୍କୁ ଆପରାଧିକ ଓ ଆଇନର ଜାଲରେ ଛନ୍ଦି ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ପୋଲିସକୁ ବ୍ୟବହାର କରାଯିବା ଆମର ଅଲିଖିତ ପରମ୍ପରା ହୋଇଯାଇଛି। ପୋଲିସ ଯେତେ ଅପରାଧ କଲେ ତାକୁ ବିରୋଧ କରୁଥିବା ଅଭିଯୋଗକାରୀ ନିର୍ଯାତିତ ହେବା ନିଶ୍ଚିତ। ଯେବେଠାରୁ ପୋଲିସ ବା କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ 'ଆମ ଲୋକ' ପଦର ବିଲୁପ୍ତି ନ ହୋଇଛି ସେପର୍ଯ୍ୟନ୍ତ ଏହି ପରମ୍ପରା ନିଶ୍ଚିତ ଚାଲିଥିବ, ଏଥିରେ ସନ୍ଦେହ ନାହିଁ।

ଆମର ଆଇନ ସମସ୍ତଙ୍କ ପାଇଁ ସମାନ କେବଳ କଥାରେ ସୀମିତ। ଯେଉଁ ଅଭିଯୋଗ ଆଧାରରେ କୌଣସି ରାଜନୈତିକ ବା ପୋଲିସ ଆକ୍ରୋଶର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅଭିଯୋଗ ଆଧାରରେ ଗିରଫ କରାଯାଏ ତା' ଠାରୁ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଧନ ବା କ୍ଷମତାରେ ପ୍ରତିପତ୍ତିଶାଳୀ ନତୁବା ପୋଲିସର ସମ୍ପର୍କୀୟ ବ୍ୟକ୍ତିଙ୍କୁ ତଦନ୍ତ ଆଳରେ ସୁରକ୍ଷା ଦିଆଯାଇଥାଏ। ସେମାନେ ଉଚ୍ଚନ୍ୟାୟାଳୟଠାରୁ ଆଗୁଆ ଜାମିନ ମଧ୍ୟ ପାଇଥାନ୍ତି। କାରଣ ଅଧିକ ଟଙ୍କାରେ ନିଯୁକ୍ତ ନାମୀ ଓକିଲ ଆଇନର ଗଳାବାଟ ସୃଷ୍ଟି କରିପାରନ୍ତି। ଆମ ବିଚାର ପ୍ରକ୍ରିୟାରେ ପ୍ରଥମ ଜାମିନ ଦରଖାସ୍ତକୁ ଅଭିଯୋଗର ଆପରାଧିକ ଦଫା ଅନୁଯାୟୀ ବିଚାର ହୋଇଥାଏ। ସେଥିପାଇଁ ଆଇନ ବ୍ୟବସ୍ଥାର ଦୁରୁପଯୋଗ କରି ପୋଲିସ ପ୍ରଶାସନ ଯେପରି ଉଦ୍ଦେଶ୍ୟମୂଳକ ଗିରଫ କରିପାରେ ତା'ର ଉଦାହରଣର ଅଭାବ ନାହିଁ। ରାଜନୈତିକ ସ୍ୱାର୍ଥସାଧନ ପାଇଁ ପୋଲିସ ମିଥ୍ୟା ଅଭିଯୋଗ ସୃଷ୍ଟି କରି କଠୋର ଦଫାରେ ମାମଲା କରନ୍ତି ବା ଆବଶ୍ୟକ ସ୍ଥଳେ ନିଜେ ଅଭିଯୋଗକାରୀ ହୋଇପାରନ୍ତି। କିନ୍ତୁ ଅପରାଧ କରିଥିବା ବ୍ୟକ୍ତି ଯଦି ପୋଲିସଙ୍କ ସମ୍ପର୍କୀୟ ହୋଇଥାନ୍ତି ନତୁବା ଅର୍ଥ କିମ୍ବା କ୍ଷମତା ଚାପରେ ଦଫାକୁ କୋହଳ କରାଯାଏ। ଅଣ୍ଡା ମାଡ଼କୁ ହତ୍ୟା ଉଦ୍ୟମ, କଳାପତାକା ପ୍ରଦର୍ଶନକୁ ଦେଶଦ୍ରୋହ, ସାଧାରଣ ସ୍ଥାନକୁ ଅନଧିକାର ପ୍ରବେଶ ସହ ଜୀବନରେ ମାରିଦେବାକୁ ଧମକର ଦଫା ଲଗାଇଦେଲେ ନିମ୍ନ ଅଦାଲତରୁ ଜାମିନ ମିଳିବା କଷ୍ଟକର ହୋଇଥାଏ। ଏବେ ବି ରାଜ୍ୟର ସମସ୍ତ କାରାଗାରରେ ମିଥ୍ୟା ମାମଲାରେ ଜଡ଼ିତ ଅନେକ ନିରପରାଧ ବ୍ୟକ୍ତି ରହିଛନ୍ତି। ଏପରି କି କୋର୍ଟରୁ ଜାମିନ ମିଳିଥିବା ସତ୍ତ୍ୱେ ଆବଶ୍ୟକୀୟ କାଗଜାଦି ଦାଖଲ ନ କରି ଅନେକେ କାରାଗାରରୁ ମୁକ୍ତ ହୋଇପାରି ନ ଥିବା ରାଷ୍ଟ୍ରପତିଙ୍କ ଅନୁଭବ ରହିଛି। ଆପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହେବା, ସାକ୍ଷୀଙ୍କୁ ପ୍ରଭାବିତ ବା ପ୍ରମାଣ ନଷ୍ଟ ଅଥବା ପୁନଃ ଅପରାଧର ସମ୍ଭାବନା ଥିଲେ ବା ଅପରାଧ ଅତି ଗୁରୁତର ହୋଇଥିଲେ ଗିରଫ ଆବଶ୍ୟକ ହୋଇପାରେ। କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କାରାଗାର ବା ସରକାରଙ୍କୁ ପ୍ରଭାବିତ କରୁଛି। ଆଗାମୀ ଜୁଲାଇ ୧ ତାରିଖରୁ ନୂତନ ଅପରାଧ ଓ ଦଣ୍ଡବିଧି ସଂହିତା ଏବଂ ସାକ୍ଷ୍ୟ ପ୍ରଦାନ ନିୟମ ପ୍ରବର୍ତ୍ତନ ହେଉଥିବାରୁ ପୋଲିସକୁ ନିରଙ୍କୁଶ ଗିରଫ ଓ ଆପରାଧିକ ଦଫା ପ୍ରୟୋଗ କ୍ଷମତା ପରିବର୍ତ୍ତେ ଏହାର ପୂର୍ବାନୁମତି ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ନିଯୁକ୍ତିକୁ ଗୁରୁତ୍ୱ ପ୍ରଦାନ ଜରୁରୀ ମନେହୁଏ।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ବୋନ୍‌ମ୍ୟାରୋ କ୍ୟାନ୍‌ସରକୁ ହରାଇ ଏକ ନୂତନ ଜୀବନ ଜିଉଛନ୍ତି ବାରାଣସୀର ଶ୍ୟାମ ଶ୍ରୀବାସ୍ତବ। ନୂଆ ଜୀବନରେ ଶିକ୍ଷାଦାନକୁ ବ୍ରତ କରିଛନ୍ତି ଓ ମାଗଣାରେ ଗରିବ, ଅସହାୟ ପିଲାମାନଙ୍କୁ ସେ ପଢ଼ାଉଛନ୍ତି। ଏଥିପାଇଁ ସେ ତିନୋଟି କେନ୍ଦ୍ରରେ ପିଲାମାନଙ୍କୁ ପଢ଼ାଉଛନ୍ତି। ବାରାଣସୀର ଜନସା ଗାଁରେ ୨୦୧୯ରେ ଶ୍ୟାମ ପ୍ରଥମେ ଏହି ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ତାହା ପୁଣି ଗୋଟିଏ ନିମ୍ବ ଗଛମୂଳେ। ପରେ ଏକ ଘରେ ପଢ଼ାଉଛନ୍ତି, ଯାହାର ସ୍ଥିତି ଭଲ ନାହିଁ। ସେଥିପାଇଁ ଗ୍ରାମବାସୀଙ୍କ ସାହାଯ୍ୟ ଲୋଡ଼ି ଘର ତିଆରି ଆରମ୍ଭ କରିଛନ୍ତି। ଶ୍ୟାମଙ୍କ ଜୀବନ ଭଲରେ କଟୁଥିବାବେଳେ ୨୦୧୮ରେ ତାଙ୍କୁ ବୋନ୍‌ମ୍ୟାରୋ କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା । ୨୦୧୯ରେ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ପରେ ସେଥିରୁ ସେ ମୁକ୍ତ ହୋଇ ଗରିବ ପିଲାମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାହା ଆରମ୍ଭ କରିଥିଲେ। କେବଳ ଜନସା ଗାଁ ନୁହେଁ, ୨୦୨୦ରେ ରାଜତଲାବ ଗାଁ ଓ ୨୦୨୧ରେ ରବିଦାସ ଘାଟରେ ମଧ୍ୟ ସେ ଶିକ୍ଷା କେନ୍ଦ୍ର ଖୋଲିଥିଲେ। ପ୍ରତି କେନ୍ଦ୍ରରେ ଏବେ ପାଖାପାଖି ୨୦୦ ପିଲା ପଢୁଛନ୍ତି। ପିଲାମାନଙ୍କ ପାଠ୍ୟ ଉପକରଣ ଅଭାବ ବହୁ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ପୂରଣ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୭୫

- ସୂଚନା ଓ ବେତାର ବିଭାଗ ମନ୍ତ୍ରୀ ରୂପେ ବିଦ୍ୟାଚରଣ ଶୁକ୍ଳାଙ୍କ ଦାୟିତ୍ୱ ଗ୍ରହଣ।
- ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ହୋଇଥିବା ଏକ ଆଦେଶ ବଳରେ ସମ୍ବିଧାନର ୧୪,୨୧ ଓ ୨୨ ଧାରା ଅନୁଯାୟୀ ମୌଳିକ ଅଧିକାରଗୁଡ଼ିକର କାର୍ଯ୍ୟକାରିତା ପାଇଁ ଅଦାଲତ ଯିବା ନିମନ୍ତେ ନାଗରିକଙ୍କର ଅଧିକାରକୁ ଅସ୍ଥାୟୀ ଭାବେ ରଦ୍ଦ କରାଯାଇଛି।
- ଭାରତ ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ୧୭୦ ନିୟୁତ ଡଲାରର ଏକ ଋଣ ରିହାତି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି !
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | 3 | 9 | | |
| | | | 1 | | | | 8 | |
| | | 6 | | | 9 | 2 | | |
| | | | | | 2 | 7 | 3 | |
| 9 | | | | | | | 5 | |
| | | | 5 | | | 4 | | |
| | | 7 | | | | | | |
| 8 | 3 | | | 2 | | | | |
| | 5 | | 4 | 3 | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 6 | 8 | 7 | 1 | 9 | 3 |
| 9 | 8 | 7 | 4 | 1 | 3 | 5 | 2 | 6 |
| 1 | 6 | 3 | 9 | 2 | 5 | 8 | 4 | 7 |
| 5 | 1 | 2 | 7 | 4 | 9 | 3 | 6 | 8 |
| 8 | 3 | 4 | 1 | 5 | 6 | 9 | 7 | 2 |
| 7 | 9 | 6 | 8 | 3 | 2 | 4 | 1 | 5 |
| 6 | 7 | 8 | 5 | 9 | 1 | 2 | 3 | 4 |
| 3 | 5 | 1 | 2 | 7 | 4 | 6 | 8 | 9 |
| 2 | 4 | 9 | 3 | 6 | 8 | 7 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାର୍ଶ୍ୱ ଦେବଦେବୀଙ୍କ ନାମ ଲେଖାଯାଉ

ମହାଶୟ,

ବଡ଼ ଠାକୁର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ତିନିରଥର ଚତୁଃପାର୍ଶ୍ୱରେ ଲଗାଯାଉଥିବା ପାର୍ଶ୍ୱ ଦେବଦେବୀମାନଙ୍କ ଧାର୍ମିକ ନୀତିରୀତି ସମ୍ପନ୍ନର ପରମ୍ପରା ନିହିତ ରହିଛି । ସମସ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ସାଥେ ସାଥେ ରଥର ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥାଆନ୍ତି, କିନ୍ତୁ ସମସ୍ତଙ୍କ ନାମ ଉପରେ ସମ୍ପୂର୍ଣ୍ଣ ଭାବେ ଅବଗତ ନ ଥାଆନ୍ତି । ରଥରେ ବିରାଜମାନ କରୁଥିବା ପାର୍ଶ୍ୱ ଦେବଦେବୀଙ୍କ ନାମ ଲେଖିବାରେ ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଉ। ଦ୍ୱିତୀୟତଃ ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରଥ ଉପରେ ବିରାଜିତ ଠାକୁରମାନଙ୍କୁ ଓ ରଥକୁ ସ୍ପର୍ଶ କରିବାଏବଂ ସାଧାରଣ ଭକ୍ତଙ୍କ ଯିବା ଉପରେ ପ୍ରଶାସନ ପକ୍ଷରୁ ବାରଣ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ରଥଯାତ୍ରା ସମୟରେ ରଥ ଉପରକୁ ପ୍ରାୟ ସେବାକାରୀମାନେ ପାର୍ଶ୍ୱ ଦେବଦେବୀଙ୍କ ଉପରେ ଗୋଡ଼ ଭରା ଦେଇ ଚଢ଼ିବା ଏବଂ ଗୋଡ଼ ଝୁଲାଇ ବସିବା ପାର୍ଶ୍ୱ ଦେବଦେବୀଙ୍କ ପ୍ରତିଷ୍ଠା ପ୍ରତି ଅବମାନନା। ଏହା ମଧ୍ୟ ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ ପରି ମନେହୁଏ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଓଡ଼ିଶା ଫେରୁଥିବା ବିବାଦୀୟ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ନେଇ ବନ ବିଭାଗର ଚିନ୍ତା

**ଭୁବନେଶ୍ୱର, ୨୮।୬ (ଅସମାପିକା ସାହୁ)**

### ଯୌନ ନିର୍ଯାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ

**ଉପଯୁକ୍ତ ପଦ ମାଗିଲେ କାର୍ତ୍ତିକ, ମହିଳା କର୍ମଚାରୀ ଥିବା ଅଫିସ୍‌ରେ ପୋଷ୍ଟିଂ ନ ଦେବାକୁ ଚିଠି କରିଥିଲା ସେଣ୍ଟ୍ରାଲ ଏକାଡେମୀ**

ବିବାଦୀୟ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଧିକାରୀ ଭି. କାର୍ତ୍ତିକ ଓଡ଼ିଶା ଫେରୁଛନ୍ତି। ୨୦୦୯ ବ୍ୟାଚ୍‌ର ଏହି ଓଡ଼ିଶା କ୍ୟାଡର ଆଇଏଫ୍‌ଏସ୍ ଅଧିକାରୀ ଆସନ୍ତା ୨ ତାରିଖ ଦିନ ରାଜ୍ୟ ବନ ବିଭାଗରେ ଯୋଗଦେବେ। ତେବେ ଏହା ପୂର୍ବରୁ କାର୍ତ୍ତିକ ଓଡ଼ିଶା ପିସିସିଏଫ୍ ତଥା ଓଡ଼ିଶା ବନ ବାହିନୀ ମୁଖ୍ୟଙ୍କୁ ଚିଠି ଲେଖି ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରିଛନ୍ତି। ତେବେ ଏହି ଚିଠି ପାଇବା ପରେ ରାଜ୍ୟ ବନ ବିଭାଗର ଚିନ୍ତା ବଢ଼ିଛି। କାର୍ତ୍ତିକଙ୍କୁ କେଉଁ ଅଫିସ୍‌ରେ ଏବଂ କେଉଁ ପଦବୀରେ ଅବସ୍ଥାପିତ କରାଯିବ ତାହାକୁ ନେଇ ଉପର ମହଲରେ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ବିଶେଷକରି ନୂଆ ସରକାରଙ୍କ ସ୍କାନରରେ ଏହି ଅଫିସର ନିହାତି ରହିବେ। କାରଣ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ମାମଲାରେ କାର୍ତ୍ତିକ ଦୋଷୀ ସାବ୍ୟସ୍ତ ହୋଇ ତାମିଲନାଡୁରୁ ଗତ ମେ' ମାସରୁ ବିଦା ହୋଇଛନ୍ତି।

୨୦୨୦ ଜୁନ୍‌ରୁ କାର୍ତ୍ତିକ ଡେପୁଟେଶନରେ ଯାଇ ତାମିଲନାଡୁର କୋଇମ୍ବାଟୁରସ୍ଥିତ ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ୍ ଫରେଷ୍ଟ ସର୍ଭିସ୍‌ରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ। ଏକାଡେମୀର ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କୁ ହ୍ୱାଟ୍‌ସଆପ୍‌ରେ ଆପତ୍ତିଜନକ ମେସେଜ ପଠେଇବା ସହିତ ଅନ୍ତରଙ୍ଗ ସମ୍ପର୍କ ରଖିବା ଅପରାଧରେ କୋଇମ୍ବାଟୁରର ତଦନ୍ତ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଏଥିସହ ତାଙ୍କ ବିରୋଧରେ ବହୁ ଅଭିଯୋଗ ହୋଇଛି। ଏହି ଘଟଣା ପରେ ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ୍ ଫରେଷ୍ଟ ସର୍ଭିସ ଅଧ୍ୟକ୍ଷ ଭି. ଥିରୁନାଭୁକାରସୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନ ଡାଇରେକ୍ଟୋରେଟ ଅଫ୍ ଫରେଷ୍ଟ ଏଜୁକେଶନର ନିର୍ଦ୍ଦେଶକଙ୍କୁ ଲେଖିଥିବା ପତ୍ରରୁ କାର୍ତ୍ତିକଙ୍କ କଳାକାର୍‌ନାମା ବିଷୟରେ ଜଣାପଡ଼ିଥିଲା। ଏହି ଚିଠିର ନକଲ ଡେରାଡୁନ୍‌ସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଫରେଷ୍ଟ ଏକାଡେମୀ ନିର୍ଦ୍ଦେଶକ ଏବଂ ଓଡ଼ିଶା ପିସିସିଏଫ୍ ତଥା ଓଡ଼ିଶା ବନବାହିନୀ ମୁଖ୍ୟଙ୍କୁ ଦିଆଯାଇଥିଲା। ଭି. ଥିରୁନାଭୁକାରସୁ ଉକ୍ତ ଚିଠିରେ ଆଇଏଫ୍‌ଏସ୍ ଭି. କାର୍ତ୍ତିକଙ୍କ କାର୍‌ନାମାକୁ ଅତ୍ୟନ୍ତ କଡ଼ାଭାଷାରେ ନିନ୍ଦା କରିବା ସହିତ ନିଜ ପଦବୀ ଏବଂ କ୍ଷମତାର ଅପବ୍ୟବହାର କରି ମହିଳାଙ୍କ ପ୍ରତି ଏପରି ବ୍ୟବହାର ଅକ୍ଷମଣୀୟ ବୋଲି ଦର୍ଶାଇଛନ୍ତି। ତେଣୁ ମହିଳା କାର୍ଯ୍ୟ କରୁଥିବା କୌଣସି ଅଫିସରେ ତାଙ୍କୁ ପୋଷ୍ଟିଂ ନ ଦେବା ପାଇଁ ମଧ୍ୟ ଲେଖାଯାଇଛି। ଉଲ୍ଲେଖଯୋଗ୍ୟ, କାର୍ତ୍ତିକ ଅନୁଗୋଳରେ ଡିଏଫ୍‌ଓ ଥିବାବେଳେ ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜର ଅତିରିକ୍ତ ଦାୟିତ୍ୱରେ ଥିଲେ। ସେତେବେଳେ ନିଜ ଡିଭିଜନର ଫିଲ୍ଡ ଷ୍ଟାଫ୍ ଏବଂ ମହିଳା ଟ୍ରେନି ରେଞ୍ଜ ଅଫିସରଙ୍କୁ ଶୋଷଣ କରିବା ଅଭିଯୋଗ ହୋଇଥିଲା। କିନ୍ତୁ ସେତେବେଳେ ଅଣଓଡ଼ିଆ ଲବି ଅତ୍ୟନ୍ତ ଶକ୍ତିଶାଳୀ ଥିବାରୁ ସେହି ମାମଲାକୁ ରଫାଦଫା କରି ଦିଆଯାଇଥିଲା। ତେବେ ଭି. ଥିରୁନାଭୁକାରସୁ ଗତମାସରୁ କାର୍ତ୍ତିକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଓଡ଼ିଶାକୁ ପତ୍ର ଲେଖିଥିଲେ ମଧ୍ୟ ବଡ଼ବଡ଼ିଆ ଲବି ଯୋଗୁ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ଚିଠିକୁ ଚାପି ଦିଆଯାଇଛି। ଏବେ କାର୍ତ୍ତିକ ରାଜ୍ୟ ବନ ବିଭାଗକୁ ଭଲ ସ୍ଥାନରେ ପୋଷ୍ଟିଂ ମାଗିଲେଣି। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀ ଦିଆଗଲେ ସେ ପୁଣି କାରନାମା ଭିଆଇବାକୁ ସୁଯୋଗ ପାଇବେ ବୋଲି ଚର୍ଚ୍ଚା ହେଉଛି। ସେପଟେ ଯୌନ କେଲେଙ୍କାରିର ଦୋଷୀ ସାବ୍ୟସ୍ତ କାର୍ତ୍ତିକଙ୍କୁ ବନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ ଅବସ୍ଥାପିତ କରିବା ପାଇଁ ଏକ ଗୋଷ୍ଠୀ ମସୁଧା ଚଳାଇଥିବା ମଧ୍ୟ ଶୁଣିବାକୁ ମିଳୁଛି।

# 'ପୁରୀ ହେବ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର'

## ରଥଯାତ୍ରା ପାଇଁ କ୍ଷେତ୍ର ପରିଦର୍ଶନ କଲେ ଆଇନମନ୍ତ୍ରୀ ହରିଚନ୍ଦନ

**ପୁରୀ, ୨୮।୬ (ଅଜିତ୍ କୁମାର ମହାନ୍ତି)**



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷେତ୍ର ପରିଦର୍ଶନ ଅବସରରେ ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

ଶ୍ରୀକ୍ଷେତ୍ରକୁ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର ଭାବେ ପରିଗଣିତ କରାଯିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀ ହରିଚନ୍ଦନ ପୁରୀ ଗସ୍ତରେ ଆସି ରଥଯାତ୍ରା ଆୟୋଜନ ନେଇ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ ଏବଂ ଅନୁଧ୍ୟାନ କରିଛନ୍ତି।

ହରିଚନ୍ଦନ ପ୍ରଥମେ ସର୍କିଟ ହାଉସରେ ପହଞ୍ଚି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ସହ ଆଲୋଚନା କରିବା ପରେ ସମଙ୍ଗ ପାର୍କିଂ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଗାଡ଼ି ସେଠାରେ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ବିଭିନ୍ନ ଆବଶ୍ୟକ ସୁବିଧା ପ୍ରସ୍ତୁତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାପରେ ଗଦାଧର ହାଇସ୍କୁଲ ଓ ଶ୍ରୀମନ୍ଦିର ନିକଟରେ ଅତିଥିମାନଙ୍କ ପ୍ରସ୍ତାବିତ ବସିବା ସ୍ଥାନକୁ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ସିଂହଦ୍ୱାରଠାରୁ ବଡ଼ଦାଣ୍ଡରେ ଯେପରି ଶ୍ରଦ୍ଧାଳୁମାନେ ସୁବିଧାରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବେ ଓ ରଥ ଟାଣିବେ ସେ ନେଇ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଦୀର୍ଘ ୫୩ ବର୍ଷ ପରେ ଚଳିତ ବର୍ଷ ବିରଳ ରଥଯାତ୍ରା ପଡୁଛି। ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡୁଛି। ତେଣୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୂର୍ବାପେକ୍ଷା ବହୁ ଅଧିକ ଭକ୍ତ ପୁରୀକୁ ଆସିବେ। ଅନ୍ୟପକ୍ଷରେ ରାଷ୍ଟ୍ରପତି ମଧ୍ୟ ପୁରୀ ଆସୁଛନ୍ତି। ତେଣୁ ଯାହା ବି ଯୋଜନା କରାଯାଉଛି, ତାହା ସମସ୍ତଙ୍କ ନିମନ୍ତେ ଚ୍ୟାଲେଞ୍ଜ। ତେବେ ପୂର୍ବରୁ ରଥଯାତ୍ରା ସମନ୍ୱୟ ବୈଠକ ସରିଛି। ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରାଯାଉଛି। ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଉଛି। ସରକାର ଓ ପ୍ରଶାସନର ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ପୂର୍ବବର୍ଷ ତୁଳନାରେ ଚଳିତ ରଥଯାତ୍ରାରେ ଅଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ସୁନିୟନ୍ତ୍ରିତ ଭାବେ କରାଯାଉଛି। ମହାପ୍ରଭୁଙ୍କ ନିୟମିତ ଦର୍ଶନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ରଥଯାତ୍ରା ପରେ ସମସ୍ତଙ୍କ ପରାମର୍ଶ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ରରେ ପରିଣତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ଏହି ସମୟରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୃଷ୍ଟି ହେଲା ଲଘୁଚାପ, ବଢ଼ିବ ବର୍ଷା

**ଭୁବନେଶ୍ୱର, ୨୮।୬(ଅସମାପିକା ସାହୁ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଶୁକ୍ରବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଆସନ୍ତା ୨ଦିନ ଉତ୍ତରପଶ୍ଚିମ ଦିଗରେ ଗତି କରିବ। ଫଳରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷା ପରିମାଣ ବଢ଼ିବ। ଲଘୁଚାପ ପ୍ରଭାବରେ କିଛି ଦିନ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଗାମୀ ତିନି ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବର୍ଷା ଜାରି ରହିଥିଲେ ମଧ୍ୟ ୩୪ ପ୍ରତିଶତ କମ୍ ବର୍ଷିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ସାଢ଼େ ୫ଟା ମଧ୍ୟରେ ଅନୁଗୋଳରେ ସର୍ବାଧିକ ୧୦୨ମି.ମି. ବର୍ଷା ହୋଇଛି। ସେହିଭଳି ନୟାଗଡ଼ରେ ୩୨ମି.ମି., ବଲାଙ୍ଗୀରରେ ୨୬ମି.ମି., ଭବାନୀପାଟଣାରେ ୧୬.୪ମି.ମି., ଟିଟିଲାଗଡ଼ରେ ୧୩.୨ମି.ମି. ଓ ସୋନପୁରରେ ୧୧ମିମି ବର୍ଷା ରେକର୍ଡ ହୋଇଛି। ୨୯ ତାରିଖରେ କେନ୍ଦୁଝରେ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି। ସେହିଭଳି ୩୦ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝରରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ଏହି ଦୁଇଦିନ ଉକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।


**CAREER APPOINTMENT** ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଶିକ୍ଷକ ଆବଶ୍ୟକ**
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782, 9937619497

**SCRPIO** ଗାଡ଼ି ଚଳାଇବା ପାଇଁ ପୋଖତ କୁଶଳୀ **DRIVER** ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
ସୁରେନ୍ଦ୍ର ଦାସ
Mob.: 9438731046

**କର୍ମଚାରୀ ଆବଶ୍ୟକ**
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

**STAFF WANTED**
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

See Career Appointment on every Wednesday & Saturday

**WANTED**
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ। ଦରମା: ୯୦୦୦/– + (Extra Tips). ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ:
7504690838, 9827516256

**WANTED**
ଧରିତ୍ରୀ DHARITRI Oriya daily
is looking for
**SENIOR ACCOUNTS EXECUTIVES**
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.

Apply immediately to : recruitment@dharitri.com
Attractive salary commensurate with experience


# ୩୦ରେ ସମ୍ବର୍ଦ୍ଧିତ ହେବେ ୭୮ ବିଧାୟକ, ୨୦ ଏମ୍‌ପି

**ଭୁବନେଶ୍ୱର, ୨୮।୬(ସୁନିତ୍ ମିଶ୍ର):** ରାଜ୍ୟବାସୀଙ୍କ ଆଶୀର୍ବାଦରେ ଭାଜପା ପ୍ରଥମ ଥର ପାଇଁ ଓଡ଼ିଶାରେ ଏକାକୀ ସରକାର ଗଠନ କରିପାରିଛି। ରାଜ୍ୟବାସୀ ଏଥର ୭୮ ଜଣ ବିଧାୟକ ଏବଂ ୨୦ ଜଣ ଏମ୍‌ପିଙ୍କୁ ନିର୍ବାଚିତକରି ବିଧାନସଭା ଏବଂ ଲୋକ ସଭାକୁ ପ୍ରତିନିଧି ଭାବେ ପଠାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ଗଠନ କରିଛି । ଏହି ଅବସରରେ ଆସନ୍ତା ୩୦ରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ମନ୍ତ୍ରୀଗଣଙ୍କ ସମେତ ସମସ୍ତ ନବନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ଭାଜପା ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।


**Office of the Executive Engineer**
**Road Construction Department,**
**Road Division, Garhwa.**

**e-Procurement Notice**
For National Competitive Bidding
(Very Short Term Tender)

Re_e-Tender Reference No. : RCD/GARHWA/818/2023-24 (2nd Call) Date:- 27.06.2024

| | | |
|---|---|---|
| 1. | Name of the work | Widening, Strengthening & Reconstruction work of NH-75 to Manjhiaon PWD Road via Viktam Daleli Road (Total Length 9.084 km.) under Road Division, Garhwa |
| 2a. | Approximate Value of Work | Rs. 30,50,65,501.00 (Rupees Thirty crore Fifty Lac Sixty Five thousand Five hundred One) only. |
| b. | Bid Security* | Rs. 30,51,000.00 (Rupees Thirty Lac Fifty One thousand) only. |
| 3. | Time of Completion | 10 (Ten) Months. |
| 4. | Last date/Time for receipt of bids | 16-07-2024, 12.00 Noon |
| 5. | Date of Publication of Tender on website | 05-07-2024, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | 06561-295161 |
| 8. | Helpline number of e-Procurement cell | 0651-2401010 |

Note :- The Bid Amount & Bid security will be decrease or increase.
*Further details can be seen on website* http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.

Executive Engineer,
Road Construction Department,
Road Division,Garhwa.

PR 327963 (Road) 24-25 (D)


# ଛନ୍ଦିହେଲେ ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ

**ଭୁବନେଶ୍ୱର, ୨୮।୬ (ସତ୍ୟଜିତ୍ ରାଉତ)**

### ପାତ୍ରପଡାରେ ୨୫୦ କୋଟିର ଜମି ଦୁର୍ନୀତି ମାମଲା

- ନୃସିଂହଙ୍କ କେଲେଙ୍କାରୀରେ ୮ଜଣ ସବ୍‌ରେଜିଷ୍ଟ୍ରାରଙ୍କ ସମ୍ପୃକ୍ତି ଅଭିଯୋଗ
- ନାଗେଶ୍ୱରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ମାରିକ୍

ଭୁବନେଶ୍ୱରର ପାତ୍ରପଡା ମୌଜାରେ ହୋଇଥିବା ୨୫୦ କୋଟିର ସରକାରୀ ଜମି ଦୁର୍ନୀତି ମାମଲାକୁ ନେଇ ରାଜ୍ୟରେ ଚର୍ଚ୍ଚା ଲାଗି ରହିଛି। ଦିନ ଯେତିକି ଗଡୁଛି ଏହି ବଡ଼ କେଲେଙ୍କାରୀରେ ସରକାରୀ ବାବୁଙ୍କ ସମ୍ପୃକ୍ତି ତାଲିକା ସେତେ ଲମ୍ବୁଛି। ଏହି ମାମଲାରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ଏବଂ ଓଡ଼ିଶାର ତତ୍କାଳୀନ ଡିଜିପି ସଞ୍ଜୀବ ମାରିକଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଥିବାବେଳେ ଏହା ଭିତରେ ଆଉଏକ ଚାଞ୍ଚଲ୍ୟକର ଖବର ପଦାକୁ ଆସିଛି। ୭.୫ ଏକର ସରକାରୀ ଜମିକୁ ଘରୋଇ ଲୋକଙ୍କ ନାମରେ କରିବା ପଛରେ ତତ୍କାଳୀନ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କ ନାଁ ଛନ୍ଦି ହୋଇଯାଇଛି। ଅଶୋକଙ୍କ ସମେତ ଏହି ମାମଲାରେ ୨୦୦୩ରୁ ୨୦୧୮ ପର୍ଯ୍ୟନ୍ତ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ୮ଜଣ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓଏସ୍‌ଏଏ) ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ୪ ଆଇପିଏସ୍ ଅଫିସର, ଜମି ମାଫିଆଙ୍କୁ ଅଶୋକ ଅହେତୁକ ଅନୁକମ୍ପା ଦେଖାଇ ସରକାରୀ ସମ୍ପତ୍ତି ଲୁଟ୍ କରିବାରେ ପରୋକ୍ଷରେ ସହଯୋଗ କରିଛନ୍ତି ବୋଲି ଓଏସ୍‌ଏଏ ସାଂଘାତିକ ଅଭିଯୋଗ ଉଠାଇଛି।

ଓଏସ୍‌ଏଏର ଅଭିଯୋଗ ଅନୁଯାୟୀ, ଜମି ମାଫିଆ ନୃସିଂହ ଉକ୍ତ ଜମିକୁ ଜାଲିଆତି କରିଥିବା ଜଣାପଡିବା ପରେ ଭୁବନେଶ୍ୱର ଉପଜିଲାପାଳ ୨୦୦୨ରେ ଏହି ଲିଜ୍ ବାତିଲ କରି ସରକାରୀ ଖାତାକୁ ଫେରାଇ ନେଇଥିଲେ। ୨୦୦୩ରେ ସମ୍ପୃକ୍ତ ଜମି ମାଫିଆ ଓ ଅନ୍ୟମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଏହି ମାମଲା ଭୁବନେଶ୍ୱରସ୍ଥିତ ଚକବନ୍ଦୀ ଏବଂ ବନ୍ଦବୋସ୍ତ କମିଶନରଙ୍କ କୋର୍ଟରେ ବିଚାର ଚାଲିଥିଲା। ଏପରିକି ମାମଲା ଚାଲିଥିବା ବେଳେ ବି ନୃସିଂହ ଜାଲିଆତି ପଟାକୁ ବ୍ୟବହାର କରି କିଣାବିକା କରିଥିଲେ। ଏନେଇ ୨୦୨୨ରେ ଓଏସ୍‌ଏଏ ପକ୍ଷରୁ ଅଭିଯୋଗ ହୋଇଥିଲା। ୨୦୨୨ ସେପ୍ଟେମ୍ବର ୧୨ରେ କମିଶନର ଏହି ମାମଲାରେ ନିରପେକ୍ଷ ରାୟ ଦେବା ସହ ଉପଜିଲାପାଳଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ। କୌଣସି ବି ପରିସ୍ଥିତିରେ ଉକ୍ତ ଜମିକୁ ନୃସିଂହ ଓ ଅନ୍ୟମାନଙ୍କୁ ଦିଆଯାଇପାରିବ ନାହିଁ ବୋଲି ରିପୋର୍ଟରେ ଦର୍ଶାଇଥିଲେ। କମିଶନରଙ୍କ ରିପୋର୍ଟ ମୁତାବକ, ତଦନ୍ତ ପାଇଁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ୍ ପାତ୍ରପଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ନେଇ ତଦନ୍ତ କରିବା ପରେ ମାଫିଆମାନଙ୍କୁ ଉକ୍ତ ଜମି ନ ଦେବାକୁ କହି କମିଶନର କାରଣ ଦର୍ଶାଇଥିଲେ। ହେଲେ ଏହି ରାୟକୁ ନୃସିଂହ ଓ ଅନ୍ୟମାନେ ୨୦୨୨ରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓ ଅନ୍ୟ ଦୁଇଜଣ ମାମଲା ପରିଚାଳନା କରିଥିଲେ। ହେଲେ ଏହି ମାମଲାରେ ଆଡ୍‌ଭୋକେଟ ଜେନେରାଲ ଅଶୋକ ଜମି ମାଫିଆମାନଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଥିସହ ସେ ଏହି ମାମଲା ପୁଣିଥରେ ବିଚାର ପାଇଁ କମିଶନରଙ୍କ ପାଖକୁ ପଠାଯାଉ ବୋଲି କହିଥିବା ନେଇ ଖବରଦାତା ସମ୍ମିଳନୀରେ ଓଏସ୍‌ଏଏର ଶ୍ରୀକାନ୍ତ ପାକଳ, ସୁଧୀର ମହାନ୍ତି, ସର୍ବେଶ୍ୱର ବେହୁରା ଓ ହୃଦାନନ୍ଦ କୋଦମାସିଂ କହିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗକୁ ନେଇ ଅଶୋକ କହିଛନ୍ତି, ୨୦୨୨ର କଥା କିଛି ତାଙ୍କର ମନେ ନାହିଁ। ଏହି କେସ୍ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି ଅଶୋକ କହିଛନ୍ତି।

ଏପଟେ ଏହି ଜମି ଦୁର୍ନିତି ମାମଲାରେ ପୂର୍ବତନ ପୋଲିସ ଡିଜି ସଞ୍ଜୀବ ମାରିକଙ୍କ ଉପରକୁ ନାଗେଶ୍ୱର ଅଙ୍ଗୁଳି ଉଠାଇଥିଲେ। ଜମି କିଣି ଠକାମିର ଶିକାର ହୋଇଥିବା ନେଇ ସେ ୨୦୧୫ରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିବାବେଳେ ମାରିକଙ୍କ ଚାପରେ ଇଓଡବ୍ଲ୍ୟୁ ମାମଲା କରି ନ ଥିବା ନେଇ ନାଗେଶ୍ୱର ଅଭିଯୋଗ ଉଠାଇଥିଲେ। ଏନେଇ ଚର୍ଚ୍ଚା ଚାଲିଥିବା ବେଳେ ନାଗେଶ୍ୱରଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ ମାରିକ। ଶୁକ୍ରବାର ମାରିକ ପୁଣି କହିଛନ୍ତି, ୨୦୧୫ ନଭେମ୍ବର ୫ରେ ନାଗେଶ୍ୱର ଦେଇଥିବା ଏତଲାକୁ ଇଓଡବ୍ଲ୍ୟୁ ଗ୍ରହଣ କରିଥିଲେ। ହେଲେ ଏହାର ଦୁଇଦିନ ପରେ ସେ ଟ୍ରାନ୍ସଫର୍ ହୋଇଯାଇଥିଲେ। ଡିଜିପି ନ ଥିବା ବେଳେ ଏହି ମାମଲାକୁ ସେ କେମିତି ଚାପିଲେ ବୋଲି ପ୍ରଶ୍ନ କରିଛନ୍ତି। ନାଗେଶ୍ୱର ତାଙ୍କ ବିରୋଧରେ ମିଛ କହୁଛନ୍ତି। ତାଙ୍କ ବିରୋଧରେ ପୂର୍ବରୁ ସେ ଏକ ରିପୋର୍ଟ ଦେଇଥିବାରୁ ରାଗରେ ନାଗେଶ୍ୱର ଏଭଳି କରିଛନ୍ତି। ନାଗେଶ୍ୱରଙ୍କ ବିରୋଧରେ ସେ ମାନହାନୀ ମାମଲା କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମାରିକ ପୁଣି ଦୋହରାଇଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ରାଜଗାଙ୍ଗପୁର ଶାଖା

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତା: କବିତା ଗୁପ୍ତା ଓ ରାଜଶେ ଗୁପ୍ତା, ଜାମନ୍‌ଦାର: କବିତା ଗୁପ୍ତା, ସା: ଦୁର୍ଗା ମନ୍ଦିର ନିକଟ, ତଲକିପଡା, ଜିଲ୍ଲା - ରାଜଗାଙ୍ଗପୁର | ଶ୍ରୀ କବିତା ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୪/୪୨୭୦, ଖାତା ନଂ.: ୫୧୬/୧୧୪୭, ମୌଜା: ରାଜଗାଙ୍ଗପୁର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଜିଲ୍ଲା: ରାଜଗାଙ୍ଗପୁର | ୧୯.୦୪.୨୦୨୪ ସୁଦ୍ଧା ଟ.୯,୫୧,୭୭୮/- ଏବଂ ସେବାବଦପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୧୯.୦୪.୨୦୨୪ / ୨୪.୦୬.୨୦୨୪ |

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୨୮.୦୬.୨୦୨୪

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



नालको NALCO
National Aluminium Company Limited
(A Government of India Enterprise)

Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**REQUIREMENT OF COMMITTED, PROMISING AND RESULT ORIENTED EXECUTIVES**

National Aluminium Company Limited (NALCO), a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for professionals in the following grades and disciplines for its production units / offices in different locations.

| Name of the Post /Grade | Total No. of Posts |
|---|---|
| Executive Director(H&A)/E09 | 1 |
| Group General Manager (H&A)/ E08 | 3 |
| General Manager (H&A)/E07 | 3 |
| Group General Manager (Mining)/E08 | 1 |
| General Manager (Mining)/E07 | 2 |
| General Manager (Finance)/E07 | 5 |
| General Manager (Civil)/E07 | 2 |

**Important Dates:**

| | |
|---|---|
| Opening of online Submission of application | 02 Jul, 2024 |
| Last date of Submission of online application | 31 Jul, 2024 |

The interested candidates may visit the **Career Section** of website of the Company at **www.nalcoindia.com** for further details.

Advt. No. 10240304, Date : 24/06/2024

General Manager (H&A)-R&P

## ସଂକ୍ଷେପରେ

### ଚାଷୀଙ୍କ ମନରେ ଖୁସି ଆଣିଲା ବର୍ଷା

**ରସୁଲପୁର,୨୮।୬(ରଂଜିତ ରାଉତ)**

ଘୂର୍ଣ୍ଣିବଳୟ ବର୍ଷା ଯୋଗୁ ରସୁଲପୁର ବ୍ଲକ ଅଞ୍ଚଳର ଚାଷୀ ଖୁସି ହୋଇଛନ୍ତି। ଦୀର୍ଘଦିନର ଅପେକ୍ଷା ପରେ ତୁହାକୁ ତୁହା ବର୍ଷା କୃଷି କ୍ଷେତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ବର୍ଷା ଖରିଫ ଧାନ କ୍ଷେତ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିଥିବାବେଳେ ବର୍ଷାଦିନିଆ ପରିବା ଫସଲକୁ ସୁହାଇବ। ଏଥିସହ ଧାନ ରୁଆପୋତା ପାଇଁ କ୍ଷେତ ପ୍ରସ୍ତୁତ ସୁବିଧା ହେବ। ପାଣିପାଗ ସୂଚନା ଅନୁଯାୟୀ ଲଗାଣ ବର୍ଷା ହେଲେ ଗଡ଼ିଆ, ପୋଖରୀରେ ଜଳ ସଂରକ୍ଷିତ ହୋଇପାରିବ। ଖାଲୁଆ ଅଞ୍ଚଳ ଓ ଜଳାଶୟଗୁଡିକର ସନ୍ତସନ୍ତିଆ ସ୍ଥାନରେ ଧାନତଳି ପକାଇବା ପାଇଁ ସୁବିଧା ହେବ ବୋଲି ଚାଷୀ ମତ ଦେଇଛନ୍ତି।ଗୁରୁବାର ସକାଳୁ ବ୍ଲକ ଅଞ୍ଚଳରେ ତୁହାକୁ ତୁହା ବର୍ଷା ବରଷୁଛି। ଫଳରେ ମଉଳି ଯାଇଥିବା ଧାନଗଛ ଗୁଡିକ ସତେଜ ହୋଇଉଠିଛି। ବିଲରେ ପଡିଥିବା ଧାନ ବିହନ ଗଛ ଉଠିବା ଆଶା ସଂଚାରିତ ହୋଇଛି। ଧାନକ୍ଷେତ ଖେଲୁଆ, ବଛାବଛି କରିବା କାର୍ଯ୍ୟ ଚାଷୀ ଆରମ୍ଭ କରିବାକୁ ସଜବାଜ ହେଲାଣି। ରୁଆପୋତା ଓ ବିଲ କାଦୁଅ ପାଇଁ ଚାଷୀମାନେ ସରଞ୍ଜାମ ଯୋଗାଡ଼ ଆରମ୍ଭ କଲେଣି। ମୌସୁମୀ ବର୍ଷାର ବିଳମ୍ବ ଯୋଗୁ ଏଥର ଧାନଚାଷ ବିଳମ୍ବିତ ହୋଇଛି। ହେଲେ ବର୍ଷା ଆରମ୍ଭ ହେବା କ୍ଷଣି ଚାଷୀ ତତ୍ପର ହୋଇଉଠିଛନ୍ତି। ଖାଲୁଆ ସ୍ଥାନରେ ହୋଇଥିବା ପରିବା କ୍ଷେତରୁ ଜଳ ନିଷ୍କାସନ କରିବାରେ କୃଷକ ବ୍ୟସ୍ତଥିବା ଲକ୍ଷ୍ୟ କରାଯାଉଛି। ବର୍ଷା ବିଳମ୍ବରେ ଆସିବା ଯୋଗୁ ଏଥର ଖରିଫ ଚାଷ ପ୍ରାୟତଃ ଗୋଟିଏ ମାସ ବିଳମ୍ବ ହୋଇଯାଇଛି। ତଥାପି ଏ ବର୍ଷ ଚାଷୀଙ୍କ ଭଲ ଅମଳ ଆଶା ମଉଳି ନାହିଁ। ଆଗକୁ ପାଣିପାଗ ସ୍ଥିତି ଅନୁକୂଳ ରହିବା ସହ ବାତ୍ୟା, ବନ୍ୟାର ପ୍ରଭାବ କମ୍ ରହିଲେ ଫସଲ ଭଲ ହେବ ବୋଲି କୁହାଯାଉଛି।

### ମନ୍ତ୍ରୀ ବଳସାମନ୍ତଙ୍କୁ ଭେଟିଲେ ସାମ୍ବାଦିକ

**ଛତିଆ,୨୮।୬(ସୌମ୍ୟରଞ୍ଜନ ସାହୁ)**

ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଛତିଆ ପେଶାଦାର ସାମ୍ବାଦିକ ସଂଘ ସଦସ୍ୟ। ମନ୍ତ୍ରୀଙ୍କ ଭୁବନେଶ୍ୱର ଶହିଦନଗରସ୍ଥିତ ବାସଭବନରେ ସଂଘ ସଭାପତି କମଳାକାନ୍ତ ପାଳଙ୍କ ସମେତ କର୍ମକର୍ତ୍ତା ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ତାଙ୍କ ନୂଆ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସଂଘ ଉପସଭାପତି ହୃଷୀକେଶ ପୃଷ୍ଟି, ଜୟକାନ୍ତ ରାଉତ, ସୌମ୍ୟରଞ୍ଜନ ସାହୁ ଓ ଦିଲୀପ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି ଯାଜପୁର ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ସମେତ ଖଦିର ଅଧିକ ପ୍ରଚାର ପ୍ରସାର ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି। ଏଥିସହିତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

### ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର,୨୮।୬(ଗିରିଜା ପ୍ରସାଦ ସାହୁ)**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବିକାଶ ସମିତି ଦ୍ୱାରା ତ୍ରିଦିବସୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟଶାଳାକୁ ଉଦ୍‌ଘାଟନ କରିଥିଲେ। ବାଲିଚନ୍ଦ୍ରପୁର ସଂକୁଳ ସଂଯୋଜକ ସତ୍ୟାନନ୍ଦ ପଣ୍ଡା କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ରାଉତ ଅତିଥି ପରିଚୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂକୁଳ ପ୍ରମୁଖ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା, ପରିଚାଳନା ସମିତି ସଭାପତି ଡ. ବସନ୍ତ କିଶୋର ସାହୁ, ପୂର୍ବତନ ଯାଜପୁର ଜିଲା ବିଭାଗ ପ୍ରମୁଖ ଅରବିନ୍ଦ ଷେଣ୍ଢ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟଶାଳାରେ ବାଲିଚନ୍ଦ୍ରପୁର ସଙ୍କୁଳ ଅଧୀନ ସମସ୍ତ ବିଦ୍ୟାଳୟର ୧୫୦ ସେବାବର୍ତ୍ତି ଗୁରୁମାଗୁରୁଜୀ ଯୋଗଦେଇଥିଲେ। ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି ଶ୍ରମିକ

**ଯାଜପୁରରୋଡ୍,୨୮।୬(ପବିତ୍ର ରଞ୍ଜନ ମହାନ୍ତି)**

## ୪ ବର୍ଷ ହେବ ସରୁନି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

ରାଜ୍ୟ ସରକାର ସହରାଞ୍ଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିପୁଳ ଅର୍ଥ ମଞ୍ଜୁର କରିଛନ୍ତି। ବ୍ୟାସନଗର ସହରରେ ପାନୀୟ ଜଳସଙ୍କଟ ଦୂର କରିବା ପାଇଁ ୱାଟ୍‌କୋ ପକ୍ଷରୁ ୬ ପାଣି ଟାଙ୍କି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଛି। କାର୍ଯ୍ୟାଦେଶ ମିଳିବାର ୪ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଏହି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଚରମ ଅବହେଳା କରାଯାଉଥିବା ଦେଖାଯାଉଛି। ବିନା ସୁରକ୍ଷା ସରଞ୍ଜାମରେ ଶ୍ରମିକମାନେ ବିପଦସଙ୍କୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ସରକାର କାର୍ଯ୍ୟ କ୍ଷେତ୍ରରେ ଶ୍ରମିକମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର ଶ୍ରମ ଆଇନ ପ୍ରଣୟନ କରିଛନ୍ତି। କିନ୍ତୁ ଏଠାରେ ଶ୍ରମଆଇନକୁ ଦିବାଲୋକରେ ଖୁଲମ ଖୁଲା ଉକ୍ତ ଠିକା ସଂସ୍ଥା ଉଲଂଘନ କରୁଥିବା ଦେଖାଯାଇଛି। ଏ ସମ୍ପର୍କରେ ୱାଟ୍‌କୋର ସହକାରୀ ପରିଚାଳକ ବିଚିତ୍ରାନନ୍ଦ ପୁହାଣଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏପରି କାର୍ଯ୍ୟ ହେଉଥିଲେ ସମ୍ପୃକ୍ତ ଠିକାସଂସ୍ଥାକୁ ତାଗିଦ କରାଯିବ ବୋଲି କହିଛନ୍ତି। ଜିଲା ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓଙ୍କୁ



ପଚାରିବାରେ ଏଭଳି ଅଭିଯୋଗ ତାଙ୍କ ନଜରକୁ ଆସିନାହିଁ। ଯଦି ଏପରି ହୋଇଥାଏ ତେବେ ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ଠିକା ସଂସ୍ଥାର ପ୍ରତିକ୍ରିୟା ମିଳିପାରିନାହିଁ।

ପକାଶଯୋଗ୍ୟ, ୫ବର୍ଷ ତଳେ କାର୍ଯ୍ୟାଦେଶ ପାଇଥିବା ଗୁଜରାଟର ଏକ ଠିକା ସଂସ୍ଥା ୩ ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ ଭୂଇଁରୁ ଉଠାଇ ପାରି ନ ଥିଲା। ଫଳରେ କାର୍ଯ୍ୟରେ ଅହେତୁକ ବିଳମ୍ବ ହେବାରୁ ଉକ୍ତ ଠିକା ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରାଯାଇ ପୁନର୍ବାର ଟେଣ୍ଡର କରାଯାଇଥିଲା। ଏହାପରେ ଭୁବନେଶ୍ୱରର ଏକ ଠିକାସଂସ୍ଥା ଏକବର୍ଷ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତି ହୋଇଥିଲା। କିନ୍ତୁ କାର୍ଯ୍ୟ ଅବଧି ପୂରିବାକୁ ଆଉ ୩ ମାସ ଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ



ପ୍ରକଳ୍ପ ସ୍ଥରରେ ସ୍ଥାନୀୟ ଲୋକେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କାଏମା,୨୮।୬(ଶିବପ୍ରସାଦ ମହାନ୍ତି)**

## ପାଲାମଣ୍ଡପ ଉନ୍ନତୀକରଣ କାମରେ ଅନିୟମିତତା ଘଟଣା

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ପାଲାମଣ୍ଡପ ଉନ୍ନତୀକରଣ କାମରେ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଜାରକା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ପରେ ସେ ଏହା ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କାଏମା ବ୍ରିଜ୍ ନିକଟରେ ଥିବା ପାଲା ମଣ୍ଡପରେ ପାଲା ଆୟୋଜନ ହୋଇଥାଏ। କିନ୍ତୁ ଏହି ସ୍ଥାନଟି କେଲୁଅ ନଦୀ ବନ୍ଧର ଭିତରେ ପାର୍ଶ୍ୱରେ ଥିବାରୁ ବର୍ଷାଦିନେ ନଦୀରେ ପାଣି ଆସିଲେ ମଣ୍ଡପ ବୁଡ଼ିଯିବା ସହ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଯାଇଥାଏ। ତେଣୁ ଏହି ମଣ୍ଡପର ଉନ୍ନତୀକରଣ ନିମନ୍ତେ ଜଳସେଚନ ବିଭାଗ ପକ୍ଷରୁ କୋଡିଏ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅର୍ଥ ମଞ୍ଜୁର କରାଯାଇ କାମ ଆରମ୍ଭ କରାଯାଇଥିଲା। କାମ ଶେଷ ହେବାକୁ ଆଉ ୨୦ଭାଗ ଥିବା ବେଳେ କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ଏଠାରେ ନିର୍ମିତ ପାଚେରି ମାସେ ନପୂରୁଣୁ ଢଳେଇ ପଡ଼ିଛି। ସେହିପରି ପାଚେରି କାମରେ ରଡ୍ ବ୍ୟବହାର କମ୍ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ପାଚେରିଟି ସ୍ଥାନେସ୍ଥାନେ ମୋଟା ଓ ପତଳା ଥିବା ଦେଖିବାକୁ ମିଳିଛି। ତେଣୁ କାମଟି ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଏହାକୁ ବନ୍ଦ କରିଛନ୍ତି। ଏକଥା ଜାଣିବା ପରେ ଜାରକା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବାସ ସାହୁ ପହଞ୍ଚି କାର୍ଯ୍ୟ ଠିକ୍‌ରେ ହୋଇ ନ ଥିବା ଜାଣିବାକୁ ପାଇଛନ୍ତି। ସେ କାମ ଚାଲୁ କରିବା ପାଇଁ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ କେହି ନ ବୁଝିବାରୁ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯାଇ ଭେଟ କରିବାକୁ ଲୋକଙ୍କୁ କହିଥିଲେ। ଏହାପରେ ସ୍ଥାନୀୟ ଗ୍ରାମର ସୁଧାକର ସାହୁ, ଅଭିମନ୍ୟୁ ପଣ୍ଡା, ଅଜିତ ରାଉତ, ଶିଶିର ମାହାଣା, ଅଭିଷେକ ରାଉତ, ନିକୁଞ୍ଜ ବେହେରା ଓ ପ୍ରଶାନ୍ତ ବାରିକ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଉପରୋକ୍ତ ଘଟଣା ସମ୍ପର୍କରେ ଜଣାଇଥିଲେ।

# ପଣ୍ଡୁଆ ନାଳରେ ବୁଡ଼ି ଯୁବକ ନିଖୋଜ

**ବରୀ,୨୮।୬(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ ଅଧୀନ ଦୁଧେଇ ନଦୀ ଶାଖା ପଣ୍ଡୁଆ ନାଳରେ ଶୁକ୍ରବାର ବୁଡ଼ିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ଜଗତ୍‌ସିଂହପୁର ଜିଲା ଝଙ୍କଡ଼ ଅଞ୍ଚଳର ପପୁ ଦାସ(୨୫) ବୋଲି ଜଣାପଡ଼ିଛି। ଝଙ୍କଡ଼ ଅଞ୍ଚଳର ମଇଁଷି ପାଳକମାନେ ସ୍ଥାନୀୟ ନରଣପୁରଠାରେ ରହି ମଇଁଷି ପାଳନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ମଧ୍ୟାହ୍ନରେ ନିଖୋଜ ଯୁବକ ପଣ୍ଡୁଆନାଳ ପାରି ହେଉଥିବାବେଳେ ବୁଡି ଯାଇଥିଲେ। ସାଥୀ ମଇଁଷି ପାଳକଙ୍କଠାରୁ ଖବର ପାଇ ଅନ୍ୟାସପୁର ସରପଞ୍ଚଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ର, ପ୍ରଫୁଲ୍ଲ ମଲ୍ଲିକ, ଘନଶ୍ୟାମ ସେଠୀ ଓ ଯୁମର ମଲ୍ଲିକଙ୍କ ସମେତ ଗ୍ରାମବାସୀ ପହଞ୍ଚି ନିଖୋଜ ଯୁବକଙ୍କୁ ଠାବ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହେବାରୁ ବରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରି ପାରି ନ ଥିଲେ। ଘଟଣାସ୍ଥଳରେ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ରାଉତ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ତତ୍ପରତା ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୂର୍ଯ୍ୟ



@ ଅନିଲ



@ ସୁବେଶ



@ ଦୁମେଶ



@ ଦିଗମ୍ବର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

*Opinion*

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.

2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

*Basis for Opinion*

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

Annex I
Form A
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh

**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| **Total:** | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| **Total:** | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**


**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପ୍ଲାଷ୍ଟର ଖସିଲା



ଏରସମା,୨୮।୬ (ଦୀପ୍ତି ଖଣ୍ଡୁଆଳ)

ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ୍ରେସିଂ କକ୍ଷରୁ ଶୁକ୍ରବାର ପ୍ଲାଷ୍ଟର ଖସିଛି। ସୌଭାଗ୍ୟବଶତଃ ଖସିଥିବା ପ୍ଲାଷ୍ଟର କୌଣସି ରୋଗୀଙ୍କ ଉପରେ ଖସି ନାହିଁ। ତଥାପି ଏନେଇ ରୋଗୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ୫ ବର୍ଷ ତଳେ ମରାମତି କରାଯାଇଥିଲା। ତାହା ଏବେ ଦୁର୍ବଳ ହୋଇଗଲାଣି। ପୁନର୍ବାର ମରାମତି ଆବଶ୍ୟକ ହେଲାଣି। ଏ ସମ୍ପର୍କରେ ମେଡିକାଲ ଭାର ପ୍ରାପ୍ତ ଅଧିକାରୀ ଡାକ୍ତର ଅମିୟ ସ୍ୱାଇଁଙ୍କୁ ପଚାରିବାରୁ ଛାତ ମରାମତି ପାଇଁ ସୁପାରିସ କରାଯାଇଛି, ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ହୋଇଯିବ ବୋଲି କହିଥିଲେ।

### ପାଇପ୍‌ରେ ଫାଟ, ପାଣି ପାଇଁ ଲୋକେ ହନ୍ତସନ୍ତ

କୁଜଙ୍ଗ,୨୮।୬(ମନୋଜ ପ୍ରଧାନ)

ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଚଟୁଆ ମହାଦେବ ମନ୍ଦିର ନିକଟରେ ପାଣି ପାଇପ ଫାଟି ଯାଇଛି। ଏଠାକାର ଭୂତଳ ଜଳସ୍ତର ଲବଣାକ୍ତ ଓ ଲୌହ ଯୁକ୍ତ। ଏଥିଯୋଗୁ ସ୍ଥାନୀୟ ଲୋକେ ପାଇପ ପାଣି ଉପରେ ନିର୍ଭରଶୀଳ ହୋଇଥିବାବେଳେ ଏହା ଫାଟିଯାଇଥିବାରୁ ହନ୍ତସନ୍ତ ହେଉଛନ୍ତି। କିଛି ପରିବାର ଅନ୍ୟ ଉପାୟ ନ ପାଇ ଫାଟି ଯାଇ ପାଣି ବୋହି ଯାଉଥିବା ସ୍ଥାନରେ ଏକ ଗାତ କରି ତାଟିଆରେ ପାଣି ସଂଗ୍ରହ କରୁଛନ୍ତି। ବର୍ଷା ଋତୁରେ ଯଦି ଏହି ଭଳି ଦୂଷିତ ପାଣି ସଂଗ୍ରହ କରି ପିଇବେ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେବା ନିଶ୍ଚିତ। ତେଣୁ ତୁରନ୍ତ ପାଇପ ମରାମତି କରି ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସାମାଜିକ କର୍ମୀ ତଥା ବ୍ୟାସ ଫାଉଣ୍ଡେଶନର ଉପସଭାନେତ୍ରୀ ରଶ୍ମିତା ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ଏରସମା ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୋଦ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଥିଲେ, ଆଗରୁ ଏ ବିଷୟରେ ସେ କିଛି ଜାଣି ନ ଥିଲେ। ତୁରନ୍ତ ଏହାକୁ ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

### ଗୌରବିହାରରୁ ଚୋରି ଘଟଣା ; ୬ ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା,୨୮।୬(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର କୁଳିଆଗାଁଠାରେ ଥିବା ନାମ ଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳର ସ୍ଥାୟୀ କାର୍ଯ୍ୟାଳୟ ଗୌର ବିହାରରୁ ୨୦ ଜୁନ୍‌ରେ ମାଇକ ସେଟ ସମେତ ଫ୍ୟାନ ଓ ପାଣିମୋଟର ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ କଣିଆ ଗାଁର ରାଜେଶ ଦାସ, ଦୀପକ ସାହୁ, ପୁପୁନ ବାରିକ, ଥାଇଲୋ ଗାଁର ଅଜୟ ମଲ୍ଲିକ ଓ କୁଳିଆ ଗାଁର ଆଲୋକ ଦାସ। ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା ଟେଣ୍ଟ ମାଲିକ ରଣପୁର ଗାଁର ସୁରେଶ ଦାଶ । ତେବେ ଅନ୍ୟତମ ଅଭିଯୁକ୍ତ କୁଳିଆ ଗାଁର ମକରା ଦାସ ଏବେ ବି ଫେରାର ଅଛନ୍ତି।

### ସରକାରୀ ଜାଗାରେ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାଲିକୁଦା,୨୮।୬(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କୁସୁପୁର ଗାଁରେ ଗ୍ରାମଦେବତୀଙ୍କ ବିଜେ ସ୍ଥଳୀକୁ ଲାଗି କରିଥିବା ଏକ ସରକାରୀ ଜାଗାରେ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପୂର୍ବରୁ ଏହି ସମସ୍ୟାକୁ ନେଇ ଗାଁ ଲୋକେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି ଏଠାରେ ଗୃହ ନିର୍ମାଣ କରୁଥିବା ବେଳେ ଗାଁ ଲୋକେ ମିଳି ମିଶି ଏହାକୁ ବିରୋଧ କରିବା ସହ ନିର୍ମାଣାଧୀନ ଘରକୁ ଭାଙ୍ଗି ଦେଇଛନ୍ତି। ଏନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

# ଶିଶୁ ଶ୍ରମିକ ମୁକ୍ତ ଜଗତ୍‌ସିଂହପୁର ଆମ ସଂକଳ୍ପ

## ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ ଓ ଶିଶୁ ଶ୍ରମିକ ନିରାକରଣ ସଚେତନତା ବୈଠକ

ଜଗତ୍‌ସିଂହପୁର, ୨୮।୬ (ପ୍ରମୋଦ କୁମାର ନାୟକ)

ଶିଶୁ ଶ୍ରମିକ ଭଳି ଘୃଣ୍ୟ ପ୍ରଥା ସମାଜରେ ଏବେବି ବଞ୍ଚି ରହିଛି। ଏହାଠାରୁ ଆମ୍ଭମାନଙ୍କ ପାଇଁ ଆଉ କିଛି ଦୁଃଖ ଓ ପରିତାପର ବିଷୟ ନ ଥାଇପାରେ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରୋଧ ଟାସ୍କ ଫୋର୍ସ, ଜଏଣ୍ଟ ଆକ୍ସନ ପ୍ଲାନ ଅନ ପ୍ରିଭେନ୍ସନ ଅଫ ଡ୍ରଗ ଆଣ୍ଡ ସବଷ୍ଟାନ୍ସ ଆବ୍ୟୁଜ ଓ ଅବୈଧ ଚାଲାଣ ସମ୍ପର୍କିତ ତ୍ରୈମାସିକ ବୈଠକରେ ଯୋଗଦେଇ ଜିଲାପାଳ ଅନୁପମ ଶାହା ଏହା କହିଛନ୍ତି। ବୈଠକରେ ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ଯତ୍ନ ଅନୁଷ୍ଠାନ, ଚାଇଲ୍ଡ ଲାଇନ ସେବା '୧୦୯୮' ସହ ଶିଶୁ ପାଇଁ ଦିନଟିଏ ଏବଂ ଶିଶୁ ଶ୍ରମିକ ନିରାକରଣ ତଥା ଶିଶୁ ସୁରକ୍ଷା ଗ୍ରାଣ୍ଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ଶିଶୁ ଶ୍ରମିକ ପ୍ରଥାକୁ ସାମାଜିକ ବ୍ୟାଧି ରୂପେ ଅଭିହିତ କରି ଏହାର ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜନ ଆଇନତଃ ଦଣ୍ଡନୀୟ ଅପରାଧ। ବୈଠକରେ କିଶୋର ନ୍ୟାୟ ଅଧିନିୟମ, ୨୦୧୫ ଶିଶୁ ଯୌନ ଶୋଷଣ ସୁରକ୍ଷା ଅଧିନିୟମ ୨୦୧୨, ମିଶନ ବାତ୍ସଲ୍ୟ, ପୋଷ୍ୟ ସନ୍ତାନ ଗ୍ରହଣ ତଥା ଶିଶୁ ସୁରକ୍ଷା ନିମନ୍ତେ ତୃଣମୂଳସ୍ତରରେ ବିଭିନ୍ନ ଗ୍ରାଣ୍ଟ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିସରର ୧୦୦ ଗଜ ଦୂରତା ମଧ୍ୟରେ କୌଣସି ନିଶା ଦ୍ରବ୍ୟ ବିକ୍ରୟ ଦଣ୍ଡନୀୟ ଅପରାଧ। ବ୍ୟତିକ୍ରମ ହେଉଥିଲେ ଜିଲା ଶିକ୍ଷା ଅଧିକାରୀ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ବିଦ୍ୟାଳୟଗୁଡ଼ିକରେ ପ୍ରହରୀ ସଚେତନତା କ୍ଲବ ଖୋଲିବା, ଔଷଧ ଦୋକାନରେ ସିସିଟିଭି ଲଗାଇବା, ବିଭିନ୍ନ ପୋଷ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଦୋକାନ, ବଜାରରେ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜନ କରୁଥିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ। ପଞ୍ଚାୟତସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଇ ସମାଜକୁ ଶିଶୁ ଶ୍ରମିକ ଓ ଅବୈଧ ଚାଲାଣ ମୁକ୍ତ କରିବା ଜରୁରୀ। ଶିଶୁମାନଙ୍କୁ ଶିକ୍ଷାର ସମସ୍ତ ବ୍ୟବସ୍ଥା ସହ ମନୋରଞ୍ଜନ କାର୍ଯ୍ୟକ୍ରମ, ଧନ୍ଦାମୂଳକ ତାଲିମ, ଦେବାକୁ ହେବ। ସିଡିପିଓମାନେ ଗ୍ରାମ ପଞ୍ଚାୟତସ୍ତରରେ ସମୀକ୍ଷା ବୈଠକ କରି ପ୍ରତ୍ୟକ୍ଷ ଭାବେ ସମସ୍ତ ସମସ୍ୟାଗୁଡ଼ିକୁ ବୁଝି ଏହାର ସମାଧାନ କରିବା ଆବଶ୍ୟକ ବୋଲି ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଗତ ୨୭ ତାରିଖରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଶ୍ରମିକ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତାର ୯ ଜଣ କୃତୀପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଭିମୁଖ୍ୟ ଥିଲା ଶିଶୁ ଶ୍ରମିକ ମୁକ୍ତ ଜଗତ୍‌ସିଂହପୁର ଆମ ସଂକଳ୍ପ। ଜିଲା ଶ୍ରମ ଅଧିକାରୀ ସ୍ମୃତିରେଖା ନାୟକ ଏ ସମ୍ପର୍କରେ ବକ୍ତବ୍ୟ ରଖି ଏକ ମାସ ବ୍ୟାପୀ କାର୍ଯ୍ୟକ୍ରମର ତାଲିକା ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ଶିଶୁ ସୁରକ୍ଷା ବିଭାଗ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ, କିଶୋର ନ୍ୟାୟ ପରିଷଦର କର୍ମକର୍ତ୍ତା, ଜିଲା ମଙ୍ଗଳ ଅଧିକାରୀ, ଶ୍ରମ ଅଧିକାରୀ, ଜିଲାର ସମସ୍ତ ସିଡିପିଓ, ପୋଲିସ ବିଭାଗ ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, କିଶୋର ନ୍ୟାୟ ପରିଷଦର ସଦସ୍ୟ ପମୁଖ କକଉପସ୍ଥିତ ଥିଲେ।



ଜିଲାପାଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ପାରାଦୀପ ରିଫାଇନେରି ଟାଉନଶିପ ମଧ୍ୟରେ ଚାଲିଥିବା ସାପ୍ତାହିକ ଯୋଗ ଶିବିର।

## ଯୋଗ କଲେ ଶରୀର, ମନ ପ୍ରଫୁଲ୍ଲ ରହେ

**ପାରାଦୀପ,୨୮।୬(ଶରତ ରାଉତ):** ପାରାଦୀପ ରିଫାଇନେରି ଟାଉନଶିପ ମଧ୍ୟରେ ଚାଲିଥିବା ସାପ୍ତାହିକ ଯୋଗ ଶିବିର ଉଦ୍‌ଯାପିତ ହୋଇଛି। ଆରମ୍ଭରେ ଏହାକୁ ରିଫାଇନେରି ପ୍ରମୁଖ କୌଶିକ ବାସୁ ଉଦ୍‌ଘାଟନ କରିଥିଲେ। ଶିବିରରେ ରିଫାଇନେରି କର୍ମଚାରୀ ଓ ସେମାନଙ୍କ ପରିବାର ଲୋକେ ସାମିଲ ହୋଇଥିଲେ। ଯୋଗଗୁରୁ ତପୋନିଧି ମହାରାଜ ଯୋଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଯୋଗ କଲେ ଶରୀର ଓ ମନ ପ୍ରଫୁଲ୍ଲ ରହେ ବୋଲି ଯୋଗଗୁରୁ ମହାରାଜ ପରାମର୍ଶ ଦେଇଥିଲେ।

## ଜଗତ୍‌ସିଂହପୁର ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍ କାର୍ଯ୍ୟକାରିଣୀ ବୈଠକ

# 'ଔଷଧ ଦୋକାନରେ ସିସିଟିଭି ବାଧ୍ୟତାମୂଳକ ନ ହେଉ'

କୁଜଙ୍ଗ,୨୮।୬(ମନୋଜ ପ୍ରଧାନ)

ବଡ ମେଡିସିନ କମ୍ପାନୀଗୁଡ଼ିକ ନିଜ ଉତ୍ପାଦ ଉପରେ ଶତକଡା ୪୦% ରିହାତି ପ୍ରଦାନ କରୁଥିବା ନେଇ ପ୍ରଚାର କରୁଛନ୍ତି। ବାସ୍ତବ କ୍ଷେତ୍ରରେ ସେମାନେ ଏତେ ପରିମାଣର ରିହାତି ଦେଉନାହାନ୍ତି। ଏଭଳି ପ୍ରଚାର ଦ୍ୱାରା ଗ୍ରାହକ ଓ ଦୋକାନୀ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ବୋଲି ଜଗତ୍‌ସିଂହପୁର ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ କାର୍ଯ୍ୟକାରିଣୀ ବୈଠକରେ ମତ ପ୍ରକାଶ ପାଇଥିଲା। କୁଜଙ୍ଗସ୍ଥିତ ବିଦ୍ୟୁଲତା ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ଆସୋସିଏଶନ୍ ସଭାପତି ଶ୍ରୀକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ବ୍ୟବସାୟିକ କମିଟି ଅଧ୍ୟକ୍ଷ ଶାରଦା ପ୍ରସନ୍ନ ଶତପଥୀ, ଜିଲା କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ବିଶ୍ୱଜିତ୍ ସ୍ୱାଇଁ, ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରାରି ମୋହନ ତ୍ରିପାଠୀ, ପ୍ରଭାତ ପ୍ରକାଶ ସାହୁ , ପ୍ରଶାନ୍ତ ପାଲ , କୁଜଙ୍ଗ ଥାନା ଅଞ୍ଚଳ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନଦା ପ୍ରସାଦ ମଲ୍ଲ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଔଷଧ ଦୋକାନଗୁଡ଼ିକରେ ସରକାରଙ୍କ ପକ୍ଷରୁ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରାଯିବା ଠିକ ନୁହେଁ କାରଣ ସବୁ ଦୋକାନୀ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ ନୁହନ୍ତି। ତେଣୁ ସିସିଟିଭିକୁ ବାଧ୍ୟତା ମୂଳକ ନ କରିବାକୁ ଦାବି ଉଠିଥିଲା। ଅନ୍ୟ ପକ୍ଷରେ ଯିଏ ସ୍ୱଇଚ୍ଛାରେ ସିସିଟିଭି ଲଗାଇବ ସେଥିପାଇଁ ସଂଘ ପକ୍ଷରୁ ବାରଣ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକକୁ ଜ୍ଞାନଦା ପ୍ରସାଦ ମଲ୍ଲ ଓ ଶୈଳେନ୍ଦ୍ର ନାରାୟଣ ଖୁଣ୍ଟିଆ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟ



@ ଅନୀଲ



@ ସୁବେଶ



@ ତୁମେଶ



@ ଦିଗମ୍ବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

***Opinion***

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.

2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

***Basis for Opinion***

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

**Annex I**
**Form A**
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh

**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| **Total:** | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| **Total:** | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**

**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President

# ନୟାଗଡ଼ ସହରର ଟ୍ରାଫିକ୍ ସମସ୍ୟା ସୁଧୁରିପାରୁନି

■ଗୋଲେଇ ଟ୍ରାଫିକ୍‌ରେ ୨.୧୫ କୋଟି ଅପବ୍ୟୟ ଅଭିଯୋଗ

■ପିଚୁରେ ଅଟକିଗଲା ବିକାଶ

■୪ ଲେନ୍‌ର ରାସ୍ତା ଖୋଜିଲେ ମିଳୁନି

ନୟାଗଡ଼,୨୮ା୬(ଲୋକନାଥ ମିଶ୍ର)



ନୟାଗଡ଼ ସହରରେ ଥିବା ଗୋଲେଇ ଟ୍ରାଫିକ୍ ଛକ।

ନୟାଗଡ଼ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଗୋଲେଇ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯାଇଛି। ଏହା ନିର୍ମାଣ ପରେ ଟ୍ରାଫିକ୍ ସମସ୍ୟା ସୁଧାରିବା ବଦଳରେ ବଢ଼ି ଚାଲିଛି। ୨ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି। ଗୋଲେଇ ଟ୍ରାଫିକ୍ ଛକ ଏବେ ନୟାଗଡ଼ ସହର ପାଇଁ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ସାଧାରଣରେ ଚିନ୍ତାର କାରଣ ପାଲଟିଛି। ଏହି ସମସ୍ୟାକୁ ଅନୁଧ୍ୟାନ କଲେ ଗୋଲେଇ ଟ୍ରାଫିକ୍ ଛକରେ ୨.୧୫ କୋଟି ଟଙ୍କା ଅପବ୍ୟୟ କରାଗଲା ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଟ୍ରାଫିକ୍‌ର ନବକଳେବର ପିଚୁରେ ଅଟକି ଯାଇ ଥିବାବେଳେ ୪ ଲେନ ରାସ୍ତା ଦେଖିବାକୁ ମିଳୁନାହିଁ।

୨୦୨୩ ଫେବୃଆରୀ ୨୧ରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ୨କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଟ୍ରାଫିକ୍ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ ହୋଇଥିଲା। ପ୍ରସ୍ତାବିତ ଟ୍ରାଫିକ୍ ପୋଷ୍ଟଟି ଗୋଲେଇ ଛକ କରି ନିର୍ମାଣ ହେବ ବୋଲି କୁହାଯାଇଥିଲା। ଗୋଲେଇ ଟ୍ରାଫିକ୍ ଛକର ଭିତରପାର୍ଶ୍ୱ ୧୮ ମିଟର ଓ ୪ ପାର୍ଶ୍ୱରେ ୩ ଲେନ ରାସ୍ତା ଯାହାକି ୧୦.୫ ମିଟରର ଚଉଡା କରାଯାଇ ନିର୍ମାଣ କରାଯିବ। ଗୋଲେଇ ଟ୍ରାଫିକ୍ ଛକଠାରୁ ଓଡଗାଁ, ଖୋର୍ଦ୍ଧା, ଦଶପଲ୍ଲା ଓ ଖଣ୍ଡପଡ଼ାକୁ ପଡିଥିବା ରାସ୍ତା ୧୪ ମିଟର ଭିତରେ ୪ ଲେନର କରାଯିବ। ପ୍ରସ୍ତାବିତ ଟ୍ରାଫିକ୍‌ର ଗୋଲେଇ ଛକଠାରୁ ଖୋର୍ଦ୍ଧା, ଦଶପଲ୍ଲା ଓ ଓଡଗାଁ ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯିବ। ପୁଣି ଖଣ୍ଡପଡ଼ା ରୋଡରେ ୬୦ ମିଟର ରାସ୍ତା ଅନୁରୂପ ଭାବେ ପ୍ରଶସ୍ତୀକରଣ ହେବ ବୋଲି ସେ ସମୟରେ କୁହାଯାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଗୋଲେଇ ଟ୍ରାଫିକ୍ ଛକ କାମ ଶେଷ ହୋଇ ଉଦ୍‌ଘାଟନ ହୋଇଛି। ଗୋଲେଇ ଟ୍ରାଫିକ୍‌ର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ୨୯ଲକ୍ଷ ଟଙ୍କାରେ ଜଳ ଫୁଆର ହୋଇଛି। ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ସୁନ୍ଦର ଆଲୋକରେ ଜଳ ଫୁଆରର ରୂପ ଝଲସୁଛି। ହେଲେ ୪ ଲେନ ରାସ୍ତା ଭାଷଣବାଜିରେ ରହିଯାଇଛି। ପୁଣି ରାସ୍ତା ପ୍ରଶସ୍ତ ହେବା ବଦଳରେ ଅଣଓସାରିଆ ହୋଇଗଲା। ଡିଏଫ୍‌ଓ ଅଫିସ ପ୍ରାଚୀର ଭଙ୍ଗାଗଲା ହେଲେ ସୁଫଳ ମିଳିଲାନାହିଁ। ଅନ୍ୟପକ୍ଷେ ଟ୍ରାଫିକ୍ ସମସ୍ୟା ବଢ଼ି ଚାଲିବା ପରେ ଗୋଲେଇ ଟ୍ରାଫିକ୍ ଛକର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଏ ନେଇ ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ ଓ ଆଇନଜୀବୀ ରଣଜିତ୍ ଦାଶ କହିଛନ୍ତି, ନୟାଗଡ଼ ସହରରୁ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଗୋଲେଇ ଟ୍ରାଫିକ୍ ଛକ ଓ ଏଥିରେ ଥିବା ଜଳ ଫୁଆର କରାଗଲା। ଏଥିପାଇଁ ୨.୧୫ କୋଟି ଟଙ୍କା ଖର୍ଚ୍ଚ କରାଗଲା। ହେଲେ ଗୋଲେଇ ଟ୍ରାଫିକ୍ ଛକ ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ବଦଳରେ ବଢ଼ାଇ ଚାଲିଛି। ଗୋଲେଇ ଟ୍ରାଫିକ୍ ଏବେ ଦୁର୍ଘଟଣାର କାରଣ ହୋଇଛି। ଗୋଲେଇ ଟ୍ରାଫିକ୍ ପାଇଁ ପୁରୁଣା ବସ୍‌ଷ୍ଟାଣ୍ଡ ଭଙ୍ଗା ଗଲା। ରାସ୍ତା ପ୍ରଶସ୍ତୀକରଣ କରାଗଲା। କାମ ଶେଷ ପରେ ରାସ୍ତା ପ୍ରଶସ୍ତୀକରଣ ବଦଳରେ ସଙ୍କୁଚିତ ହୋଇଗଲା। ଗୋଲେଇ ଛକର କାମକୁ ଅନୁଧ୍ୟାନ କଲେ ୨.୧୫ କୋଟି ଟଙ୍କା ଖର୍ଚ୍ଚ ହେଲା ପରି ଲାଗୁ ନାହିଁ। ଗୋଲେଇ ଟ୍ରାଫିକ୍ ଛକର କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରିବା ଦରକାର ବୋଲି ମତପ୍ରକାଶ ପାଇଲାଣି। ଅନ୍ୟପକ୍ଷେ ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ସହରବାସୀ ଚିନ୍ତା କରିବାର ଆବଶ୍ୟକତା ଦେଖାଦେଇଛି ବୋଲି ସେ କହିଛନ୍ତି।

# ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ ଶିଳ୍ପ ପରିଭ୍ରମଣ





ପରିଭ୍ରମଣରେ ଯାଉଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଶରଣକୁଳ, ୨୮ା୬(ଦୀପକ କର)

ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଶିଳ୍ପାନୁଷ୍ଠାନ ପରିଭ୍ରମଣ ଶିକ୍ଷା' ଅନୁଷ୍ଠିତ ହୋଇଯାଇଛି। ଏହି ପରିଭ୍ରମଣରେ ନାରାୟଣ ଉଚ୍ଚ ବିଦ୍ୟାଳୟ (ହବ୍ ସ୍କୁଲ)ର ନବମ ଓ ଦଶମ ଶ୍ରେଣୀର ୬୦ ଶିକ୍ଷାର୍ଥୀ ଏବଂ ସ୍ପୋକ ସ୍କୁଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ୧୮ଜଣ ଶିକ୍ଷାର୍ଥୀ ସାମିଲ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଦୁଇଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ଗାଁସ୍ଥିତ ଅମନ ଟେକ୍ସଟାଇଲକୁ ପରିଭ୍ରମଣ କରିଥିଲେ। ପ୍ରତିଷ୍ଠାତା ମିନତି ସାହୁ ଏବଂ ନାରାୟଣ ଉଚ୍ଚ ବିଦ୍ୟାଳୟର ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ରଙ୍କ ସହାୟତାରେ ବିଭିନ୍ନ ପ୍ରକାର ସିଲେଇ ମେଶିନର ପରିଚାଳନା ଏବଂ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କିପରି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରାଯିବ, ସେ ବିଷୟରେ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେଇଥିଲେ। ଏହି ପରିଭ୍ରମଣରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ଦାମୋଦର ସାହୁ, ପ୍ରଶାନ୍ତ ଦାସ, ଜନାର୍ଦ୍ଦନ ପରିଡ଼ା ଏବଂ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ ଓ ସୁନୀତା ସାହୁ, ସିଆର୍‌ସିସି ଗୋଦାବରୀ ବସନ୍ତିଆ, ଆଲୋକ ରଞ୍ଜନ ମଲ୍ଲିକ, ଜଗନ୍ନାଥ ଗୌଡ଼ଙ୍କ ସମେତ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ସାହୁ ସହଯୋଗ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ଦାମୂଳକ ଶିକ୍ଷାରେ ଶିଳ୍ପାନୁଷ୍ଠାନ ପରିଭ୍ରମଣର ଯଥେଷ୍ଟ ଆବଶ୍ୟକତା ରହିଥିବା ମତ ରଖିଥିଲେ। ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ ଶିକ୍ଷାକ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାର ଉପାଦେୟତା ସହ ଛାତ୍ରୀଛାତ୍ର ଭବିଷ୍ୟତରେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ଶିଳ୍ପ ପରିଭ୍ରମଣ ସମ୍ଭାବ୍ୟ କ୍ୟାରିୟର ପଥ ଅନୁସନ୍ଧାନ ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟକରେ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆବଶ୍ୟକ କୌଶଳ ଏବଂ ଯୋଗ୍ୟତା ବିଷୟରେ ଜାଣିପାରିବେ ବୋଲି ଯୁକ୍ତି ରଖିଥିଲେ। ଶିକ୍ଷାର୍ଥୀଙ୍କ ଉକ୍ତ ଶିଳ୍ପାନୁଷ୍ଠାନ ପରିଭ୍ରମଣ ଏହି ଶିକ୍ଷାରେ ବିଶେଷ ଲାଭପ୍ରଦ ହେବ ବୋଲି ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ମତପ୍ରକାଶ କରିଥିଲେ।

# ଅସହାୟ ବୃଦ୍ଧାଙ୍କ ପାଇଁ ଘର ନିର୍ମାଣ

ଦଶପଲ୍ଲା, ୨୮ା୬
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅଞ୍ଚଳର କେତେଜଣ ଯୁବକଙ୍କୁ ନେଇ ଗଠିତ ପବନପୁତ୍ର ସେବା ସମିତି ପକ୍ଷରୁ ଜଣେ ଅସହାୟ ବୃଦ୍ଧାଙ୍କ ପାଇଁ ଏକ ଘର ନିର୍ମାଣ କାର୍ଯ୍ୟ କରାଯାଇ ଶୁକ୍ରବାର ପ୍ରତିଷ୍ଠା କରାଯାଇଛି। ଏଭଳି ଜନହିତକର କାର୍ଯ୍ୟ କରି ଅନୁଷ୍ଠାନର ସଦସ୍ୟମାନେ ପ୍ରଶଂସାର ପାତ୍ର ହୋଇଛନ୍ତି। ଦଶପଲ୍ଲା ବ୍ଲକର ମଧଖଣ୍ଡ ବାଲି କାଦୁଆ ସାହି ଗ୍ରାମ ଲକ୍ଷ୍ମୀ ସାହୁ ନାମ୍ନୀ ଜଣେ ଅସହାୟ ବୃଦ୍ଧାଙ୍କର ରହିବା ପାଇଁ ଘର ଖଣ୍ଡିଏ ନ ଥିଲା। ଘର ନ ଥିବାରୁ ବୃଦ୍ଧା ବହୁ କଷ୍ଟରେ ଚଳୁଥିଲେ। ପବନ ସୂତ ସେବା ସମିତିର କର୍ମକର୍ତ୍ତାମାନେ ଜାଣି ପାରି ବୃଦ୍ଧାଙ୍କ ଘରେ ପହଞ୍ଚି ସାହାଯ୍ୟର ହାତ ବଢ଼ାଇ ଥିଲେ। ଘର ଖଣ୍ଡିଏ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ କଥା ରଖିଥିଲେ। ଶୁକ୍ରବାର ପ୍ରତିଷ୍ଠା ଉତ୍ସବ ରେ ମିଠା ବଣ୍ଟନ କରି ଖୁସି ମାନଇ ଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଉତ୍ତର କବାଟଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଘର ପ୍ରତିଷ୍ଠା ଉତ୍ସବରେ ବୃଦ୍ଧା ସହ ଅନୁଷ୍ଠାନର କର୍ମକର୍ତ୍ତା।

## ସେଲ୍‌ଫି କର୍ନର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟ



@ ଅନିଲ



@ ସୁବେଶ



@ ଦୁମେଶ



@ ଦିଗାମ୍ବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଇପଲାଇନ୍ ଖାଲରେ ପଶିଲା ବସ୍ ଚକା

ଓଡଗାଁ ,୨୮ା୬
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଅଳ୍ପ ଦୂର ଶ୍ମଶାନ ନିକଟରେ ଲକ୍ଷ୍ମୀ ବସ୍ ରାସ୍ତା ଉପରେ ହଠାତ ଢଳି ପଡ଼ିବାରୁ ନିମିଷକ ମଧ୍ୟରେ ଯାତ୍ରୀମାନଙ୍କ ମଧ୍ୟରେ ଭୟ ଖେଳି ଯାଇଥିଲା। ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଢଳି ପଡ଼ିଥିବା ବସରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ ଟାରେ ବସ୍‌ଟି ଓଡ଼ଗାଁ ଅଭିମୁଖେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବହୁ ଚେଷ୍ଟା କରିବା ପରେ ଲକ୍ଷ୍ମୀ ବସ୍‌କୁ ଠିଆ କରାଯାଇ ପାରି ନ ଥିଲା। ଶେଷରେ ଉଚ୍ଚ କ୍ଷମତା ସମ୍ପର୍ନ୍ନ ହାଇଡ୍ରା ମାଧ୍ୟମରେ ଲକ୍ଷ୍ମୀ ବସ୍‌କୁ ଠିଆ କରାଯାଇଥିଲା। ଘଟଣା ସ୍ଥଳରୁ ଜଣାଯାଏ ପାନୀୟ ଜଳ ଯୋଗାଣ ନିମନ୍ତେ ରାସ୍ତାର ଉଭୟପାର୍ଶ୍ୱରେ ପାଇପ୍ ଲାଇନ୍ ପାଇଁ ଗାତ ଖୋଳାଯାଇଥିଲା। ଏହି ପାଇପଲାଇନକୁ ପୋତିବା ବେଳେ ପିଚୁ ସଡକରୁ ମାଟିକୁ ପରିଷ୍କାର କରାଯାଇ ନ ଥିଲା। ଝିପିଝିପି ବର୍ଷାରେ ମାଟି ଓଦା ହେବାରୁ ବାମ ଚକ ବାମ ପାର୍ଶ୍ୱକୁ ଭିଡ଼ି ହୋଇ ଯାଇ ପାଇପ ଲାଇନ ଗାତ ଭିତରେ ପଶି ଯାଇଥିଲା। ବସ୍‌ଟି ନିୟନ୍ତ୍ରଣ ହରାଇ ବସିଥିଲେ ସୁଧା ଚାଳକ ଷ୍ଟିୟରିଂକୁ ଭିଡ଼ି ଧରିଥିବାରୁ ବସ୍‌ଟି ସମ୍ପୂର୍ଣ୍ଣ ଓଲଟି ପଡିବା ପରିବର୍ତ୍ତେ ଢଳି ରହିଥିଲା। ରବିଗାଡିଆ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ବସ୍ କର୍ମଚାରୀଙ୍କୁ ସହଯୋଗ କରିଥିଲେ।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
The Members,
Sundargarh District Central Co-operative Bank Limited,
Sundargarh.

Report on the Audit of the Standalone Financial Statements

*Opinion*

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.

2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

*Basis for Opinion*

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
M/S G. MAHAPATRA & CO.
(FRN: 303056E)

Annex I
Form A
Form of Balance Sheet

Balance Sheet of The Sundargarh District Central Co-Operative Bank Ltd.,Sundargarh
Balance as on 31st March 2024 (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| Total: | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| Total: | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

Form B

Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh

Form of Profit and Loss Account for the Year ended 31st March 2024(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD)   Sd/- Chief Executive Officer   Sd/- Director   Sd/- Director   Sd/- Director   Sd/- President

# ଆମ୍ବ, ନଡ଼ିଆ, କାଜୁ ବଗିଚା ନାଁରେ ଅର୍ଥ ଆତ୍ମସାତ୍

## ଉଦ୍ୟାନ ବିଭାଗରେ ଦୁର୍ନୀତି ଅଭିଯୋଗ

କୋରେଇ,୨୮।୬(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଗାଁ ଗହଳିର ହିତାଧିକାରୀଙ୍କ ନାମରେ ଆମ୍ବ, ନଡ଼ିଆ, କାଜୁ ଆଦି ମିଥ୍ୟା ବଗିଚା ସୃଷ୍ଟି କରି ଉଦ୍ୟାନ ବିଭାଗର କେତେଜଣ କର୍ମଚାରୀ ସମସ୍ତ ଅର୍ଥ ଆତ୍ମସାତ୍ କରିଛନ୍ତି। ଏନେଇ ହୋଇଥିବା ଅଭିଯୋଗ ଅନୁସାରେ ଉଦ୍ୟାନ ବିଭାଗ ପକ୍ଷରୁ ଗତ ୪ ବର୍ଷ ମଧ୍ୟରେ ଜିଲାରେ ୫,୦୨୫ଟି ଆମ୍ବ, କାଜୁ ଏବଂ ନଡ଼ିଆ ବଗିଚା ସୃଷ୍ଟି କରାଯାଇଛି। ଏଥିମଧ୍ୟରୁ ୩,୩୨୬ଟି ବଗିଚା ସମ୍ପୂର୍ଣ୍ଣ ହୋଇଥିବାବେଳେ ୧,୬୯୯ଟି ବଗିଚାର କାମ ଚାଲୁରହିଛି। କେବଳ କୋରେଇ ବ୍ଲକରେ ୧୩୬ ଜଣ ହିତାଧିକାରୀଙ୍କ ବଗିଚାରେ ଚାରାରୋପଣ କାର୍ଯ୍ୟ ଚାଲୁ ରହିବା ସହ ୨୫୫ ଜଣ ହିତାଧିକାରୀ ବଗିଚା ସମ୍ପୂର୍ଣ୍ଣ ହୋଇଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ହେଲେ ହିତାଧିକାରୀମାନଙ୍କୁ ଭେଟିଲେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଜଣାପଡୁଛି। କେବଳ କାଗଜକଲମରେ ଆମ୍ବ, ନଡ଼ିଆ, କାଜୁ ବଗିଚା ସୃଷ୍ଟି କରାଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ମାଧ୍ୟମରେ ବିପୁଳ ଅର୍ଥ ଆତ୍ମସାତ୍ ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅନ୍ଧାରୀ ପଞ୍ଚାୟତର ତ୍ରିଲୋଚନ ମିଶ୍ରଙ୍କ ନାମରେ ଆମ୍ବ ବଗିଚା ନାମରେ ୪୯ ହଜାର ଟଙ୍କାର ବିଲ୍ କରାଯାଇଥିବାବେଳେ ବାସ୍ତବରେ ତ୍ରିଲୋଚନଙ୍କ



କୌଣସି ଆମ୍ବ ବଗିଚା ନ ଥିବା ଜଣାପଡ଼ିଛି। ଅନୁରୂପ ଭାବରେ ନିତ୍ୟାନନ୍ଦ ଦାସଙ୍କ ନାମରେ ୯୫ ହଜାର ଟଙ୍କାର ମିଥ୍ୟା ବିଲ୍ କରାଯାଇଛି। ସେହି ପଞ୍ଚାୟତର ମହେନ୍ଦ୍ର ମହାକୁଡ଼, ଅଲେଖ ମହାକୁଡ଼, ଆଦିକନ୍ଦ ଦାସ, ପ୍ରସନ୍ନ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ରଙ୍ଗଲତା ଖୁଣ୍ଟିଆ, ପର୍ଶୁରାମ ଦାସ, ଅନାମ ଦାସ, କପିଳ ଚନ୍ଦ୍ର ଦାସ ପ୍ରମୁଖ ହିତାଧିକାରୀଙ୍କ ନାମରେ ମିଥ୍ୟା କାଜୁ ବଗିଚା ଏବଂ ନଡ଼ିଆ ବଗିଚା ଦର୍ଶାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଛି। ହିତାଧିକାରୀଙ୍କୁ ଭେଟିଲେ କୌଣସି ଗଛର ଚିହ୍ନବର୍ଣ୍ଣ ମିଳୁନାହିଁ। ଅନ୍ୟ କେତେଜଣ ହିତାଧିକାରୀଙ୍କୁ ଅଧା ଚାରା ଦେଇ ଅଧା ବାହାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି କମ୍ପୋଷ୍ଟ, ପ୍ଲାଷ୍ଟିକ ଜାଲି ଆଦି ସାମଗ୍ରୀ ଏବଂ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ନ ଦେଇ ଏହାକୁ ଅଧିକାରୀମାନେ ଆତ୍ମସାତ୍ କରିଥିବା ଅଭିଯୋଗ ହେଉଛି। କେବଳ ଅନ୍ଧାରୀ ପଞ୍ଚାୟତ ନୁହେଁ, କୋରେଇ ବ୍ଲକର ସମସ୍ତ ପଞ୍ଚାୟତରେ ଏହି ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଏନେଇ ଉଦ୍ୟାନ ସମ୍ପ୍ରସାରଣ ସାଥୀ କାଳନ୍ଦୀ ଚରଣ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ବରୁ କ'ଣ ହେଉଥିଲା ସେ ଜାଣିନାହାନ୍ତି, ଏବେ ଠିକ୍ ଚାଲିଛି ବୋଲି ସେ କହିଛନ୍ତି ।

# ବାତ ଜ୍ୱର ନିରାକରଣ ପ୍ରଶିକ୍ଷଣ

ଜେନାପୁର,୨୮।୬(ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ(ଫାଇଲେରିଆ) ବାତଜ୍ୱର ନିରାକରଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ପିଏଚ୍‌ଇଓ ସବିତାରାଣୀ ମହାନ୍ତି, ଟ୍ରେନର ସଂଗ୍ରାମ କେଶରୀ ଷଡ଼ଙ୍ଗୀ ଯୋଗଦେଇ ମର୍ଜିତାପୁର, ସୋରାଇ, ବୃନ୍ଦାଦେଇପୁର ଓ ଜେନାପୁର ପଞ୍ଚାୟତର ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେମାନଙ୍କୁ ଘର ଘର ବୁଲି ସର୍ଭେ କରିବା ସହ ବାତ ଜ୍ୱର ନିରାକରଣ ନିମନ୍ତେ ଲୋକଙ୍କୁ ଔଷଧ ଖୁଆଇବାକୁ ପରାମର୍ଶ ଦେଇଛନ୍ତି। ଶିବିରରେ ସିଏଚ୍‌ଓ ଗୀତାଞ୍ଜଳି ସାହୁ, ଏଲ୍‌ଏଚ୍‌ଭି ସୁଲେଖା ସିଂହ, ଏଏନ୍‌ଏମ ସାବିତ୍ରୀ ଦାସ ଓ ସ୍ୱାସ୍ଥ୍ୟକର୍ମୀ ଦେବାଶିଷ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ।

# ସିଂହପୁର ବଜାର ରାସ୍ତା ଶୋଚନୀୟ

ସିଂହପୁର,୨୮।୬(ଅନଙ୍ଗ ଉଦୟ ବେଉରିଆ)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରଠାରୁ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆର୍ ଆଣ୍ଡ୍ ବି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଗତବର୍ଷ ଏହି ରାସ୍ତା କାର୍ଯ୍ୟ କରାଯାଇଥିଲା। ବଜାର ପର୍ଯ୍ୟନ୍ତ ପିଚୁ ହୋଇଛି। ହେଲେ ବଜାରଠାରୁ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପିଚୁ କରାଯାଇ ନ ଥିବାରୁ ରାସ୍ତାରୁ ଗୋଡ଼ି ଉଠିବା ସହିତ କେତକ ସ୍ଥାନରେ ଅସରାଏ ବର୍ଷା ହେଲେ ପାଣି ଜମିରହୁଛି। ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଏହି ରାସ୍ତାକୁ ପିଚୁ କରିବାକୁ ଜନସାଧାରଣଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

# ବିବି କଲେଜ ଯୁକ୍ତ ୩, ପିଜି ଫଳ ପ୍ରକାଶ

## କଳାରେ ୮୯.୭%, ବିଜ୍ଞାନରେ ୯୫%, ବାଣିଜ୍ୟରେ ୯୧.୫% ଛାତ୍ରୀଛାତ୍ର କୃତକାର୍ଯ୍ୟ



ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

ବଡ଼ଚଣା,୨୮।୬(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ(ବିବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ପିଜି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଯୁକ୍ତ୩ କଳାରେ ୮୯.୭%, ବିଜ୍ଞାନରେ ୯୫%, ବାଣିଜ୍ୟରେ ୯୧.୫% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କଳା ଶିକ୍ଷା ବିଭାଗର ରୋଜାଲିନ ପ୍ରଧାନ ବେଷ୍ଟ ଗ୍ରାଜୁଏଟ ହୋଇଥିବା ବେଳେ ବିଜ୍ଞାନରେ ପ୍ରିୟାଙ୍କା କର ଓ ବାଣିଜ୍ୟରେ ମିତାରାଣୀ ଦାସ ଶ୍ରେଷ୍ଠ ସ୍ନାତକ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ରସାୟନ ବିଜ୍ଞାନ ଛାତ୍ରୀ ପ୍ରିୟାଙ୍କା କର ସର୍ବଶ୍ରେଷ୍ଠ ସ୍ନାତକ ଭାବେ କୃତିତ୍ୱ ଅର୍ଜନ କରିଛନ୍ତି। ସ୍ନାତକ ବିଭାଗ ଟପ୍ପରମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳାର ନୃତ୍ୟ ବିଭାଗରେ ସ୍ମୃତିପ୍ରଜ୍ଞା ସ୍ୱାଇଁ, ଅର୍ଥନୀତିରେ ରୋପାମୟୀ ନାୟକ, ଶିକ୍ଷାରେ ରୋଜାଲିନ ପ୍ରଧାନ, ଇଂରାଜୀରେ ସନ୍ଧ୍ୟାଶିକ୍ଷଖା ସାହୁ, ଇତିହାସରେ ଦିବ୍ୟା ଦେବସ୍ମିତା ରାଉତ, ଓଡ଼ିଆରେ ପୂଜାରିଣୀ ନାୟକ, ରାଜନୀତି ବିଜ୍ଞାନରେ ଶୁଭସ୍ମିତା ରାଉତ, ସଂସ୍କୃତରେ ବନ୍ଦନା ପଲେଇ, ସମାଜ ବିଜ୍ଞାନରେ ଗାୟତ୍ରୀ ରଣା, ଉଦ୍ଭିଦ ବିଜ୍ଞାନରେ ଲିଜାରାଣୀ ରାଉତ, ରସାୟନ ବିଭାଗରେ ପ୍ରିୟାଙ୍କା କର, ଭୂତତ୍ତ୍ୱ ବିଜ୍ଞାନରେ ନିରୂପମା ସାହୁ, ଗଣିତରେ ନିରୂପମା ଓଝା, ପଦାର୍ଥ ବିଜ୍ଞାନରେ ଦେବଶ୍ରୀତ ମୁଦୁଲି, ପ୍ରାଣୀ ବିଜ୍ଞାନରେ ଶୁଭଦର୍ଶିନୀ ମହାନ୍ତି, ବାଣିଜ୍ୟରେ ଗୀତାରାଣୀ ଦାସ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି ଧନ୍ଦାକୈନ୍ଦ୍ରିକ ଶିକ୍ଷାରେ ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ପର୍ଯ୍ୟଟନ ଓ ଆତିଥ୍ୟ ବିଭାଗରେ ଗୀତାଞ୍ଜଳି ସାହୁ, ଖୁଚୁରା ବ୍ୟବସାୟ ବିଭାଗରେ ଲିପ୍ସା ପ୍ରିୟଦର୍ଶିନୀ ସିଂ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସ୍ନାତକୋତ୍ତର ବିଭାଗରେ ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ବାଣିଜ୍ୟରେ ବେଣୁଧର ରଣା, ଶିକ୍ଷା ବିଭାଗରେ ଶଶୀକଳା ଦାସ ଟପ୍ପର ହୋଇଛନ୍ତି।

ପରୀକ୍ଷା ନିୟନ୍ତ୍ରକ ମଥୁରି ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଯୋଗଦେଇ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିରେ ପିଜି ସଂଯୋଜକ ବିମଳ କୁମାର ମଲ୍ଲିକ, ଧନ୍ଦା କୈନ୍ଦ୍ରିକ ଶିକ୍ଷା ସଂଯୋଜକ ପ୍ରସନ୍ନ କୁମାର ମହାପାତ୍ର, ଉପନିୟନ୍ତ୍ରକ ସତ୍ୟପ୍ରକାଶ ରାଉତ ଓ ଡ. ମୁକ୍ତିକାନ୍ତ ନାୟକ ସଭା ପରିଚାଳନା କରିଥିଲେ। ପରେ ପରୀକ୍ଷା ନିୟନ୍ତ୍ରକ ବେହେରା ପରୀକ୍ଷା ଫଳ ଘୋଷଣା କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ ତୃତୀୟ ଲିଙ୍ଗ କର୍ମଚାରୀଙ୍କ ପ୍ରାଇଡ୍ ମାସ

ଯାଜପୁର,୨୮।୬(ହର୍ଷବର୍ଦ୍ଧନ ବେହେରା)

ସାରା ବିଶ୍ୱରେ ତୃତୀୟ ଲିଙ୍ଗ ବର୍ଗର ବ୍ୟକ୍ତିମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଲଢ଼େଇ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ଜୁନ୍ ମାସକୁ ସେମାନେ ପ୍ରାଇଡ୍ ମାସ ଭାବରେ ପାଳନ କରିଥାନ୍ତି। ଏହି ମାସରେ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ)ରେ କାର୍ଯ୍ୟରତ ତୃତୀୟ ଲିଙ୍ଗ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଛନ୍ତି। ଟାଟା ଷ୍ଟିଲ କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୨୨ ଫେବୃଆରୀରେ ଟାଟା ଷ୍ଟିଲ କଳିଙ୍ଗନଗର ୧୧ ଜଣ ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ କମ୍ପାନୀର ବିଭିନ୍ନ କର୍ମକ୍ଷେତ୍ରରେ ନିଯୁକ୍ତି ଦେଇ ସେମାନଙ୍କୁ ଆତ୍ମନିର୍ଭର ହେବାକୁ ପ୍ରୋତ୍ସାହିତ କରିଥିଲା। ଏକ ବର୍ଷର ସଫଳ ତାଲିମ ସରିବା ପରେ ସମସ୍ତ ତୃତୀୟ ଲିଙ୍ଗ କର୍ମଚାରୀ ଟାଟା ଷ୍ଟିଲରେ 'କ୍ରେନ୍ ଅପରେଟର' କର୍ମଚାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଗାୟତ୍ରୀ(ଛଦ୍ମ) ନାମକ ଜଣେ ତୃତୀୟ ଲିଙ୍ଗ ବର୍ଗର ବ୍ୟକ୍ତି ସ୍ନାତକ ପଢ଼ିବା ପରେ ଏନ୍‌ଜିଓରେ କାମ କରୁଥିଲେ। ସେ ଟାଟା ଷ୍ଟିଲରେ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି, ଟାଟା ଷ୍ଟିଲର ଏଭଳି ପଦକ୍ଷେପ ତାଙ୍କୁ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେଇଛି। ଏଥିପାଇଁ ସେ ଉତ୍ସାହିତ ଅନୁଭବ କରୁଛନ୍ତି। ଟାଟା ଷ୍ଟିଲ କଳିଙ୍ଗନଗରର ପରିଚାଳନା ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ ହେଉଛି ମୁଖ୍ୟ ମୂଲ୍ୟବୋଧ, ଯାହା ଉଦ୍ଭାବନ ଏବଂ ପ୍ରଗତିକୁ ପ୍ରୋତ୍ସାହିତ କରେ। ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ଆମେ ପ୍ରତିବନ୍ଧକକୁ ହଟାଇ ଲୁକ୍କାୟିତ ପ୍ରତିଭାକୁ ସୁଯୋଗ ପ୍ରଦାନ କରିଛୁ। ଏହି ପଦକ୍ଷେପ ବିବିଧତା ଏବଂ ଏକ ନିରପେକ୍ଷ କର୍ମକ୍ଷେତ୍ର ସୃଷ୍ଟି ପାଇଁ ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଦ୍ୱାରା ସମୁଦାୟ ସମାଜ ସଶକ୍ତ ହେବା ସହ ଟାଟା ଷ୍ଟିଲ୍ କଳିଙ୍ଗନଗରରେ କାର୍ଯ୍ୟ ପ୍ରଣାଳୀରେ ଉନ୍ନତି ଆଣିଛି।

# ଠକାମିର ଶିକାର ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

ପାଣିକୋଇଲି,୨୮।୬(ବିକାଶ ମଲ୍ଲିକ)

ଯାଜପୁର ଥାନା ଅନ୍ତର୍ଗତ ବଇଭୂଇଁ ଗ୍ରାମର କେତେଜଣ ମହିଳା ଠକାମିର ଶିକାର ହୋଇଛନ୍ତି। ଏନେଇ ସେମାନେ ଥାନାରେ ଅଭିଯୋଗ କରି ନ୍ୟାୟ ନ ପାଇବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

ମହିଳାଙ୍କ ଅଭିଯୋଗ ମୁତାବକ, ସେହି ଗ୍ରାମର ଶୁଭକାନ୍ତ ମିଶ୍ର ଓ ତାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ନାଥ ଶର୍ମା, ଭଦ୍ରକର ରଶ୍ମିରଞ୍ଜନ ବେହେରା ଓ ଦୀପ୍ତିମୟୀ ସାହୁ ପ୍ରମୁଖ ଶ୍ରଦ୍ଧା ଏଣ୍ଟରପ୍ରାଇଜେସ ନାମରେ ଏକ ସଂସ୍ଥା ଖୋଲିଥିଲେ। ଗ୍ରାମାଞ୍ଚଳରେ ବିକାଶ ଓ ପ୍ରତି ପରିବାରର ମହିଳା ଓ ଶିଶୁମାନଙ୍କ ବିକାଶ ଦିଗରେ ଉକ୍ତ ସଂସ୍ଥା କାମ କରିବା ସହ ମହିଳାମାନଙ୍କୁ ବିଭିନ୍ନ ସଂସ୍ଥା ଜରିଆରେ ରୋଜଗାର କ୍ଷମ କରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସଂସ୍ଥାରେ ସମସ୍ତେ ଭାଗିଦାରୀ ରହିବା ସହ ଋଣ କରି ଅର୍ଥ ଦେଲେ ସେହି ଅର୍ଥରେ ସଂସ୍ଥା ଚାଲିବ। ସଂସ୍ଥା ସମସ୍ତ ଋଣ ପରିଶୋଧ କରିବା ସହ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ପ୍ରଲୋଭନ ଦେଖାଇଥିଲେ। ଫଳରେ ଉକ୍ତ ଗ୍ରାମର ପ୍ରାୟ ୭୧ଜଣ ମହିଳା ରୋଜଗାର ପାଇବା ଲୋଭରେ ୨୦ଟି ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାରୁ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ।

ଋଣ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀରୁ ଋଣ ଉଠାଇ ଶୁଭକାନ୍ତଙ୍କୁ ଦେଇଥିଲେ। ଶୁଭକାନ୍ତ କିଛି ମାସ ବେସରକାରୀ ସଂସ୍ଥାର ମାସିକ କିସ୍ତି ପ୍ରଦାନ କରିଥିବାବେଳେ ଜମିକିଣା ହେଲେ ସଂସ୍ଥା ହେବ ଓ ତୁମେମାନେ ଲାଭ ପାଇବ କହି ଠକି ଚାଲିଥିଲେ। ପରେ ସେ କିସ୍ତି ପଇଠ ନ କରିବାରୁ ମହିଳାମାନେ ବେସରକାରୀ ସଂସ୍ଥାର ଆଦାୟକାରୀଙ୍କଠାରୁ ଜୁଲମର ଶିକାର ହୋଇଥିଲେ। ଫଳରେ ସେମାନେ ପଞ୍ଚାୟତର ସରପଞ୍ଚ ଓ ସଂସ୍ଥାର ଶୁଭକାନ୍ତଙ୍କ ସମେତ ୪ଜଣ ସହଯୋଗୀ ଓ ଗୋଷ୍ଠୀ ମହିଳାମାନେ ଏକତ୍ରିତ ହୋଇ ଗତ ମେ' ୫ରେ ଏକ ଚୁକ୍ତିପତ୍ର କରିଥିଲେ। ମେ ମାସର ବକେୟା କିସ୍ତି ପ୍ରାୟ ୭ ଲକ୍ଷ ଥିବାରୁ ଜୁନ ମଧ୍ୟରେ ଦୁଇ କିସ୍ତିରେ ସମସ୍ତ ଟଙ୍କା ଋଣ ପ୍ରଦାନକାରୀ ସଂସ୍ଥାକୁ ଦିଆଯିବ ବୋଲି ଲିଖିତ ଭାବେ ଚୁକ୍ତି କରାଯାଇଥିଲା। ଏହାପରେ ଶୁଭକାନ୍ତ ଓ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିଲେ। ଏନେଇ ବଇଭୂଇଁ ଗ୍ରାମର ଚନ୍ଦନ ନାଥଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୨୬୪/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ମହିଳାମାନେ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକର ଜୁଲମରେ ଅତିଷ୍ଠ ହୋଇ ପଡ଼ିଲେଣି। ତେଣୁ ପୋଲିଠାରୁ ନ୍ୟାୟ ନ ପାଇ ମହିଳାମାନେ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ପାଇଁ ଏସପିଙ୍କୁ ଗୁହାରି କରିଛନ୍ତି।


PUBLIC SERVICE COMMISSION ODISHA

# ODISHA PUBLIC SERVICE COMMISSION CUTTACK

## NOTICE

**No. 3293/ PSC Dt.27.06.2024**
**(1E-03-2024-25) (DR-II)**
**Website: http://www.opsc.gov.in**

No. D-79: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **160** candidates who have been provisionally shortlisted **for recruitment to the Post of Assistant Executive Engineer (Electrical)**, pursuant to Advt. No. 21 of 2023-24, **from 04.07.2024 to 06.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220006165 | 5278 | 04.07.2024 | 8.30 A.M. | 10.45 A.M. | BOARD - I |
| 2 | P220007204 | 5213 | | | | |
| 3 | P220008724 | 5057 | | | | |
| 4 | P220022501 | 5324 | | | | |
| 5 | P220022748 | 5170 | | | | |
| 6 | P220025456 | 5280 | | | | |
| 7 | P220025721 | 5336 | | | | |
| 8 | P220027398 | 5026 | | | | |
| 9 | P220028890 | 5075 | | | | |
| 10 | P220034089 | 5078 | | | | |
| 11 | P220035462 | 5233 | | | | |
| 12 | P220040332 | 5005 | | | | |
| 13 | P220042248 | 5139 | 04.07.2024 | 8.30 A.M. | 10.45 A.M. | BOARD - II |
| 14 | P220044327 | 5239 | | | | |
| 15 | P220045954 | 5080 | | | | |
| 16 | P220053903 | 5118 | | | | |
| 17 | P220055807 | 5022 | | | | |
| 18 | P220056518 | 5251 | | | | |
| 19 | P220063949 | 5349 | | | | |
| 20 | P220066207 | 5267 | | | | |
| 21 | P220072012 | 5354 | | | | |
| 22 | P220079771 | 5292 | | | | |
| 23 | P220081983 | 5294 | | | | |
| 24 | P220083374 | 5246 | | | | |
| 25 | P220084995 | 5064 | 04.07.2024 | 8.30 A.M. | 10.45 A.M. | BOARD - III |
| 26 | P220085337 | 5013 | | | | |
| 27 | P220089906 | 5196 | | | | |
| 28 | P230096732 | 5015 | | | | |
| 29 | P230098681 | 5109 | | | | |
| 30 | P230098689 | 5362 | | | | |
| 31 | P230112826 | 5245 | | | | |
| 32 | P230113641 | 5151 | | | | |
| 33 | P230114762 | 5193 | | | | |
| 34 | P230116056 | 5153 | | | | |
| 35 | P230124407 | 5386 | | | | |
| 36 | P230126361 | 5323 | | | | |
| 37 | P230129430 | 5052 | 04.07.2024 | 12.30 P.M. | 2.45 P.M. | BOARD - I |
| 38 | P230131416 | 5263 | | | | |
| 39 | P230134804 | 5357 | | | | |
| 40 | P230136401 | 5023 | | | | |
| 41 | P230139823 | 5279 | | | | |
| 42 | P230140585 | 5375 | | | | |
| 43 | P230149174 | 5309 | | | | |
| 44 | P230150681 | 5102 | | | | |
| 45 | P230153970 | 5019 | | | | |
| 46 | P230162708 | 5041 | | | | |
| 47 | P230163874 | 5288 | 04.07.2024 | 12.30 P.M. | 2.45 P.M. | BOARD - II |
| 48 | P230170391 | 5125 | | | | |
| 49 | P230170544 | 5082 | | | | |
| 50 | P230172511 | 5018 | | | | |
| 51 | P230173291 | 5261 | | | | |
| 52 | P230173683 | 5272 | | | | |
| 53 | P230173785 | 5345 | | | | |
| 54 | P230174723 | 5366 | | | | |
| 55 | P230175234 | 5092 | | | | |
| 56 | P230176615 | 5047 | | | | |
| 57 | P230176959 | 5325 | 04.07.2024 | 12.30 P.M. | 2.45 P.M. | BOARD - III |
| 58 | P230177339 | 5097 | | | | |
| 59 | P230178470 | 5183 | | | | |
| 60 | P230178710 | 5382 | | | | |
| 61 | P230179543 | 5129 | | | | |
| 62 | P230179688 | 5197 | | | | |
| 63 | P230179842 | 5379 | | | | |
| 64 | P230180460 | 5287 | | | | |
| 65 | P230181945 | 5283 | | | | |
| 66 | P230182551 | 5072 | | | | |
| 67 | P230182723 | 5156 | 05.07.2024 | 8.30 A.M. | 10.45 A.M. | BOARD - I |
| 68 | P230184311 | 5226 | | | | |
| 69 | P230184434 | 5296 | | | | |
| 70 | P230186229 | 5269 | | | | |
| 71 | P230187917 | 5227 | | | | |
| 72 | P230187944 | 5222 | | | | |
| 73 | P230197306 | 5202 | | | | |
| 74 | P230234498 | 5321 | | | | |
| 75 | P240235477 | 5001 | | | | |
| 76 | P240235505 | 5229 | | | | |
| 77 | P240235717 | 5068 | | | | |
| 78 | P240236247 | 5035 | | | | |
| 79 | P240236564 | 5218 | 05.07.2024 | 8.30 A.M. | 10.45 A.M. | BOARD - II |
| 80 | P240236591 | 5348 | | | | |
| 81 | P240236635 | 5016 | | | | |
| 82 | P240238042 | 5121 | | | | |
| 83 | P240239266 | 5122 | | | | |
| 84 | P240239284 | 5007 | | | | |
| 85 | P240239434 | 5147 | | | | |
| 86 | P240239645 | 5315 | | | | |
| 87 | P240239741 | 5305 | | | | |
| 88 | P240239939 | 5258 | | | | |
| 89 | P240240324 | 5289 | | | | |
| 90 | P240241372 | 5063 | | | | |
| 91 | P240241584 | 5328 | 05.07.2024 | 8.30 A.M. | 10.45 A.M. | BOARD - III |
| 92 | P240241629 | 5140 | | | | |
| 93 | P240241878 | 5058 | | | | |
| 94 | P240241972 | 5385 | | | | |
| 95 | P240242307 | 5326 | | | | |
| 96 | P240242767 | 5281 | | | | |
| 97 | P240242804 | 5368 | | | | |
| 98 | P240242805 | 5268 | | | | |
| 99 | P240242873 | 5033 | | | | |
| 100 | P240242947 | 5275 | | | | |
| 101 | P240243434 | 5332 | | | | |
| 102 | P240243851 | 5166 | | | | |
| 103 | P240245088 | 5244 | 05.07.2024 | 12.30 P.M. | 2.45 P.M. | BOARD - I |
| 104 | P240245179 | 5388 | | | | |
| 105 | P240245967 | 5198 | | | | |
| 106 | P240246452 | 5045 | | | | |
| 107 | P240246829 | 5036 | | | | |
| 108 | P240248071 | 5141 | | | | |
| 109 | P240248395 | 5282 | | | | |
| 110 | P240248575 | 5214 | | | | |
| 111 | P240248708 | 5066 | | | | |
| 112 | P240249746 | 5257 | | | | |
| 113 | P240250540 | 5044 | 05.07.2024 | 12.30 P.M. | 2.45 P.M. | BOARD - II |
| 114 | P240251155 | 5355 | | | | |
| 115 | P240251216 | 5103 | | | | |
| 116 | P240251857 | 5181 | | | | |
| 117 | P240252200 | 5039 | | | | |
| 118 | P240255435 | 5093 | | | | |
| 119 | P240256016 | 5200 | | | | |
| 120 | P240256216 | 5274 | | | | |
| 121 | P240256258 | 5027 | | | | |
| 122 | P240257266 | 5056 | | | | |
| 123 | P240258031 | 5212 | 05.07.2024 | 12.30 P.M. | 2.45 P.M. | BOARD - III |
| 124 | P240258406 | 5238 | | | | |
| 125 | P240258722 | 5188 | | | | |
| 126 | P240259159 | 5232 | | | | |
| 127 | P240259553 | 5243 | | | | |
| 128 | P240260958 | 5186 | | | | |
| 129 | P240261052 | 5048 | | | | |
| 130 | P240261346 | 5301 | | | | |
| 131 | P240261750 | 5009 | | | | |
| 132 | P240261830 | 5392 | | | | |
| 133 | P240263256 | 5070 | 06.07.2024 | 8.30 A.M. | 10.45 A.M. | BOARD - I |
| 134 | P240263650 | 5049 | | | | |
| 135 | P240265752 | 5286 | | | | |
| 136 | P240266458 | 5298 | | | | |
| 137 | P240266843 | 5110 | | | | |
| 138 | P240267347 | 5284 | | | | |
| 139 | P240267881 | 5069 | | | | |
| 140 | P240268336 | 5254 | | | | |
| 141 | P240268485 | 5142 | | | | |
| 142 | P240268877 | 5389 | | | | |
| 143 | P240270279 | 5369 | 06.07.2024 | 8.30 A.M. | 10.45 A.M. | BOARD - II |
| 144 | P240271669 | 5113 | | | | |
| 145 | P240271829 | 5340 | | | | |
| 146 | P240272441 | 5316 | | | | |
| 147 | P240275298 | 5185 | | | | |
| 148 | P240275543 | 5361 | | | | |
| 149 | P240276221 | 5303 | | | | |
| 150 | P240277048 | 5211 | | | | |
| 151 | P240277375 | 5391 | | | | |
| 152 | P240280284 | 5124 | 06.07.2024 | 8.30 A.M. | 10.45 A.M. | BOARD - III |
| 153 | P240281004 | 5182 | | | | |
| 154 | P240281232 | 5351 | | | | |
| 155 | P240281445 | 5240 | | | | |
| 156 | P240282063 | 5377 | | | | |
| 157 | P240282133 | 5128 | | | | |
| 158 | P240283119 | 5344 | | | | |
| 159 | P240283851 | 5083 | | | | |
| 160 | P240283883 | 5194 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

**THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are requied to download the same using their respective USERNAME and PASSWORD/OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 19.02.2024.
5. Diploma in Engineering (Electrical) pass certificate wherever applicable.
6. Degree in Electrical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Electrical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Electrical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 19.02.2024;
12. SEBC Certificate issued within 20.02.2021 to 19.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 19.02.2024, wherever applicable.
14. Release certificate of Ex-servicemen issued within 19.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

OIPR-12002/11/0044/2425 Sd./ - Secretary (I/C)

# ୧୮ ଜଣଙ୍କ ନାମରେ ମାମଲା: ୩ ଅଭିଯୁକ୍ତ ଜେଲ ଗଲେ

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ, ମହିଳା ମୃତ ଘଟଣା


ଗିରଫ ୩ ଅଭିଯୁକ୍ତ।

ରାଜକନିକା,୨୮।୬ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା କୋଇଲିପୁର ପଞ୍ଚାୟତର ସଂଗ୍ରାମପୁର ଟୋଲା ମୌଜା ବ୍ରାହ୍ମଣ ପୋଖରୀ ଗାଁରେ ରମେଶ ଚନ୍ଦ୍ର ନାୟକ ଓ ସୁନାକର ନାୟକଙ୍କ ପରିବାର ମଧ୍ୟରେ ଦୀର୍ଘବର୍ଷରୁ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ଏହାକୁ ନେଇ ଗତ ୨୬ ତାରିଖରେ ଦୁଇ ପରିବାର ମଧ୍ୟରେ ମାରପିଟ୍‌ରେ ୬ଜଣ ଆହତ ହୋଇଥିବା ବେଳେ ସୁଶୀଳା ନାୟକ(୪୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ୧୮ ଜଣଙ୍କ ନାମରେ ମାମଲା ହୋଇଥିବା ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସୁନାକର ନାୟକ (୪୦), ରୋହିତ ବେହେରା (୨୫), ରଘୁନାଥ ନାୟକ (୭୨)। ଥାନାରେ ଦଫା ୩୦୨/୪୨୭/୩୨୩/୩୨୪/ ୩୫୪/୩୭୯/୩୪ ଆଇପିସିରେ ନଂ.୨୮୮/୨୪ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଦିଲୀପ୍ କୁମାର ଧଳ କହିଛନ୍ତି।

ପୋଲିସ ସୂଚନା ମୁତାବକ, ସୁନାକର ନାୟକଙ୍କ ପରିବାର ଏକ ଶୌଚାଳୟ ଟାଙ୍କି ନିର୍ମାଣ କରୁଥିବା ବେଳେ ରମେଶ ଚନ୍ଦ୍ର ନାୟକଙ୍କ ପରିବାର ଏହାକୁ ବିରୋଧ କାରିଥିଲେ। ଗତ ୨୫ ତାରିଖରେ ଥାନାରେ ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ବୁଧବାର ଅପରାହ୍ନ ୫ଟାରେ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ଥାନାକୁ ଆସିବାକୁ କୁହାଯାଇଥିଲା। କିନ୍ତୁ ଅପରାହ୍ନ ୩ଟାରେ ଉଭୟ ପକ୍ଷରେ ଗଣ୍ଡଗୋଳ ଲାଗି ୬ ଜଣ ଆହତ ହୋଇଥିଲେ। ରମେଶଙ୍କ ପରିବାରରେ ୩ଜଣ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ବେଳେ ତାଙ୍କ ଭଉଣୀ ସୁଶୀଳାଙ୍କର ବାଟରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ ସୁନାକର ନାୟକଙ୍କ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିଲା। ଶୁକ୍ରବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଏ ସମ୍ପର୍କରେ ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ପୋଲିସ ଘଟଣାକୁ ହାଲୁକା ଭାବେ ନେଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଫଳରେ ଜଣେ ମହିଳାଙ୍କର ଜୀବନ ଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୮।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ୨୦୨୦ରେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଆଡହକ ଏଡିଜେ ତଥା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲା (ଜି.ଆର. ନଂ. ୭୬/୨୦୨୦)କୁ ଶୁଣାଣି କରି ବଳାତ୍କାରୀ ଗୋବିନ୍ଦପୁର ଗାଁର ଚନ୍ଦନ କୁମାର ମଲ୍ଲିକ ଓରଫ ସିକଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦାୟରେ ଅଧିକ ବର୍ଷେ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କୁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ଗୋବିନ୍ଦପୁର ଗାଁର ପରେଶ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କଲ୍ୟାଣୀ ମଲ୍ଲିକ, ଜମ୍ଭୁ ମଲ୍ଲିକ, ଚନ୍ଦ୍ରଶେଖର ମଲ୍ଲିକ ଓ ନାଗେଶ୍ୱର ମଲ୍ଲିକଙ୍କୁ ଖଲାସ କରାଯାଇଛି। ଏ ସମ୍ପର୍କରେ ମାମଲାର ପରିଚାଳନାକାରୀ ସ୍ପେଶାଲ ପିପି ମନୋଜ କୁମାର ସାହୁ କହିଛନ୍ତି, ୨୦୨୦ ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟା ୫ଟାରେ ଜଣେ ୮ ବର୍ଷର ନାବାଳିକା ଘର ନିକଟ ଟ୍ୟୁବ୍‌ୱେଲରୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ସିକ ନାବାଳିକାଙ୍କୁ ଟେକିନେଇ ନିକଟସ୍ଥ ଏକ ସ୍ଥାନରେ ବଳାତ୍କାର କରିଥିଲେ। ଏଥିସହ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ପରିବାର ସଦସ୍ୟ ଜାଣିବା ପରେ ପୀଡିତାଙ୍କ ଜେଜେ ମା' ସିକ୍‌ଙ୍କ ଘରକୁ ଯାଇ ଏ ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ସମୟରେ ତାଙ୍କ ପରିବାର ସଦସ୍ୟମାନେ ପୀଡ଼ିତାଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ମାମଲାର ବିଚାର ପରେ ସିକ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

# ଡିକି ଭାଙ୍ଗି ଲୁଟିନେଲେ ୨ ଲକ୍ଷ ୯୦ ହଜାର



ରାଜନଗର, ୨୮।୬ (ଭାସ୍କର ରାଉତରାୟ)

ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ୨ ଲକ୍ଷ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଡିକି ଭାଙ୍ଗି ଟଙ୍କା ଲୁଟିଥିବା ଦୁର୍ବୃତ୍ତଙ୍କ ଫଟୋ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଢୋଲମରା ଗାଁର ସତ୍ୟବାଦୀ ବିଶ୍ୱାଳ ଜରିମୂଳ ବଜାରରେ ତେଜରାତି ଦୋକାନ କରିଛନ୍ତି। ଗୁରୁବାର ସେ ରାଜନଗରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ୨ ଲକ୍ଷ ୯୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଜରିମୂଳ ଯାଇଥିଲେ। ତାଙ୍କ ନିଜ ଦୋକାନ ବାରଣ୍ଡାରେ ବାଇକ୍ ରଖିଥିଲେ। ସେହି ସମୟରେ ସେଠାରେ ବସି କ'ଣ ଲେଖା ଲେଖି କରୁଥିଲେ। ଜଣେ ଦୁର୍ବୃତ୍ତ ସେଠାରେ ପହଞ୍ଚି ଚତୁରତାର ସହ ଡିକି ଖୋଲି ଟଙ୍କା ନେଇ ଯାଇଥିଲେ। ପୂର୍ବରୁ ଅନ୍ୟ ଜଣେ ଯୁବକ ଏକ ବାଇକ୍ ଷ୍ଟାର୍ଟକରି ରହିଥିଲେ। ଡିକି ଭାଙ୍ଗି ଟଙ୍କା ନେଇ ଯୁବକ ସେହି ବାଇକ୍‌ରେ ବସି ରାଜନଗର ଆଡ଼କୁ ପଳାଇଥିଲେ। ଦୁର୍ବୃତ୍ତଦ୍ୱୟ ରାଜନଗର ଷ୍ଟେଟ୍ ବ୍ୟାଙ୍କ ନିକଟରୁ ତାଙ୍କୁ ପିଛା କରି ଟଙ୍କା ଲୁଟିବାରେ ସକ୍ଷମ ହୋଇଥିବା କୁହାଯାଉଛି।

# ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ତଦନ୍ତ

## ଧାର୍ଯ୍ୟ ସମୟ ଆଗରୁ କେନ୍ଦ୍ରରେ ଛତୁଆ ପ୍ରସ୍ତୁତି ଘଟଣା

ରାଜନଗର, ୨୮।୬ (ଭାସ୍କର ରାଉତରାୟ)

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୋମଳମତି ଶିଶୁ ଓ ପ୍ରସୂତି ଏବଂ ଗର୍ଭବତୀ ମା'ମାନଙ୍କୁ ପୃଷ୍ଟିକର ଛତୁଆ ପ୍ରଦାନ କରାଯାଉଛି। ରାଜନଗରରେ ଧାର୍ଯ୍ୟ ସମୟ ପୂର୍ବରୁ ଛତୁଆ ପ୍ରସ୍ତୁତ ହେଉଥିବା ସିଡିପିଓ ସନ୍ତୋଷିନୀ ଭୋଇ ପରିଦର୍ଶନରେ ଯାଇଥିବା ବେଳେ ଦେଖିଥିଲେ। ଏ ନେଇ ସିଡିପିଓ ଛତୁଆ ପ୍ରସ୍ତୁତ କରୁଥିବା ବାଲିଚନ୍ଦ୍ରପୁରର ମା'ବୁଢ଼ୀ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଶୁକ୍ରବାର ଜିଲା ସମାଜମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ ରାଜନଗରରେ ପହଞ୍ଚି ଏହି ଘଟଣାର ତଦନ୍ତ କରିଛନ୍ତି। ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସିଡିପିଓ ଭୋଇ ଓ ସୁପରଭାଇଜରମାନଙ୍କ ସହିତ ଆଲୋଚନା କରିବା ପରେ ଛତୁଆ ପ୍ରସ୍ତୁତ କେନ୍ଦ୍ରର ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହିତ ଆଲୋଚନା କରିଥିଲେ। ବାଲିଚନ୍ଦ୍ରପୁର ମା'ବୁଢ଼ୀ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କାରଣ ଦର୍ଶାଅ ନୋଟିସର ଉତ୍ତର ଲିଖିତ ଭାବେ ଦିଆଯାଇଛି। ତାଙ୍କୁ ଠିକ୍ ସମୟରେ ଗହମ ଯୋଗାଇବାରେ ପ୍ରଶାସନ ବିଫଳ ହୋଇଥିବାରୁ ଛତୁଆ ପ୍ରସ୍ତୁତ ଠିକ୍ ସମୟରେ କରିବା ସମ୍ଭବ ହୋଇପାରୁନାହିଁ ବୋଲି ଉତ୍ତରରେ ଦର୍ଶାଇଛନ୍ତି। ସମାଜ ମଙ୍ଗଳ ଅଧିକାରିଣୀ ଆଲୋଚନା ପରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ପହଞ୍ଚି କାଗଜପତ୍ର ଓ ଷ୍ଟକ ସବୁର ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ସମାଜ ମଙ୍ଗଳ ଅଧିକାରିଣୀ ସେଠୀଙ୍କୁ ପଚାରିବାରୁ ଡିପାର୍ଟମେଣ୍ଟରୁ ଗହମ ବିଳମ୍ବରେ ଆସୁଛି। କିଛିଦିନ ହେଲା ଏପରି ଅବସ୍ଥା ସୃଷ୍ଟି ହୋଇଛି। ଜୁଲାଇ ମାସର ଛତୁଆ ପ୍ରଦାନ ପାଇଁ ଆମ ପାଖରେ ଯେତିକି ଆବଶ୍ୟକ ସେତିକି ଗହମ ନାହିଁ। ଏବେ ଅଧା ଛତୁଆ ଦିଆଯାଉଛି, ଗହମ ଆସିଲେ ଆଉ ଅଧେ ଛତୁଆ ଦିଆଯିବ। ଛତୁଆ ପ୍ରସ୍ତୁତ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସେଦିନ ବିଳମ୍ବରେ ଆସିଥିଲେ। ସେଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଠିକ୍ ସମୟରେ ଛତୁଆ ବିତରଣ କରନ୍ତି, ଏଥର ମଧ୍ୟ କରି ସାରିଛନ୍ତି ବୋଲି କହିଛନ୍ତି।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ମହାବିଦ୍ୟାଳୟରେ ସହାୟତା କେନ୍ଦ୍ର

ରାଜନଗର, ୨୮।୬(ଭାସ୍କର ରାଉତରାୟ)

ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜନଗର ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ହେଲ୍ପ ଡେସ୍କ ବା ସହାୟତା କେନ୍ଦ୍ର ଖୋଲାଯାଇଛି। ନୂତନ ଭାବେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ କ'ଣ କରିବାକୁ ପଡ଼ିବ ସେ ସମ୍ପର୍କରେ ବୁଝାଇବା ସହ ଛାତ୍ର ସୁରକ୍ଷା ମଞ୍ଚର ସଦସ୍ୟମାନେ ସହାୟତା ପ୍ରଦାନ କରୁଛନ୍ତି। ଛାତ୍ର ସୁରକ୍ଷା ମଞ୍ଚର ସଦସ୍ୟ ତଥା ଛାତ୍ର ସୁକୁମାର ମାନ୍ନା, ପଦ୍ମଲୋଚନ ପରିଡ଼ା, ସୌମ୍ୟରଞ୍ଜନ ସେଠୀ, ମନୋରଞ୍ଜନ ସ୍ୱାଇଁ, ସୌଭାଗିନୀ ପ୍ରଧାନ, ସିନା ସ୍ୱାଇଁ, ପ୍ରିୟଙ୍କା ସାମଲ, ଶୁଭ୍ରଜିତ ସାମଲ, ହରିହର ଦାସ, ସ୍ମିତା କରଣ ପ୍ରମୁଖ ସହାୟତା କରୁଛନ୍ତି।

# ଖବରଦାତାଙ୍କ ସୁରକ୍ଷା, ସମ୍ମାନ ଦାବିକଲା ଏସ୍‌ୟୁଜେ


ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

କେନ୍ଦ୍ରାପଡ଼ା, ୨୮।୬ (ଜଗନ୍ନାଥ ଧଳ)

ଜନମତ ଦ୍ୱାରା ରାଜ୍ୟରେ ଶାସକ ବଦଳିଲେ। ତେବେ ରାଜନେତାଙ୍କ ମନୋଭାବ ବଦଳିଲା ନାହିଁ। ପୂର୍ବପରି ଖବରଦାତାଙ୍କୁ ହୀନ ଆଚରଣ ଦ୍ୱାରା ନିଜର ପରିଚୟ ପ୍ରଦାନ କରୁଛନ୍ତି। ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଖବରଦାତାଙ୍କୁ ଦୁର୍ବ୍ୟବହାର ପରିପ୍ରେକ୍ଷୀରେ ଏପରି ଅଭିଯୋଗ ଆଣି ରାଜ୍ୟ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଗୁରୁବାର ପଠାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଦଇତାରୀ ଜେନା କହିଛନ୍ତି, ମଙ୍ଗଳବାର ଏକ ବୈଦ୍ୟୁତିକ ଗଣମାଧ୍ୟମର ମହିଳା ପ୍ରତିନିଧି ଭୁବନେଶ୍ୱରଠାରେ ଖବର ସଂଗ୍ରହ କରୁଥିଲେ। ଆବଶ୍ୟକ ଅନୁଯାୟୀ, ପୂର୍ବତନ ମନ୍ତ୍ରୀଙ୍କ ବାସଭବନ ପରିସରକୁ ଯାଇ ନିକଟରେ ଥିବା ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭଙ୍ଗା ଯାଇଥିବା ସରକାରୀ ଘରର ଫଟୋ ଉତ୍ତୋଳନ କରୁଥିଲେ। ଏହାକୁ ଦେଖି ପୂର୍ବତନ ମନ୍ତ୍ରୀ ଦାସ ମହିଳା ଖବରଦାତା ଓ କ୍ୟାମେରାମ୍ୟାନଙ୍କ ଉପରକୁ ବିଦେଶୀ କୁକୁର ଛାଡ଼ିବା ପାଇଁ ଆଦେଶ ଦେଇଥିଲେ। ଏପରିକି ତାଙ୍କର ଅନୁଗତ କୁକୁର ଧରି ଖବରଦାତାଙ୍କ ଆଡକୁ ଆସିବା ଘଟଣା ଖୁବ୍ ନିନ୍ଦନୀୟ ଅଟେ। ଏହାଦ୍ୱାରା ଖବରଦାତାଙ୍କ ସାମାଜିକ ସୁରକ୍ଷା ଓ ସମ୍ମାନ ବିପନ୍ନ ହୋଇଛି। ଏହା ଏକ ଗୁରୁତର ଅଭିଯୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ୟୁଜେ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ଅସିତ ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କର୍ମକର୍ତ୍ତା ଆକାଶ ଦାସ, ସଞ୍ଜୟ ପଣ୍ଡା, ଦୁଷ୍ମନ୍ତ ଆଚାର୍ଯ୍ୟଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଖବରଦାତା ସାମିଲ ହୋଇଥିଲେ।

# 'ପାନୀୟ ଜଳ, ଜଳ ନିଷ୍କାସନ, ଉନ୍ନୟନ କାମକୁ ଗୁରୁତ୍ୱ'

## ଗରଦପୁର ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ


ବ୍ଲକ ସଦ୍‌ଭାବନା ଗୃହରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଅଧ୍ୟକ୍ଷ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

ପାଟକୁରା,୨୮।୬ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗରଦପୁର ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଶୁକ୍ରବାର ସମୀକ୍ଷା କରିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ମତ୍ସ୍ୟ ସମ୍ପଦ, କୃଷି, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ, ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି, ଯୋଗାଣ ବିଭାଗ, ଡ୍ରେନେଜ ବିଭାଗ, ଗ୍ରାମ୍ୟ ଗୃହ ବିଭାଗ ଓ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବିଧାୟକ ସମସ୍ତ କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଗରଦପୁର ବ୍ଲକର ପ୍ରମୁଖ ସମସ୍ୟା ମଧ୍ୟରେ ପାନୀୟ ଜଳ, ଜଳ ନିଷ୍କାସନ ଓ ଉନ୍ନୟନ କାର୍ଯ୍ୟ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ମହାପାତ୍ର ପରାମର୍ଶ ଦେଇଥିଲେ। ଏଥିସହ ଗରଦପୁର ବ୍ଲକର ବିକାଶଧାରାକୁ ଆଗକୁ ନେବାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗରଦପୁର ସ୍ୱାସ୍ଥ୍ୟ କେନ୍ଦ୍ର, କୋରୁଆ ସ୍ୱାସ୍ଥ୍ୟ କେନ୍ଦ୍ର, ମଧୁ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତେଣ୍ଡାକୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ନିୟମିତ ଆଉଟଡୋର ସେବା ଯୋଗାଇ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିରେ ଗରଦପୁର ବ୍ଲକର ଶତାଧିକ ଦଳୀୟ କର୍ମୀ ବିଧାୟକ ମହାପାତ୍ରଙ୍କୁ କୋରୁଆ ହରିପୁର ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ପାଛୋଟି ଆଣି ବ୍ଲକରେ ସ୍ୱାଗତ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ପାଟକୁରା ବଜାରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନର କାର୍ଯ୍ୟ ଆରମ୍ଭ ପାଇଁ ବିଧାୟକ କ୍ଷେତ୍ର ପରିଦର୍ଶନ କରିଥିଲେ।


PUBLIC SERVICE COMMISSION ODISHA

# ODISHA PUBLIC SERVICE COMMISSION CUTTACK

## NOTICE

No. 3293/ PSC Dt.27.06.2024
(1E-03-2024-25) (DR-II)
Website: http://www.opsc.gov.in

No. D-79: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **160** candidates who have been provisionally shortlisted **for recruitment to the Post of Assistant Executive Engineer (Electrical)**, pursuant to Advt. No. 21 of 2023-24, **from 04.07.2024 to 06.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220006165 | 5278 | 04.07.2024 | 8.30 A.M. | 10.45 A.M. | BOARD - I |
| 2 | P220007204 | 5213 | | | | |
| 3 | P220008724 | 5057 | | | | |
| 4 | P220022501 | 5324 | | | | |
| 5 | P220022748 | 5170 | | | | |
| 6 | P220025456 | 5280 | | | | |
| 7 | P220025721 | 5336 | | | | |
| 8 | P220027398 | 5026 | | | | |
| 9 | P220028890 | 5075 | | | | |
| 10 | P220034089 | 5078 | | | | |
| 11 | P220035462 | 5233 | | | | |
| 12 | P220040332 | 5005 | | | | |
| 13 | P220042248 | 5139 | 04.07.2024 | 8.30 A.M. | 10.45 A.M. | BOARD - II |
| 14 | P220044327 | 5239 | | | | |
| 15 | P220045954 | 5080 | | | | |
| 16 | P220053903 | 5118 | | | | |
| 17 | P220055807 | 5022 | | | | |
| 18 | P220056518 | 5251 | | | | |
| 19 | P220063949 | 5349 | | | | |
| 20 | P220066207 | 5267 | | | | |
| 21 | P220072012 | 5354 | | | | |
| 22 | P220079771 | 5292 | | | | |
| 23 | P220081983 | 5294 | | | | |
| 24 | P220083374 | 5246 | | | | |
| 25 | P220084995 | 5064 | 04.07.2024 | 8.30 A.M. | 10.45 A.M. | BOARD - III |
| 26 | P220085337 | 5013 | | | | |
| 27 | P220089906 | 5196 | | | | |
| 28 | P230096732 | 5015 | | | | |
| 29 | P230098681 | 5109 | | | | |
| 30 | P230098689 | 5362 | | | | |
| 31 | P230112826 | 5245 | | | | |
| 32 | P230113641 | 5151 | | | | |
| 33 | P230114762 | 5193 | | | | |
| 34 | P230116056 | 5153 | | | | |
| 35 | P230124407 | 5386 | | | | |
| 36 | P230126361 | 5323 | | | | |
| 37 | P230129430 | 5052 | 04.07.2024 | 12.30 P.M. | 2.45 P.M. | BOARD - I |
| 38 | P230131416 | 5263 | | | | |
| 39 | P230134804 | 5357 | | | | |
| 40 | P230136401 | 5023 | | | | |
| 41 | P230139823 | 5279 | | | | |
| 42 | P230140585 | 5375 | | | | |
| 43 | P230149174 | 5309 | | | | |
| 44 | P230150681 | 5102 | | | | |
| 45 | P230153970 | 5019 | | | | |
| 46 | P230162708 | 5041 | | | | |
| 47 | P230163874 | 5288 | 04.07.2024 | 12.30 P.M. | 2.45 P.M. | BOARD - II |
| 48 | P230170391 | 5125 | | | | |
| 49 | P230170544 | 5082 | | | | |
| 50 | P230172511 | 5018 | | | | |
| 51 | P230173291 | 5261 | | | | |
| 52 | P230173683 | 5272 | | | | |
| 53 | P230173785 | 5345 | | | | |
| 54 | P230174723 | 5366 | | | | |
| 55 | P230175234 | 5092 | | | | |
| 56 | P230176615 | 5047 | | | | |
| 57 | P230176959 | 5325 | 04.07.2024 | 12.30 P.M. | 2.45 P.M. | BOARD - III |
| 58 | P230177339 | 5097 | | | | |
| 59 | P230178470 | 5183 | | | | |
| 60 | P230178710 | 5382 | | | | |
| 61 | P230179543 | 5129 | | | | |
| 62 | P230179688 | 5197 | | | | |
| 63 | P230179842 | 5379 | | | | |
| 64 | P230180460 | 5287 | | | | |
| 65 | P230181945 | 5283 | | | | |
| 66 | P230182551 | 5072 | | | | |
| 67 | P230182723 | 5156 | 05.07.2024 | 8.30 A.M. | 10.45 A.M. | BOARD - I |
| 68 | P230184311 | 5226 | | | | |
| 69 | P230184434 | 5296 | | | | |
| 70 | P230186229 | 5269 | | | | |
| 71 | P230187917 | 5227 | | | | |
| 72 | P230187944 | 5222 | | | | |
| 73 | P230197306 | 5202 | | | | |
| 74 | P230234498 | 5321 | | | | |
| 75 | P240235477 | 5001 | | | | |
| 76 | P240235505 | 5229 | | | | |
| 77 | P240235717 | 5068 | | | | |
| 78 | P240236247 | 5035 | | | | |
| 79 | P240236564 | 5218 | 05.07.2024 | 8.30 A.M. | 10.45 A.M. | BOARD - II |
| 80 | P240236591 | 5348 | | | | |
| 81 | P240236635 | 5016 | | | | |
| 82 | P240238042 | 5121 | | | | |
| 83 | P240239266 | 5122 | | | | |
| 84 | P240239284 | 5007 | | | | |
| 85 | P240239434 | 5147 | | | | |
| 86 | P240239645 | 5315 | | | | |
| 87 | P240239741 | 5305 | | | | |
| 88 | P240239939 | 5258 | | | | |
| 89 | P240240324 | 5289 | | | | |
| 90 | P240241372 | 5063 | | | | |
| 91 | P240241584 | 5328 | 05.07.2024 | 8.30 A.M. | 10.45 A.M. | BOARD - III |
| 92 | P240241629 | 5140 | | | | |
| 93 | P240241878 | 5058 | | | | |
| 94 | P240241972 | 5385 | | | | |
| 95 | P240242307 | 5326 | | | | |
| 96 | P240242767 | 5281 | | | | |
| 97 | P240242804 | 5368 | | | | |
| 98 | P240242805 | 5268 | | | | |
| 99 | P240242873 | 5033 | | | | |
| 100 | P240242947 | 5275 | | | | |
| 101 | P240243434 | 5332 | | | | |
| 102 | P240243851 | 5166 | | | | |
| 103 | P240245088 | 5244 | 05.07.2024 | 12.30 P.M. | 2.45 P.M. | BOARD - I |
| 104 | P240245179 | 5388 | | | | |
| 105 | P240245967 | 5198 | | | | |
| 106 | P240246452 | 5045 | | | | |
| 107 | P240246829 | 5036 | | | | |
| 108 | P240248071 | 5141 | | | | |
| 109 | P240248395 | 5282 | | | | |
| 110 | P240248575 | 5214 | | | | |
| 111 | P240248708 | 5066 | | | | |
| 112 | P240249746 | 5257 | | | | |
| 113 | P240250540 | 5044 | 05.07.2024 | 12.30 P.M. | 2.45 P.M. | BOARD - II |
| 114 | P240251155 | 5355 | | | | |
| 115 | P240251216 | 5103 | | | | |
| 116 | P240251857 | 5181 | | | | |
| 117 | P240252200 | 5039 | | | | |
| 118 | P240255435 | 5093 | | | | |
| 119 | P240256016 | 5200 | | | | |
| 120 | P240256216 | 5274 | | | | |
| 121 | P240256258 | 5027 | | | | |
| 122 | P240257266 | 5056 | | | | |
| 123 | P240258031 | 5212 | 05.07.2024 | 12.30 P.M. | 2.45 P.M. | BOARD - III |
| 124 | P240258406 | 5238 | | | | |
| 125 | P240258722 | 5188 | | | | |
| 126 | P240259159 | 5232 | | | | |
| 127 | P240259553 | 5243 | | | | |
| 128 | P240260958 | 5186 | | | | |
| 129 | P240261052 | 5048 | | | | |
| 130 | P240261346 | 5301 | | | | |
| 131 | P240261750 | 5009 | | | | |
| 132 | P240261830 | 5392 | | | | |
| 133 | P240263256 | 5070 | 06.07.2024 | 8.30 A.M. | 10.45 A.M. | BOARD - I |
| 134 | P240263650 | 5049 | | | | |
| 135 | P240265752 | 5286 | | | | |
| 136 | P240266458 | 5298 | | | | |
| 137 | P240266843 | 5110 | | | | |
| 138 | P240267347 | 5284 | | | | |
| 139 | P240267881 | 5069 | | | | |
| 140 | P240268336 | 5254 | | | | |
| 141 | P240268485 | 5142 | | | | |
| 142 | P240268877 | 5389 | | | | |
| 143 | P240270279 | 5369 | 06.07.2024 | 8.30 A.M. | 10.45 A.M. | BOARD - II |
| 144 | P240271669 | 5113 | | | | |
| 145 | P240271829 | 5340 | | | | |
| 146 | P240272441 | 5316 | | | | |
| 147 | P240275298 | 5185 | | | | |
| 148 | P240275543 | 5361 | | | | |
| 149 | P240276221 | 5303 | | | | |
| 150 | P240277048 | 5211 | | | | |
| 151 | P240277375 | 5391 | | | | |
| 152 | P240280284 | 5124 | 06.07.2024 | 8.30 A.M. | 10.45 A.M. | BOARD - III |
| 153 | P240281004 | 5182 | | | | |
| 154 | P240281232 | 5351 | | | | |
| 155 | P240281445 | 5240 | | | | |
| 156 | P240282063 | 5377 | | | | |
| 157 | P240282133 | 5128 | | | | |
| 158 | P240283119 | 5344 | | | | |
| 159 | P240283851 | 5083 | | | | |
| 160 | P240283883 | 5194 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

**THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are requied to download the same using their respective USERNAME and PASSWORD/ OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 19.02.2024.
5. Diploma in Engineering (Electrical) pass certificate wherever applicable.
6. Degree in Electrical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Electrical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Electrical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 19.02.2024;
12. SEBC Certificate issued within 20.02.2021 to 19.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 19.02.2024, wherever applicable.
14. Release certificate of Ex-servicemen issued within 19.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

**OIPR-12002/11/0044/2425** **Sd./ - Secretary (I/C)**

# ବାର୍ଦ୍ଧକ୍ୟ ବୟସରେ ସ୍ୱାସ୍ଥ୍ୟ ସୁରକ୍ଷା



ସଚେତନତା ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

## ସ୍ୱାସ୍ଥ୍ୟ ସଚେତନତା ଶିବିର

ନୟାଗଡ଼,୨୮।୬(ଲୋକନାଥ ମିଶ୍ର)

ନୟାଗଡ଼ ସହର ଖଣ୍ଡପଡ଼ାରୋଡସ୍ଥ ରୋଟାରୀ ଭବନ ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ ନୟାଗଡ଼ର ସଭାପତି ରୋଟାରିଆନ୍ ଅବଦୁଲ୍ ଆରିଫ୍ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସନ ସାଇନ୍ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ତଥା ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ବ୍ରେନ୍ ଷ୍ଟ୍ରୋକ୍ କାହିଁକି ହୁଏ, ତା'ର କାରଣ ଓ ନିରାକରଣ ସହିତ ବାର୍ଦ୍ଧକ୍ୟ ବୟସରେ କ'ଣ ସଚେତନତା ଅବଲମ୍ବନ କରାଯିବ, ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ ଫିଜିଓଥେରାପିଷ୍ଟ ଡା. ଆଭାସ ଦାସପଟ୍ଟନାୟକ ଯୋଗଦେଇ ଶାରୀରିକ ଶିକ୍ଷା ଉପରେ ଆଲୋଚନା କରି କିପରି ଯୋଗ ଓ ନିୟମିତ ବ୍ୟାୟାମ କରିବା ସେ ବିଷୟରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ ଟିପ୍ପଣୀ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ସଚେତନତା ଶିବିର ବେଶ୍ ଲାଭ ଦାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବରିଷ୍ଠ ନାଗରିକ ଫେଡେରେସନର ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ଯୋଗଦେଇ ବାର୍ଦ୍ଧକ୍ୟ ବୟସରେ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଶିବରରେ ରୋଟାରୀ କ୍ଲବ ନୟାଗଡ଼ର ସମ୍ପାଦକ ରୋଟାରିଆନ୍ ଶ୍ରୀଧର ସାହୁ, ଆଗାମୀ ବର୍ଷର ସଭାପତି ରୋଟାରିଆନ୍ ଶ୍ରୀକାନ୍ତ ଖଟେଇ ଯୋଗଦେଇଥିଲା ବେଳେ ସମସ୍ତ ରୋଟାରୀ ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚ, ସିଭିଲ୍ ସୋସାଇଟି, ଇନରହୁଇଲ୍ କ୍ଲବ୍, ଭାରତ ବିକାଶ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ। ରୋଟାରିଆନ୍ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବ୍ରଜେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ମନୋରଞ୍ଜନ ପ୍ରଧାନ, ଦିଲୀପ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଜି. ରଶ୍ମି ରାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ରୋଟାରିଆନ୍ ସୁବୋଧ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସନସାଇନ୍ ହସ୍ପିଟାଲ ଭୁବନେଶ୍ୱର ଓ ରୋଟାରୀ କ୍ଲବ୍, ନୟାଗଡ଼ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ନୟାଗଡ଼,୨୮।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ପଣ୍ଡୁସରରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜେନ୍ଦ୍ର କୁମାର ସାହୁ(୧୭)ଙ୍କ ମୃତ୍ୟୁ ହୋଇଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ନଂ. ୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପଣ୍ଡୁସରର ରାଜେନ୍ଦ୍ରଙ୍କ ବାପା କିଛିବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ଘରର ଛାତ ଓ ଆଜବେଷ୍ଟସ ଉପରେ ଯାଇଥିବା ବିଦ୍ୟୁତ୍ ସର୍ଭିସ ଓ୍ୱାର ଉପରେ ଏକ କଭର ଦେବା ପାଇଁ ଶୁକ୍ରବାର ସକାଳେ ରାଜେନ୍ଦ୍ର ଚଢ଼ିଥିଲେ। ଆଜବେଷ୍ଟସ ଉପରେ ଚଢ଼ି କଭର ଦେବା ପାଇଁ ସର୍ଭିସ ଓ୍ୱାରକୁ ଟେକିବା ବେଳକୁ ତାର କାଟି ହୋଇଯାଇଥିଲା । ତାର ଟେକିବାବେଳେ ସର୍ଭିସ ଓ୍ୱାରର କଟିବା ସ୍ଥାନର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜେନ୍ଦ୍ର ମୃତ୍ୟୁ ହୋଇଥିଲା।

# ଅଧାପନ୍ତରିଆ କାମ ଶେଷ କରିବାକୁ ନିର୍ଦ୍ଦେଶ



ନୟାଗଡ଼,୨୮।୬(ଲୋକନାଥ ମିଶ୍ର)

## ନୟାଗଡ଼ ମ୍ୟୁନିସିପାଲିଟି ବୈଠକ

ନୟାଗଡ଼ ମ୍ୟୁନିସିପାଲିଟି ସଭାଗୃହରେ ମ୍ୟୁନିସିପାଲିଟିର ବୈଠକ ଶୁକ୍ରବାର ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ସହରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର କାମ ଶୀଘ୍ର ଶେଷ କରିବାକୁ କହିଥିଲେ। ସେହିପରି ଅଧାପନ୍ତରିଆ କାର୍ଯ୍ୟକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ବିକାଶ ପାଇଁ କ'ଣ କ'ଣ କରାଯିବା ଦରକାର, ପୁଣି ସହରବାସୀଙ୍କ ମୌଳିକ ସମସ୍ୟା ସମାଧାନ ପାଇ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହାଞ୍ଜଳି ଆଚାର୍ଯ୍ୟଙ୍କ ସମେତ କାଉନସିଲର ପ୍ରମୁଖ ମତାମତ ରଖିଥିଲେ।

## ଜଗନ୍ନାଥ ମନ୍ଦିର ପରିସର ସଫେଇ

ଦଶପଲ୍ଲା,୨୮।୬(ପ୍ରକାଶ କୁମାର ପାଣି): ରଥଯାତ୍ରାକୁ ଆଖି ଆଗରେ ରଖି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦଶପଲ୍ଲା ଶାଖା ପକ୍ଷରୁ ଦଶପଲ୍ଲା ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିର ପରିସରକୁ ଶୁକ୍ରବାର ସଫେଇ କରାଯାଇଛି। ସେହିପରି ଆସନ୍ତା ୩ ତାରିଖରେ ଗୁଣ୍ଡିଚା ମନ୍ଦିର ସଫେଇ କରାଯିବ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମ୍ପାଦକ ଅଜୟ କୁମାର ବେହେରା ଓ ସଭାପତି ଯୁଗୋଳ କିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଫେଇ କରାଯାଇଛି।


ଜଗନ୍ନାଥ ମନ୍ଦିର ପରିସରକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତାମାନେ ସଫେଇ କରୁଛନ୍ତି।

## ଆୟୁର୍ବେଦିକ ଚିକିତ୍ସକଙ୍କ ଅକାଳ ବିୟୋଗ



ଓଡ଼ଗାଁ, ୨୮।୬
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଗାଁର ଘରୋଇ ଆୟୁର୍ବେଦିକ ଚିକିତ୍ସକ ଗୋପୀନାଥ ସାହୁଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। କିଛିଦିନ ହେଲା ସେ ହୃଦ୍‌ରୋଗ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ସେ ନିଜର ଆୟୁର୍ବେଦିକ ଚିକିତ୍ସାକୁ ଲୋକାଭିମୁଖୀ କରିବା ସହିତ ଜଗନ୍ନାଥ ସଂସ୍କୃତି ପ୍ରଚାର ନିମନ୍ତେ ଜିଲାପାଳସ୍ତରୀୟ ଚାରଣ ଗୋଷ୍ଠୀର ସକ୍ରିୟ କର୍ମକର୍ତ୍ତା ଭାବେ ପ୍ରତିଷ୍ଠା ଲାଭ କରିବା ସହିତ ଘରେ ଘରେ ଲୋକପ୍ରିୟ ହୋଇଥିଲେ। ଏହାସହ ସେ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ସଭାପତି ଦାୟିତ୍ୱରେ ରହିବା ସହ କଲେଜର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ପ୍ରାୟ ଦୁଇମାସ ପୂର୍ବରୁ ତାଙ୍କର ମାତୃ ବିୟୋଗ ହୋଇଥିବା ବେଳେ ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ସାହୁଙ୍କ ଏକମାତ୍ର ପୁତ୍ର ଅଟନ୍ତି। ଚିକିତ୍ସକ ସାହୁଙ୍କ ବିୟୋଗରେ ଆୟୁର୍ବେଦିକ ଚିକିତ୍ସକ ମହଲରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ଡ. ସନ୍ତୋଷ କୁମାର ପଟ୍ଟନାୟକ, ଡ. ଅତୁଲ୍ୟ କୁମାର ପଟ୍ଟନାୟକ ଓ ଡ. ଶୁଭେନ୍ଦୁ ନନ୍ଦ ଶୋକାବାର୍ତ୍ତାରେ କହିଛନ୍ତି। ଏହାସହ ଓଡ଼ଗାଁ ସାମ୍ବାଦିକ ସଂଘ କର୍ମକର୍ତ୍ତା, ଓଡ଼ଗାଁ ବଣିକ ସଂଘ ଓ ଚାରଣ ଗୋଷ୍ଠୀ କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି।

## କବିତା ସଙ୍କଳନ 'ଅଫେରା ସମୟର ସ୍ରୋତ' ଉନ୍ମୋଚିତ

ଓଡ଼ଗାଁ,୨୮।୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏଶନଠାରେ ଗୁରୁବାର ସନ୍ଧ୍ୟାରେ କବି ଶାନ୍ତନୁ ବିଶୋଇଙ୍କ କବିତା ସଙ୍କଳନ 'ଅଫେରା ସମୟର ସୁଅ' ଉନ୍ମୋଚିତ ହୋଇଯାଇଛି। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅଧିବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ କବି ବିଶୋଇଙ୍କ କବିତା ସଙ୍କଳନଙ୍କ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କବି ଓ ଖବରଦାତାମାନେ ଯୋଗ ଦେଇଥିଲେ। ବରିଷ୍ଠ କବି ପ୍ରଫୁଲ୍ଲ ମାଝୀ, ଦାମୋଦର ସାହୁ, ଚନ୍ଦ୍ର ବିଜୟୀ ମିଶ୍ର, ଦିବାକର ନାୟକ, କବି ସାରସ କୁମାର ମିଶ୍ରଙ୍କ ସହିତ ଭାବଗ୍ରାହୀ ମହାପାତ୍ର, ଶ୍ରୀଧର ପ୍ରଧାନ, ରଞ୍ଜନ କୁମାର ଦାଶ, ଯଶୋବନ୍ତ ପଟ୍ଟନାୟକ, ପ୍ରଦୀପ ନାୟକ, ରାଜକିଶୋର ନାୟକ, ସୁକାନ୍ତ ଚୌଧୁରୀ, ରେଣୁବାଳା ଚୌଧୁରୀ, ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ କବି କବୟିତ୍ରୀମାନେ ଉନ୍ମୋଚନ ସଭାରେ ଅଂଶଗ୍ରହଣ କରିଥିଲେ। ସେମାନେ ରୀତିଯୁଗୀୟ, ମଧ୍ୟଯୁଗୀୟ ଏବଂ ଆଧୁନିକ କାବ୍ୟ କବିତା ଉପରେ ଆଲୋଚନା ସମାଲୋଚନା କରିଥିଲେ। ଗଙ୍ଗାଧର ମେହେର ସାହିତ୍ୟ, ରାଧାମୋହନ ଗଡ଼ନାୟକ, ଦୀନକୃଷ୍ଣ ଦାସ, ଶାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ମାୟାଧର ମାନସିଂ, ମଧୁସୂଦନ ଦାସ, ଗୋପବନ୍ଧୁ ଦାଶ, କାନ୍ତକବି ଲକ୍ଷ୍ମୀକାନ୍ତ, ଗୋଦାବରୀଶ ମହାପାତ୍ର, ସଚି ରାଉତରାୟ, ରବି ସିଂ ଏପରି ଅନେକ ସୃଜନଶୀଳ ସ୍ରଷ୍ଟାଙ୍କ ଅନବଦ୍ୟ ସୃଷ୍ଟି ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ଖବରଦାତା ଆଦର୍ଶ ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ଗଣେଶ୍ୱର ସାହୁ, ଫକର ମହାରଣା ଏବଂ ନୟାଗଡ଼ ଦର୍ପଣର ଖବରଦାତା ଯଯାତି କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

## ଖଣ୍ଡପଡ଼ା ବସ୍‌ଷ୍ଟାଣ୍ଡକୁ ଆସୁନି ଘରୋଇ ଯାତ୍ରୀବାହୀ ବସ୍

ଖଣ୍ଡପଡା,୨୮।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଉମାଦେବୀଙ୍କ ଛକରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହା ପରିସରରେ ସମସ୍ତ ଯାତ୍ରୀବାହୀ ବସ୍‌ଗୁଡିକ ରହଣି ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ହୋଇଛି। ମାତ୍ର ସେଠାରେ ସମସ୍ତ ସୁବିଧା ରହିଥିଲେ ହେଁ ଘରୋଇ ପରିବହନର ଦୂରଗାମୀ ଯାତ୍ରୀବାହୀ ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡ ପରିସରକୁ ଆସୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସଡ଼କ ପରିବହନ ନିଗମର ଯାତ୍ରୀବାହୀ ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡ ପରିସରକୁ ଯାତାୟାତ କରୁଥିବା ବେଳେ କଟକ ଜିଲା ଅଧୀନ ନରସିଂହପୁରେ ନିକଟସ୍ଥ କମଳାଡିହିରୁ ଖଣ୍ଡପଡ଼ା, ନୟାଗଡ଼ ଦେଇ କୋରାପୁଟ, ଜୟପୁର ସହରକୁ ଯାତାୟାତ କରୁଥିବା ଘରୋଇ ବସ୍ ଖଣ୍ଡପଡ଼ା ବାଇପାସ ରାସ୍ତାର ବ୍ଲକ ଛକରୁ ଯାତ୍ରୀମାନଙ୍କୁ ଉଠାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ଘରୋଇ ଯାତ୍ରୀବାହୀ ବସ୍‌ଟି ବସ୍‌ଷ୍ଟାଣ୍ଡ ପରିସରକୁ ଯାତାୟାତ କରୁ ନ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦୁରଗାମୀ ଘରୋଇ ପରିବହନର ଯାତ୍ରୀବାହୀ ବସ୍‌ଗୁଡିକ କିଭଳି ବସ୍‌ଷ୍ଟାଣ୍ଡ ପରିସରକୁ ଯିବ ସେଥିପ୍ରତି ପ୍ରଶାସନ, ରାଜ୍ୟ ସଡ଼କ ପରିବହନ ନିଗମ କର୍ତ୍ତୃପକ୍ଷ, ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

# ପରିତ୍ୟକ୍ତ ଶ୍ମଶାନକୁ ସଫେଇ କରି ଚାରା ରୋପଣ


ଶ୍ମଶାନ ସଫେଇ କରୁଥିବା ଲୋକମାନେ।

ନୟାଗଡ଼,୨୮।୬(ଲୋକନାଥ ମିଶ୍ର)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୋଡିପଡ଼ାର ଉପ ସେବାକେନ୍ଦ୍ର ପକ୍ଷରୁ ପରିତ୍ୟକ୍ତ ଗୋଡିପଡ଼ା ଶ୍ମଶାନକୁ ସଫେଇ କରାଯାଇଛି। ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିବେଶରେ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଉଥିଲା। ସରକାରୀ ସ୍ତରରେ ଏହାର ସଫେଇ ଅଥବା ପୁନରୁଦ୍ଧାର କରାଯାଉନାହିଁ। ଜିଲାର ବିଭିନ୍ନ ଶ୍ମଶାନ ପୁନରୁଦ୍ଧାର କରାଯାଉଥିଲେ ମଧ ଗୋଡିପଡ଼ା ଶ୍ମଶାନ ପରିତ୍ୟକ୍ତ ହୋଇ ରହିବା ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ସୃଷ୍ଟି କରିଥିଲା। ସଫେଇ କାର୍ଯ୍ୟ ପରେ ବୃକ୍ଷ ରୋପଣ କରାଯାଇଛି। ସମୀର ତ୍ରିପାଠୀ ବୃକ୍ଷକୁ ବଞ୍ଚାଇ ରଖିବାର ଦାୟିତ୍ୱ ନେଇଛନ୍ତି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଗୋଡିପଡ଼ାର ଉପ ସେବାକେନ୍ଦ୍ରର ଭାଇଭଉଣୀମାନଙ୍କୁ ଗୋଡିପଡ଼ାର କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।


# ODISHA PUBLIC SERVICE COMMISSION
# CUTTACK
## NOTICE

**No. 3293/ PSC Dt.27.06.2024**
**(1E-03-2024-25) (DR-II)**
**Website: http://www.opsc.gov.in**

No. D-79: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **160** candidates who have been provisionally shortlisted **for recruitment to the Post of Assistant Executive Engineer (Electrical)**, pursuant to Advt. No. 21 of 2023-24, **from 04.07.2024 to 06.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220006165 | 5278 | 04.07.2024 | 8.30 A.M. | 10.45 A.M. | BOARD - I |
| 2 | P220007204 | 5213 | | | | |
| 3 | P220008724 | 5057 | | | | |
| 4 | P220022501 | 5324 | | | | |
| 5 | P220022748 | 5170 | | | | |
| 6 | P220025456 | 5280 | | | | |
| 7 | P220025721 | 5336 | | | | |
| 8 | P220027398 | 5026 | | | | |
| 9 | P220028890 | 5075 | | | | |
| 10 | P220034089 | 5078 | | | | |
| 11 | P220035462 | 5233 | | | | |
| 12 | P220040332 | 5005 | | | | |
| 13 | P220042248 | 5139 | 04.07.2024 | 8.30 A.M. | 10.45 A.M. | BOARD - II |
| 14 | P220044327 | 5239 | | | | |
| 15 | P220045954 | 5080 | | | | |
| 16 | P220053903 | 5118 | | | | |
| 17 | P220055807 | 5022 | | | | |
| 18 | P220056518 | 5251 | | | | |
| 19 | P220063949 | 5349 | | | | |
| 20 | P220066207 | 5267 | | | | |
| 21 | P220072012 | 5354 | | | | |
| 22 | P220079771 | 5292 | | | | |
| 23 | P220081983 | 5294 | | | | |
| 24 | P220083374 | 5246 | | | | |
| 25 | P220084995 | 5064 | 04.07.2024 | 8.30 A.M. | 10.45 A.M. | BOARD - III |
| 26 | P220085337 | 5013 | | | | |
| 27 | P220089906 | 5196 | | | | |
| 28 | P230096732 | 5015 | | | | |
| 29 | P230098681 | 5109 | | | | |
| 30 | P230098689 | 5362 | | | | |
| 31 | P230112826 | 5245 | | | | |
| 32 | P230113641 | 5151 | | | | |
| 33 | P230114762 | 5193 | | | | |
| 34 | P230116056 | 5153 | | | | |
| 35 | P230124407 | 5386 | | | | |
| 36 | P230126361 | 5323 | | | | |
| 37 | P230129430 | 5052 | 04.07.2024 | 12.30 P.M. | 2.45 P.M. | BOARD - I |
| 38 | P230131416 | 5263 | | | | |
| 39 | P230134804 | 5357 | | | | |
| 40 | P230136401 | 5023 | | | | |
| 41 | P230139823 | 5279 | | | | |
| 42 | P230140585 | 5375 | | | | |
| 43 | P230149174 | 5309 | | | | |
| 44 | P230150681 | 5102 | | | | |
| 45 | P230153970 | 5019 | | | | |
| 46 | P230162708 | 5041 | | | | |
| 47 | P230163874 | 5288 | 04.07.2024 | 12.30 P.M. | 2.45 P.M. | BOARD - II |
| 48 | P230170391 | 5125 | | | | |
| 49 | P230170544 | 5082 | | | | |
| 50 | P230172511 | 5018 | | | | |
| 51 | P230173291 | 5261 | | | | |
| 52 | P230173683 | 5272 | | | | |
| 53 | P230173785 | 5345 | | | | |
| 54 | P230174723 | 5366 | | | | |
| 55 | P230175234 | 5092 | | | | |
| 56 | P230176615 | 5047 | | | | |
| 57 | P230176959 | 5325 | 04.07.2024 | 12.30 P.M. | 2.45 P.M. | BOARD - III |
| 58 | P230177339 | 5097 | | | | |
| 59 | P230178470 | 5183 | | | | |
| 60 | P230178710 | 5382 | | | | |
| 61 | P230179543 | 5129 | | | | |
| 62 | P230179688 | 5197 | | | | |
| 63 | P230179842 | 5379 | | | | |
| 64 | P230180460 | 5287 | | | | |
| 65 | P230181945 | 5283 | | | | |
| 66 | P230182551 | 5072 | | | | |
| 67 | P230182723 | 5156 | 05.07.2024 | 8.30 A.M. | 10.45 A.M. | BOARD - I |
| 68 | P230184311 | 5226 | | | | |
| 69 | P230184434 | 5296 | | | | |
| 70 | P230186229 | 5269 | | | | |
| 71 | P230187917 | 5227 | | | | |
| 72 | P230187944 | 5222 | | | | |
| 73 | P230197306 | 5202 | | | | |
| 74 | P230234498 | 5321 | | | | |
| 75 | P240235477 | 5001 | | | | |
| 76 | P240235505 | 5229 | | | | |
| 77 | P240235717 | 5068 | | | | |
| 78 | P240236247 | 5035 | | | | |
| 79 | P240236564 | 5218 | 05.07.2024 | 8.30 A.M. | 10.45 A.M. | BOARD - II |
| 80 | P240236591 | 5348 | | | | |
| 81 | P240236635 | 5016 | | | | |
| 82 | P240238042 | 5121 | | | | |
| 83 | P240239266 | 5122 | | | | |
| 84 | P240239284 | 5007 | | | | |
| 85 | P240239434 | 5147 | | | | |
| 86 | P240239645 | 5315 | | | | |
| 87 | P240239741 | 5305 | | | | |
| 88 | P240239939 | 5258 | | | | |
| 89 | P240240324 | 5289 | | | | |
| 90 | P240241372 | 5063 | | | | |
| 91 | P240241584 | 5328 | 05.07.2024 | 8.30 A.M. | 10.45 A.M. | BOARD - III |
| 92 | P240241629 | 5140 | | | | |
| 93 | P240241878 | 5058 | | | | |
| 94 | P240241972 | 5385 | | | | |
| 95 | P240242307 | 5326 | | | | |
| 96 | P240242767 | 5281 | | | | |
| 97 | P240242804 | 5368 | | | | |
| 98 | P240242805 | 5268 | | | | |
| 99 | P240242873 | 5033 | | | | |
| 100 | P240242947 | 5275 | | | | |
| 101 | P240243434 | 5332 | | | | |
| 102 | P240243851 | 5166 | | | | |
| 103 | P240245088 | 5244 | 05.07.2024 | 12.30 P.M. | 2.45 P.M. | BOARD - I |
| 104 | P240245179 | 5388 | | | | |
| 105 | P240245967 | 5198 | | | | |
| 106 | P240246452 | 5045 | | | | |
| 107 | P240246829 | 5036 | | | | |
| 108 | P240248071 | 5141 | | | | |
| 109 | P240248395 | 5282 | | | | |
| 110 | P240248575 | 5214 | | | | |
| 111 | P240248708 | 5066 | | | | |
| 112 | P240249746 | 5257 | | | | |
| 113 | P240250540 | 5044 | 05.07.2024 | 12.30 P.M. | 2.45 P.M. | BOARD - II |
| 114 | P240251155 | 5355 | | | | |
| 115 | P240251216 | 5103 | | | | |
| 116 | P240251857 | 5181 | | | | |
| 117 | P240252200 | 5039 | | | | |
| 118 | P240255435 | 5093 | | | | |
| 119 | P240256016 | 5200 | | | | |
| 120 | P240256216 | 5274 | | | | |
| 121 | P240256258 | 5027 | | | | |
| 122 | P240257266 | 5056 | | | | |
| 123 | P240258031 | 5212 | 05.07.2024 | 12.30 P.M. | 2.45 P.M. | BOARD - III |
| 124 | P240258406 | 5238 | | | | |
| 125 | P240258722 | 5188 | | | | |
| 126 | P240259159 | 5232 | | | | |
| 127 | P240259553 | 5243 | | | | |
| 128 | P240260958 | 5186 | | | | |
| 129 | P240261052 | 5048 | | | | |
| 130 | P240261346 | 5301 | | | | |
| 131 | P240261750 | 5009 | | | | |
| 132 | P240261830 | 5392 | | | | |
| 133 | P240263256 | 5070 | 06.07.2024 | 8.30 A.M. | 10.45 A.M. | BOARD - I |
| 134 | P240263650 | 5049 | | | | |
| 135 | P240265752 | 5286 | | | | |
| 136 | P240266458 | 5298 | | | | |
| 137 | P240266843 | 5110 | | | | |
| 138 | P240267347 | 5284 | | | | |
| 139 | P240267881 | 5069 | | | | |
| 140 | P240268336 | 5254 | | | | |
| 141 | P240268485 | 5142 | | | | |
| 142 | P240268877 | 5389 | | | | |
| 143 | P240270279 | 5369 | 06.07.2024 | 8.30 A.M. | 10.45 A.M. | BOARD - II |
| 144 | P240271669 | 5113 | | | | |
| 145 | P240271829 | 5340 | | | | |
| 146 | P240272441 | 5316 | | | | |
| 147 | P240275298 | 5185 | | | | |
| 148 | P240275543 | 5361 | | | | |
| 149 | P240276221 | 5303 | | | | |
| 150 | P240277048 | 5211 | | | | |
| 151 | P240277375 | 5391 | | | | |
| 152 | P240280284 | 5124 | 06.07.2024 | 8.30 A.M. | 10.45 A.M. | BOARD - III |
| 153 | P240281004 | 5182 | | | | |
| 154 | P240281232 | 5351 | | | | |
| 155 | P240281445 | 5240 | | | | |
| 156 | P240282063 | 5377 | | | | |
| 157 | P240282133 | 5128 | | | | |
| 158 | P240283119 | 5344 | | | | |
| 159 | P240283851 | 5083 | | | | |
| 160 | P240283883 | 5194 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final


**THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are requied to download the same using their respective USERNAME and PASSWORD/ OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 19.02.2024.
5. Diploma in Engineering (Electrical) pass certificate wherever applicable.
6. Degree in Electrical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Electrical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Electrical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 19.02.2024;
12. SEBC Certificate issued within 20.02.2021 to 19.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 19.02.2024, wherever applicable.
14. Release certificate of Ex-servicemen issued within 19.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

**OIPR-12002/11/0044/2425** **Sd./ - Secretary (I/C)**

# ମହାକାଶରେ ଫସିଛନ୍ତି ସୁନୀତା





ୱାଶିଂଟନ୍,୨୮।୬

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ(୫୮) ନିଜ ମହାକାଶ ସହଯାତ୍ରୀ ବୁଚ୍ ୱିଲମୋର୍‌ଙ୍କ ସହ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରେ ଫସିଯାଇଛନ୍ତି। ଜୁନ୍ ୫ରେ ଫ୍ଲୋରିଡାର କେପ୍ କାନାଭେରାଲ ସ୍ପେସ୍ ଫୋର୍ସ ଷ୍ଟେଶନରୁ 'ସୁନୀତା' ଆଇଏସ୍ଏସ୍ ଅଭିମୁଖେ ତୃତୀୟ ଥର ଯାତ୍ରା କରି ଇତିହାସ ରଚିଥିଲେ। ବୋଇଂର ୮ ଦିନିଆ କ୍ରିଉ ଫ୍ଲାଇଟ୍ ଟେଷ୍ଟ ମିଶନରେ ତାଙ୍କ ସହ ୬୧ ବର୍ଷୀୟ ମିଶନ କମାଣ୍ଡର ବୁଚ୍ ମଧ୍ୟ ଯାତ୍ରା କରିଥିଲେ। ଏହା ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ବୋଇଂ ଷ୍ଟାରଲାଇନର କ୍ରିଉ ଫ୍ଲାଇଟ୍ ଟେଷ୍ଟ (ସିଏଫ୍‌ଟି)ର ପ୍ରଥମ ମିଶନ। ବୋଇଂ ଡିଫେନ୍ସ, ସ୍ପେସ୍ ଆଣ୍ଡ୍ ସିକ୍ୟୁରିଟି ପ୍ରେସିଡେଣ୍ଟ ତଥା ସିଇଓ ଟେଡ୍ କୋଲ୍‌ବର୍ଟ ଏହାକୁ ଏକ ନୂଆଯୁଗର ଅଭ୍ୟୁଦୟ ବୋଲି ଅଭିହିତ କରିବା ସହ ମିଶନର ସଫଳତା ପରେ ଆଗକୁ ମହାକାଶଚାରୀମାନେ ସୁରକ୍ଷିତ ଭାବେ ସ୍ପେସ୍ ଷ୍ଟେଶନକୁ ଯାଇ ଫେରିପାରିବେ ବୋଲି କହିଥିଲା। ସୁନୀତା ଓ ବୁଚ୍ ପ୍ରଥମେ ଜୁନ୍ ୧୪ରେ ପୃଥିବୀ ପୃଷ୍ଠକୁ ଫେରିବାର ଥିଲା। ପରେ ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରତ୍ୟାବର୍ତ୍ତନ ତାରିଖ ୨୬କୁ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଦୁଇ ମହାକାଶ ଯାତ୍ରୀ କେବେ ଫେରିବେ ସେନେଇ ନାସା ଓ ବୋଇଂ କିଛି କହିପାରୁ ନାହାନ୍ତି। ସେମାନଙ୍କ ସ୍ପେସ୍‌କ୍ରାଫ୍ଟରେ ଇନ୍ଧନ ସରି ଆସୁଥିବାବେଳେ ସ୍ପେସ୍ ଷ୍ଟେଶନ୍ ନିକଟରେ ରୁଷିଆର ଏକ ସେବାନିବୃତ୍ତ ସାଟେଲାଇଟ୍ ଅନେକ ଆଷ୍ଟ୍ରୋନଟ୍‌ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଆମେରିକୀୟ ସ୍ପେସ୍ କମାଣ୍ଡ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୧,୦୦୦ ମେଟ୍ରିକ୍ ଟନ୍ ଓଜନର ରସର୍ସ-ପି୧ ବୁଧବାର ପୃଥିବୀର ନିମ୍ନକକ୍ଷରେ ଭାଙ୍ଗିଯିବାରୁ ଏହାର ଶତାଧିକ ଭଗ୍ନାବଶେଷ ମହାକାଶରେ ଉଡୁଛି। ଏଭଳି ସମୟରେ ମହାକାଶଯାନରେ ହିଲିୟମ୍ ଲିକ୍ ଆହୁରି ଚିନ୍ତା ବଢ଼ାଇଦେଇଛି। ଏହି ଘଟଣାକ୍ରମ ପରେ ମହାକାଶଚାରୀମାନେ ଆଇଏସ୍ଏସ୍‌ରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିବା ନାସାର ସ୍ପେସ୍ ଷ୍ଟେଶନ୍ ଅଫିସ୍ କହିଛି। ତେବେ ଆବଶ୍ୟକ ହେଲେ ସ୍ପେସ୍‌କ୍ରାଫ୍ଟ ସୁନୀତା ଓ ୱିଲ୍‌ମୋରଙ୍କୁ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣିବାକୁ ସକ୍ଷମ ବୋଲି ନାସା ବୈଜ୍ଞାନିକମାନେ କହିଛନ୍ତି।

ପୂର୍ବରୁ କେବଳ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସେକ୍ସ ମହାକାଶ ଯାତ୍ରୀଙ୍କୁ ସ୍ପେସ୍ ଯାତ୍ରା କରାଇବାରେ ସକ୍ଷମ ହୋଇଥିଲା। ଏଭଳି ମିଶନରେ ସାମିଲ ହେବାରେ ବୋଇଂ ହେଉଛି ଆମେରିକୀୟ ସ୍ପେସ୍ ସେକ୍ଟରରେ ଦ୍ୱିତୀୟ ଘରୋଇ କମ୍ପାନୀ।



ଆଇଏସ୍ଏସ୍‌ର ମାର୍ମୋନି ମୋଡ୍ୟୁଲ୍‌ରେ ବୋଇଂ କ୍ରିଉ ଫ୍ଲାଇଟ୍ ଟେଷ୍ଟ ମହାକାଶ ଯାତ୍ରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋରଙ୍କ ଏହି ଫଟୋକୁ ଜୁନ୍ ୧୩ରେ ନାସା ପକ୍ଷରୁ ଜାରି କରାଯାଇଥିଲା।

### ଅନ୍ତରୀକ୍ଷରେ ଆଶ୍ରୟସ୍ଥଳ ଆଇଏସ୍ଏସ୍

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ବା ଆଇଏସ୍ଏସ୍ ହେଉଛି ମହାକାଶରେ ଥିବା ଏକ ବୃହତ୍ ଷ୍ଟେଶନ୍। ପୃଥିବୀର ନିମ୍ନକକ୍ଷରୁ ଏହାକୁ ନିୟନ୍ତ୍ରଣ କରାଯାଏ। ୧୯୯୮ ନଭେମ୍ବର ୨୦ରେ ଆମେରିକା ଏହାକୁ ୧୫,୦୦୦ କୋଟି ଡଲାର ଖର୍ଚ୍ଚ କରି ପ୍ରତିଷ୍ଠା କରିଥିଲା। ୪୫୦,୦୦୦ କେ.ଜି. ଓଜନ ବିଶିଷ୍ଟ ଆଇଏସ୍ଏସ୍‌କୁ ଆମେରିକାର ନାସା, ରୁଷିଆର ରୋସ୍କୋମୋସ୍, ଜାପାନର ଜାକ୍ସା, ୟୁରୋପର ଏସା ଏବଂ କାନାଡାର ସିଏସ୍ଏ ମିଳିତ ଭାବେ ମହାକାଶରେ ଏହି କ୍ଷୁଦ୍ର ଭାସମାନ ସହରର ପରିଚାଳନା କରିଥାନ୍ତି। ମହାକାଶ ଯାତ୍ରୀଙ୍କ ପାଇଁ ଏଠାରେ ଅନେକ ସୁବିଧା କରାଯାଇଛି। ୨୦୨୩ ଅଗଷ୍ଟରେ ଏହାର କକ୍ଷ ସଂଖ୍ୟା ୧୪୧,୧୧୭ ଥିଲା। ଆଇଏସ୍ଏସ୍ ଦିନକୁ ନିଜ କକ୍ଷପଥରେ ୧୫.୫ ଥର ଘୂରିଥାଏ।

## କନ୍‌ଷ୍ଟେବଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍: ଆଉ ୪ ଗିରଫ

ପାଟନା,୨୮।୬ (ପି.ଟି.)

ଗତବର୍ଷ ଅକ୍ଟୋବର ୧ରେ କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏହାର ଦୁଇଦିନ ପରେ କେନ୍ଦ୍ରୀୟ କନ୍‌ଷ୍ଟେବଲ ଚୟନ ବୋର୍ଡ (ସିଏସ୍‌ବିସି) ଉକ୍ତ ପରୀକ୍ଷାକୁ ବାତିଲ କରିଦେଇଥିଲା। ଏହି ମାମଲାରେ ବିହାର ପୋଲିସର ଆର୍ଥିକ ଅପରାଧ ଶାଖା (ଇଓୟୁ) ଗୁରୁବାର ପଶ୍ଚିମବଙ୍ଗରୁ ୩ ଏବଂ ଲକ୍ଷ୍ନୌରୁ ଜଣଙ୍କୁ ଗିରଫ କରିଛି। ଗତ ୫ ତାରିଖରେ ଇଓୟୁ ବିହାରରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆନ୍ତଃରାଜ୍ୟ ସଞ୍ଜୀବ ମୁଖିୟା ଗ୍ୟାଙ୍ଗ୍‌ର ଏହି ସଦସ୍ୟମାନେ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଏନ୍‌ଇଇଟି-ୟୁଜି ପରୀକ୍ଷା ଏବଂ ଶିକ୍ଷକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ମଧ୍ୟ ମୁଖିୟା ଗ୍ୟାଙ୍ଗ୍‌ର କେତେଜଣ ଗିରଫ ହୋଇଛନ୍ତି। ଇଓୟୁ ବିଭିନ୍ନ ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିବା ସହ ୭୪ଟି ଏତଲା ଦାଏର କରିଛି।

## ରାହୁଲଙ୍କ ମାଇକ୍ ବନ୍ଦ କରିଦେଲେ

### ପାର୍ଲାମେଣ୍ଟରେ ଏନ୍‌ଇଇଟି ଝଡ଼

ନୂଆଦିଲ୍ଲୀ,୨୮।୬

ଏନ୍‌ଇଇଟି ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷାରେ ଦୁର୍ନୀତି ପ୍ରତିବାଦରେ ଛାତ୍ରୀଛାତ୍ର ଦେଶବ୍ୟାପୀ ଆନ୍ଦୋଳନ କରୁଥିବାବେଳେ ଶୁକ୍ରବାର ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ଝଡ଼ ସୃଷ୍ଟି ହୋଇଛି। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏନ୍‌ଇଇଟି ପ୍ରସଙ୍ଗରେ କହିବା ଆରମ୍ଭ କରିବା ମାତ୍ରେ ତାଙ୍କ ମାଇକ୍ରୋଫୋନ୍‌କୁ ବନ୍ଦ କରିଦିଆଯାଇଥିଲା। ରାହୁଲ ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ମାଇକ୍ ମାଗିଥିଲେ। ବାଚସ୍ପତି କହିଥିଲେ, ଆପଣଙ୍କ ମାଇକ୍‌କୁ ମୁଁ ବନ୍ଦ କରିନାହିଁ। ରାହୁଲ ଏନ୍‌ଇଇଟି ବିବାଦ ଉପରେ ଗୃହରେ ବିତର୍କ ଏବଂ ସରକାରଙ୍କଠାରୁ ବିବୃତି ଦାବି କରିଥିଲେ। ମାଇକ୍ ହଠାତ୍ ବନ୍ଦ ହୋଇଯିବାରୁ ସେ ବାଚସ୍ପତିଙ୍କୁ ଅନ୍ୟ ଏକ ମାଇକ୍ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ବିର୍ଲା ତାଙ୍କୁ ଦେଇ ନ ଥିଲେ। ଯୁବପିଢ଼ିଙ୍କ ବିରୋଧରେ ଷଡ଼ଯନ୍ତ୍ର ଏକ ଗମ୍ଭୀର ପ୍ରସଙ୍ଗ ହୋଇଥିବାବେଳେ ମୋଦି ସରକାର ଏନ୍‌ଇଇଟି ଉପରେ କିଛି କହୁନାହାନ୍ତି। ଓଲଟା ରାହୁଲଙ୍କ ମାଇକ୍‌କୁ ବନ୍ଦ କରିଦେଉଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ପେପର୍ ଲିକ୍ ଉପରେ ମୁଲତବୀ ପ୍ରସ୍ତାବ ଆଣିଥିବାବେଳେ ବାଚସ୍ପତି କହିଥିଲେ, ପ୍ରଥମେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ହେବ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହା ଉପରେ ବିତର୍କ ଦାବି କରି ଗୃହ ମଧ୍ୟଭାଗରେ ବିକ୍ଷୋଭ କରିଥିଲେ। ଏହାପରେ ଅଧ୍ୟକ୍ଷ ଜଗଦୀପ ଧନକରଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ଏନ୍‌ଇଇଟି ବିବାଦକୁ ନେଇ ଲୋକ ସଭା ଓ ରାଜ୍ୟ ସଭାରେ ସମାନ ସ୍ଥିତି ଲାଗି ରହିଥିଲା। କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଫଳରେ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ଶେଷରେ ପାର୍ଲାମେଣ୍ଟକୁ ଜୁଲାଇ ୧ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

## ଜେଲରୁ ମୁକୁଳିଲେ ହେମନ୍ତ ସୋରେନ୍

### ଜମି ଦୁର୍ନୀତିରେ ପ୍ରତ୍ୟକ୍ଷ ସମ୍ପୃକ୍ତିର ପ୍ରମାଣ ନାହିଁ: ହାଇକୋର୍ଟ

ରାଞ୍ଚି,୨୮।୬



ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ୍ ଜମି ଦୁର୍ନୀତି ସଂକ୍ରାନ୍ତ ମନି ଲଣ୍ଡରିଂ ମାମଲାରେ ଗିରଫ ହେବାର ପ୍ରାୟ ୫ ମାସ ପରେ ଶୁକ୍ରବାର ହାଇକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିଛନ୍ତି। ଜଷ୍ଟିସ୍ ରୋଙ୍ଗନ ମୁଖୋପାଧ୍ୟାୟଙ୍କ ଜଣିକିଆ ଖଣ୍ଡପୀଠ ତାଙ୍କୁ ୫୦,୦୦୦ ଟଙ୍କାର ବେଲ୍ ବଣ୍ଡରେ ଜାମିନ ପ୍ରଦାନ କରିଛନ୍ତି। ଜମି ଦୁର୍ନୀତିରେ ହେମନ୍ତଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିର ପ୍ରମାଣ ମିଳି ନାହିଁ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ବିର୍ସା ମୁଣ୍ଡା ଜେଲ ବାହାରେ ଅପେକ୍ଷା କରିଥିବା ଜେଏମ୍ଏମ୍ ସମର୍ଥକମାନେ ହେମନ୍ତଙ୍କୁ ସ୍ୱାଗତ କରି ନେଇଛନ୍ତି। ହେମନ୍ତଙ୍କ ସ୍ତ୍ରୀ ତଥା ବିଧାୟିକା କଳ୍ପନା ସୋରେନ୍ ସମର୍ଥନ ପାଇଁ ନ୍ୟାୟପାଳିକା ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଗତ ଜାନୁଆରୀ ୩୧ରେ ଝଡ଼ଖଣ୍ଡର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ଏଥିପାଇଁ ୪୮ ବର୍ଷୀୟ ହେମନ୍ତଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଜୋହେବ ହୋସେନ ଜାମିନ ଆବେଦନକୁ ବିରୋଧ କରିଥିଲେ। ଅନ୍ୟପକ୍ଷେ ହେମନ୍ତଙ୍କୁ କେନ୍ଦ୍ରୀୟ ଏଜେନ୍ସି ମିଥ୍ୟା ମାମଲାରେ ଫସାଇଦେଇଥିବା ତାଙ୍କ ଓକିଲ କପିଲ ସିବଲ ଯୁକ୍ତି ବାଢ଼ିଥିଲେ।

## ବିକ୍ରମ ମିଶ୍ରି ପରବର୍ତ୍ତୀ ବହିର୍ବ୍ୟାପାର ସଚିବ

ନୂଆଦିଲ୍ଲୀ,୨୮।୬ (ପି.ଟି.)

ଜାତୀୟ ସୁରକ୍ଷା ଉପପରାମର୍ଶଦାତା ବିକ୍ରମ ମିଶ୍ରି ଦେଶର ପରବର୍ତ୍ତୀ ବହିର୍ବ୍ୟାପାର ସଚିବ ନିଯୁକ୍ତ ହୋଇଛନ୍ତି। ୧୯୮୯ ବ୍ୟାଚ୍‌ର ଭାରତୀୟ ବିଦେଶ



ସେବା (ଆଇଏଫ୍ଏସ୍) ଅଫିସର ମିଶ୍ରିଙ୍କ ନିଯୁକ୍ତି ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ। ସେ ବିନୟ ମୋହନ କ୍ୱାତ୍ରାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ବିନୟଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଦିଆଯାଇଥିଲା। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ଡେପୁଟି ଏନ୍ଏସ୍ଏ ମିଶ୍ରିଙ୍କୁ ବହିର୍ବ୍ୟାପାର ସଚିବ ନିଯୁକ୍ତ କରାଯାଇଥିବା କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରୁ ଜଣାପଡ଼ିଛି।

## ଶିମ୍‌ଲାରେ ଭୂସ୍ଖଳନ: ପୋତିହୋଇଛି ବହୁ ଗାଡ଼ି



ଶିମ୍‌ଲା,୨୮।୬

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ଶିମ୍‌ଲାରେ ଭୂସ୍ଖଳନ ଘଟି ବହୁସଂଖ୍ୟାରେ ଗାଡ଼ି ମାଟି ଓ ପଥର ଖଣ୍ଡ ତଳେ ପୋତିହୋଇ ପଡ଼ିଛି। ଗାଡ଼ିଗୁଡ଼ିକୁ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଗୁରୁବାର ହିମାଚଳପ୍ରଦେଶର ଅଧିକାଂଶ ଭାଗରେ ପହଞ୍ଚିଥିବାରୁ ପ୍ରବଳ ବର୍ଷା ହୋଇଥିଲା। ପ୍ରବଳ ବର୍ଷା ହେବା ନେଇ ଗୁରୁବାର ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଥଲା।

## ବର୍ଷାରେ ଏୟାରପୋର୍ଟ କାନୋପି ଭୁଶୁଡ଼ିଲା

ଭୋପାଳ,୨୮।୬

ମଧ୍ୟପ୍ରଦେଶ ଜବଲପୁରରେ ଗୁରୁବାର ରାତିସାରା ପ୍ରବଳ ବର୍ଷା ହେବାରୁ ଡୁମ୍‌ନା ଏୟାରପୋର୍ଟର ସମ୍ପ୍ରସାରିତ ନୂଆ ଟର୍ମିନାଲ ବିଲ୍ଡିଂ ଆଗରେ ଥିବା ଫାଇବର କାନୋପି ଭୁଶୁଡ଼ି ପଡ଼ିଛି। ଗତ ମାର୍ଚ୍ଚ ୧୦ରେ ଏହି ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ବିରୋଧୀ କଂଗ୍ରେସ ନିର୍ମାଣ କାର୍ଯ୍ୟର ମାନକୁ ନେଇ ପ୍ରଶ୍ନ ଉଠାଇବା ସହ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛି। ବିମାନବନ୍ଦର ନିର୍ଦ୍ଦେଶକ ରାଜୀବ ରତନ ପାଣ୍ଡେଙ୍କ କହିବା ଅନୁଯାୟୀ ଏୟାରପୋର୍ଟର ସୌନ୍ଦର୍ଯ୍ୟକରଣ ଉଦ୍ଦେଶ୍ୟରେ ଫାଇବର କାନୋପି ନିର୍ମାଣ ହୋଇଥିଲା। ପ୍ରବଳ ବର୍ଷା ଲାଗିରହିବାରୁ ଏହାର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ଫଳରେ ସେଠାରେ ଥିବା ଗୋଟିଏ କାର୍ କ୍ଷତିଗ୍ରସ୍ତ ହୋଇଛି।

## ବଲିଭିଆରେ ସାମରିକ ବିଦ୍ରୋହ ପଣ୍ଡ

### ଜେନେରାଲଙ୍କ ସମେତ ୧୭ ଗିରଫ

ଲା ପାଜ୍,୨୮।୬

ବଲିଭିଆ ରାଷ୍ଟ୍ରପତି ଲୁଇସ୍ ଆର୍‌ସେଙ୍କ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ସୈନ୍ୟବାହିନୀ ବୁଧବାର ଚଳାଇଥିବା ବିଦ୍ରୋହ ଉଦ୍ୟମ ପଣ୍ଡ ହୋଇଯାଇଛି। ଏଥିରେ ସମ୍ପୃକ୍ତ ୧୭ ଜଣଙ୍କୁ ଗିରଫ କରାଯାଇଥିବା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସରକାର ଭାଙ୍ଗିବା ପାଇଁ ସେନାର ମେଳି ଯୋଗୁ ୧.୨ କୋଟି ଜନସଂଖ୍ୟା ବିଶିଷ୍ଟ ଦକ୍ଷିଣ ଆମେରିକୀୟ ଦେଶ ବିଚଳିତ ହୋଇପଡ଼ିଥିଲା। ସୈନ୍ୟମାନେ ସାମରିକ ଯାନରେ ଆସି ରାଜଧାନୀର ମୁଖ୍ୟ ଛକକୁ ଅକ୍ତିଆର କରିବା ସହ ରାଷ୍ଟ୍ରପତିଙ୍କ ବାସଭବନରେ ଏକ ଟ୍ୟାଙ୍କ୍‌କୁ ଧକ୍କା କରାଇଥିଲେ। ବିକ୍ଷୋଭକାରୀଙ୍କ ଉପରକୁ ସେମାନେ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ। ଏହାର କିଛି ଘଣ୍ଟା ପରେ ବିଦ୍ରୋହର ନେତୃତ୍ୱ ନେଉଥିବା ସେନା ଜେନେରାଲ ଜୁଆନ୍ ଜୋସ୍ ଜୁନିଗା, ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ପୂର୍ବତନ ନୌସେନା ଭାଇସ୍ ଆଡମିରାଲ ଜୁଆନ୍ ଆର୍‌ନେଜ ସାଲଭାଡୋରଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୧୫ ଜଣ ଗିରଫଙ୍କ ପରିଚୟ ସରକାରଙ୍କ ପକ୍ଷରୁ ପ୍ରଘଟ ହୋଇନାହିଁ। ସେମାନଙ୍କ ମଧ୍ୟରେ ବିଦ୍ରୋହର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଣେ ସାଧାରଣ ନାଗରିକ ମଧ୍ୟ ରହିଥିବା ବରିଷ୍ଠ କ୍ୟାବିନେଟ ସଦସ୍ୟ ଏଡୁଆର୍ଡୋ ଡେଲ୍ କାଷ୍ଟିଲୋ କହିଛନ୍ତି।




ବିଦ୍ରୋହର ନେତୃତ୍ୱ ନେଇଥିବା ସେନା ଜେନେରାଲ ଜୁଆନ୍ ଜୋସ୍ ଜୁନିଗାଙ୍କୁ ଗିରଫ କରାଯାଉଛି।

# ଶର୍ଟ ସର୍କିଟ୍‌ରୁ ମୋ ବସ୍ ଜଳିଗଲା



ଶର୍ଟ ସର୍କିଟ୍‌ରେ ଜଳି ଯାଉଥିବା ବସ୍।

**କଟକ,୨୮।୬ (କାର୍ତ୍ତିକ ସାହୁ)**

କଟକ ସିଡିଏ ସେକ୍ଟର-୯ ଅଞ୍ଚଳରେ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟି ମୋ ବସ୍ ଜଳିଯାଇଛି। ବସ୍‌ରେ ଥିବା ୨ ଜଣ ଯାତ୍ରୀଙ୍କ ସମେତ ବସ୍ କର୍ମଚାରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସୂଚନାନୁସାରେ, ମୋ ବସ୍ (ଓଡି୦୫ଟି-୭୦୪୧) ଭୁବନେଶ୍ୱର ପାତ୍ରପଡ଼ାରୁ କଟକ ସିଡିଏ ସେକ୍ଟର-୧୧ ଅଭିମୁଖେ ନିର୍ଦ୍ଧାରିତ ସମୟରେ ଯାତ୍ରାରମ୍ଭ କରିଥିଲା। ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଆଉ ପ୍ରାୟ ୨ କିମି ରାସ୍ତା ଥିବାବେଳେ ହଠାତ୍ ବସ୍ ସମ୍ମୁଖ ଭାଗରୁ ଧୂଆଁ ବାହାରିଥିଲା। ଚାଳକ ଏହା ଦେଖି ସିଡିଏ ସେକ୍ଟର-୯ ନିକଟରେ ବସ୍‌କୁ ଅଟକାଇଥିଲେ। ଫଳରେ ବସ୍‌ରେ ଥିବା ୨ ଜଣ ଯାତ୍ରୀ ଓହ୍ଲାଇ ଯାଇଥିଲେ। ସଙ୍ଗେସଙ୍ଗେ ବସ୍‌ରେ ନିଆଁ ଲାଗି ବ୍ୟାପିବାକୁ ଆରମ୍ଭ କରିଥିଲା। ଖବରପାଇ ବିଡ଼ାନାସୀ ଓ ବକ୍ସିବଜାର ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଛି। ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

# ସ୍କୁଲ ପାଣି ଟାଙ୍କି ଭୁଶୁଡ଼ି ଛାତ୍ର ମୃତ

- ରିପୋର୍ଟ ମାଗିଲେ ମୁଖ୍ୟମନ୍ତ୍ରୀ
- ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

**ବାଲେଶ୍ୱର,୨୮।୬ (ମାନସ ବିଶ୍ୱାଳ)**



ଭୁଶୁଡ଼ି ପଡ଼ିଥିବା ପାଣିଟାଙ୍କି କାନ୍ଥ।

ବାଲେଶ୍ୱର ଜିଲାର ଚାନ୍ଦିପୁର ଥାନା ଅଧୀନ ପଦ୍ମପୁରସ୍ଥିତ ବାଞ୍ଛାନିଧି ଇଂରାଜୀ ମିଡିୟମ୍ ସ୍କୁଲରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ହାତ ଧୋଇବାକୁ ଯାଇଥିବା ଜଣେ ଛାତ୍ରଙ୍କ ଉପରେ ପାଣିଟାଙ୍କି ଭୁଶୁଡ଼ି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ନାରାୟଣ ଟୁଡୁ (୧୦)। ସେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜାଣିବା ପରେ ବାଲେଶ୍ୱର ଜିଲାପାଳଙ୍କଠାରୁ ପଚାରି ବୁଝିବା ସହ ତଦନ୍ତ ରିପୋର୍ଟ ମାଗିଛନ୍ତି। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଖୋର୍ଦ୍ଧା ଜିଲା ଅଧୀନ ବାରଙ୍ଗ ଅଞ୍ଚଳର ବାଗରାଇ ଟୁଡୁଙ୍କ ପୁଅ ନାରାୟଣ ସକାଳେ ଜଳଖିଆ ଖାଇ ହାତ ଧୋଇବାକୁ ଅନ୍ୟ ସହପାଠୀଙ୍କ ସହ ଯାଇଥିଲେ। ହାତ ଧୋଇବା ସମୟରେ ହଠାତ୍ ସିମେଣ୍ଟ ତିଆରି ପାଣିଟାଙ୍କି ଭୁଶୁଡ଼ି ତଳକୁ ପଡ଼ିଥିଲା। ଅନ୍ୟ କେତେଜଣ ଛାତ୍ର ସାମାନ୍ୟ ଆହତ ହୋଇଥିବା ବେଳେ ନାରାୟଣଙ୍କ ଉପରେ କୁଣ୍ଡ ପଡ଼ିଥିଲା। ଏଥିରେ ତାଙ୍କର ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର ପରେ ଜିଲା ମୁଖ୍ୟଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୁର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରିଣୀ ପ୍ରତିଭା ମଞ୍ଜରୀ ଦାସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ତାଙ୍କ କହିବାନୁସାରେ ବାଞ୍ଛାନିଧି ଇଂଲିଶ ମିଡ଼ିୟମ୍ ଘରୋଇ ସ୍କୁଲରେ ଛାତ୍ରାବାସ ରହିଛି। ନାରାୟଣ ଛାତ୍ରାବାସରେ ରୁହନ୍ତି। ଖାଇବା ପରେ ହାତ ଧୋଇ ଗାଧୋଇବା ପାଇଁ ଅପେକ୍ଷା କରିଥିବା ବେଳେ ସିମେଣ୍ଟ ଓ ଇଟା ଦ୍ୱାରା ନିର୍ମିତ ପାଣି ଟାଙ୍କିର ଏକ ପାର୍ଶ୍ୱ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ପିଲାଟି ଉପରେ କାନ୍ଥଟି ପଡ଼ିବାରୁ ସେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ। ଅନ୍ୟପକ୍ଷରେ ଘରୋଇ ସ୍କୁଲ ଚଳାଇବା ପାଇଁ ସରକାରୀ ଅନୁମତି ଥିବା ବେଳେ ଛାତ୍ରାବାସ ପାଇଁ କୌଣସି ଅନୁମତି ମିଳିନାହିଁ। ଖୁବ୍‌ଶୀଘ୍ର ଏହା ଉପରେ ତଦନ୍ତ କରାଯାଇ ରିପୋର୍ଟ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ଜିଲା ଶିକ୍ଷାଧିକାରିଣୀ କହିଛନ୍ତି।

# ମେକ୍ ଇନ୍ ଓଡ଼ିଶା ହେବ ଉତ୍କଳ ଇନ୍‌ଭେଷ୍ଟର୍ସ ସମ୍ମିଟ୍

**ଭୁବନେଶ୍ୱର,୨୮।୬(ଅନିଲ ଦାସ)**

ମେକ୍ ଇନ୍ ଓଡ଼ିଶା ନାଁ ବଦଳିପାରେ। ଏ ନେଇ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସୂଚନା ଦେଇଛନ୍ତି। ମେକ୍ ଇନ୍ ଓଡ଼ିଶା ନାଁ ବଦଳାଯାଇ ଉତ୍କଳ ଇନ୍‌ଭେଷ୍ଟର୍ସ ସମ୍ମିଟ୍ କରାଯାଇପାରେ। ଏହି ସମ୍ମିଟ୍ ଜରିଆରେ ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବାକୁ ସରକାର ଲକ୍ଷ୍ୟ ରଖିଥିବା ଶିଳ୍ପମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ କିଭଳି ନୂଆ ଶିଳ୍ପ ଆସିବ, ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ କିଭଳି ଆଗକୁ ନିଆଯିବ ସେନେଇ ଆଲୋଚନା ହୋଇଛି। ୨୦୨୭ ସୁଦ୍ଧା ଇଣ୍ଡଷ୍ଟ୍ରିଆଲ କରିଡରକୁ ବିକଶିତ କରାଯିବ। ଓଡ଼ିଶାରେ ପ୍ରଚୁର ମାତ୍ରାରେ ପ୍ରାକୃତିକ ସମ୍ପଦ ରହିଛି। ଏଠାରେ ପାଣି, ଖଣି ଓ ଲମ୍ବା ସମୁଦ୍ରତଟ ରହିଛି। ଏହା ଜରିଆରେ ଓଡ଼ିଶାକୁ ଶିଳ୍ପସମୃଦ୍ଧ କରାଯିବ। ଶିଳ୍ପ ପାଇଁ ୧୦୦ ଦିନର ଯୋଜନା ରହିଛି। ତାହାର ରୂପରେଖ ପ୍ରସ୍ତୁତ ଚାଲିଛି। ଏନେଇ ଖୁବ୍‌ଶୀଘ୍ର ସରକାର ଅବଗତ କରିବେ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

### ଏସ୍‌ସିବିରେ ରକ୍ତ ପାଇଁ ଟଙ୍କା ମଗାଯିବା ଘଟଣା
# ଆରମ୍ଭ ହେଲା ତଦନ୍ତ

**କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲ ରକ୍ତ ଭଣ୍ଡାରରେ ସୁରକ୍ଷାକର୍ମୀ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଇ ରକ୍ତ ଦେବା ଘଟଣାର ତଦନ୍ତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ମେଡିକାଲରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସଦସ୍ୟ ରୋଗୀ ସମ୍ପର୍କୀୟଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିବେ। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଏକ କମିଟି ଗଠନ କରାଯାଇ ଘଟଣାର ତଦନ୍ତ କରାଯାଉଛି। ସମସ୍ତ ତଥ୍ୟ ହସ୍ତଗତ ହେବା ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରକ୍ତ ଭଣ୍ଡାରରେ କୌଣସି ବ୍ୟକ୍ତିଙ୍କୁ ଯଦି କିଏ ଟଙ୍କା ମାଗୁଛନ୍ତି ତେବେ ସିଧାସଳଖ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାନ୍ତୁ ବୋଲି ରାଉତ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗରେ ୮ ଦିନ ହେବ ସମ୍ବଲପୁର ଜିଲା ଚକଳିଆବାହାଳ ଅଞ୍ଚଳର ସୁନୀତା ଖାର୍‌ସେଲ୍(୮) ଚିକିତ୍ସିତ ହେଉଛନ୍ତି। ଅସୁସ୍ଥ ହେବାରୁ ସମ୍ବଲପୁର ମେଡିକାଲରୁ ସୁନୀତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ୩ଟି ଲେଖାଏ ରକ୍ତ ନେବା ଆବଶ୍ୟକ ରହିଛି। ରକ୍ତ ପାଇଁ ଏସ୍‌ସିବି ରକ୍ତ ଭଣ୍ଡାରକୁ ସୁନୀତାଙ୍କ ବାପା ଦୁର୍ଯ୍ୟୋଧନ ଖାର୍‌ସେଲ୍ ଯାଇଥିଲେ। ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ରକ୍ତଦାତା ଖୋଜିଦେବେ କହି ୩ ହଜାର ଟଙ୍କା ମାଗିବା ସହ ଅଧିକ ଗୋଟିଏ ରକ୍ତ ଯୋଗାଡ କରିଦେବେ ବୋଲି କହିଥିଲେ। ଫଳରେ ଦୁର୍ଯ୍ୟୋଧନ ଟଙ୍କା ଦେଇଥିଲେ। ଗୋଟିଏ ରକ୍ତ ପୂର୍ବରୁ ଦେଇଥିବାବେଳେ ଗୁରୁବାର ଆଉ ଗୋଟିଏ ରକ୍ତ ଯୋଗାଡ଼ କରି ଦେଇଥିଲେ।

**PARADIP PORT AUTHORITY**
**MARINE DEPARTMENT**
No. MD/ACCTS/WK/R-16/2023/703 Date: 25.06.2024
**E-TENDER CALL NOTICE-CUM-E-AUCTION**
**Name of the work:** Manning, Maintenance and Commercial Operation of PPA Dry Dock and Other Ancillaries on payment of Licence Fee for a period of 05 (Five) years. **Reserved price:** Rs.13,97,52,584/- plus GST as applicable for 05 years. Last date & time of Submission of tender through on-line bidding is **15:00 hours on dt.16.07.2024**. Date & time for opening of Technical Bid is **15:30 hours on dt.17/07/2024.** For details, please log on to the website: **https://eprocure.gov.in/eprocure/app.**
Sd/- Deputy Conservator,
Paradip Port Authority
PPA/PR/19/2024-2025 dtd.27.06.2024

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2024-13, ତା.21.06.2024 ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକ ଠାରେ RTUs ର ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ (₹) :** 1,36,77,820.50, ବିଡ୍ ସିକ୍ୟୁରିଟି (₹) : 2,18,400.00।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.07.2024 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (Tele), ସମ୍ବଲପୁର
PR-249/P/24-25

# ୪ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀ

**ମାଲକାନଗିରି,୨୮।୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ୪ ଜଣ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ନୁପୋ ସୋମଡା, ଇଡୋ ଲଖା, ସୋୟମ ଲଛା ଓ କୁଜାମ ଲଛା। ଏମାନେ ସିଙ୍ଗାରାମ ଓ ବୁର୍କାଲଙ୍କା ମାଓବାଦୀ ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ତେବେ ବର୍ତ୍ତମାନ ପୋଲିସ ଦ୍ୱାରା ଚାଲିଥିବା ଘରକୁ ଫେର ଯୋଜନା ଓ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ସଂଗଠନର ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ଆଉ ସଂଗଠନରେ ପୂର୍ବ ଆଦର୍ଶ ନାହିଁ। ଏମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ସହ ସେମାନଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ସରକାର କିଛି ନିଷ୍ପତ୍ତି ନେଇନାହାନ୍ତି: ଆଇନମନ୍ତ୍ରୀ

## ସ୍ଲଟ୍ ବୁକିଂ ନେଇ ଗଜପତି ମହାରାଜାଙ୍କ ମନ୍ତବ୍ୟ ପ୍ରସଙ୍ଗ

**ପୁରୀ,୨୮।୬ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଲଟ୍ ବୁକିଂ ବା ଅନ୍‌ଲାଇନ ରେଜିଷ୍ଟ୍ରେଶନ ବ୍ୟବସ୍ଥା ଲାଗୁ ହେବାର ଯୋଜନା ରହିଛି ବୋଲି ଗଜପତି ମହାରାଜା ଏକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ସେବାୟତ ଏହାକୁ ସ୍ୱାଗତ କରିଥିବାବେଳେ ଅନେକ ଭକ୍ତ ଏଭଳି ବ୍ୟବସ୍ଥା ଦ୍ୱାରା ହଇରାଣ ହେବାକୁ ପଡ଼ିବ ବୋଲି କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ଏପର୍ଯ୍ୟନ୍ତ ଏଭଳି କିଛି ନିଷ୍ପତ୍ତି ନେଇନାହାନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଅନେକ ପଦକ୍ଷେପ ନିଆଯିବା କଥା ଚିନ୍ତା କରାଯାଉଛି। ରଥଯାତ୍ରା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ତେବେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ, ସେବାୟତ ଏବଂ ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରାଯାଇ ମତାମତ ନିଆଯିବା ପରେ ଯାହାକିଛି ନିଷ୍ପତ୍ତି ନିଆଯାଇପାରିବ। ନିଷ୍ପତ୍ତି ନିଆଯିବା ପରେ ସମସ୍ତଙ୍କୁ ଜଣାଇ ଦିଆଯିବ ବୋଲି ହରିଚନ୍ଦନ ପ୍ରକାଶ କରିଛନ୍ତି।

## ୫୦ ଲକ୍ଷ ଅଯୋଗ୍ୟ ରାଶନ କାର୍ଡ ହିତାଧିକାରୀଙ୍କୁ ବଣ୍ଟାଯିବ: କୃଷ୍ଣଚନ୍ଦ୍ର ପାତ୍ର

**ଭୁବନେଶ୍ୱର,୨୮।୬ (ଅନିଲ ଦାସ)**

ରାଜ୍ୟରେ ୫୦ ଲକ୍ଷ ଅଯୋଗ୍ୟ ରାଶନ କାର୍ଡ ରହିଛି। ସେହି କାର୍ଡରେ ଚାଉଳ ବାଟମାରଣା ହେଉଛି। ସେ ସବୁକୁ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ ବିଭାଗର ସମୀକ୍ଷା କରିବା ପରେ ଅନେକ ଅଯୋଗ୍ୟ କାର୍ଡ ରହିଥିବା ଜଣାପଡ଼ିଛି। କେଉଁ ଜିଲାରେ କେତେ ଏଭଳି କାର୍ଡ ରହିଛି ସେଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ସେହି କାର୍ଡଗୁଡ଼ିକ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏ ୦ । ୮ ର

ଉଲ୍ଲେଖଯୋଗ୍ୟ, ଗତ କିଛି ବର୍ଷ ହେବ ରାଶନ କାର୍ଡ ବଣ୍ଟନ ବନ୍ଦ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉ ନାହିଁ। ନିର୍ବାଚନ ପରେ ରାଶନକାର୍ଡ ଯୋଗାଇ ଦେବାକୁ ତତ୍କାଳୀନ ସରକାର ଘୋଷଣା କରିଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ନୂଆ ହିତାଧିକାରୀଙ୍କୁ କେବେ ରାଶନ କାର୍ଡ ବଣ୍ଟନ କରାଯିବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସଞ୍ଜେ ଧାନ, ସକାଳେ ପାନ**
**ଦି ପହରିଆ ଦାରୀ**
**ଅଢେଇ ପହରିଆ କପା କିଆରି**
**ପାଖ ନ ମାଡ଼ି ଆ ବାହାରି।**

ଜନ୍ତୁ ଯନ୍ତା ବାହାରିବା ଦୃଷ୍ଟିରୁ ସଞ୍ଜବେଳେ ଧାନ କ୍ଷେତ ଏବଂ ସକାଳ ବେଳା ପାନ ବରଜକୁ ଯିବାରେ ବାରଣ ରହିଥାଏ। ସେହିପରି ଦି' ପହରରେ ଦାରୀ ଓ ଅଢେଇ ପହରରେ କପା କିଆରି ଯିବା ମଧ୍ୟ ଅନୁଚିତ ହୋଇଥାଏ। ନିଷିଦ୍ଧ ସମୟରେ ଏସବୁକୁ ଅମାନ୍ୟ କଲେ ହାନି ଘଟୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସମ୍ପଦ କାଳେ ସର୍ବେ ସଖା**
**ବିପଦେ ନ ଦିଅନ୍ତି ଦେଖା।**

ହାତରେ ଧନ ସମ୍ପତ୍ତି ଥିବା ପର୍ଯ୍ୟନ୍ତ ସମସ୍ତେ ଆପଣାର ମନେହୁଅନ୍ତି। ଅଥଚ ଯେତେବେଳେ ଧନ ସମ୍ପତ୍ତି ସରିଆସେ ସେତେବେଳେ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି। ସ୍ୱାର୍ଥପର ଦୁନିଆରେ ସମସ୍ତେ ହେଉଛନ୍ତି ସୁଖର ସାଥୀ, ଦୁଃଖ ବିପଦ ବେଳେ କେହି ସାଥୀ ହେବାକୁ ଚାହିଁ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA
PIN: 751012, Tel. No. (0674) 2562020
e-Mail: theoccltd@odishaconstruction.com
GSTIN - 21AAACO2571K2ZM
No.CAD-378 **1st CORRIGENDUM**
**e-Procurement Notice No. 06/OCCL/2024-25 (Online)**
1. The availability of tender online start date is hereby extended to 15.07.2024 instead of 29.06.2024.
2. The date of opening of the tender (Online) is hereby postponed to 30.07.2024 instead of 16.07.2024.
All other terms and conditions remain unaltered.
Sd./- 28.06.2024
Managing Director
OIPR-34120/11/0014/2425

**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି ବନଖଣ୍ଡ
E-mail:dfo.parlakhemundi@odisha.gov.in.
**EXTENSION OF TENDER NOTICE**
**No.MM-58:**The tender for supply of good quality Fibre Net (Tree Guard) 10,000 Nos. of size 6 Ft. x 5 Ft. x 400 GSM under MGNREGS 2024-25 vide Tender Notice No.03 dtd.12.06.2024 is hereby extended upto 06.07.2024 as only single tender was received.
Sd./-Divisional Forest Officer
Paralakhemundi Division
OIPR-08148/11/0010/2425

**TENDER CALL NOTICE**
**NO.413/ZP (ORMAS) Dated 27.06.2024**
**No.CAD-372:**ORMAS, Sundargarh invites prospective bidders from interested and experienced Firm/Agencies for "Supply, Installation, Commissioning and Training of Different Equipment" for Rural Industrial Park under Zilla Parishad, Sundargarh. The dates are mentioned available on notice board of Zilla Parishad, Sundargarh and Sundargarh district website **sundargarh.odisha.gov.in.**
Last Date of Submission - 18.07.2024 (05.00 PM)
Opening of the Bids - 22.07.2024 (10.00 AM onwards) at Zilla Parishad, Sundargarh
Sd./- Chief Development Officer-cum-Executive Officer, Zilla Parishad, Sundargarh
OIPR-19260/11/0001/2425

**ODISHA STATE CASHEW DEVELOPMENT CORPORATION LTD.**
OSCDC LTD.
(A Govt. of Odisha Undertaking)
At/Post: Ghatikia, Near Kalinga Studio, Bhubaneswar - 751029
**SHORT TENDER CALL NOTICE No. 1-2024 (Marketing Section)**
No. CAD-376: Odisha State Cashew Development Corporation Limited invites fresh sealed tenders from the interested Transport Contractors having valid Transport Agent Licence for transportation of live cashew grafts from its different Nurseries to different plantation sites both **Inside and Outside the State** during the planting season 2024. Necessary tender papers can be obtained on payment of **Rs.11,800/- (Rupees Eleven thousand eight hundred) (Rs.10,000/- + 18% GST)** only from the website of the Corporation at Bhubaneswar on any working day from **28.06.2024** and upto **1.00 P.M. of 08.07.2024** (except Govt. Holidays). Details are available in our Website **www.oscdc.nic.in**. Tenders will be received through Registered Post/Speed Post only which must reach the undersigned on or before **08.07.2024 by 2.00 P.M.** Tender papers will be opened on **08.07.2024 at 3.00 P.M.** at the Head Office of the Corporation.
The undersigned reserves the right to accept or reject any or all tenders without assigning any reason thereof.
OIPR-01049/11/0001/2425 Sd./- Managing Director

**ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ**
**ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**
nbt.india
www.nbtindia.gov.in, ଫୋନ୍: ୦୧୧-୨୬୭୦୭୮୭୩
ରାଷ୍ଟ୍ରୀୟ ଇ-ପୁସ୍ତକାଳୟ

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ ସମ୍ବନ୍ଧୀୟ ବିଜ୍ଞପ୍ତି**

ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ (ଏନ୍‌ବିଟି-ଭାରତ) ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ନୋଡାଲ୍ ନିକାୟ; ଭାରତରେ ପୁସ୍ତକ ଏବଂ ପଠନର ପ୍ରଚାରପ୍ରସାର କରିବା ଏହାର ଦାୟିତ୍ୱ ଅଟେ। ଏନ୍‌ବିଟି ଶିଶୁ ଏବଂ କିଶୋରମାନଙ୍କ ପାଇଁ ଏକ ଡିଜିଟାଲ ଲାଇବ୍ରେରୀ ରାଷ୍ଟ୍ରୀୟ ଇ-ପୁସ୍ତକାଳୟର ମଧ୍ୟ ପରିଚାଳନା କରିଥାଏ।

**ଏନ୍‌ବିଟି-ଭାରତ ଏବଂ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟ ମିଳିତ ଭାବେ ପୁସ୍ତକ, ପଠନ ଏବଂ ଡିଜିଟାଲ ପଠନର ପ୍ରଚାରପ୍ରସାର କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଇଭେଣ୍ଟ ସଂକ୍ରାନ୍ତୀୟ ପ୍ରଚାରମୂଳକ ସାମଗ୍ରୀ ପ୍ରଦର୍ଶିତ କରିବା ପାଇଁ ଡିଏଭିପି ତାଲିକାଭୁକ୍ତ ଆଉଟ୍‌ଡୋର ମିଡିଆ ଏଜେନ୍ସିଗୁଡ଼ିକଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରୁଛନ୍ତି।** ଏହା ମଧ୍ୟରେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୫ ଏବଂ ବର୍ଷସାରା ଅନୁଷ୍ଠିତ ହେଉଥିବା ଜାତୀୟ ପୁସ୍ତକ ମେଳାଗୁଡ଼ିକ ଅନ୍ତର୍ଭୁକ୍ତ।

ଏହି ଅଭିଯାନଗୁଡ଼ିକ **ଦିଲ୍ଲୀ/ଏନ୍‌ସିଆର୍, ବାଙ୍ଗାଲୋର, ପାଟନା, ମୁମ୍ବାଇ, କୋଲକାତା, ଡେରାଡୁନ୍, ଗୁଆହାଟୀ, ଶ୍ରୀନଗର, ଶିଲଙ୍ଗ, ନାଗପୁର, ଲକ୍ଷ୍ନୌ, ପୁଣେ, ଅହମଦାବାଦ, ପ୍ରୟାଗରାଜ, ସମ୍ବଲପୁର, ଭୁବନେଶ୍ୱର, ହାଇଦ୍ରାବାଦ ଏବଂ ଜାମ୍ମୁ** ଭଳି ସହରରେ **ଅଗଷ୍ଟ ୨୦୨୪ରୁ ମାର୍ଚ୍ଚ ୨୦୨୫** ମଧ୍ୟରେ ସଂଗଠନର ଆବଶ୍ୟକତା ଅନୁସାରେ **୨ ସପ୍ତାହରୁ ୯** ମାସ ଅବଧି ପର୍ଯ୍ୟନ୍ତ ଚାଲିବ ବୋଲି ଆଶା କରାଯାଉଛି।

ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ **www.nbtindia.gov.in** ପରିଦର୍ଶନ କରନ୍ତୁ। ଆହ୍ୱାନ କରାଯାଉଥିବା ଇଓଆଇକୁ ଆଗ୍ରହୀ ବିଡରମାନଙ୍କ ଦ୍ୱାରା ନିମ୍ନଦର୍ଶିତ ଠିକଣାରେ ୧୫ ଜୁଲାଇ, ୨୦୨୪ ୧୭:୦୦:୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ଦାଖଲ କରିବାକୁ ହେବ। ଭବିଷ୍ୟତରେ ଇଓଆଇ ଦାଖଲ ପାଇଁ କୌଣସି ସଂଶୋଧନ/ସମୟବୃଦ୍ଧି କରାଗଲେ ସେ ସମ୍ପର୍କରେ ଉପରୋକ୍ତ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯିବ।

ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ଏବଂ କାର୍ଯ୍ୟର ଆବଣ୍ଟନ ବାବଦରେ ନିର୍ଦ୍ଦେଶକ, ଏନ୍‌ବିଟି-ଭାରତଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ।

**ଇଓଆଇ ଦାଖଲ ପାଇଁ ଠିକଣା:**
ଜନସମ୍ପର୍କ ବିଭାଗ,
ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ଏବଂ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
୫, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ – ୧୧୦୦୭୦
ଇମେଲ୍: public-relations@nbtindia.gov.in, prnbtindia@gmail.com
CBC 21103/12/0002/2425

**GOVT. WOMEN'S COLLEGE, BHAWANIPATNA-766001**
Email:gwc.bpt@gmail.com, Website:gwcbhawanipatna.ac.in
Notice No.897//GWC, Dt.27.06.2024
**Govt. Women's Higher Secondary School, Bhawanipatna**
**WALK-IN-INTERVIEW**
**No.N-44:**A walk in interview for the engagement of Guest faculties in Govt. Women's Higher Secondary School, Bhawanipatna for the session-2024-25 will be held in the college as per the schedule mentioned below. The candidates having necessary qualification as mentioned are required to come with necessary documents alongwith C.V. The engagement is purely temporary and can be terminated at any time without assigning any reason thereof. The remuneration will be paid as per the Government approved rate subject to sanction of funds from the Government.
No TA/DA will be paid for attending the interview.

| Sl.No. | Date of Interview | Subject | Qualification |
|---|---|---|---|
| 01. | 4th July 2024 | Education, Home Science & Psychology | Master Degree with minimum 50% of marks |
| 02. | 5th July 2024 | Political Science, History & Economics | Master Degree with minimum 50% of marks & B.Ed. |
| 03 | 6th July 2024 | English, Odia & Geography | Master Degree with minimum 50% of marks & B.Ed. |

Sd./- Principal
Govt. Women's College, Bhawanipatna
OIPR-11035/11/0004/2425

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR**
Tel. 06766-258301 (O), email: se_nerwkjr@rediffmail.com
**e-Procurement Notice for Bridge Work under DMF**
**Identification No. NCB-05/RWCKJR/2024-25**
**No.2156/ Date:26.06.24**
**No.O-65:**1. Name of the work: Construction of bridge work under DMF in the District of Keonjhar. 2. No. of Work:- 01 (One) No. 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details:-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Keonjhar | NCB-05/ RWCKJR/ 2024-25 | Dt.08.07.24 at 11.00 A.M. | Dt.22.07.24 upto 5.00 P.M. | Dt.20.07.24 upto 5.00 P.M. | Dt.23.07.24 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in
OIPR-25177/11/0005/2425 Sd./- Chief Engineer, R.W.Circle, Keonjhar

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...................................


ଗୁଡୁଲୁ ପରିବାରବର୍ଗ


ଗୁଗୁଲୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୋଜନା ପ୍ରଣୟନରେ ପରିସଂଖ୍ୟାନ ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ପରିସଂଖ୍ୟାନ ଦିବସ





**ଭା**ରତରେ ଜାତୀୟ ପରିସଂଖ୍ୟାନ ଦିବସ ପ୍ରତିବର୍ଷ ଜୁନ୍ ୨୯ରେ ପାଳନ କରାଯାଏ। ପରିସଂଖ୍ୟାନ ଏବଂ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କ ଅବଦାନକୁ ମନେ ରଖିବା ପାଇଁ ଏହି ଦିନ ପାଳନ କରାଯାଇଥାଏ। ପ୍ରଫେସର ମହଲାନୋବିସ ଯିଏକି ଭାରତୀୟ ପରିସଂଖ୍ୟାନର ପିତା ଭାବରେ ପରିଗଣିତ। ସେ ୨୯ ଜୁନ୍ ୧୮୯୩ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ସେ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ଥିଲେ ଏବଂ ୧୯୫୦ରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ (ଆଇଏସ୍ଆଇ) ପ୍ରତିଷ୍ଠା କରିଥିଲେ। ୨୮ ଜୁନ୍ ୧୯୭୨ରେ ତାଙ୍କର ବିୟୋଗ ହୋଇଥିଲା।

ସାମାଜିକ-ଅର୍ଥନୈତିକ ଯୋଜନା ଏବଂ ନୀତି ପ୍ରଣୟନରେ ପରିସଂଖ୍ୟାନର ମହତ୍ତ୍ୱ ବିଷୟରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିନର ମୂଳ ଲକ୍ଷ୍ୟ ରହିଛି। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ(ଏମ୍ଓଏସ୍‌ପିଆଇ) ସେମିନାର, ଆଲୋଚନା ଏବଂ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ବିଶେଷକରି ଏଥିରେ ଯୁବ ପ୍ରତିଭାମାନେ ଅଂଶଗ୍ରହଣ କରିଥାନ୍ତି।

୨୦୦୭ରେ ଦେଶର ପ୍ରଥମ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଇଥିଲା। ଏହି ବିଷୟରେ ଏକ ବିଜ୍ଞପ୍ତ ୫ ଜୁନ୍ ୨୦୦୭ରେ ଇଣ୍ଡିଆନ ଗେଜେଟ୍‌ରେ କରାଯାଇଥିଲା। ଏହି ସମୟରେ ଦେଶବ୍ୟାପୀ ପ୍ରଗତିରେ ପ୍ରାମାଣିକ ତଥ୍ୟର ଭୂମିକାକୁ ଧ୍ୟାନରେ ରଖି ଜାତୀୟ ପରିସଂଖ୍ୟାନ ଦିବସ ପ୍ରତିବର୍ଷ ଏକ ଭିନ୍ନ ଥିମ୍ ଉପରେ ପାଳନ କରାଯାଇଆସୁଛି।

# ୧୮ ବର୍ଷ ପରେ ଏକାଠି ହେଲେ ଭଉଣୀଭାଇ



ନୂଆଦିଲ୍ଲୀ

ଉତ୍ତରପ୍ରଦେଶ କାନପୁର ଅଞ୍ଚଳର ବାଲ୍ ଗୋବିନ୍ଦ ୧୮ ବର୍ଷ ପୂର୍ବେ କାମଧନ୍ଦା ଅନ୍ୱେଷଣରେ ମୁମ୍ବାଇ ଯାଇ ନିଖୋଜ ହୋଇଯାଇଥିଲେ। ଗାଁକୁ ଫେରିବା ପାଇଁ ସେ ଏକ ଭୁଲ୍ ଟ୍ରେନ୍ ଧରି ଜୟପୁରରେ ପହଞ୍ଚିଥିଲେ। ଦୀର୍ଘ ବର୍ଷ ପରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ରିଲ୍‌ରୁ ଭଙ୍ଗାଦାନ୍ତ ଦେଖି ବାଲ୍ ଗୋବିନ୍ଦଙ୍କୁ ତାଙ୍କ ଭଉଣୀ ଚିହ୍ନିପାରିଥିଲେ। ଏହା ପରେ ସେମାନଙ୍କ ମଧ୍ୟରେ ଯୋଗାଯୋଗ ହୋଇଥିଲା। ୧୮ ବର୍ଷ ପରେ ବାଲ୍ ଗୋବିନ୍ଦ କାନପୁରରେ ପହଞ୍ଚି ଭଉଣୀଙ୍କୁ ଭେଟିଛନ୍ତି। ହଜିଲା ଭାଇକୁ ପାଇ ଭଉଣୀ କାନ୍ଦିପକାଇଥିଲେ। ଏହି ସମୟରେ ସେଠାରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। କାନପୁରର ହାତୀପୁର ଗ୍ରାମରେ ରହୁଥିବା ରାଜକୁମାରୀ ଇନ୍‌ଷ୍ଟାଗ୍ରାମରେ ରିଲ୍ ଦେଖୁଥିବାବେଳେ ଏକ ପରିଚିତ ମୁହଁ ଦେଖି ବିସ୍ମିତ ହୋଇଯାଇଥିଲେ। ଭିଡିଓରେ ଥିବା ଉକ୍ତ ଯୁବକଙ୍କ ଦାନ୍ତ ଭାଙ୍ଗିଯାଇଥିଲା। ରାଜକୁମାରୀଙ୍କ ଆଖି ସାମ୍ନାରେ ତାଙ୍କ ଭାଇଙ୍କ ମୁହଁ ଦିଶିଯାଇଥିଲା। ପିଲାଦିନେ ତାଙ୍କ ଭାଇଙ୍କ ଦାନ୍ତ ଭାଙ୍ଗିଥିଲା ବେଳେ ସେ ଠିକ୍ ଏହିପରି ଦେଖାଯାଉଥିଲେ। ତେଣୁ ଭିଡିଓରେ ଥିବା ଯୁବକ ତାଙ୍କ ଭାଇ ଭିନ୍ନ ଅନ୍ୟ କେହି ନୁହେଁ ବୋଲି ରାଜକୁମାରୀ ନିଶ୍ଚିତ ହୋଇଥିଲେ। ମୁମ୍ବାଇରେ ଅନ୍ୟ ସାଙ୍ଗମାନଙ୍କଠାରୁ ଅଲଗା ହୋଇଯିବା ପରେ ସେମାନଙ୍କ ସହ ଆଉ ଯୋଗାଯୋଗ ହୋଇ ନ ଥିଲା। ସେମାନେ ଗାଁକୁ ଫେରିଥିବାବେଳେ ବାଲ୍ ଗୋବିନ୍ଦ ଆଉ ଫେରିପାରି ନ ଥିଲେ। କିଛି ମାସ ପରେ ଅସୁସ୍ଥ ହୋଇପଡ଼ିବାରୁ ସେ ଟ୍ରେନ୍‌ରେ ଗାଁକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଟ୍ରେନ୍ ତାଙ୍କୁ କାନପୁର ପରିବର୍ତ୍ତେ ଜୟପୁର ନେଇଯାଇଥିଲା। ସେଠାର ରେଳଷ୍ଟେଶନରେ ସେ ଜଣେ ଲୋକଙ୍କୁ ଭେଟିଥିଲେ, ଯିଏ ତାଙ୍କୁ ଏକ ଫ୍ୟାକ୍ଟ୍ରିରେ କାମ ଦେଇଥିଲେ। ଜୟପୁରରେ ରହି ସେ ଈଶ୍ୱର ଦେବୀ ନାମ୍ନୀ ଯୁବତୀଙ୍କୁ ବିବାହ କରିଥିଲେ ଓ ତାଙ୍କର ୨ଟି ସନ୍ତାନ ଅଛନ୍ତି। ଅନେକ କିଛି ବଦଳିଥିବାବେଳେ ବାଲ୍ ଗୋବିନ୍ଦଙ୍କ ଭଙ୍ଗା ଦାନ୍ତ ବଦଳି ନ ଥିଲା।


### ଗୁଗୁଲୁର ଜନ୍ମଦିନ ଶୁଭେଚ୍ଛା




**ଶୁଭଶ୍ରୀ ପୃଷ୍ଟି (ଗୁଗୁଲୁ)**
ବାଜପୁର, କାକଟପୁର
ତୋର ୨୫ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ବୁବୁଲୁ, ଡୁଡୁଲୁ।
ଧ-୬୬୬୬୭


# ଭାଇରାଲ ହେଉଛି ଅମ୍ବାନୀ ପରିବାର ବିବାହ ନିମନ୍ତ୍ରଣ କାର୍ଡ

ମୁମ୍ବାଇ

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଏବଂ ନୀତା ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ତାଙ୍କର ଲେଡିଲଭ ରାଧିକା ମର୍ଚ୍ଚାଣ୍ଟଙ୍କୁ ବିବାହ କରିବାକୁ ଯାଉଛନ୍ତି। ଆସନ୍ତା ଜୁଲାଇ ୧୨ରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହେବେ। ଏବେ ସାମ୍ନାକୁ ଆସିଛି ସେମାନଙ୍କ ବିବାହ ନିମନ୍ତ୍ରଣ କାର୍ଡ। ସେ ପ୍ରଭୁ ଶିବଙ୍କୁ ପ୍ରଥମ ବିବାହ ନିମନ୍ତ୍ରଣ ପ୍ରଦାନ କରିଛନ୍ତି। ଏହି ସୁନ୍ଦର ନିମନ୍ତ୍ରଣ କାର୍ଡର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ଦେଖିଲେ ଆଖି ଲାଖିଯିବ। କାର୍ଡରେ ରୁପାରେ ଏକ ମନ୍ଦିର ରହିଛି। ଏହାକୁ ଖୋଲିବା ମାତ୍ରେ ଭଜନ ବାଜୁଛି। ମନ୍ଦିରରେ ରୁପାର ସୂକ୍ଷ୍ମ କାରୁକାର୍ଯ୍ୟ ସହ ଏଥିରେ ପ୍ରଭୁ ଗଣେଶ, ରାଧାକୃଷ୍ଣ ଏବଂ ମା' ଦୁର୍ଗାଙ୍କ ସୁନାରେ ନିର୍ମିତ ମୂର୍ତ୍ତି ସ୍ଥାନ ପାଇଛି। ନିମନ୍ତ୍ରଣ ବାକ୍ସରେ ଅନ୍ୟ ଦେବଦେବୀଙ୍କ ଫଟୋଚିତ୍ର, ବିବାହର ତାରିଖ ଏବଂ ଉତ୍ତରୀୟ ରହିଛି, ଯାହା ଖୁବ୍ ଚିତ୍ତାକର୍ଷକ ହୋଇଛି। ଅନନ୍ତ ଏବଂ ରାଧିକା ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସର ଜିଓ ୱାର୍ଲ୍ଡ କନ୍‌ଭେନ୍‌ଶନ ସେଣ୍ଟରରେ ପାରମ୍ପରିକ ହିନ୍ଦୁ ବୈଦିକ ରୀତିନୀତିରେ ବିବାହ କରିବେ। ନିମନ୍ତ୍ରଣ କାର୍ଡରେ 'ଶୁଭ ବିବାହ' ଲେଖାଯାଇଛି।





# ହୀନା ଖାନ୍‌ଙ୍କୁ ସ୍ତନ କର୍କଟ



**ମୁମ୍ବାଇ:** ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ହୀନା ଖାନ୍ ଷ୍ଟେଜ୍-୩ ସ୍ତନକର୍କଟରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ୩୬ ବର୍ଷୀୟ ଅଭିନେତ୍ରୀ ଇନ୍‌ଷ୍ଟାଗ୍ରାମରେ ଏହା ପୋଷ୍ଟ କରି ଜଣାଇଛନ୍ତି। ତେବେ ଏହି ଦୁର୍ଦ୍ଦିନକୁ ସେ ଅତିକ୍ରମ କରିଯିବା ନେଇ ଦୃଢ଼ ନିଶ୍ଚିତ ବୋଲି ନିଜର ପ୍ରଶଂସକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍କିତା ଲୋଖଣ୍ଡେ, ରୋହନ ମେହରା, ଆମିର ଅଲି, ସାୟନ୍ତାନି ଘୋଷ ଓ ଅନ୍ୟ ସେଲିବ୍ରିଟିମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

'ୟେ ରିସ୍ତା କ୍ୟା କେହଲାତେ ହେଁ' ସିରିଏଲ୍‌ରେ ଅକ୍ଷରା ଭୂମିକାରେ ଅଭିନୟ କରି ହୀନା ଘରେ ଘରେ ପରିଚିତ ନାଁ ହୋଇଯାଇଥିଲେ। ଟିଭି ଅଭିନୟରେ ସଫଳତା ବ୍ୟତୀତ ସେ ରିଆଲିଟି ଶୋ' ବିଗ୍ ବସ୍ ଏବଂ ଖତ୍ରୋଁ କେ ଖିଲାଡିରେ ଭାଗନେଇ ନିଜର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିବା ସହ ବହୁ ପ୍ରଶଂସକଙ୍କ ହୃଦୟ ଜିତିପାରିଥିଲେ। ଚଳଚ୍ଚିତ୍ର ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ସେ 'ହ୍ୟାକ୍‌ଡ' ଏବଂ 'ଡ୍ରାମେଜ୍‌ଡ ୨'ରେ ମଧ୍ୟ କାମ କରିଛନ୍ତି।


# Classified Everyday
0674-2580101, 2549949




REAL ESTATE
SALE

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-600

**Plot for sale in BDA Town planning scheme (TP-1), Bhubaneswar. Area- 9150sqft. Contact- 9861339189, 9398095446.** D-75548

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। **9178660666.** D-268

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

ଭୁବନେଶ୍ୱର **KEC** ନିକଟ ଗୁଡ଼ିଆପୋଖରି ଛକରୁ **1.5 K.M.** ମଧ୍ୟରେ **1380sqft.** ଘରବାରି, **Boundary, 30' road, Electricpoll** ଥାଇ **North facing plot** ତୁରନ୍ତ ବିକ୍ରି ହେବ। **Direct owner- 9078726651.** D-75968

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2BHK in sundarpada, Bhubaneswar for Government/ PSU employees (Bachelor/ Family). Contact- 7449847585. D-562

3 BHK furnished Apt for rent (2 Balconies, Drawing cum Dining, 1400 sqft. area). Rent: Rs. 20,000 Per month. location Kendriya Vihar, near CV Raman Global Univ. Only for Families. Contact- 9439339285, 9910763256. D-599

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Fully relaxed body massage trained therapist. Central SPA. 9556483961. D-75755

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

Relax refreshment body massage therapy by experience lady therapist. 7008773793. D-76129

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Now Matrimonial ads. only on Wednesday & Sunday Book 1 Get 1 FREE

**AFFIDAVIT**

By virtue of an affidavit sworn before the Notary Public, Junagarh, I, Sabita Khosla, W/o. Aditya Sen, R/o. Village Haldigarh, P.O.- Karlapada, Dist.- Kalahandi declare that my Son name is Amar Sen. But in Birth Certificate my Son's name is mentioned as Sen Kumar instead of Amar Sen. Now I want to change his name as Amar Sen in the Birth certificate. D-596


By virtue of an affidavit sworn before the Notary Public, Junagarh, I, Sabita Khosla, W/o. Aditya Sen, R/o. Village Haldigarh, P.O.- Karlapada, Dist.- Kalahandi declare that my daughter name is Aparajita Sen. But in Birth Certificate my daughter's name is mentioned as Sushree Ashriya Aparajita instead of Aparajita Sen. Now I want to change her name as Aparajita Sen in the Birth Certificate. D-597

By virtue of an affidavit sworn before the Notary Public, Junagarh, I, Sabita Khosla, W/o. Aditya Sen, R/o. Village Haldigarh, P.O.- Karlapada, Dist.- Kalahandi declare that my Son name is Abhaya Sen. But in Birth Certificate my son's name is mentioned as Vinit Kumar instead of Abhaya Sen. Now I want to change his name as Abhaya Sen in the Birth Certificate. D-598

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



ସ୍ୱ ପ୍ରଫେସର କମଳା ପ୍ରସାଦ ପରିଚ୍ଛା ପଟ୍ଟନାୟକ
ବ୍ରହ୍ମନଗର, ବ୍ରହ୍ମପୁର
ଆବିର୍ଭାବ : ୦୪.୦୪.୧୯୪୦
ତିରୋଧାନ : ୧୯.୦୬.୨୦୨୪
ବାବା ! ତୁମର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଏବଂ ମୋକ୍ଷ ପ୍ରାପ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ....
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଶୋକସନ୍ତପ୍ତ ପରିଚ୍ଛା ପଟ୍ଟନାୟକ ପରିବାର
ଧ-୬୧୯୬୫

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ରାଷ୍ଟ୍ର ନିର୍ମାଣରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ ହରିଚନ୍ଦନ

## ୨ଦିନିଆ ଜାତୀୟ ସିଏ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୬ (ଅଭୟ ଦାଶ)

ଦେଶ ହେଉ ବା ପ୍ରଦେଶର ବିକାଶ ପାଇଁ ଠିକ୍ ଅର୍ଥ ବ୍ୟବସ୍ଥାର ବଳିଷ୍ଠ ପରିଚାଳନା ଆବଶ୍ୟକ ରହିଛି। ସେହି ଅର୍ଥ ବ୍ୟବସ୍ଥାର ପରିଚାଳନା ଓ ଉଚିତ ହିସାବପତ୍ର ଅର୍ଥ ବ୍ୟବସ୍ଥା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ। ଏହାର ଦାୟିତ୍ୱ ବିଶେଷ କରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ)ଙ୍କ ଉପରେ ନ୍ୟସ୍ତ ଥିଲାବେଳେ ସେମାନଙ୍କର କଠିନ ପରିଶ୍ରମ ଓ ଗୁଣାତ୍ମକ ହିସାବ ରାଷ୍ଟ୍ର ନିର୍ମାଣରେ ବେଶ୍ ସହାୟକ ହୋଇଥାଏ ବୋଲି ୨ଦିନିଆ ଜାତୀୟ ସିଏ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି।




ଉଲ୍ଲେଖଯୋଗ୍ୟ, ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ବା ଆଇସିଏଆଇର କଟକ ଶାଖା (ଇଆଇଆର୍‌ସି) ପକ୍ଷରୁ ୨ଦିନିଆ ଜାତୀୟ ସିଏ ସମ୍ମିଳନୀ-୨୦୨୪ ଶୁକ୍ରବାର ଭୁବନେଶ୍ୱରର ପାହାଲସ୍ଥିତ ହୋଟେଲ ପାଲ୍‌ହାଇଟ ମନ୍ତ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଆଇଓସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ସିଏ ଅନୁଜ ଜୈନଙ୍କ ସମେତ ଆଇସିଏଆଇର ସଭାପତି ସିଏ ରଞ୍ଜିତ କୁମାର ଅଗ୍ରୱାଲ,ପିଡି ସିଏ ସୁଶୀଲ କୁମାର ଗୋଏଲ, ଅଧ୍ୟକ୍ଷ (ଇଆଇଆର୍‌ସି) ସିଏ ସଞ୍ଜୀବ ସାଂଘୀ, ଅଧ୍ୟକ୍ଷ କଟକ ଶାଖା ସିଏ ରତ୍ନା ରଚିତା ମହାନ୍ତି, ଅଧ୍ୟକ୍ଷ ଓସି ସିଏ ସୌର୍ଯ୍ୟପ୍ରକାଶ ମହାପାତ୍ର ଏବଂ ସମ୍ପାଦକ କଟକ ଶାଖା ସିଏ ଶିବା ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଆଇସିଏଆଇର ଅଧ୍ୟକ୍ଷ କଟକ ଶାଖା ସିଏ ରତ୍ନା ରଚିତା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ଆଇସିଏଆଇର ସଭାପତି ସିଏ ରଞ୍ଜିତ କୁମାର ଅଗ୍ରୱାଲ ବର୍ତ୍ତମାନ ପରିସ୍ଥିତିରେ ସିଏମାନଙ୍କର ଦାୟିତ୍ୱ ଓ ଗୁଣାତ୍ମକ ସେବା ଏବଂ କଠିନ ପରିଶ୍ରମ ବିଷୟରେ ବିସ୍ତୃତ ଆଲୋଚନା ସହ ସେମାନଙ୍କର ଗୁରୁଦାୟିତ୍ୱ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ।

# ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ,୨୮।୬

ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜର ନୂଆ ମାଇଲଖୁଣ୍ଟ ହାସଲର ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୨୧୦ (୨୧୦.୪୫) ପଏଣ୍ଟ କମି ୭୯,୦୩୩ (୭୯,୦୩୨.୭୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୩.୯୦) ପଏଣ୍ଟ ହ୍ରାସ ଘଟି ୨୪,୦୧୧ (୨୪,୦୧୦.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ନଭକାରର ଅଂଶଧନ ହାସଲକଲା ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୮।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅନ୍ୟତମ ଅଗ୍ରଣୀ କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (ଜେଆଇଏଲ୍)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଜେଏସ୍‌ଡବ୍ଲ୍ୟୁ ପୋର୍ଟ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ନଭକାର କର୍ପୋରେଶନ ଲିମିଟେଡ୍‌ରେ ଥିବା ପ୍ରମୋଟର ଓ ପ୍ରମୋଟର ଗ୍ରୁପ୍‌ର ସିଂହ ଭାଗ(୭୦.୩୭%) ଅଂଶଧନକୁ କମ୍ପାନୀ ହାସଲ କରିଛି। ଏପରିକି ଉଭୟ ସଂସ୍ଥା ମଧ୍ୟରେ ଆବଶ୍ୟକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଚିହ୍ନଟ କରାଯାଇଥିବା ସର୍ତ୍ତ ପୂରଣ କରିବା ଏବଂ ବୈଧାନିକ ଅନୁମୋଦନ ହାସଲ ପରେ ଏହି ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନଭକାର ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ ଥିଲାବେଳେ ଉକ୍ତ କମ୍ପାନୀର ଗୋଟିଏ କଣ୍ଟେନର ଫ୍ରେଟ୍ ଷ୍ଟେଶନ ଓ ଗତି ଶକ୍ତି କାର୍ଗୋ ଟର୍ମିନାଲ ଓ ଦୁଇଟି ସିଏଫ୍‌ଏସ୍ ରହିଛି। ଏହା ସହ ଗୁଜରାଟରେ ଏକ ଇନ୍‌ଲ୍ୟାଣ୍ଡ କଣ୍ଟେନର ଡିପୋ ମଧ୍ୟ ରହିଛି। ଯାହା ମଲ୍‌ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ଏକ ଅଂଶ ଭାବେ ବିବେଚିତ ହେଉଛି। ଏପରିକି ନଭକାର କାଟେଗୋରି-୧ ଏବଂ କାଟେଗୋରି-୨ର କଣ୍ଟେନର ଟ୍ରେନ୍ ଅପରେଟର ଲାଇସେନ୍ସ ରହିଛି। ନଭକାର ମହାରାଷ୍ଟ୍ର ଏବଂ ଗୁଜରାଟ ରାଜ୍ୟର ଶିଳ୍ପାଞ୍ଚଳରେ ସୁବିଧାସୁଯୋଗ ସହ ପଶ୍ଚିମ ଭାରତରେ ଉପସ୍ଥିତି ଜାହିର କରିଛି ଏବଂ ଏହାର ରେଳଦକ୍ଷତାକୁ ବ୍ୟବହାରକରି କମ୍ପାନୀ ସର୍ବଭାରତୀୟସ୍ତରରେ ତା'ର ସେବା ନେଟ୍‌ୱର୍କର ବିସ୍ତାର କରୁଛି। ବିଶେଷକରି ବନ୍ଦର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି କ୍ଷେତ୍ରରେ ସୁଯୋଗ ହାସଲ କରିବା ପାଇଁ କମ୍ପାନୀର ରଣନୀତି ସହିତ ଏହି ଅଧିଗ୍ରହଣ ସମନ୍ୱିତ କାର୍ଯ୍ୟକ୍ରମ ସହିତ ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ସେବାରେ କମ୍ପାନୀ ପ୍ରବେଶ କରିବ। ଏହା ଫଳରେ ବ୍ୟବସାୟ ବଢ଼ାଇବା ଓ ଗ୍ରାହକମାନଙ୍କୁ ଉନ୍ନତ ବନ୍ଦର ସଂଯୋଗ ଏବଂ ସୁବ୍ୟବସ୍ଥିତ ଯୋଗାଣ ଶୃଙ୍ଖଳା ସମାଧାନ ପ୍ରଦାନ କରିବାରେ ସୁବିଧା ପ୍ରଦାନ କରିବ। ଦୂରଦୂରାନ୍ତ ସଂଯୋଗ ପ୍ରଦାନ ପାଇଁ ଏକ ବ୍ୟାପକ ତଥା ପ୍ରଭାବୀ ସର୍ବଭାରତୀୟ ଲଜିଷ୍ଟିକ୍ ନେଟ୍‌ୱର୍କ ଗଠନ କରିବା ଲାଗି କମ୍ପାନୀ ଦୀର୍ଘକାଳୀନ ଲକ୍ଷ୍ୟ ପଥରେ ଏହି ଅଧିଗ୍ରହଣ ହାସଲ କରିଛି।

# କୋଲ୍ କରିଡର ରୋଡ୍ ଉତ୍ସର୍ଗୀକୃତ

ଭୁବନେଶ୍ୱର,୨୮।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଚୈତନ୍ୟ ପ୍ରୋଜେକ୍ଟସ କନ୍‌ସଲଟାନ୍ସି ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'କୋଲ୍ କରିଡର'ର କାର୍ଯ୍ୟ ସମାପ୍ତି ନିକଟରେ ସଫଳତାର ସହ ଶେଷ ହୋଇଛି। ବିଶେଷକରି ସୁନ୍ଦରଗଡ଼ ବାଙ୍କିବାହାଲଠାରୁ ଭେଡ଼ାବାହାଲ ରାଜ୍ୟ ରାଜପଥ ବା ଏସ୍‌ଏଚ୍‌୧୦ର ୪ଲେନ୍ ବିଶିଷ୍ଟ କୋଲ୍ କରିଡର ରୋଡ୍‌ର ଉତ୍ସର୍ଗୀକୃତ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କରିଡର ଜିଲାର ହେମଗିର, ଲେଫ୍ରିପଡ଼ା, ଟାଙ୍ଗରାପାଲି, ବିଳାଶକରା ଓ ସଦର ଗ୍ରାମର ପ୍ରାୟ ୨.୮ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ। ସେହିଭଳି ନିରାପତ୍ତା ଓ ପରିବେଶ ସ୍ଥିରତାକୁ ପ୍ରାଧାନ୍ୟ ଦେବା ସହ କୋଇଲା ପରିବହନ ଦକ୍ଷତାକୁ ବୃଦ୍ଧି କରିବା ଲାଗି ଡିଜାଇନ ହୋଇଥିବା ୭ କି.ମି.ର ରାସ୍ତା ବିଟୁମେନ ପରିବର୍ତ୍ତେ କଂକ୍ରିଟରେ ନିର୍ମିତ ହୋଇଥିବାବେଳେ ଏଥିରେ ୭୨୭୭ କୋଟି ଟଙ୍କା ନିବେଶ କରାଯାଇଛି। ଏହି ରାସ୍ତା ହେବା ଦ୍ୱାରା ସଡ଼କ ନିରାପତ୍ତା ଓ ପ୍ରଦୂଷଣକୁ କମ୍ କରାଯାଇପାରିବ।ଉଲ୍ଲେଖଯୋଗ୍ୟ, ୩୦.୮୧୧ କି.ମି. ବ୍ୟାପୀ ଏହି ଭିତ୍ତିଭୂମି ପ୍ରକଳ୍ପ ୨୦୨୪ ଏପ୍ରିଲ ୨୩ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଏ ସମ୍ପର୍କରେ ଚୈତନ୍ୟ ପ୍ରୋଜେକ୍ଟ କନ୍‌ସଲଟାନ୍ସିର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିହ୍ନା କହିଛନ୍ତି, ଆମେ ଏହି ପ୍ରକଳ୍ପକୁ ସଫଳତାର ସହ ଶେଷକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଉତ୍ତମ ସଡ଼କ ଅବସ୍ଥା ଦ୍ୱାରା ଉନ୍ନତ କୋଇଲା ପରିବହନ ସହ ଅର୍ଥ ସଞ୍ଚୟ ଓ ଗମନାଗମନର ସୁଗମତା ସୃଷ୍ଟିହେବ। ଅପରପକ୍ଷରେ ସୁନ୍ଦରଗଡ଼ର ବାଙ୍କିବାହାଲରୁ ଭେଡ଼ାବାହାଲ ପର୍ଯ୍ୟନ୍ତ ଏହି ୪ ଲେନ୍ ବିଶିଷ୍ଟ କୋଇଲା କରିଡର ରୋଡ୍ ସମ୍ପୂର୍ଣ୍ଣ କରିବା ସହ ନିରନ୍ତର ବିକାଶ ଓ ପରିବେଶ ସଂରକ୍ଷଣ ଦିଗରେ ଆମ ପ୍ରତିବଦ୍ଧତାର ପ୍ରମାଣ ଦେଖାଉଛୁ।

# ସର୍ବଭାରତୀୟ ହାକାଥନ୍‌ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭୁବନେଶ୍ୱର,୨୮।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକର ଟାଙ୍ଗୀ ନିକଟସ୍ଥ ଡ୍ରିମ୍‌ସ ୟୁନିଭର୍ସିଟର ଛାତ୍ରୀଛାତ୍ରମାନେ ସର୍ବଭାରତୀୟ ହାକାଥନ୍ ପ୍ରତିଯୋଗିତାରେ ସାମିଲହୋଇ ଚାମ୍ପିୟନ (ପ୍ରଥମ) ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଡିପ୍ରପୋଜ୍ ଫାଉଣ୍ଡେଶନ ପକ୍ଷରୁ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସର୍ବଭାରତୀୟ ହାକାଥନ୍ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିର ଇଏନ୍‌ଟିସି ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

ଏପରିକି ଇନ୍‌ଟିସି ବିଭାଗର ସହକାରୀ ପ୍ରଫେସର ଶୁଭ୍ରାଂଶୁ କୁମାର ସିଂହ, ଡ. ବଜ୍ର ପଞ୍ଜର ମିଶ୍ରଙ୍କ ମାର୍ଗଦର୍ଶନରେ ଡ୍ରିମ୍‌ସ ଟିମ୍ ଚିତ୍ତରଞ୍ଜନ ବେହେରା (ଟିମ୍ ଲିଡର), ସାଗରିକା ସ୍ୱାଇଁ, ରଶ୍ମିରଞ୍ଜନ ସାହୁ ଏବଂ ସାଜନ କୁମାର ପ୍ରମୁଖ ଅଂଶ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।




ସୂଚନାଯୋଗ୍ୟ, ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ୩ଟି ଟିମ୍ ଭାଗ ନେଇଥିଲେ। ଗୋଟିଏ ଟିମ୍ ଚାମ୍ପିୟନ ବା ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ଅନ୍ୟ ଦୁଇଟି ଟିମ୍ ଉଲ୍ଲେଖନୀୟ ପ୍ରଦର୍ଶନକରି ବିଚାରପତିଙ୍କ ପ୍ରଶଂସା ଭାଜନ ହୋଇଥିଲେ।

ସେହିଭଳି ଏହି ପ୍ରତିଯୋଗିତାରେ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରୁ ୮,୫୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲାବେଳେ ୧୦୦ଜଣ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଏପରିକି ବିଜୟୀ ଦଳକୁ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କାର ଚେକ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


## ODISHA PUBLIC SERVICE COMMISSION, CUTTACK

### NOTICE

No.3304/P.S.C., Dt. 27/06/24
1E-02-2024-25 (DR-III)

No.D-80 : It is for information of all concerned that the written examination for Special Drive recruitment to the post of Assistant Fisheries Officer, Group-B pursuant to Advt. No. 16 of 2023-24 shall be held on 21.07.2024 (Sunday) at Cuttack zone as decided by the Commission.

Programme of Examination

| Date | Forenoon session 09.30 A.M. to 12.00 Noon | Afternoon Session 01.30 P.M. to 4.00 P.M. |
|---|---|---|
| 21.07.2024 (Sunday) | Paper-I - (Objective type & Subject specific) | Paper-II - (Objective type & Subject specific) |

The candidates are advised to visit the website of the Commission http://www.opsc.gov.in from time to time for further information.

OIPR-12002/11/0043/2425 Sd./- Secretary (I/C)

GOVERNMENT OF ODISHA E.Mail - rw_rourkela@yahoo.co.in NO.O-53

## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH

TENDER CALL NOTICE

BID IDENTIFICATION NO. ONLINE-SERKL-02 OF 2024-25

1. Name of the Work :- Building Work
2. Total No. of works :- 01 (One) No.
3. Estimated cost :- Rs. 84.03 Lakhs
4. Class of contractor :- "B" Class
5. Period of completion :- 09 (Nine) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 7 | 8 |
| Superintending Engineer, Rural Works Division-II, Sundargarh | Online - SERKL - 02 of 2024-25 | 02-07-2024 from 10.00 AM | 09-07-2024 upto 05.00 PM | 08-07-2024 upto 1.00 PM | 10-07-2024 at 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

Sd./- Additional Chief Engineer
RW Division-II, Sundargarh

OIPR-25193/11/0004/2425

## OFFICE OF THE SUPERINTENDING ENGINEER ANGUL IRRIGATION DIVISION, ANGUL

Email : eeangulirrigation@gmail.com

Quotation Call Notice No. 03/2024-25 Dated. 25.06.2024 for hiring of private vehicle

No.A-80 : Sealed quotations are invited from interested reputed Travel Agencies/Tour Operators/private individuals for providing One no of AC Petrol/Diesel driven vehicles of TUV 300/Bolero Neo / Sumo Gold / Ertiga / Innova / Scorpio having sitting capacity not more than ten including driver which shall confirm to the terms and conditions (Appendix A enclosed in the booklet) for official use in the O/o the Additional Chief Engineer, Angul Irrigation Circle, Angul on monthly rent basis.

1) The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from Dtd. 28.06.2024 at 11.00 AM to Dtd.08.07.2024 by 3.00 P.M. on the working days during working hours on payment of Rs. 1000/- (Rupees one thousand) only per set.
2) The completed quotation in all respect should reach the undersigned on or before Date - dtd.08.07.2024 by 3.00 PM and shall be opened on the same day at 4.00 PM in presence of the bidders or their authorized representatives who wish to be present.
3) The authority reserves the right to cancel or reject quotation call notice without assigning any reason thereof.

Sd./- Superintending Engineer,
Angul Irrigation Division, Angul

OIPR-32049/11/0005/2425

## Bhubaneswar Smart City Limited

BMC-ICOMC Building, 5th Floor, Bhoi Nagar, Bhubaneswar-751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811

Letter No. 933/BSCL/Tech/2024 Dated 27.06.2024

### TENDER FOR SELECTION OF AGENCY FOR HIRING OF VEHICLES IN BHUBANESWAR SMART CITY LIMITED, BHUBANESWAR.

No. C-108:- M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Selection of Agency for Hiring of vehicles**. The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in. Interested agencies may submit their proposals in a sealed cover super-scribing as "**Tender for Selection of Agency for Hiring of Vehicles in Bhubaneswar Smart City Limited (BSCL).**" with advertisement number and Date to the General Manager (Admin), Bhubaneswar Smart City Limited, 5th Floor, ICOMC Tower, Satya Nagar, Bhubaneswar-751022 through Speed Post / Registered Post / Courier services only, which should reach on or before **5.00 P.M. on 15th July, 2024 positively and the same will be opened at 11.30 AM** on 16th July, 2024. Proposals received after the due date and time shall be rejected. The undersigned reserves the right to reject any or all the tenders without assigning any reason thereof. For any queries you reach through email: bbsr.bscl@gmail.com or telephone: 0674- 2548428 / 2540811.

By order of Managing Director
Sd./- General Manager,
Bhubaneswar Smart city Limited

OIPR-13070/11/0001/2425

GOVERNMENT OF ODISHA No.O-61

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

email - serwsbd2003@yahoo.com

e-Procurement Notice for Building works

1. Name of the Work : Construction of Building Works - (01 No)
2. Class of contractor : "A" Class & Special of (Odisha PWD) or relevant class of other licensing authority.
3. Estimated Cost : Rs.726.75 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, sunabeda | CCER-WCSBD-On-line-02/2024-25 | 01.07.2024 at 11.00 A.M. | 16.07.2024 up to 5.00 P.M. | 15.07.2024 up to 1.00 P.M. | 18.07.2024 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Engineer,
Rural Works Circle, Sunabeda

OIPR-25182/11/0004/2425

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH

Bid Identification No. Online-PMGSY/RWCCESNG-01 of 2024-25

Letter No.1360// Date:25.06.2024

**No.O-57:**1. Name of the Work : Repair and Maintenance of Rural roads under PMGSY roads. 2. Total No. of Roads : 14 No. individual Road. 3. Estimated Cost of individual packages: Rs.450.97 lakh. 4. Period of Completion: 05 (Five) Years. 5. Other details:

| Procurement Officer | Bid Identification No. | No. of Packages | Availability of tender Online for bidding | | Date & Time of Technical Bid Opening | Date & Time of Financial Bid Opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY/RW-CCESNG-01 of 2024-25 | 14 No. | 03.07.2024 at 11.00 A.M. | 23.07.2024 upto 5.00 P.M. | 25.07.2024 at 11.00 A.M. | Will be intimated separately |

• Further details can be seen from the website: www.pmgsytenders.gov.in.

Sd./- Chief Engineer,
(Design & Quality Control)
Chief Construction Engineer, (I/C) Rural Works Circle, Sundargarh

OIPR-25133/11/0003/2425

## ODISHA ADARSHA VIDYALAYA SANGATHAN

SCHOOL & MASS EDUCATION DEPARTMENT
GOVT. OF ODISHA

### ADMISSION OF STUDENTS IN CLASS XI IN OAVs, 2024-25

No. n-26:- Odisha Adarsha Vidyalaya Sangathan (OAVS), under the School & Mass Education Department, Govt. of Odisha invites applications from the prospective candidates to take admission in Class XI (Science) or Class XI (Commerce) in various OAVs. Interested students are encouraged to contact with nearby OAV Principal for further information. Interested students are requested to visit www.oav.edu.in for further information.

FACILITIES

- Number of OAVs with Senior Secondary Classes – 214
- Intake Capacity – 80 (each in Science & Commerce)
- CBSE Curriculum
- Functional Laboratories
- Well experienced faculties
- 131 Functional girls' hostels
- Free Education

ELIGIBILITY

| Stream | UR/ OBC/ SEBC | SC/ ST |
|---|---|---|
| Science | Minimum 55% marks in aggregate in Class X and minimum 50% marks in Science & Mathematics combinedly (CBSE or any other Board) | Minimum 50% marks in aggregate in Class X and minimum 45% marks in Science & Mathematics combinedly (CBSE or any other Board) |
| Commerce | All Class X Pass students (CBSE or any other Board) | All Class X Pass students (CBSE or any other Board) |

IMPORTANT DATES

| | |
|---|---|
| Start of receipt of Application | 27.06.2024 |
| Last date for receipt of application | 12.07.2024 |
| Notification of selection list | 15.07.2024 |
| Admission from selection list | 16.07.2024 – 21.07.2024 |
| Notification of waiting list | 22.07.2024 |
| Admission from waiting list | 23.07.2024 – 30.07.2024 |
| Completion of admission process | 31.07.2024 |

OIPR-27029/11/0006/2425 Sd./- State Project Director, OAVS

## DISTRICT EDUCATION OFFICE, RAYAGADA

DISTRICT PROJECT MANAGEMENT UNIT (PM POSHAN)

No. 3762 Dated: 26.06.2024

### SHORT TENDER CALL NOTICE

No. n-25:- Sealed tenders in the prescribed forms are invited from the intending registered firms/ Authorized Licensing Transporting Contractors / Agents for under taking the work of transportation of PM Poshan, MDM food stuff quarterly from the OSWC depot of the OSCSC Ltd. Rayagada to all school points of Rayagada district under PM Poshan, Mid-Day-Meal Scheme for the year 2024-25. The details of tender paper/terms and conditions are available in District website (**www.rayagada.nic.in**) from 27.6.24 to 5.7.24. The sealed and duly filled in Tender papers should be submitted on or before 5.7.24 up to 5.30 P.M. to the office of the District Education Officer, Rayagada through Registered/ Speed Post only. A Demand Draft of Rs.15,000/- (Rupees Fifteen thousand ) only (Non refundable) towards tender paper cost in favour of District Education Officer (PM Poshan, MDM)-Cum-DNO, Rayagada must be accompany with the tender paper, failing which the tender application will be rejected. The authority will not be held responsible for any postal delay/mishap.

Sd./- District Education Officer -Cum-DNO, PM Poshan, Rayagada

Sd./- Collector-Cum-Chairman, PM Poshan, Rayagada

OIPR-27154/11/0002/2425

## OFFICE OF THE DIVISIONAL FOREST OFFICER

MANGROVE FOREST DIVISION (WILDLIFE) RAJNAGAR
DIST.: KENDRAPARA, ODISHA, INDIA - 754225
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା
Tel.: 06729-242460, Control Room: 06729-242463
E-mail: dfo.rajnagarwl@odisha.gov.in/dforajnagar1990@gmail.com
Letter No. 3725/1F-Accounts/97/2024
Dated Rajnagar the 26th June, 2024

### TENDER CALL NOTICE FOR HIRING VEHICLE

No. MM-55: Sealed tenders are invited from interested Reputed Travel Agencies/Tour Operators or private individuals to provide approximately 07 (Seven) Nos. of Vehicle (BS VI compliant Diesel driven AC) vehicles, which shall conform to the Terms and Conditions (Annexure-III) for official use at different Ranges (Details of the vehicles to be engaged is in - Annexure-V) under Mangrove Forest Division (Wildlife) Rajnagar on monthly rent basis to reach in the O/o. the Divisional Forest Officer, Mangrove Forest Division (Wildlife) Rajnagar, on or before 15.07.2024 upto 5.00 P.M. through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Mangrove Forest Division (Wildlife) Rajnagar. The tenders will be opened in the same office on 16.07.2024 at 11.30 A.M. The Standard Bidding Document and Terms and Conditions can be downloaded from **https://odishaforest.in** and also can be obtained from the Office of the Divisional Forest Officer, Mangrove Forest Division (Wildlife) Rajnagar from 27.06.2024 to 15.07.2024 during office hours.

Sd./- Divisional Forest Officer
Mangrove Forest Division (Wildlife), Rajnagar
OIPR-08053/11/0007/2425

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-356:

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

Tender Call Notice No. H.O./P&C/EST-E-2246/01/2023/ 18257, Dated: 25.06.2024

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Supply, Installation, testing and commissioning of centrifugal pump sets, control panel with suction and delivery piping & valves arrangement for water supply to Angul Aluminium Park, Angul. | Rs.13.80 Lakhs | 01 (One) Calendar Month |

1. Other details:

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid ID No. P&C/EST/ E-03/ 2024-25 | **17.00 Hours of dt.29.06.2024** | **17.00 Hours of Dt.10.07.2024** |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website **www.idco.in.**

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0007/2425

# ଦ୍ୱାଦଶ ରାତି

## ଅନୁବାଦ ଗଳ୍ପ

ମୂଳ ଇଂରାଜୀ : ୱିଲିୟମ୍ ସେକ୍ସପିୟର
ଅନୁସୃଜନ : ଲଳିତ ମୋହନ ମିଶ୍ର



ଇଲୁସିୟମ୍ ସହରର ଜଣେ ମହିଳା ଜନ୍ମ ଦେଇଥିଲେ ଦୁଇଟି ଯାଆଁଳା ଛୁଆ। ଉଭୟଙ୍କ ରୂପ ରଙ୍ଗ ଗଢ଼ଣ ଉଚ୍ଚତା ସମାନ। ଫରକ କେବଳ ଏତିକି, ଜଣେ ପୁଅ ଅନ୍ୟଟି ଝିଅ। ମା' ପୁଅର ନାମ ଦେଇଥିଲେ ସୈବେଷ୍ଟିଆନ୍ ଓ ଝିଅର ନାମ ବ୍ୟୁଲା। ଯେମିତି ସେମିତି ବଡ଼ ହେବାରେ ଲାଗିଲେ ଦୁଇ ଛୁଆ। ଏକ ନିର୍ଦ୍ଦିଷ୍ଟ କଥା ସ୍ୱଷ୍ଟ ହେବାରେ ଲାଗିଲା, ପ୍ରକୃତି ଯେମିତି ଉଭୟଙ୍କ ଭାଗ୍ୟ ସମାନ ଭାବରେ ଲେଖିଥିଲେ। ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ପ୍ରକୃତିର ଏଭଳି ଚମତ୍କାରିତାକୁ ଦେଖି। ଧୀରେଧୀରେ ସମୟ ବିତିଗଲା ଏବଂ ଉଭୟ ଛୁଆ ପିଲାରୁ ଯୁବକ ଯୁବତୀ ହେଲେ। ଏମିତି ଏକ ଦିନ ଆସିଲା ଦୁହେଁ ଏକ ଜଳ ଜାହାଜରେ ବିଦେଶ ଯାତ୍ରା କଲେ। କିନ୍ତୁ ସେମାନେ ସହରଠାରୁ କିଛି ଦୂର ଯାଇଛନ୍ତି, ହଠାତ୍ ଏକ ଭୟଙ୍କର ଝଡ଼ ଆସିଥିଲା ସମୁଦ୍ରରେ। ଲହରୀର ପ୍ରଚଣ୍ଡ ଧକ୍କାରେ ଜାହାଜଟି ଅସ୍ତବ୍ୟସ୍ତ ହୋଇଗଲା। ନାବିକମାନେ ଜାହାଜକୁ ସୁରକ୍ଷିତ ସ୍ଥାନକୁ ନେବାକୁ ବହୁତ ଚେଷ୍ଟା କଲେ, କିନ୍ତୁ ବିଫଳ ହେଲେ। କିଛି ସମୟ ମଧ୍ୟରେ ଜାହାଜଟି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା ଏକ ବିରାଟ ପଥରରେ ଧକ୍କା ଖାଇ। ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ସମୁଦ୍ର ଲହରୀରେ ଲୀନ ହୋଇଗଲେ। ଅନେକ ଲୋକ ଇଆଡ଼େ ସିଆଡ଼େ ଭାସିଗଲେ। କିନ୍ତୁ ସୃଷ୍ଟିକର୍ତ୍ତା ଉଭୟ ଭାଇ ଭଉଣୀଙ୍କ ଜୀବନକୁ ସୁବର୍ଣ୍ଣ କଲମରେ ବୋଧହୁଏ ଲେଖିଥିଲେ। ସେମାନେ ନିଜ ଜୀବନକୁ ବଞ୍ଚାଇ ପାରିଥିଲେ। ସେମାନେ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ସିନା, କିନ୍ତୁ ଉଭୟେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ପାଣିରେ ଭାସି ଭାସି ସୈବେଷ୍ଟିଆନ୍ ଏକ ଶୁଖିଲା କାଠ ସାହାଯ୍ୟରେ କୂଳରେ ପହଞ୍ଚି ଯାଇଥିଲେ। ସେହି ଶୁଖିଲା କାଠଟି ହିଁ ତାଙ୍କର ଜୀବନ ବଞ୍ଚାଇବାର ଏକମାତ୍ର ମାଧ୍ୟମ ଥିଲା। ତେଣୁ ସେ ତାକୁ ଜୋର୍‌ରେ ଧରିଥିଲେ। ଲହଡ଼ିରେ ଯେତେ ଫସିଲେ ବି କାଠଟି ପୁନର୍ବାର ପାଣି ଉପରେ ଭାସୁଥିଲା। ସେ ନିଜକୁ ସୁରକ୍ଷିତ ଅନୁଭବ କରିପାରିଥିଲେ। କୂଳକୁ ଆସିବା ପରେ ଭଉଣୀ ବ୍ୟୁଲାଙ୍କୁ ଖୋଜିଥିଲେ ଏବଂ ଚିନ୍ତିତ ହୋଇ ଇତସ୍ତତଃ ଦୌଡ଼ି ଖୋଜିଲେ। ତା'ପରେ ସେ ଏକ ଡଙ୍ଗାଟିଏ ଦେଖିଲେ, ଯେଉଁଥିରେ କିଛି ଯାତ୍ରୀଥିଲେ। ସେମାନେ ଏକ ଝିଅକୁ ପାଣି ଭିତରୁ ଉଦ୍ଧାର କରି ଡଙ୍ଗା ଉପରକୁ ଉଠାଇ ନେଉଥିଲେ। ସେ ଝିଅଟି ଥିଲା ବ୍ୟୁଲା। ସେ ଜୋରରେ ଶବ୍ଦ କରି ବ୍ୟୁଲା ବ୍ୟୁଲା ବହୁତ ଡାକିଲେ। କିନ୍ତୁ ଡଙ୍ଗାଟି ଦୂରରେ ଥିବା ହେତୁ ତଥା ସମୁଦ୍ର ଲହରୀର ଶବ୍ଦ ହେତୁ ତା'ର ସ୍ୱର ଶୁଣାଯାଇ ନ ଥିଲା। ତଥାପି ସେ ସନ୍ତୁଷ୍ଟ ଥିଲେ। କାରଣ ଯାହା ହେଉନା କାହିଁକି, ତାଙ୍କ ଭଉଣୀ ସୁରକ୍ଷିତ ଭାବରେ ଉଦ୍ଧାର ହୋଇପାରିଛି।

ଯଦି ସେ ବଞ୍ଚିଛି, ମୁଁ କେବେ ନା କେବେ; କେଉଁଠି ନା କେଉଁଠି ତାକୁ ନିଶ୍ଚିତ ମିଶିବି। ତା' ମନରେ ଏକ ନୂତନ ଶକ୍ତି ସଞ୍ଚୟ ହେଲା। ଏଠାରେ ବ୍ୟୁଲା ଭାଇକୁ ମଧ୍ୟ ସୁରକ୍ଷିତ ଉଦ୍ଧାର ହୋଇଥିବାର ଦେଖିଲା। ଭାଇକୁ ପୁଣି ଥରେ ଭେଟିବାର ଆଶା ତା' ହୃଦୟରେ ଜାଗ୍ରତ ହୋଇଥିଲା। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ, ଏହି ପ୍ରକାର ସାମୁଦ୍ରିକ ଝଡ଼ ଦୁଇ ଭାଇଭଉଣୀଙ୍କୁ ସଦାସର୍ବଦା ପରସ୍ପରଠାରୁ ଅଲଗା କରିଦେଲା।

ଅବଶିଷ୍ଟ ଯାତ୍ରୀଙ୍କୁ ନେଇ ଡଙ୍ଗା କୂଳରେ ପହଞ୍ଚିଥିଲା। ସମସ୍ତେ ଭଗବାନଙ୍କୁ ଧନ୍ୟବାଦ ଦେଇ ଗୋଟିଏ ପରେ ଗୋଟିଏ ଡଙ୍ଗାରୁ ଓହ୍ଲାଇବାକୁ ଲାଗିଲେ। କିନ୍ତୁ ବ୍ୟୁଲା ଜାହାଜର କ୍ୟାପ୍‌ଟେନଙ୍କ ପାଖକୁ ଯାଇ ଧୀରେ ଧୀରେ କହିଲା, ''ସାର୍! ମୋ' ଭାଇ ହିଁ ଏକମାତ୍ର ସାହାରା ଥିଲା ମୋ' ଜୀବନର। କିନ୍ତୁ ଝଡ଼ତୋଫାନ ତାକୁ ଛଡ଼ାଇନେଲା ମୋ'ଠାରୁ। ବର୍ତ୍ତମାନ ସେ କେଉଁଠି, କେଉଁ ଅବସ୍ଥାରେ ଥିବ? ମୁଁ କେବଳ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି, ସେ ଯେଉଁଠି ଥାଆନ୍ତୁ ନା କାହିଁକି ଖୁସିରେ, ସୁଖରେ, ଆନନ୍ଦରେ ଏବଂ ସୁସ୍ଥରେ ଥାଆନ୍ତୁ। ମୁଁ ଆଶା କରୁଛି ସେ ଦିନେ ନା ଦିନେ ମୋତେ ନିଶ୍ଚିତ ଭେଟିବ, କିନ୍ତୁ ସେହି ଦିନ କେବେ ଆସିବ? ସେ ବିଷୟରେ ମୁଁ ଜାଣେ ନାହିଁ। କ୍ୟାପ୍‌ଟେନ ସାହେବ! ଆପଣ ମୋତେ କହିପାରିବେ, ଏହିଭଳି ଅସୁବିଧା ସମୟରେ ମୁଁ କେଉଁଠିକି ଯିବି ଏବଂ କାହା ସହିତ ରହିବି?''

କ୍ୟାପ୍‌ଟେନ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ଆକର୍ଷଣକୁ ଦେଖି ପ୍ରଥମ ଦିନରୁ ହିଁ ସେ ବ୍ୟୁଲାକୁ ବାପା ଭଳି ସ୍ନେହ ଦେଉଥିଲେ। ସେ ବ୍ୟୁଲାର ମୁଣ୍ଡ ଉପରେ ହାତ ରଖି ସ୍ନେହଭରା କଣ୍ଠରେ କହିଲେ, ''ଝିଅ! ମୁଁ ଜାହାଜର କ୍ୟାପ୍‌ଟେନ। ମୋର କୌଣସି ଠିକଣା ନାହିଁ। ଆଜି ଏଠାରେ ତ ଆସନ୍ତାକାଲି ଆଉ କେଉଁଠାରେ। ମୋର ସାରା ଜୀବନ ଏମିତି ଭାବରେ ବିତିଛି। ତେଣୁ ମୁଁ ଚାହିଁଲେ ବି ତୁମକୁ ମୋ' ପାଖରେ ରଖିପାରିବି ନାହିଁ। କିନ୍ତୁ ତୁମେ ନିକଟସ୍ଥ ଦ୍ୱୀପକୁ ଚାଲିଯାଅ। ସେଠାରେ ଓସିନି ନାମକ ଜଣେ ଧର୍ମାତ୍ମା ଦୟାଳୁ ରାଜକୁମାର ରୁହନ୍ତି। ସେ ଯୁବକ କିନ୍ତୁ ଆଜି ପର୍ଯ୍ୟନ୍ତ ବିବାହ କରିନାହାନ୍ତି।''

ମୁଁ ଜାଣିପାରିବି କି? ସେ ଆଜି ପର୍ଯ୍ୟନ୍ତ କାହିଁକି ବିବାହ କରିନାହାନ୍ତି? ବ୍ୟୁଲା ପଚାରିଲା?

ସେ ଭଲ ପାଉଥିଲେ ଓଲିଭିଆ ନାମ୍ନୀ ଜଣେ ରାଜକୁମାରୀଙ୍କୁ। ସେ ମଧ୍ୟ ବହୁତ ଭଲ ପାଉଥିଲେ ରାଜକୁମାରଙ୍କୁ। ଗୋଟିଏ ସାନ ଭାଇ ଥିଲା ଓଲିଭିଆଙ୍କର। ସେ ତାଙ୍କ ନିଜ ଜୀବନଠାରୁ ଅଧିକ ଭଲ ପାଉଥିଲେ ତାକୁ। କିନ୍ତୁ ଛଅମାସ ପୂର୍ବରୁ ସେ ରୋଗଗ୍ରସ୍ତ ହୋଇ କାଳର କରାଳ ଗତିରେ ଆରପାରିକୁ ଚାଲିଗଲେ। ଭାଇର ମୃତ୍ୟୁ ତାଙ୍କ ମନରେ ଏତେ ଗଭୀର ଆଘାତ ଦେଲା ଯେ, ସେ ନିଜକୁ ଏକ କୋଠରି ମଧ୍ୟରେ ବନ୍ଦ କରି ରହିଲେ। ସେବେଠାରୁ ସେ ଆଜିପର୍ଯ୍ୟନ୍ତ ସବୁ ସୁଖକୁ ତ୍ୟାଗ କରି ସେହି କୋଠରିରେ ବନ୍ଦ ହୋଇ ରହୁଛନ୍ତି। ସେ ଛାଡ଼ିପାରୁନାହାନ୍ତି ଭାଇର ସ୍ମୃତିକୁ ନିଜ ହୃଦୟରୁ। ସେଥିପାଇଁ ସେ କାହାକୁ ଦେଖାକରନ୍ତି ନାହିଁ କି, ରାଜକୁମାରଙ୍କୁ କିଛି ସୁଖ ଦୁଃଖ ଜଣାନ୍ତି।

ବ୍ୟୁଲା ଦୁଃଖଭରା ସ୍ୱରରେ ପଚାରିଲା, କ୍ୟାପ୍‌ଟେନ ସାହେବ! ଆପଣ ଯେଉଁ ଓଲିଭିଆଙ୍କ କଥା କହିଲେ, ମୁଁ ସେହିଭଳି ମୋ' ଭାଇର ବିଚ୍ଛେଦରେ ଦୁଃଖିତ। ଯଦି ଆପଣ ମୋତେ ତାଙ୍କ ପାଖରେ ପହଞ୍ଚାଇଦେବେ, ତେବେ ମୁଁ ଆପଣଙ୍କର ଉପକାର କେବେ ବି ଭୁଲିପାରିବି ନାହିଁ। ମୋର ପୂରା ବିଶ୍ୱାସ, ନିଜ ଭାଇଙ୍କ ମୃତ୍ୟୁରେ ଦୁଃଖିତ ଓଲିଭିଆ ମୋ' ହୃଦୟର ଯନ୍ତ୍ରଣାକୁ ବୁଝିପାରିବେ ଏବଂ ସୈବେଷ୍ଟିଆନ୍‌ଙ୍କୁ ଖୋଜିବାରେ ମୋତେ ସାହାଯ୍ୟ କରିବେ।

କିଛି ସମୟ ଚିନ୍ତା କରିବା ପରେ କ୍ୟାପ୍‌ଟେନ ସାହେବ କହିଲେ, ଝିଅ! ବୋଧହୁଏ ତୁମେ ଠିକ୍ କଥା କହୁଛ। କିନ୍ତୁ ତାଙ୍କୁ ଦେଖାକରିବା ଏତେ ସହଜ ନୁହେଁ। ବିନା ପରିଚୟରେ ସେ କାହାକୁ ଦେଖାକରନ୍ତି ନାହିଁ। ସବୁଠାରୁ ଭଲ ହେବ, ତୁମେ ରାଜକୁମାରଙ୍କ ପାଖକୁ ଯାଅ। ସେଠାରେ ତୁମକୁ ନିଶ୍ଚିତ ଭାବରେ କିଏ ନା କିଏ ସାହାଯ୍ୟ କରିବେ ଏବଂ ତୁମେ ତୁମର ଭାଇକୁ ମଧ୍ୟ ପାଇବ। ବ୍ୟୁଲାକୁ ପରାମର୍ଶ ଉପଯୁକ୍ତ ମନେହେଲା। କିଛି ଦିନର ଯାତ୍ରା ପରେ ସେ ସେହି ଦ୍ୱୀପରେ ଯାଇ ପହଞ୍ଚିଲା। ସେ ନିଜର ବେଶ ପୋଷାକ ବଦଳାଇ, ଜଣେ ଗ୍ରାମୀଣ ଯୁବକ ପରିଚୟ ଦେଇ ରାଜକୁମାରଙ୍କଠାରେ ଚାକିରି କଲା। ସମସ୍ତେ ତାଙ୍କୁ ସିସେରୋ ନାମରେ ଜାଣିଲେ। ଯାଆଁଳା ହୋଇଥିବାରୁ ସେ ଠିକ୍ ତା'ର ଭାଇ ପରି ଦେଖାଯାଉଥିଲା। ତା'ଛଡ଼ା ପୁରୁଷ ପୋଷାକରେ ସେ ସୈବେଷ୍ଟିଆନ୍ ଭଳି ଲାଗୁଥିଲା। ସେ ପ୍ରତ୍ୟେକ କାର୍ଯ୍ୟରେ ନିପୁଣ ଥିଲା, ସେ ଖୁବ୍‌ଶୀଘ୍ର ନିଜର ସେବା ଦ୍ୱାରା ରାଜକୁମାରଙ୍କ ହୃଦୟକୁ ଜିତି ନେଇଥିଲା।

ସେ ରାଜକୁମାରଙ୍କର ଏତେ ବିଶ୍ୱସ୍ତ ହୋଇଯାଇଥିଲା ଯେ, ସେ ତା'ର ହୃଦୟର ସମସ୍ତ କଥା ରାଜକୁମାରଙ୍କୁ କହି ଦେଉଥିଲା। ସେ ଭାଇର ପ୍ରେମ ସମ୍ପର୍କ ବିଷୟରେ ବିସ୍ତୃତ ଭାବରେ କହିଥିଲା ଏବଂ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲା।

କିନ୍ତୁ ବର୍ତ୍ତମାନ ବ୍ୟୁଲା ନିଜେ ରାଜକୁମାରଙ୍କୁ ଭଲ ପାଉଥିଲା। ସେ ନିଜେ ଭାବି ହେଉଥିଲା ଓଲିଭିଆଙ୍କର ହୃଦୟ କେତେ ପଥର? ଏମିତି ଏକ ଆକର୍ଷଣରେ ସେ ରାଜକୁମାରଙ୍କୁ କାନ୍ଦିବାକୁ ଛାଡ଼ିଦେଲେ। ତାଙ୍କର ମନ ହୃଦୟ ଉପରେ କୌଣସି ପ୍ରଭାବ ପଡୁନାହିଁ? ବ୍ୟୁଲା ଭାବି ହେଉଥାଏ ଯଦି ମୁଁ ରାଜକୁମାରଙ୍କୁ ପାଇବି, ତେବେ ମୁଁ ତାଙ୍କୁ ଆଖି ଆଗରେ ବସାଇ ରଖିବି। ଦିନେ ସାନ ଭାଇକୁ ମନେପକାଇ ଓଲିଭିଆ କାନ୍ଦୁଥିଲେ। ସିସୋରିଆ ଏସବୁ ଦେଖିବାକୁ ଇଚ୍ଛା କରୁ ନ ଥିଲେ। ସେ ତାଙ୍କ ପାଖକୁ ଯାଇ କହିଲେ, ରାଜକୁମାର! ଆପଣ ଦିନରାତି ଭାଇକୁ ମନେପକାଇ ଲୁହ ଝରାଉଛନ୍ତି। ଏହି କାରଣରୁ ଆପଣ ଖାଇବା ପିଇବା ପ୍ରତି ଧ୍ୟାନ ଦିଅନ୍ତି ନାହିଁ, କି ଅନ୍ୟ କୌଣସି କାମ କରିବାକୁ ମନ ଦିଅନ୍ତି ନାହିଁ। ମୋ' ଦ୍ୱାରା ଆପଣଙ୍କର ଏହି ଦଶା ଦେଖିହେବନାହିଁ। ଆପଣ ତ ତାଙ୍କ ନାମରେ ମାଳା ଜପ କରୁଅଛନ୍ତି। କିନ୍ତୁ ଆପଣଙ୍କର କିଏ କେବେ ଯତ୍ନ ନେଇଛନ୍ତି କି? ମୁଁ ଭାବୁଛି, ସେହି ପଥର ହୃଦୟ ଉପରେ ଆପଣଙ୍କର ଏହିପରି ପ୍ରାର୍ଥନା, କୌଣସି ପ୍ରଭାବ ପକାଇ ପାରିବ ନାହିଁ। ରାଜକୁମାର ଦୁଃଖରେ ମ୍ରିୟମାଣ ହୋଇ କହିଲେ, ସିସୋରିଆ! ବୋଧହୁଏ ଭଗବାନ ସ୍ତ୍ରୀର ହୃଦୟକୁ ଏବଂ ମନକୁ ପଥରରେ ତିଆରି କରିଛନ୍ତି।

ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ରାଜକିଶୋରୀୟ କଥାସ୍ମୃତି
### ଅଳ୍ପ ଆକାଶ: ଅନଳ୍ପ ପୃଥ୍ୱୀ




**ସଂପାଦନା:** ଡ. କୁଳମଣି ଓଝା
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୩୫୦/-

ମାନ୍ୟତାପ୍ରାପ୍ତ ପ୍ରକାଶକ ଓ ସୁଲେଖକ ରାଜକିଶୋର ଦାସଙ୍କ କଥାକୃତିକୁ ନେଇ ୨୭୦ ପୃଷ୍ଠାର ଏକ ଆଲୋଚନାଗ୍ରନ୍ଥ ପ୍ରକାଶ ପାଇଛି 'ଅଳ୍ପ ଆକାଶ: ଅନଳ୍ପ ପୃଥ୍ୱୀ' ଶୀର୍ଷକରେ। ଏଥିରେ ଯେଉଁମାନେ ଅଂଗୀଭୁକ୍ତ, ସେମାନଙ୍କ ମଧ୍ୟରୁ କତିପୟ ହେଲେ କୃଷ୍ଣଚନ୍ଦ୍ର ପ୍ରଧାନ, ସଦାନନ୍ଦ ତ୍ରିପାଠୀ, କାହ୍ନୁ ଚରଣ ପାଢ଼ୀ, ମନୋରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦାସ, ନକୁଳ ଚନ୍ଦ୍ର ସାହୁ, ହୃଷୀକେଶ ପଣ୍ଡା, ପ୍ରଶାଂତ ମହାନ୍ତି, ବାସନ୍ତୀ ମହାନ୍ତି, ବିଭୂତି ଭୂଷଣ ଆଚାର୍ଯ୍ୟ, ଦେବାଶିଷ ମହାପାତ୍ର, ଦାଶରଥି ବିଶ୍ୱାଳ ଓ ଶୁଭ ନାରାୟଣ ସ୍ୱାଇଁ। ମୋଟ ୨୩ଟି ଆକଳନଧର୍ମୀ ନିବନ୍ଧରେ ନିବନ୍ଧକାରମାନେ ରାଜକିଶୋରଙ୍କ କଥାକୃତିର ମୂଲ୍ୟାୟନ କରିଛନ୍ତି ନିଜ ନିଜର ଦୃଷ୍ଟିକୋଣରୁ। 'କଥା କିଞ୍ଚିତ୍'ରେ ଗ୍ରନ୍ଥ-ସମ୍ପାଦକ ଡ. କୁଳମଣି ଓଝା କହନ୍ତି: ''ରାଜକିଶୋରଙ୍କ ପାଞ୍ଚଟି ଗଳ୍ପ ସଂକଳନରେ ସ୍ଥାନିତ ୬୨ଟି ଗଳ୍ପ। ତାଙ୍କର ପୃଷ୍ଠଭୂମି ହେଉଛି ଆମ ପରମ୍ପରା ଓ ସଂସ୍କୃତିର ପରିବର୍ତ୍ତିତ ପ୍ରେକ୍ଷାପଟ। x x ଅଙ୍ଗେନିଭା କିମ୍ବା ଆଖିଦେଖା ଗପଟିଏ କହିବା, କ୍ରେତା ଓ ପାଠକଙ୍କୁ ଗପର ପ୍ରବହମାନତା ଭିତରେ ଆରମ୍ଭରୁ ଶେଷଯାଏଁ ବାନ୍ଧି ରଖିବାର କଳା, କୌଶଳ ତାଙ୍କୁ ଭଲ ଭାବରେ ଜଣା।'' ସଂପାଦକ ତଥା ପ୍ରାବନ୍ଧିକମାନଙ୍କର ଅଭିମତ ଭିତ୍ତିରେ ପାଠିକାପାଠକମାନେ ରାଜକିଶୋରଙ୍କ କଥାକୃତିର ପୁନଃ ବିବେଚନା କରିବାର ଅବକାଶ ହେଉଛି ଆଲୋଚ୍ୟ ଗ୍ରନ୍ଥ। ଗବେଷକମାନଙ୍କ ପାଇଁ ଅନୁସରଣୀୟ ହେବା ସହିତ ରାଜକିଶୋରଙ୍କ ଗଳ୍ପ ପ୍ରତି ନୂଆ ପାଠକଙ୍କୁ ଅଧିକ ମନୋଯୋଗୀ କରାଇବ।

### ଜିଅନ୍ତା କମ୍ବଳ
### ଓ ଅନ୍ୟାନ୍ୟ କାହାଣୀ




**ଲେଖକ:** ହିପୁ ସଲ୍‌କ କ୍ରିଷିଲ୍ ନାଥନ
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୨୪୯/-

ଆଲୋଚ୍ୟ ଗଳ୍ପଗ୍ରନ୍ଥର ପ୍ରଥମ ଗଳ୍ପ 'ଜିଅନ୍ତା କମ୍ବଳ'। ଏହାକୁ ଲେଖକ ବହିର ଶିରୋନାମ କରିଛନ୍ତି। ମୋଟ ୨୦ଟି ଗଳ୍ପ ଗ୍ରନ୍ଥରେ ସ୍ଥାନିତ। ସବୁ ଗଳ୍ପରେ ଅନୁଭବ ଓ ଅନୁଭବର ପ୍ରତ୍ୟକ୍ଷତା ପ୍ରମୁଖ। ହିପୁଙ୍କ ଗଳ୍ପରେ ସାମାନ୍ୟ ବର୍ଣ୍ଣନା ପ୍ରତ୍ୟୁତ୍ପନ୍ନତାର ସଂଯୋଗରେ ଅସାମାନ୍ୟ ହୋଇଉଠେ। 'ଜିଅନ୍ତା କମ୍ବଳ' ଗଳ୍ପରେ ସୁଧି କୁମାର ଜଣେ ନେତା। ନେତାଙ୍କୁ ଜନତା କିପରି ଚାତକ ପରି ଅପେକ୍ଷା କରି ରହନ୍ତି, ତାହା ବର୍ଣ୍ଣନା କରିବାକୁ ଯାଇ ନିଜ ଚରିତ୍ର ମୁହଁରେ ଲେଖକ କହନ୍ତି: ''ସେମାନଙ୍କ ଜୀବନ କେବଳ ଅପେକ୍ଷା ଆଉ ଅପେକ୍ଷାରେ କଟିଯାଏ। କେତେବେଳେ ପିଇବା ପାଣି ଲାଇନ୍‌ରେ ତ କେତେବେଳେ କଣ୍ଟ୍ରୋଲ ଦୋକାନରେ, କେତେବେଳେ ତହସିଲ ଦପ୍ତରରେ ତ କେତେବେଳେ କଚେରିରେ ଅଥବା କେତେବେଳେ ନେତା ସାହେବଙ୍କ ଦୁଆରରେ- ଖାଲି ଅପେକ୍ଷା। ଆଉ ବୟସର କିଛି ପାହାଚ ଅତିକ୍ରାନ୍ତ ପରେ ମୃତ୍ୟୁର ଅପେକ୍ଷା।'' ସାଦା ଅଭିବ୍ୟକ୍ତି ଭିତରେ ବ୍ୟଞ୍ଜନା ଓ ବ୍ୟଙ୍ଗ କିପରି ଶାଣିତ, ଏଥିରୁ ତାହା ଅବୁଝା ରହେନାହିଁ। ବହିର ପ୍ରତ୍ୟେକଟି ଗଳ୍ପ ବିଷୟ ଓ ଉପସ୍ଥାପନା ଦୃଷ୍ଟିରୁ ଜୀବନ୍ତ। 'ନିଜକଥା'ରେ ହିପୁ ଲେଖିଛନ୍ତି: ''ଗପ ସିନା କୋଡ଼ିଏଟି, ହେଲେ ପାଖାପାଖି ତିରିଶ ବର୍ଷ ଧରି ଏ ଗପଗୁଡ଼ିକ ସହିତ ମୋର କୁସ୍ତି-କସରତ x x।'' ଗଭୀର ମନନ ଦ୍ୱାରା ଲେଖକ ଗଳ୍ପଗୁଡ଼ିକୁ ପ୍ରଥମେ ସାଧିଛନ୍ତି। କଥାଟିଏର କଳ୍ପନା କରିବା ଓ ସେଇ କଳ୍ପନାକୁ ଚିନ୍ତନ ଦେଇ ସାଧିବା ଯେ ଜଣେ ଗଳ୍ପକାରର ଦାୟିତ୍ୱ- ଏ ତତ୍ତ୍ୱଟିକୁ ହିପୁଙ୍କ ବକ୍ତବ୍ୟରୁ ଆବିଷ୍କାର କରିହୁଏ। ବହିଟିର ସରସ ନବୀନତା, ବୁଦ୍ଧି ଓ ବୋଧଦୃଷ୍ଟ ଅସ୍ମିତା ପାଠକଙ୍କୁ ଛୁଇଁବ ବୋଲି ଆଶା।

## କବିତା

### କବିତା

ଅୟସ୍‌କାନ୍ତ

ତେଜୋଦୀପ୍ତ ସେ କାବ୍ୟ ଚେତନା
ସବୁଥର ପରି ମର୍ମେ ଉଠେ
କାହାର ଦୃଷ୍ଟି ପଡ଼ଇ କେଜାଣି
ହତାଶ ଲାଗଇ ଯେବେ ସେ ଫୁଟେ।

ସବୁଥର ପରି କବିତା ଆକାଶେ
ଉଠଇ ଇନ୍ଦ୍ରଧନୁ
ଫୁଲଶର ନେଇ ଯୋଖିଲାବେଳକୁ
ଖସିପଡ଼ଇ ସେ ମନୁ।

ରୂପ ଅପରୂପା, ଦେଖିଲାବେଳକୁ
କେମିତି ହେଲା ବିରୂପା
ଅସରା ଲୁହରେ ଭରା ମୋ' ପସରା
ଅଜବ କବିତା ଦେଖି ମନହୁଏ ଖପ୍ପା।

ଅନୁଭୂତିର ସେ ଦରଦ ଦରଜ
ଥିଲା ପରା ସହୀ ଭଲ
କାଗଜ ଧବଳ ମରୁ ଯେବେ ଛୁଇଁ
ଲାଗେନାଇ ଜମା ଭଲ।

କେଜାଣି କେମିତି କାହିଁକି ଏମିତି ହେଲା
ଅଜବ କବିତା ଉତୁରିଲା ସିନା
ଥାଇ କି ସବୁ ତ କଳା
ଗ୍ରାହୀ ଅଙ୍ଗ ମୋ' ଆଣଇ ସମ୍ବେଦନ
ଅସୁମାରି ଶିହରଣ
କାହା କୁଦୃଷ୍ଟି ପଡ଼ିକି ହୁଅଇ
କବିତା ମୋ' ଦୀନହୀନ।

ମୋ: ୮୭୬୩୩୯୩୧୧୬

### ନୂଆ ଦେହ

ସେନାପତି ପ୍ରଦ୍ୟୁମ୍ନ କେଶରୀ

ମରିବା ଲୋକଟି ହଜିଗଲା ପରେ
ପ୍ରିୟଜନ ଆଖି ଲୁହେ କିଆଁ ହୁଏ ଟଳମଳ
ଜୀବନ ଅପେକ୍ଷା ମରଣେ କାହିଁକି
ଲାଗେ ଅଧିକ ଓଜନ
ଆପଣା ଲୋକର ଛାତିତଳ!

କଣ୍ଢେଇଟିଏ ବି ଠୁକୁଠୁକୁ ଚାଲେ
ଧରୁ ଧରୁ ତାକୁ ପଡ଼ିଯାଏ ସିନା ତଳେ
ଝଡ଼କୁ ଉଖାଳି ଛାତିକୁ ହାଲୁକା କରେ
ସନ୍ଧ୍ୟାତାରାର ଆଲୁଅରେ
ତା'ର ଆଖିରେ ହସେ
ମରିବା ଲୋକର ମୁହଁ।

ଯେତେ ମିଛ ଦାଗ ମନର କାନ୍ଥରୁ
ଲିଭିଯାଏ ଧୀରେ ଭୁଲି ସବୁ ପରାଜୟ
ଦେହର ଓଜନ ନଥାଏ ଜମାରୁ
ପାହାଡ଼ ଚଢ଼ି ସେ ଅଶ୍ୱ ପରିକା ଧାଏଁ
ଯେମିତି କାଲି ଜଳିଥିବା
ଆଉ ଗୋଟେ ନୂଆ ଦେହ!

ମୋ: ୬୩୭୧୫୨୩୫୯୮

### ନିଜକୁ ଭଲ ପାଇବାର ବେଳ

ତେଜସ୍ୱିନୀ ପଣ୍ଡା

ନିଜକୁ ଭାଙ୍ଗିବାର ପ୍ରୟାସରେ,
କାହାକୁ ଖୋଜି ପାଇବାର ଆଶା,
ନିଜକୁ ଦେଖିବାର ପ୍ରୟାସରେ
କାହାକୁ ଭଲପାଇବାର ଭରସା,
ସେତେ ବେଶୀ ଡାଙ୍କି
ହେଇଯାଏ ଏ ଦଦରା
କମ୍ପିତ ଛାତିତଳେ।
ଲାଗେ ଏବେ କେବଳ
ନିଜକୁ ଭଲ ପାଇବାର ବେଳ।

ସ୍ୱପ୍ନକୁ ପାପୁଲିରେ ନୁହେଁ,
ନିଜକୁ ମୁଠାଏ ପଖାଳରେ
ବାନ୍ଧିଦେବାର ସମୟ,
କେତେ ସ୍ନିଗ୍ଧ, ଶୀତଳ, ସଂଯୁକ୍ତ
ଏ ଜୀବନର ଖେଳ,
ନିଜ ମାନବିକତାରେ
ସନ୍ଦେହ ଦୂରେଇ ଦେବାର ବେଳ,
ନିଜକୁ ଭଲ ପାଇବାର ବେଳ।

ଆତ୍ମାକୁ ଅହଙ୍କାରରେ ନୁହେଁ
ଅମୃତରେ ଧୋଇ ଦେବାର କ୍ଷଣ,
ବିଳମ୍ବିତ ଭାଗ୍ୟର ପରିହାସରେ
ଜନ୍ମିତ ଜନ୍ମାନ୍ଧ ଶିଶୁର କ୍ଷତ,
ଅନ୍ଧକୁ ନିନ୍ଦିବାରେ ନୁହେଁ
କର୍ମକୁ ଦୋଷ ଦେବାର ବେଳ,
ନିଜକୁ ଭଲ ପାଇବାର ବେଳ।

ମୋ: ୯୬୯୨୩୭୧୪୦୪

ଗୀତି-କବିତା

### ଯାଯାବରର ଗୀତ

ଲକ୍ଷ୍ମୀପ୍ରିୟା ପୃଷ୍ଟି

କବିଟେ ନୁହେଁ ମୁଁ କେମିତି ଆଙ୍କିବି
କଳ୍ପନାର ପ୍ରତିଛବି
କେମିତି ତୋଷିବି ପିଆସୀ ପରାଣ
ପ୍ରୀତି ମଦିରାରେ ସେବି,
ନାହିଁ ମୋ ହାତରେ ରଙ୍ଗ ତୂଳିକା
ଚିତ୍ରକାର ବି ନୁହେଁ
ନୟନ ତୋଷିବା ପାଇଁ କାହାର ବି
ପାଏନି ଅର୍ଘ୍ୟ ଥିଏ।
ଅବୁଝା ମୁଁ ଏକ ପ୍ରୀତିର କାକଳି
ନିଶି ଦିନ ଗାଉଥିବି
କବିଟେ ନୁହେଁ ମୁଁ କେମିତି ଆଙ୍କିବି
କଳ୍ପନାର ପ୍ରତିଛବି।

ନୁହେଁ ମୁଁ ଗାୟକ ଗାଇବି କା' ପାଇଁ
ଅଶ୍ରୁଧାର ତା' ଛୁଇଁ
ବେଦନା ବିଧୁର ଯେଉଁ ଅଶ୍ରୁଧାରେ
ଥିବ ପ୍ରିୟତମ ଛାଇ,
ସ୍ରୋତସ୍ୱିନୀ ନୁହେଁ ସାଗରର ପାଇଁ
ସରାଗେ ଯିବି ମୁଁ ଧାଇଁ
ଶୋହିବାକୁ ତାର ସୁନୀଳ ବକ୍ଷରେ
ଊର୍ମିମାଳାଟିଏ ହୋଇ।
ମୁଁ ଏକ ପଥିକ ଯାଯାବର ସିନା
ହୋଇନି କା' ହୃଦେ ଛନ୍ଦି
କବିଟେ ନୁହେଁ ମୁଁ କେମିତି ଆଙ୍କିବି
କଳ୍ପନାର ପ୍ରତିଛବି।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



**''ଗଛ ମୋର ସବୁଠୁଁ ବଡ଼ ଶିକ୍ଷକ। ସୁନ୍ଦର, ସୁସ୍ଥ ଗଛଟିଏଠାରୁ ଅଧିକ ପବିତ୍ର, ଉଦାହରଣୀୟ ପଦାର୍ଥ ପୃଥିବୀରେ ନାହିଁ।''**

**-ହରମାନ୍ ହେସ୍**

**ହରମାନ୍ ହେସ୍‌**ଙ୍କ ଜନ୍ମ ୨ ଜୁଲାଇ ୧୮୭୭ରେ ଜର୍ମାନ୍‌ରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ ସୁଇଜରଲ୍ୟାଣ୍ଡରେ। ସେ ଏକାଧାରରେ ଔପନ୍ୟାସିକ, କଥାକାର, ପ୍ରାବନ୍ଧିକ, କବି ଓ ଚିତ୍ରଶିଳ୍ପୀ। ତାଙ୍କର ପ୍ରଖ୍ୟାତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ଡେମିଆନ୍' (୧୯୧୯), 'ସିଦ୍ଧାର୍ଥ' (୧୯୨୨), 'ଷ୍ଟିପେନ୍ ଓଲ୍‌ଫ' (୧୯୨୭), 'ନାର୍ସିସସ୍ ଆଣ୍ଡ୍ ଗୋଲ୍‌ଡମଣ୍ଡ' (୧୯୩୦) ଓ 'ଦ ଗ୍ଲାସ୍ ବିଡ୍ ଗେମ୍' (୧୯୪୩)। ଜର୍ମାନୀ ସାହିତ୍ୟକୁ ବିଶେଷ ଅବଦାନ ପାଇଁ ୧୯୪୬ରେ ତାଙ୍କୁ ମିଳିଛି 'ଗ୍ୟେଟେ ପ୍ରାଇଜ୍' ଓ ନୋବେଲ ପୁରସ୍କାର। ୧୯୫୫ରେ ସେ ପାଇଛନ୍ତି ଜର୍ମାନ୍ ବହି-ବାଣିଜ୍ୟର ଶାନ୍ତି ପୁରସ୍କାର। ୧୯୧୧ରେ ଭାରତ ଭ୍ରମଣ ଅବକାଶରେ ସେ ଭାରତୀୟ ରହସ୍ୟବାଦର ଘନିଷ୍ଠ ସମ୍ପର୍କରେ ଆସିଥିଲେ। ସେ କହନ୍ତି: ''ଶବ୍ଦ ଭାବନାକୁ ବ୍ୟକ୍ତ କରିପାରେ ନାହିଁ। ବ୍ୟକ୍ତ ହେବା ମାତ୍ରକେ ଏହା ଭିନ୍ନ, ବିକୃତ ଓ ବୋକା ପାଲଟିଯାଏ।''

## ଦୁଇଟି ମିନି କଥା

ଶିବ ମିଶ୍ର

### ॥ ପିତୃପୁରୁଷଙ୍କ ଶୋକ ॥

ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଜଣେ ବ୍ୟକ୍ତି ଏବେ ଦିନେ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସି ସ୍ୱାଧୀନ ଦେଶର ଏକ ରାସ୍ତାକଡ଼ରେ ଠିଆ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ପଚାରିଲେ- ଇଂରେଜମାନଙ୍କ ଶାସନ କାଳରେ ନିଜର ହକ୍‌କୁ ଜାହିର କରି ନ ପାରି ମାଇଚିଆଙ୍କ ପରି ରହିଥିବା ଲୋକମାନେ ଏବେ କେମିତି ଅଛନ୍ତି? ସେ ଭଦ୍ରଲୋକ କହିଲେ- ମନରାଜିରେ ବାହା ହୋଇ, ପଛରେ ଯୌତୁକ ପାଇଁ ସ୍ୱାମୀଠାରୁ ମାଡ଼ ଗାଳି ଖାଉଥିବା ମହିଳାଙ୍କ ପରି ଦୁଆର କିଳି କାନ୍ଦୁଛନ୍ତି।

ଏକଥା ଶୁଣି ସ୍ୱାଧୀନତା ସଂଗ୍ରାମୀଙ୍କ ଆଖିରୁ ଧାର ଧାର ଲୁହ ଝରିବାକୁ ଲାଗିଲା। ସେ ଭଦ୍ରଲୋକ ପଚାରିଲେ- ଆପଣ କାହିଁକି କାନ୍ଦୁଛନ୍ତି? ସ୍ୱାଧୀନତା ସଂଗ୍ରାମୀ କହିଲେ- ମୁଁ ଏଇ ମହିଳାମାନଙ୍କର ପିତୃପୁରୁଷ।

### ॥ ବିବର୍ତ୍ତନ ॥

ଜଣେ ବୈଜ୍ଞାନିକ ବନ୍ଧୁଙ୍କ ପ୍ରୟୋଗଶାଳାରେ ଗୋଟିଏ ବୃତ୍ତ ଭିତରେ ମାଙ୍କଡ଼, ମଣିଷ ଓ ଗଧର ଚିତ୍ର ଥିବା ଦେଖି ପଚାରିଲି- ଏହାର ମାନେ କ'ଣ? ବୈଜ୍ଞାନିକ ବନ୍ଧୁ କହିଲେ- ବିବର୍ତ୍ତନବାଦ ଅନୁଯାୟୀ ମାଙ୍କଡ଼ରୁ ମଣିଷ ହୋଇଛି। ବର୍ତ୍ତମାନ ବୈଜ୍ଞାନିକ ପ୍ରକ୍ରିୟା ଦ୍ୱାରା ମଣିଷରୁ ନୂଆ ପ୍ରଜାତିର ଗଧ ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବୈଜ୍ଞାନିକ ବନ୍ଧୁଙ୍କୁ ବାହାରକୁ ଡାକିଆଣି ସାଙ୍ଗରେ ନେଇ ଆମ ଗାଆଁକୁ ଗଲି। ଗାଆଁଦାଣ୍ଡରେ ସେତେବେଳେ ଦଳ ଦଳ ହୋଇ ଚାଲୁଥିବା ଲୋକମାନଙ୍କୁ ଦେଖାଇ କହିଲି- ଏମାନେ ମଣିଷ ପରି ଦେଖାଯାଉଥିଲେ ବି ଗଧ ହୋଇ ସାରିଛନ୍ତି।

ମୋ କଥାର ସତ୍ୟତା ପରୀକ୍ଷା କରିବା ପାଇଁ ବନ୍ଧୁ ଜଣକ ଗାଁ ଲୋକଙ୍କ ପାଖକୁ ଯାଇ ପଚାରିବାରୁ ସେମାନେ କହିଲେ- ହଁ ହଁ ଆମେମାନେ ଏବେ ଭୋଟ ଦେଇ ପାଞ୍ଚବର୍ଷ ପାଇଁ ଭାର ବୋହିବାକୁ ଲେଖିଦେଇ ଆସିଛୁ।

ମୋ: ୯୮୫୩୦୭୦୦୧୮







# ଟି୨୦ ବିଶ୍ୱକପ୍: ଆଜି ମହାମୁକାବିଲା



ଫୁଟବଲ ଖେଳି ବିରାଟ କୋହଲିଙ୍କ ଅଭ୍ୟାସ।

**ବ୍ରିଜଟାଉନ୍ (ବାର୍ବାଡୋସ), ୨୮।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ଶନିବାର ସ୍ଥାନୀୟ କେନସିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ମହାମୁକାବିଲାରେ ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା। ୨୦୦୭ରେ ଚାମ୍ପିୟନ ଓ ୨୦୧୪ରେ ରନରଅପ୍ ଭାରତ ତୃତୀୟ ଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ୨୦୧୩ ପରଠାରୁ ଭାରତ ଆଉ କେବେହେଲେ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ତେଣୁ ଦୀର୍ଘ ବର୍ଷ ଧରି ଟାଇଟଲ ଶୂନ୍ୟତାକୁ ପୂରଣ କରିବାକୁ ଭାରତ ନିକଟରେ ସୁଯୋଗ ରହିଛି। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଫାଇନାଲରେ ଅବତୀର୍ଣ୍ଣ ହୋଇଛି ଦକ୍ଷିଣ ଆଫ୍ରିକା। ଆଗାମୀ ମ୍ୟାଚ ସହ ଉଭୟ ଦଳର ଭାବାବେଗ ଜଡ଼ିତ ରହିଥିବାରୁ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଚଳିତ ଟୁର୍ନାମେଣ୍ଟରେ ଅପରାଜେୟ ରହିଛନ୍ତି। ଗତବର୍ଷ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ପରି ଭାରତର ଟି୨୦ ବିଶ୍ୱକପ୍ ଅଭିଯାନ ସମାନ ରହିଛି। ଅର୍ଥାତ୍ କୌଣସି ମ୍ୟାଚ ନ ହାରି ଭାରତ ଫାଇନାଲ ଖେଳିବାକୁ ଯାଉଛି। ଗତବର୍ଷ ମହାମୁକାବିଲାରେ ଗୋଟିଏ ପରାଜୟ ଦଳକୁ ମର୍ମାହତ କରିଥିଲା। ଅର୍ଥାତ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ଦ୍ୱାରା ଟିମ୍ ଇଣ୍ଡିଆର ଟାଇଟଲ ଶୂନ୍ୟତା ପୂରଣ ହୋଇପାରି ନ ଥିଲା। ଏଥର ସମ୍ମୁଖରେ ଅଷ୍ଟ୍ରେଲିଆ ନ ଥିବାରୁ ଭାରତୀୟ ଦଳର ବିଜୟ ଆଶା ବଢ଼ିଛି। ଦକ୍ଷିଣ ଆଫ୍ରିକା ଥରେ ମାତ୍ର ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇଛି। ୧୯୯୮ରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫି (ସେତେବେଳେ ଆଇସିସି ନକ୍-ଆଉଟ ଟ୍ରଫି ନାମରେ ପରିଚିତ ଥିଲା)ରେ ଚାମ୍ପିୟନ ହୋଇଥିଲା ଏହି ଦଳ। ତେଣୁ ଦୀର୍ଘ ବର୍ଷର ବ୍ୟବଧାନ ପରେ ଦଳ ପାଇଁ ପୁଣି ସୁଯୋଗ ଆସିଛି।

ଗାଏନାରେ ଇଂଲଣ୍ଡକୁ ହରାଇବା ପରେ ରୋହିତ ଶର୍ମାଙ୍କ ଦଳ ଆଗାମୀ ମ୍ୟାଚ ପାଇଁ ଫେଭରାଇଟ ବିବେଚିତ ହେଉଛି। କାରିବିୟନ ପରିବେଶ ସହିତ ଭାରତୀୟ ଖେଳାଳିମାନେ ନିଜକୁ ଖାପ ମଧ୍ୟ ଖୁଆଇ ନେଇଛନ୍ତି। ୨୦୨୩ ନଭେମ୍ବର ୧୯ରେ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲରେ ଅହମଦାବାଦ ଷ୍ଟାଡିୟମରେ ଉପସ୍ଥିତ ଲକ୍ଷେରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ଚୁପ୍ କରାଇ ଦେଇଥିଲା ପ୍ୟାଟ୍ କମିନ୍ସଙ୍କ ଅଷ୍ଟ୍ରେଲିଆ ଦଳ। ମାତ୍ର ଏଥର ସେପରି ହେବନି ବୋଲି ଆଶା ରଖିଛନ୍ତି ଭାରତୀୟ ପ୍ରଶଂସକ। ଏଥର ଭାରତ ବିଶ୍ୱକପ ଚାମ୍ପିୟନ ହେଲେ ତାହା ହେବ କୋଚ୍ ରାହୁଲ ଦ୍ରାବିଡଙ୍କ ପାଇଁ ଉପଯୁକ୍ତ ବିଦାୟୀ ଭେଟି। କାରଣ ବିଶ୍ୱକପ ପରେ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେଉଛି। ୨୦୦୭ ଦିନିକିଆ ବିଶ୍ୱକପରେ ଦ୍ରାବିଡଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ଏହି କାରିବିୟନ ମାଟିରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର କୋଚ୍ ଭାବେ ସେହି ମାଟିରେ ଚାମ୍ପିୟନ ହେବା ମଧ୍ୟ ହେବ ଦ୍ରାବିଡଙ୍କ ପାଇଁ ବଡ଼ ଉପଲବ୍ଧି।



ଫାଇନାଲ ପାଇଁ ପ୍ରସ୍ତୁତ ବାର୍ବାଡୋସର କେନସିଙ୍ଗଟନ ଓଭାଲ ଗ୍ରାଉଣ୍ଡ।

## ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ

ଦୀର୍ଘ ୧୦ ବର୍ଷ ବ୍ୟବଧାନରେ ଭାରତ ଟି୨୦ ବିଶ୍ୱକପ ଖେଳିବାକୁ ଯାଉଛି। ଶେଷଥର ପାଇଁ ଭାରତୀୟ ଦଳ ୨୦୧୪ ବିଶ୍ୱକପ ଫାଇନାଲ ଖେଳି ଶ୍ରୀଲଙ୍କାଠାରୁ ପରାଜିତ ହୋଇଥିଲା। ଏଥର ପିଚ୍ ଓ ପରିବେଶକୁ ଦୃଷ୍ଟିରେ ରଖି ଟିମ୍ ମ୍ୟାନେଜମେଣ୍ଟ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ନ୍ୟୁୟର୍କ ପିଚ୍‌ରେ ଭାରତ ୩ ପେସ୍ ବୋଲରଙ୍କୁ ନେଇ ଖେଳିଥିଲା। ମାତ୍ର କାରିବିୟନ ମାଟିରେ ପିଚ୍ ସ୍ପିନ୍ ଫ୍ରେଣ୍ଡଲୀ ଥିବାରୁ କୁଲଦୀପ ଯାଦବଙ୍କୁ ରଣନୀତିରେ ସାମିଲ କରାଯାଇଛି। ଭାରତ ଏହାର ୱିନିଂ କମ୍ବିନେଶନରେ ପରିବର୍ତ୍ତନ କରିବା ସମ୍ଭାବନା କମ୍। ତେବେ ଏହାର ଦୁଇ ମୁଖ୍ୟ ଖେଳାଳି ଆଗାମୀ ମୁକାବିଲାରେ ମ୍ୟାଚ ବିଜୟୀ ଇନିଂସ ଖେଳିବା ଆବଶ୍ୟକ ହେଉଛି। ସୁପରଷ୍ଟାର ବିରାଟ କୋହଲି ତାଙ୍କର ଆଇପିଏଲ୍ ପ୍ରଦର୍ଶନକୁ ଏଠାରେ ଦୋହରାଇ ପାରିନାହାନ୍ତି। ଫଳରେ ସେ ବୋଲରଙ୍କ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିପାରି ନାହାନ୍ତି। କୋହଲିଙ୍କ ପାଇଁ ଏହା ଶେଷ ଟି୨୦ ବିଶ୍ୱକପ ବୋଲି ବିବେଚନା କରାଯାଉଛି। ତାଙ୍କ ପ୍ରତି ସମର୍ଥନ ଜାହିର କରିଛନ୍ତି ଅଧିନାୟକ ରୋହିତ ଶର୍ମା। ''କୋହଲି ଫାଇନାଲ ପାଇଁ ଶକ୍ତି ସଞ୍ଚୟ କରି ରଖିଛନ୍ତି'' ବୋଲି ସେ ପ୍ରକାଶ କରିଛନ୍ତି। ଶିବମ୍ ଦୁବେ ମଧ୍ୟ ଚଳିତ ଟୁର୍ନାମେଣ୍ଟରେ ଫେଲ୍ ମାରିଛନ୍ତି। ସ୍ପିନରଙ୍କୁ ଖେଳିବାରେ ସିଦ୍ଧହସ୍ତ ବିବେଚିତ ହେଉଥିବା ଦୁବେ ଆଗାମୀ ମ୍ୟାଚରେ କେଶବ ମହାରାଜ ଓ ଟାବ୍ରାଇଜ୍ ଶାମ୍‌ସିଙ୍କ ବିପକ୍ଷରେ ଆଧିପତ୍ୟ ଜାହିର କରିବେ ବୋଲି ଆଶା ରହିଛି।

ଭାରତ ତୁଳନାରେ ଦକ୍ଷିଣ ଆଫ୍ରିକା ଫାଇନାଲ ପୂର୍ବରୁ ଅଧିକ ବିଶ୍ରାମ ପାଇଛି। ତେଣୁ ଦଳ ଶୁକ୍ରବାର ଅଭ୍ୟାସ କରିଛି। ଏହା ପୂର୍ବରୁ ଦଳର କେବେହେଲେ ବିଶ୍ୱକପ ଫାଇନାଲ ଖେଳିବାର ଅଭିଜ୍ଞତା ନାହିଁ। ତେବେ ତ୍ରିନିଦାଦରେ ଆଫଗାନିସ୍ତାନ ବିପକ୍ଷରେ ସହଜ ବିଜୟ ପରେ ଖେଳାଳିଙ୍କର ଟ୍ରଫି ଜିତିବା ଆଶା ବଢ଼ିଯାଇଛି। କ୍ୱିଣ୍ଟନ ଡିକକ୍, ରିଜା ହେଣ୍ଡ୍ରିକ୍ସ, ଅଧିନାୟକ ଏଡେନ ମାରକ୍ରମ ଓ ହେନରିଚ୍ କ୍ଲାସେନଙ୍କ ବ୍ୟାଟିଂ ଉପରେ ଦଳ ଅନେକ ନିର୍ଭର କରିବ। ଏହାର ପେସ୍ ଆକ୍ରମଣ ବେଶ୍ ଶାଣିତ। ମାତ୍ର ସ୍ପିନରମାନେ କିପରି ପ୍ରଭାବୀ ରହୁଛନ୍ତି ତାହା ଦେଖିବାକୁ ବାକି ରହିଛି। ଶନିବାର ବର୍ଷା ହେବାର ବହୁତ ସମ୍ଭାବନା ରହିଛି। ମାତ୍ର ଫାଇନାଲ ପାଇଁ ଗୋଟିଏ ରିଜର୍ଭ ଦିବସ ରହିଛି।

## ହେଡ୍ ଟୁ ହେଡ୍ ରେକର୍ଡ

ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟରେ ପରସ୍ପରକୁ ମୋଟ ୨୬ଥର ଭେଟିଛନ୍ତି। ଏଥିରୁ ଭାରତ ୧୪ଟିରେ ବିଜୟୀ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୧୧ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି। ଅବଶିଷ୍ଟ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ସେହିପରି ଟି୨୦ କ୍ରିକେଟ ବିଶ୍ୱକପ ରେକର୍ଡରେ ମଧ୍ୟ ଭାରତ ଆଗରେ ରହିଛି। ଏହା ପୂର୍ବରୁ ଉଭୟ ଦଳ ୬ ମ୍ୟାଚରେ ପରସ୍ପରର ମୁକାବିଲା କରିଛନ୍ତି। ଏଥିରୁ ମେନ୍ ଇନ୍ ବ୍ଲୁ ୪ ମ୍ୟାଚରେ ବିଜୟୀ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୨ ମ୍ୟାଚରେ ଭାରତକୁ ପରାସ୍ତ କରିଛି। ୨୦୨୪ ଟି୨୦ ବିଶ୍ୱକପରେ ବାର୍ବାଡୋସର କେନ୍‌ସିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଏପର୍ଯ୍ୟନ୍ତ ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଟସ୍‌ଜିତି ବ୍ୟାଟିଂ କରିଥିବା ଦଳ ୩ ଏବଂ ଫିଲ୍ଡିଂ କରିଥିବା ଦଳ ୫ ମ୍ୟାଚରେ ବିଜୟୀ ହୋଇଛି।

**ଟି୨୦ ବିଶ୍ୱକପ**
(ଆଜିର ମ୍ୟାଚ)
**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ବାର୍ବାଡୋସ
ସମୟ: ରାତି ୮ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତ-ଦକ୍ଷିଣ ଆଫ୍ରିକା ଅପରାଜେୟ



ରୋହିତ ଶର୍ମା



ଏଡେନ ମାରକ୍ରମ

**ବ୍ରିଜଟାଉନ୍ (ବାର୍ବାଡୋସ), ୨୮।୬**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶନିବାର ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଲିଗ୍ ମ୍ୟାଚରେ ଆୟର୍ଲାଣ୍ଡକୁ ୮ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ୬ ରନରେ ଏବଂ ଆମେରିକାକୁ ୭ ଉଇକେଟରେ ହରାଇଥିବାବେଳେ କାନାଡ଼ା ବିପକ୍ଷ ମ୍ୟାଚ ବର୍ଷାଯୋଗୁ ସମ୍ଭବ ନ ହେବାରୁ ପଏଣ୍ଟ ଭାଗ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ୪ ମ୍ୟାଚରୁ ୭ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଥିବା ଭାରତ ସୁପର-୮ରେ ଯଥାକ୍ରମେ ଆଫଗାନିସ୍ତାନକୁ ୪୭ ରନରେ, ବାଂଲାଦେଶକୁ ୫୦ ରନରେ ଓ ଅଷ୍ଟ୍ରେଲିଆକୁ ୨୪ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ୬୮ ରନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ସେହିପରି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଦକ୍ଷିଣ ଆଫ୍ରିକା ଶ୍ରୀଲଙ୍କାକୁ ୬ ଉଇକେଟରେ, ନେଦରଲାଣ୍ଡସକୁ ୪ ଉଇକେଟରେ, ବାଂଲାଦେଶକୁ ୪ ରନରେ ଓ ନେପାଳକୁ ୧ ରନରେ ହରାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଥିଲା। ୪ ମ୍ୟାଚରୁ ପୂରା ୮ ପଏଣ୍ଟ ପାଇ ଦଳ ଟେବୁଲର ଶୀର୍ଷରେ ରହିଥିଲା। ସୁପର-୮ରେ ଏହି ଦଳ ଆମେରିକାକୁ ୧୮ ରନରେ, ଇଂଲଣ୍ଡକୁ ୭ ରନରେ ଏବଂ ୱେଷ୍ଟଇଣ୍ଡିଜକୁ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୩ ଉଇକେଟରେ ହରାଇ ସେମିଫାଇନାଲକୁ ଆସିଥିଲା। ପ୍ରଥମ ସେମିଫାଇନାଲରେ ଆଫଗାନିସ୍ତାନକୁ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ୯ ଉଇକେଟରେ ହରାଇ ପ୍ରଥମଥରପାଇଁ ଫାଇନାଲରେ ଅବତୀର୍ଣ୍ଣ ହୋଇଛି ଏଡେନ ମାରକ୍ରମଙ୍କ ଦଳ।

# ଜାଭେଲିନ୍ ଥ୍ରୋୟର ମନୁ ସସ୍‌ପେଣ୍ଡ




**ପଞ୍ଚକୁଲା(ହରିୟାଣା), ୨୮।୬(ପି.ଟି.)**

ଡୋପ୍ ଟେଷ୍ଟରେ ଆନାବୋଲିକ୍ ଷ୍ଟେରଏଡ୍ ପାଇଁ ପଜିଟିଭ ଆସିବାରୁ ଅଲିମ୍ପିକ ଆଶାୟୀ ଭାରତୀୟ ଜାଭେଲିନ ଥ୍ରୋୟର ଡି.ପି. ମନୁଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ନାଡା) ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି। ଚଳିତ ବର୍ଷ ଏପ୍ରିଲରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ସମୟରେ ମନୁଙ୍କର ଡୋପ୍ ଟେଷ୍ଟ ହୋଇଥିବା କୁହାଯାଉଛି। ପୂର୍ବରୁ ମନୁଙ୍କୁ ପ୍ରତିଯୋଗିତାରୁ ଦୂରେଇ ରଖିବା ଲାଗି ନାଡା ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ)କୁ ନିର୍ଦ୍ଦେଶ ପ୍ରଦାନ କରିଥିବା ବେଳେ ସେ ଡୋପ୍ ଜାଲରେ ପଡ଼ିଥିବା ସନ୍ଦେହ କରାଯାଉଥିଲା। ୨୦୨୩ ଏସିଆନ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିବା ୨୪ ବର୍ଷୀୟ ମନୁ ବିଶ୍ୱ ର୍ୟାଙ୍କିଙ୍ଗ ଭିତ୍ତିରେ ଅଲିମ୍ପିକ କ୍ୱାଲିଫାଏ କରିବା ନିଶ୍ଚିତ ଥିଲା। ମାତ୍ର ସଦ୍ୟତମ ପରିସ୍ଥିତିକୁ ନେଇ ସେ ପ୍ୟାରିସ ଗେମ୍ସରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ଆଥ୍‌ଲେଟମାନଙ୍କ ପ୍ରଥମ ତାଲିକା ମଧ୍ୟରେ ଡି.ପି. ମନୁଙ୍କ ନାମ ରହିଥିଲା। ମାତ୍ର ପରେ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିଲା। ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲାଙ୍କୁ ଏ ବିଷୟରେ ପଚରାଯିବାରେ ପ୍ରତିଯୋଗିତାରୁ ମନୁଙ୍କୁ ବାଦ୍ ଦେବାଲାଗି ଫେଡେରେଶନକୁ ନାଡା କହିଥିବା ସେ କହିଥିଲେ। ମାତ୍ର ଆଥ୍‌ଲେଟ ଜଣକ କୌଣସି ଡୋପିଙ୍ଗ ଅପରାଧ କରିଛନ୍ତି କି ନା ସେ ବିଷୟରେ କିଛି ସ୍ପଷ୍ଟ କରି ନ ଥିଲା। ଏଏଫ୍‌ଆଇ କାର୍ଯ୍ୟାଳୟକୁ ନାଡାରୁ ଏକ ଫୋନ୍ କଲ୍ ଆସିଥିଲା। ମନୁଙ୍କୁ ଏଣିକି ପ୍ରତିଯୋଗିତାରୁ ବାରଣ କରିବା ଲାଗି ନିର୍ଦ୍ଦେଶ ଆସିଥିଲା। ସମ୍ଭବତଃ ଏହି ଆଥ୍‌ଲେଟଙ୍କ ସମ୍ପର୍କରେ ନାଡା କୌଣସି ସୂଚନା ପାଇ ଥିଲା।

## ଡୋପ୍ ଅପରାଧ

ସୂଚନାଯୋଗ୍ୟ, ଗତ ମେ' ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ମନୁ ୮୨.୦୬ ମିଟର ଥ୍ରୋ କରି ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପରେ ସେ ଜୁନ୍ ୧ରେ ତାଇପେ ସିଟିରେ ଅନୁଷ୍ଠିତ ତାଇୱାନ ଆଥ୍‌ଲେଟିକ୍ସ ଓପନରେ ୮୧.୫୮ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ। ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ଜାଭେଲିନ୍ ଥ୍ରୋରେ ୩୨ ଜଣ ଆଥ୍‌ଲେଟ ଭାଗ ନେବେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ରୋଡ୍ ଟୁ ପ୍ୟାରିସ ତାଲିକାରେ ମନୁ ୧୫ତମ ସ୍ଥାନରେ ଅଛନ୍ତି। ଯୋଗ୍ୟତା ହାସଲ ସମୟସୀମା ଜୁନ୍ ୩୦ ତାରିଖ ରହିଛି। ଚୋପ୍ରା ଓ କିଶୋର ଜେନା ଅଲିମ୍ପିକ ମାନଦଣ୍ଡ ୮୫.୫୦ ମିଟର ଅଙ୍କ ହାସଲ କରି ଆପେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଛନ୍ତି। ଏକ ଅଲିମ୍ପିକ୍ସ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଗୋଟିଏ ଦେଶର ସର୍ବାଧିକ ୩ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିପାରିବେ।

# ରାଜାୱତ, ମାଳବିକା, ଗାୟତ୍ରୀ-ତ୍ରିସା କ୍ୱାର୍ଟରରେ

**ଫୋର୍ଟ ଓ୍ୱର୍ଥ, ୨୮।୬(ପି.ଟି.)**

ଭାରତର ପ୍ରିୟାଂଶୁ ରାଜାୱତ ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଜାୱତ ଚାଇନିଜ ତାଇପେର ହୁଆଙ୍ଗ ୟୁ କାଇଙ୍କୁ ୨୧-୧୮,୨୧-୧୬ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ଚାଇନିଜ ତାଇପେର ହିସ୍ ପେଇ ଶାନ୍ ଓ ହଙ୍ଗ୍ ଏନ୍-ତିଜୁଙ୍କୁ ୧୬-୨୧, ୨୧-୧୧, ୨୧-୧୯ରେ ହରାଇ ଦେଇଛନ୍ତି। ଦ୍ୱିତୀୟ ସିଡ୍ ଭାରତୀୟ ଯୋଡ଼ି ସେମାନଙ୍କ ପ୍ରଥମ ରାଉଣ୍ଡରେ ବାଇ ପାଇଥିଲେ। ମାଳବିକା ବନସୋଡ୍ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ସେ ଚେକ୍ ରିପବ୍ଲିକର ଟେରେଜା ଭାବିକୋଭାଙ୍କୁ ୧୫-୨୧, ୨୧-୧୯, ୨୧-୧୪ରେ ପରାସ୍ତ କରିଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୯/୨୦୨୪ Bhubaneswar, Saturday, June 29/ 2024

# ପ୍ରଥମ ଦିବସରେ ରେକର୍ଡ ବର୍ଷା


ଶତକ ହାସଲ ପରେ ଖୁସି ମୁହୂର୍ତ୍ତରେ ଭାରତର ସ୍ମୃତି ମନ୍ଧାନା।


ଶେଫାଳି ବର୍ମା

**ଭାରତ-ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଟେଷ୍ଟ**

## ଶେଫାଳି ବର୍ମାଙ୍କ ଦ୍ରୁତତମ ଦ୍ୱିଶତକ

## ଭାରତ ପ୍ରଥମ ଇନିଂସ: ୫୨୫/୪

ଚେନ୍ନାଇ, ୨୮।୬

ସ୍ଥାନୀୟ ଏମ.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଏକମାତ୍ର ମହିଳା କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ରେକର୍ଡ ବର୍ଷା ହୋଇଛି। ସବୁଠାରୁ ଚର୍ଚ୍ଚାରେ ରହିଛନ୍ତି ବିସ୍ଫୋରକ ଓପନର ଶେଫାଳି ବର୍ମା। ସେ ମହିଳା କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାସଲ କରିଥିବାବେଳେ ପ୍ରଥମ ଦିବସ ଶେଷବେଳକୁ ଭାରତ ୪ ଉଇକେଟ ହରାଇ ୫୨୫ ରନ ସଂଗ୍ରହ କରିଛି। ମହିଳା ହେଉ କି ପୁରୁଷ ଟେଷ୍ଟ ଇତିହାସରେ ଗୋଟିଏ ଦିନରେ ଏତେ ରନ୍ ସ୍କୋର ହେବା ଏହା ପ୍ରଥମ। ୨୦୦୨ରେ ବାଂଲାଦେଶ ବିପକ୍ଷରେ ଶ୍ରୀଲଙ୍କା ଦ୍ୱିତୀୟ ଦିବସରେ ୧୦୪ ଓଭରରେ ୯ ଉଇକେଟ ହରାଇ ସର୍ବାଧିକ ୫୦୯ ରନ କରି ରେକର୍ଡର ଅଧିକାରୀ ଥିଲା। ଏହାକୁ ଏବେ ଭାରତ ଭାଙ୍ଗିଛି। ମହିଳା କ୍ରିକେଟରେ ଗୋଟିଏ ଦିନରେ ସର୍ବାଧିକ ସ୍କୋର ୪୩୧ ରହିଥିଲା। ୧୯୩୫ରେ ଖ୍ରୀଷ୍ଟଚର୍ଚ୍ଚଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡ ପ୍ରଥମ ଦିବସରେ ଏହି ସ୍କୋର କରିଥିଲା।

କେବଳ ସେତିକି ନୁହେଁ ଶେଫାଳି ଓ ସ୍ମୃତି ମନ୍ଧାନାଙ୍କ ଓପନିଂ ଭାଗୀଦାରିରେ ୨୯୨ ରନ ସଂଗ୍ରହ ହୋଇଛି। ଏହା ମଧ୍ୟ ଏକ ରେକର୍ଡ। ପାକିସ୍ତାନର ସାଜିଦା ଶାହା ଓ କିରନ ବାଲୁଚ୍ ୨୦୦୪ରେ କରାଚୀଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଓପନିଂ ଯୋଡ଼ିରେ ୨୪୧ ରନ ଯୋଗକରି ରେକର୍ଡର ଅଧିକାରୀ ଥିଲେ। ଓଭରଅଲ୍ ମହିଳା ଟେଷ୍ଟରେ ଯେ କୌଣସି ଉଇକେଟ ପାଇଁ ଏହା ଦ୍ୱିତୀୟ ଶ୍ରେଷ୍ଠ ଭାଗୀଦାରି। ୧୯୮୭ରେ ଅଷ୍ଟ୍ରେଲିଆର ଏଲ.ଏ. ରିଲେର ଓ ଡି.ଏ. ଆନେଟ୍ସ ୩ୟ ଉଇକେଟରେ ଇଂଲଣ୍ଡ ବିପକ୍ଷରେ ୩୦୯ ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଶେଫାଳି ୧୯୭ ବଲ୍‌ରୁ ୨୦୫ (୨୩ ଚୌକା, ୮ ଛକା) ଓ ସ୍ମୃତି ୧୬୧ ବଲ୍‌ରୁ ୧୪୯ (୨୭ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ୨୦୫ ରନକରି ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ନ ଥିଲେ ଶେଫାଳି ଯେ ଆହୁରି ଅଧିକ କିର୍ତ୍ତୀମାନର ଅଧିକାରୀ ହୋଇଥାନ୍ତେ ଏହା ନିଃସନ୍ଦେହ। ଶେଫାଳି ମାତ୍ର ୧୯୪ ବଲ୍‌ରେ ଦ୍ୱିଶତକ ପୂରଣ କରି ଅଷ୍ଟ୍ରେଲିଆର ଆନାବେଲ ସୁଥରଲାଣ୍ଡ (ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୪୮ ବଲ୍‌ରୁ ଦ୍ୱିଶତକ)ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଦ୍ୱିତୀୟ ଭାରତୀୟ ମହିଳା କ୍ରିକେଟରଭାବେ ଶେଫାଳି ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ୨୨ ବର୍ଷ ପୂର୍ବରୁ ମିଥାଲି ରାଜ ୨୦୦୨ ଅଗଷ୍ଟରେ ଟନଟନଠାରେ ଇଂଲଣ୍ଡ ବିପକ୍ଷରେ ୪୦୭ ବଲ୍‌ରୁ ୨୧୪ ରନ କରିଥିଲେ।

ଶେଫାଳି ଓ ସ୍ମୃତି ୨୦୨୧ରେ ବ୍ରିଷ୍ଟଲଠାରେ ଇଂଲଣ୍ଡ ବିପକ୍ଷରେ ଓପନିଂ ଯୋଡ଼ିରେ ୧୬୭ ରନ ଯୋଗ କରିଥିଲେ। ତାହାକୁ ଏଠାରେ ଅତିକ୍ରମ କରିଛନ୍ତି। ଓପନିଂ ଯୋଡ଼ିରେ ପୂର୍ବରୁ ଭାରତୀୟ ପାର୍ଟନରଶିପ୍ ରେକର୍ଡ ପୁନମ ରାଉତ ଓ ଥିରୁଶ କାମିନିଙ୍କ ନାମରେ ଥିଲା। ଏ ଦୁହେଁ ୨୦୧୪ରେ ମହୀଶୂରଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଓପନିଂ ଯୋଡ଼ିରେ ୨୭୫ ରନର ଭାଗୀଦାରି ଗଢ଼ିଥିଲେ। ସ୍ମୃତି ଓ ଶେଫାଳି ଏବେ ସେହି ରେକର୍ଡ ଭାଙ୍ଗିଛନ୍ତି। ଭାରତର ୪ର୍ଥ ମହିଳା ବ୍ୟାଟରଭାବେ ଶେଫାଳି ୧୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଛନ୍ତି। ପୂର୍ବରୁ ମିଥାଲି, କାମିନି ଓ ସନ୍ଧ୍ୟା ଅଗ୍ରୱାଲ ଏହି କ୍ଲବର ସଦସ୍ୟ ଥିଲେ।

ଶେଫାଳି-ସ୍ମୃତିଙ୍କ ଯୋଡ଼ି ଭାଙ୍ଗିବାପରେ କ୍ରିଜ୍‌କୁ ଆସିଥିବା ଶୁଭ ସତୀଶ ୧୫ ରନକରି ଆଉଟ ହୋଇଥିବା ବେଳେ ୫୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ଜେମିମା ରୋଡ୍ରିଗ୍ସେଜ। ୯୮ ଓଭରପରେ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟିକା ହରମନପ୍ରୀତ କୌର ୪୨ ଓ ରିଚା ଘୋଷ ୪୩ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଲମି ଟୁକର ୨ଟି ଓ ନାଦିନେ ଡିକ୍ଲେର୍କ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୨୫/୪ (ଶେଫାଳି ବର୍ମା-୨୦୫, ସ୍ମୃତି ମନ୍ଧାନା-୧୪୯, ଜେମିମା ରୋଡ୍ରିଗ୍ସେଜ-୫୫, ରିଚା ଘୋଷ-୪୩*, ହରମନପ୍ରୀତ କୌର-୪୨*, ଡେଲମି ଟୁକର-୨/୧୪୧, ନାଦିନେ ଡିକ୍ଲେର୍କ-୧/୬୨)।

**ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ**

# ୪X୧୦୦ ମିଟର ପୁରୁଷ ରିଲେ ଦଳକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ୬୩ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ୪x୧୦୦ ପୁରୁଷ ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଦଳ ୪୦.୦୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲା। ଡି. ଜୟରାମ, ଆର୍ଯ୍ୟନ ଏକ୍କା, ଅନିମେଶ କୁଜୁର ଓ ଅମିୟ ମଲିକ ଓଡ଼ିଶା ଦଳର ସଦସ୍ୟ ଥିଲେ। ପଞ୍ଜାବ (୪୦.୫୦) ରୌପ୍ୟ ଓ ତାମିଲନାଡୁ (୪୦.୮୮) ଦଳ ବ୍ରୋଞ୍ଜ ପଦକ ଜିତିଛି। ପୁରୁଷ ୧୦୦ ମିଟର ରେସ୍‌ରେ ଅନିମେଶ କୁଜୁର ରୌପ୍ୟ ପଦକ ଜିତିଛନ୍ତି। ସେ ୧୦.୪୬ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପଞ୍ଜାବର ଗୁରିନ୍ଦରବୀର ସିଂ (୧୦.୩୨) ସ୍ୱର୍ଣ୍ଣ ଓ ଆସାମର ଅମ୍ଳାନ ବୋରଗୋହେନ (୧୦.୪୯) ବ୍ରୋଞ୍ଜ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟ ୨ ଓଡ଼ିଶା ସ୍ପ୍ରିଣ୍ଟର ଲାଲୁ ପ୍ରସାଦ ଭୋଇ (୧୦.୬୬) ଓ ଡି. ଜୟରାମ (୧୦.୭୩) ଯଥାକ୍ରମେ ୫ମ, ଓ ୭ମ ସ୍ଥାନ ପାଇଛନ୍ତି। ମହିଳା ୧୦୦ ମିଟର ରେସ୍‌ରେ ଶ୍ରାବଣୀ ନନ୍ଦ ୧୧.୭୯ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ୧୫୦୦ ମିଟର ପୁରୁଷ ଫାଇନାଲରେ ଅଶୋକ ଦଣ୍ଡସେନା ସର୍ବନିମ୍ନ ୧୦ମ ସ୍ଥାନରେ ରହିଛନ୍ତି।

**ୱିମ୍ବଲଡନ ଟେନିସ**

# ନାଗାଲଙ୍କୁ କଠିନ ଡ୍ର

ଲଣ୍ଡନ, ୨୮।୬ (ପି.ଟି.)

ୱିମ୍ବେଲଡନ୍‌ରେ ଭାରତର ଟପ୍ ସିଙ୍ଗଲ୍ସ ଟେନିସ ଖେଳାଳି ସୁମିତ ନାଗାଲଙ୍କ ପାଇଁ ରାସ୍ତା କଠିନ ରହିଛି। ଏଠାରେ ପ୍ରଥମ ରାଉଣ୍ଡରେ ସେ ତାଙ୍କଠାରୁ ଉଚ୍ଚ ର୍ୟାଙ୍କିଂପ୍ରାପ୍ତ ମିଓମିର ସର୍ବିୟାର କେକ୍‌ମାନୋଭିଚ୍‌ଙ୍କୁ ଭେଟିବେ। ବିଶ୍ୱର ୭୨ନମ୍ବର ଖେଳାଳି ନାଗାଲ ଯଦି ତୃତୀୟ ରାଉଣ୍ଡରେ ପ୍ରବେଶ କରନ୍ତି ତେବେ ସେ ଟପ୍ ସିଡ୍ ତଥା ବିଶ୍ୱର ନମ୍ବର ୱାନ ଜାନିକ ସିନରଙ୍କୁ ଭେଟିପାରନ୍ତି। ଏପରିକି ନାଗାଲଙ୍କୁ ପ୍ରଥମ ବାଧା ଅତିକ୍ରମ କରିବାଲାଗି ସହଜ ହୋଇ ନ ପାରେ। ଏପରିକି ତାଙ୍କୁ ପ୍ରଥମ ବାଧା ଅତିକ୍ରମ କରିବା ସହଜ ହୋଇ ନ ପାରେ। ସେ ପ୍ରଥମେ ବିଶ୍ୱର ୫୩ ନମ୍ବର ଖେଳାଳି କେସ୍‌ନାନୋଭିଚ୍‌ଙ୍କୁ ଭେଟିବେ। ସର୍ବିୟାର ଏହି ଖେଳାଳି ପୂର୍ବରୁ ନାଗାଲଙ୍କୁ ଥରେ ମାତ୍ର ହରାଇ ପାରିଛନ୍ତ। ଚାରିବର୍ଷ ପୂର୍ବେ ଜର୍ମାନୀର କଲୋନେଠାରେ ଏକ ଏଟିପି ଇଭେଣ୍ଟରେ ତାଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ସେ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ବିଶ୍ୱର ୭୯୬ ର୍ୟାଙ୍କିଂପ୍ରାପ୍ତ ସ୍ପେନର ପାବ୍‌ଲୋ କାରେନୋ ବଷ୍ଟା ଓ ନେଦରଲାଣ୍ଡସର ତଥା ବିଶ୍ୱର ୨୬ ନମ୍ବର ଖେଳାଳି ଟାଲନ ଗ୍ରିକ୍ ସ୍ପୁଲ୍‌ଙ୍କୁ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ।

# ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ୬ ଦଳ

## ଜୁନ୍ ୩୦ରେ ଆରମ୍ଭ, ଜୁଲାଇ ୧୭ରେ ଶେଷ

## ଇମ୍ପାକ୍ଟ ପ୍ଲେୟର ଓ ଡିଆରଏସ୍ ମଧ୍ୟ ରହିବ

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ଟି୨୦ କ୍ରିକେଟ ଲିଗ୍। ଏହା କଟକ ବାରବାଟୀ ଷ୍ଟାଡିୟମରେ ଚଳିତ ମାସ ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୭ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୬ ଦଳ ଭାଗନେବେ। ଏହି ୬ ଦଳ ଓ ଏହାର ଅଧିନାୟକଙ୍କ ନାମ ଶୁକ୍ରବାର ଓସିଏ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷିତ ହୋଇଛି। ଓଡ଼ିଶା ଜାଗୁଆର୍ସ ଦଳର ନେତୃତ୍ୱ ନେବେ ଶାନ୍ତନୁ ମିଶ୍ର। ସେହିପରି ସନ୍ଦିପ ପଟ୍ଟନାୟକ, ଓଡ଼ିଶା ପାନ୍ଥର୍ସ, ସୂର୍ଯ୍ୟକାନ୍ତ ପ୍ରଧାନ ଓଡ଼ିଶା ଲାୟନ୍ସ, ବିପ୍ଳବ ସାମନ୍ତରାୟ ଓଡ଼ିଶା ଚିତାସ, କାର୍ତ୍ତିକ ବିଶ୍ୱାଳ ଓଡ଼ିଶା ପୁମାସ ଓ ରାକେଶ ପଟ୍ଟନାୟକ ଓଡ଼ିଶା ଟାଇଗର୍ସର ନେତୃତ୍ୱ ନେବେ। ଖବରଦାତା ସମ୍ମିଳନୀରେ ଓସିଏ ଉପ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଡବଲ ଲେଗ୍ ଫର୍ମାଟରେ ଅନୁଷ୍ଠିତ ହେବ। ଫଳରେ ପ୍ରତି ଦଳ ଲିଗ୍ ପର୍ଯ୍ୟାୟରେ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ପ୍ରତିଯୋଗିତାରେ ମୋଟ ୩୩ଟି ମ୍ୟାଚ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଦିନ ୩ଟି ମ୍ୟାଚ ପୂର୍ବାହ୍ନ ୯ଟା ୩୦, ଅପରାହ୍ନ ୨ଟା ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଏମଜିଏମ୍ ମିନେରାଲ୍ସ ପ୍ରତିଯୋଗିତାର ଅନ୍ୟତମ ପ୍ରାୟୋଜକ। ପ୍ରତି ମ୍ୟାଚର ପ୍ଲେୟର ଅଫ୍ ଦି ମ୍ୟାଚଙ୍କୁ ୫,୦୦୦ଟଙ୍କା ଦିଆଯିବ। ପ୍ଲେୟର ଅଫ୍ ଦି ସିରିଜଙ୍କୁ ୩୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ଶ୍ରେଷ୍ଠ ବ୍ୟାଟର, ବୋଲରଙ୍କୁ ୨୦,୦୦୦ଟଙ୍କା ଲେଖାଏ ଦିଆଯିବ। ଲିଡିଂ ରନ ସ୍କୋରର ଓ ଉଇକେଟ ହାସଲକାରୀଙ୍କୁ ଯଥାକ୍ରମେ ରେଡ୍ ଓ ଗ୍ରୀନ୍ କ୍ୟାପ ପ୍ରଦାନ କରାଯିବ। ଓସିଏଲ୍-୨୦୨୪ରେ ଇମ୍ପାକ୍ଟ ପ୍ଲେୟର ନିୟମ ଲାଗୁହେବ। ଏହା ବ୍ୟତୀତ ଡିସିଶନ ରିଭ୍ୟୁ ସିଷ୍ଟମ (ଡିଆରଏସ୍) ମଧ୍ୟ ରହିବ।

**କେଉଁ ଦଳର କିଏ ଅଧିନାୟକ**

ଓଡ଼ିଶା ଜାଗୁଆର୍ସ: ଶାନ୍ତନୁ ମିଶ୍ର
ଓଡ଼ିଶା ପାନ୍ଥର୍ସ: ସନ୍ଦିପ ପଟ୍ଟନାୟକ
ଓଡ଼ିଶା ଲାୟନ୍ସ: ସୂର୍ଯ୍ୟକାନ୍ତ ପ୍ରଧାନ
ଓଡ଼ିଶା ଚିତାସ: ବିପ୍ଳବ ସାମନ୍ତରାୟ
ଓଡ଼ିଶା ପୁମାସ: କାର୍ତ୍ତିକ ବିଶ୍ୱାଳ
ଓଡ଼ିଶା ଟାଇଗର୍ସ: ରାକେଶ ପଟ୍ଟନାୟକ



ଖବରଦାତା ସମ୍ମିଳନୀରେ ଶୁକ୍ରବାର ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ସମ୍ପର୍କରେ ଓସିଏ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ବିନ୍ଦ୍ରା, ଦୀପା ମଲିକ ସମ୍ମାନିତ

ଲଣ୍ଡନ, ୨୮।୬ (ପି.ଟି.)

ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା ଏବଂ ପାରାଲିମ୍ପିଆନ ଦୀପା ମଲିକଙ୍କୁ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାରରେ ସମ୍ମାନିତ କରାଯାଇଛ। ଯେଉଁ ଭାରତୀୟମାନେ ବିଶ୍ୱସ୍ତରରେ ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିଥାନ୍ତି ସେମାନଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଗୁରୁବାର ସନ୍ଧ୍ୟାରେ ଇଣ୍ଡିଆ ଗ୍ଲୋବାଲ ଫୋରମ (ଆଇଜିଏଫ୍)ର ବାର୍ଷିକ ୟୁକେ-ଇଣ୍ଡିଆ ଆୱାର୍ଡ ୨୦୨୪ ଉତ୍ସବ ଲଣ୍ଡନ ନିକଟସ୍ଥ ଫେୟାରମଣ୍ଟ ୱିଣ୍ଡସର ପାର୍କଠାରେ ଆୟୋଜିତ ହୋଇଥିଲା। ଏଥିରେ କ୍ରୀଡ଼ା କିମ୍ବଦନ୍ତୀଙ୍କ ବ୍ୟତୀତ ସାମାଜିକ କାର୍ଯ୍ୟକର୍ତ୍ତା ଅରୁଣାଚଳମ ମୁରୁଗାନାନ୍ଥମଙ୍କୁ 'ଗ୍ଲୋବାଲ ଇଣ୍ଡିଆନ ଆଇକନ ଆୱାର୍ଡ' ପ୍ରଦାନ କରାଯାଇଥିଲା। ମାସିକ ଧର୍ମ ସ୍ୱଚ୍ଛତା କ୍ଷେତ୍ରରେ ଅନେକ କ୍ରାନ୍ତିକାରୀ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଏହି ବୈପ୍ଳବିକ କାର୍ଯ୍ୟର ଏକ ଅଂଶ ୨୦୧୮ରେ ଅକ୍ଷୟ କୁମାରଙ୍କ ଫିଲ୍ମ 'ପ୍ୟାଡ୍ ମ୍ୟାନ'ରେ ଚିତ୍ରଣ କରାଯାଇଛି। ମଲ୍‌ଟିନ୍ୟାଶନାଲ କନଷ୍ଟ୍ରକଶନ ଜାଏଣ୍ଟ ଜେସିବିର ପ୍ରତିଷ୍ଠାତା ଲର୍ଡ ଆନ୍ଥୋନୀ ବାମଫୋର୍ଡଙ୍କୁ ଲାଇଫ୍‌ଟାଇମ୍ କଣ୍ଟ୍ରିବ୍ୟୁଶନ ଟୁ ୟୁକେ-ଇଣ୍ଡିଆ ରିଲେଶନ୍ସ ପୁରସ୍କାରର ସମ୍ମାନିତ କରାଯାଇଥିଲା।

# ଆମେରିକାକୁ ହରାଇଲା ପାନାମା


ଗୋଲ୍ ଦେବା ପରେ ପାନାମାର ସିଜର ବ୍ଲାକମ୍ୟାନ।

**କୋପା ଆମେରିକା**

ଆଟଲାଣ୍ଟା, ୨୮।୬(ଏପି)

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପାନାମା ୨-୧ଗୋଲ୍‌ରେ ଆମେରିକାକୁ ପରାସ୍ତ କରିଛି। ଏହି ପରାଜୟ ଆୟୋଜକ ଦେଶକୁ ଶକ୍ତ ଧକ୍କା ଦେଇଛି। ଖେଳର ୧୮ତମ ମିନିଟରେ ଟିମ୍ ୱିଆହଙ୍କୁ ରେଡ୍‌କାର୍ଡ ହେବାରୁ ଆୟୋଜକ ଦେଶକୁ ଏହାପରଠାରୁ ପୂରା ମ୍ୟାଚ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିବାକୁ ହୋଇଥିଲା। ଦଳରେ ସନ୍ତୁଳନ ନ ରହିବାରୁ ଆମେରିକାକୁ ମ୍ୟାଚରେ ହାରିବାକୁ ପଡ଼ିଥିଲା। ଫଳରେ ଆମେରିକା ଯଦି ଏହାର ଆସନ୍ତା ମ୍ୟାଚରେ ଉରୁଗୁଏକୁ ପରାସ୍ତ ନ କରେ ତେବେ ପ୍ରତିଯୋଗିତାରୁ ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି। ଖବର ଅନୁସାରେ ବିପକ୍ଷ ଦଳର ରଡରିକ୍ ମିଲରଙ୍କ ମୁଣ୍ଡପଛକୁ ମୁଷ୍ଟିରେ ପ୍ରହାର କରିବାରୁ ସାଲ୍‌ଭାଡୋରାନ ରେଫରି ୱିଆହଙ୍କୁ ରେଡ୍‌କାର୍ଡ ଦେଇଥିଲେ। ଆମେରିକାର ଏହି ଖେଳାଳି ଅବଶ୍ୟ ପରେ ସୋସିଆଲ ମିଡିଆ ଜରିଆରେ ତାଙ୍କର ଏହି ବିଶୃଙ୍ଖଳା ପାଇଁ ଦଳ ନିକଟରେ କ୍ଷମାପ୍ରାର୍ଥନା କରିଥିଲେ। କୋପା ଆମେରିକା ଗ୍ରୁପ୍ 'ସି'ର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ୨୨ତମ ମିନିଟ୍‌ରେ ଫୋଲାରିନ ବାଲୋଗାନଙ୍କ ଗୋଲ୍ ବଳରେ ଆମେରିକା ପ୍ରଥମେ ଅଗ୍ରଣୀ ରହିଥିଲା। ପରେ ୨୬ତମ ମିନିଟ୍‌ରେ ପାନାମାର ସିଜର ବ୍ଲାକମ୍ୟାନଙ୍କ ଗୋଲ ମ୍ୟାଚକୁ ବରାବର ସ୍ଥିତିକୁ ନେଇଆସିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ତେବେ ମ୍ୟାଚର ଅନ୍ତିମ କ୍ଷଣରେ ଅର୍ଥାତ୍ ୮୩ତମ ମିନିଟ୍‌ରେ ଜୋସ୍ ଫାଜାର୍ଡୋଙ୍କ ଗୋଲ୍‌ରେ ପାନାମା ୨-୧ରେ ବିଜୟ ଲାଭ କରିଥିଲା। ମ୍ୟାଚରେ ୱିଆହଙ୍କ ବ୍ୟତୀତ ୮୮ତମ ମିନିଟରେ ପାନାମା ଦଳର ଆଡାଲବର୍ଟୋ କାରାସକ୍ୱିଲାଙ୍କୁ ଫାଉଲ ସକାଶେ ଏକ ରେଡ୍‌କାର୍ଡ ହୋଇଥିଲା। ଆମେରିକା ଏହାର ଓପନିଂ ମ୍ୟାଚରେ ବଲିଭିଆକୁ ୨-୦ଗୋଲ୍‌ରେ ପରାସ୍ତ କରିଥିଲା। ଦଳ ସୋମବାର ମିଶୋରିର କାନରସ ସିଟିରେ ୧୫ ଥର କୋପା ଆମେରିକା ଚାମ୍ପିୟନ ଉରୁଗୁଏକୁ ଭେଟିବ। ସୂଚନାଯୋଗ୍ୟ, ପାନାମା ଏହାର ଓପନିଂ ମ୍ୟାଚରେ ଉରୁଗୁଏଠାରୁ ୩-୧ଗୋଲ୍‌ରେ ହାରିଯାଇଥିଲା। ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଉରୁଗୁଏ ୫-୦ ଗୋଲ୍‌ରେ ବଲିଭିଆକୁ ପରାସ୍ତ କରିଛି।

# ଆବୁଧାବିରେ ୱାର୍ଲ୍ଡ ଟେନିସ ଲିଗ୍

ଆବୁଧାବି, ୨୮।୬ (ପି.ଟି.)

ୱାର୍ଲ୍ଡ ଟେନିସ ଲିଗ୍ (ଡବ୍ଲ୍ୟୁଟିଏଲ୍)ର ତୃତୀୟ ସିଜନ ଡିସେମ୍ବର ୧୯ରୁ ୨୨ ସ୍ଥାନୀୟ ଇତିହାଦ ଆରେନାଠାରେ ଅନୁଷ୍ଠିତ ହେବ। ଏହି ୪ ଦିନିଆ ଇଭେଣ୍ଟର ଗତ ସଂସ୍କରଣରେ ଡାନିଲ ମେଡଭେଡେଭ, ଷ୍ଟିଫାନସ ସିତ୍‌ସିପାସ, ଆନ୍ଦ୍ରେ ରୁବ୍ଲେଭ, ଆରିନା ସାବାଲେଙ୍କା, ଇଗା ସ୍ୱିଟେକ ଓ ଏଲିନା ରିବାକିନାଙ୍କ ଭଳି ଗ୍ଲୋବାଲ ଟେନିସ ଆଇକନଗଣ ଭାଗ ନେଇଥିଲେ। ମେଡଭେଡେଭ, ରୁବ୍ଲେଭ, ମୀରା ଆନ୍ଦ୍ରିଭା ଓ ସୋଫିଆ କେନିନ୍ ପ୍ରମୁଖ ଖେଳାଳିଙ୍କୁ ନେଇ ଫିବିଜି ଇଗଲ୍ସ ଗତବର୍ଷ ଡବ୍ଲ୍ୟୁଟିଏଲ୍‌ରେ ଚାମ୍ପିୟନ ହୋଇଥିଲେ। ଏହି ସିଜନର ଷ୍ଟାର ଲାଇନଅପ୍ ପରେ ଘୋଷଣା କରାଯିବ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ